ଶ୍ରୀ

# ଯୋଡ଼ି ମହୁରି



ଶ୍ରୀ ବଟକୃଷ୍ଣ ପ୍ରହରାଜ

# ଯୋଡ଼ି ମହୁରି

ଲେଖକ

ଶ୍ରୀ ବଟକୃଷ୍ଣ ପ୍ରହରାଜ, ବ. ଏ.

ପ୍ରଥମ ସଂସ୍କରଣ

17 JUL 1959

ପ୍ରକାଶକ

କଟକ ଟ୍ରେଡ଼ିଂ କମ୍ପାନୀ

ବାଲୁବଜାର, କଟକ-୨

ମୂଲ୍ୟ ଟ ୧ ୪

17 JUL 1959

# ଯୋଡ଼ି ମହୁରି

ମାଘ ଯାଇ ଫଗୁଣ ମାସର ଅଧା ହେଲାଣି, ତଥାପି ପାହାନ୍ତିଆ ହରକୁ ଟିକିଏ ଟିକିଏ ଶୀତ ହେଉଛି । ବୃଦ୍ଧ ବିପିନବାବୁ ପ୍ରାତଃ ମଣରୁ ଧୀର ପଦକ୍ଷେପରେ ବସାକୁ ଫେରୁଛନ୍ତି । କଟକର ପାର୍କ ହୋଟେଲ ଆଗରେ ହେଲା ବେଳକୁ ତାଙ୍କର ବିପରୀତ ଦିଗରୁ କ୍ସାରେ ଆସୁଥିବା ଜଣେ ସୁଶ୍ରୀ ଯୁବକ, ବୟସ ପ୍ରାୟ ଅଠର ଣେଇଶ ହେବ "ରିକ୍ସା ରଖ" ବୋଲି କହିଲେ । ରିକ୍ସାବାଲା କ୍ସା ରାସ୍ତାର ଗୋଟାଏ କଡ଼ରେ ରଖିବାରୁ ଯୁବକଟି ହଠାତ୍ ହ୍ଲାଇ ପଡ଼ି ବିପିନବାବୁଙ୍କ ନିକଟକୁ ତରତର ହୋଇ ଆସି ବଡ଼ ଭ୍ରମରେ ତାଙ୍କୁ ନମସ୍କାର କଲେ । ବିପିନବାବୁ ପ୍ରତି ନମସ୍କାର ରି ଚାଲି ଯାଉଥିଲେ, ମାତ୍ର ଯୁବକ ତାଙ୍କ ପାଖକୁ ଲାଗି ଆସି ହିଲେ, "ମଉସା ! ମତେ କଅଣ ଚିହ୍ନିପାରୁ ନାହାନ୍ତି?" ବିପିନବାବୁ ଯ ଯୁବକର ମୁହଁକୁ ଭଲକରି ନିରୀକ୍ଷଣ କରି କହିଲେ, "ନାହିଁ ତ ।ପା ! ଚିହ୍ନି ପାରୁ ନାହିଁ, କେଉଁଠାରେ ଦେଖିଲାପରି ମନେ ହଉଛି । ତୁମ ନା କଅଣ ଟି ?" ଯୁବକ "ମୁଁ ପରି ରମା ।" ବୃଦ୍ଧ ରମା ! ଆଚ୍ଛା ତୁମ ଘର କେଉଁଠି କହିଲ?" ଯୁବକ, "ମୁଁ ଯାଜପୁର ଚରଣ ପଟ୍ଟନାୟକଙ୍କ ପୁଅ ।" ଏ କଥା ଶୁଣିବା ମାତ୍ରେ ବୃଦ୍ଧ

ହଠାତ୍ ତାଙ୍କୁ ଆଲିଙ୍ଗନ କରି ସସ୍ନେହ ତାଙ୍କର ଶିର ଆଘ୍
କରି ବାଷ୍ପରୁଦ୍ଧ କଣ୍ଠରେ କହିଲେ "ହଇରେ ବାପ ରମୁ ! ତୁ ଅ
ଏତୁଟିଏ ହେଲୁଣି । ଦଶବର୍ଷ ତଳେ ; ଯାଇ ଦେଖିଥିଲି, ଚହ୍ନି
କୁଆଡୁ ? ମୋ ଚିଠି ପାଇଥିବ । ତୁମ ଚିଠି ପାଇବା ପୂର୍ବରୁ, ତୁ
ମାଟ୍ରିକ ସେକେଣ୍ଡ ଡିଭିଜନରେ ପାସ କରିବା ସମ୍ବାଦ ମୁଁ ଖବ
କାଗଜରୁ ଜାଣିଥିଲି । ହଉ ତେବେ ବସାକୁ ଯିବା ଆସ ।" ଯୁବ
'ମୁଁ ସାମନ୍ତ ହଷ୍ଟେଲକୁ ଯାଉଛି । ଭଗୁବାବୁ ତାଙ୍କ ପୁଅପାଇଁ ବ
ଗୁଡ଼ିଏ ମୋ ସାଙ୍ଗରେ ପଠାଇଛନ୍ତି । ପଛକୁ ଆପଣଙ୍କ ବସା
ଆସିବି ।' ବୃଦ୍ଧ--'ମୋ ବସା କାଜିବଜାର ।' ଯୁବକ--"ହଁ ଦେଓ
ପାଖକୁ ଲଗି କରି । ମୁଁ ଆସିଲା ବେଳେ ସେ କଥା ଭଗୁବାବୁଙ୍କଠ
ବୁଝି କରି ଆସିଛି ।" ବୃଦ୍ଧ, "ହଉ ତେବେ ବାପ ! ଆସ, ପାଞ୍
ବେଳକୁ ଆସିବ । ମୁଁ କଚେରିରୁ ପାଞ୍ଚଟା ବେଳକୁ ଫେରିବି ।"

ରମାକାନ୍ତ ବିପିନବାବୁଙ୍କୁ ନମସ୍କାର କରି ରିକ୍ସାରେ ଯା
ବସିଲେ ଓ ବିପିନବାବୁ ଆର୍ଦ୍ର ନୟନରେ ବସାକୁ ଫେରିଲେ ।

ଦଶ ପନ୍ଦର ବର୍ଷ ତଳର କଥା । ସେତେବେଳେ ବିପିନବା
ଯାଜପୁର କଲେକ୍ଟରୀ କଚେରିରେ ପେସ୍କାର ଥାଆନ୍ତି । ସେହି ସମୟ
ଯାଜପୁରର ପ୍ରସିଦ୍ଧ ଜମିଦାର ଶ୍ରୀଚରଣ ପଟ୍ଟନାୟକଙ୍କର ସଙ୍ଗେ
ତାଙ୍କର ପ୍ରଥମ ପରିଚୟ । କ୍ରମେ କ୍ରମେ ଦୁହିଁଙ୍କ ମଧ୍ୟରେ ଅକ
ବନ୍ଧୁତ୍ୱ ଜନ୍ମିଲା ।

ଶ୍ରୀଚରଣ ବାବୁ ଓ ତାଙ୍କର ବିଧବା ଭ୍ରାତୃଜାୟାଙ୍କ ମଧ୍
ମାଲିମକଦ୍ଦମା ଲାଗିଲା । ଶ୍ରୀଚରଣବାବୁ ଜଜକୋର୍ଟ ଓ ହାଇ
କୋର୍ଟରେ ପରାସ୍ତ ହୋଇ ଶେଷରେ ବହୁତ ଦେଣା କରି ବସ

ଗୁପ୍ତକୌଶଳ (ପ୍ରିଭି କାଉନସିଲ) ରେ ଅପିଲ କଲେ । ସେଥିରେ ସେ ପରାସ୍ତ ହେଲେ ।

ମହାଜନମାନଙ୍କର ଦେଣା, ଭଜଜଙ୍କର ମକଦ୍ଦମା ଖରଚ ଓ ସାଗ ବାବତରେ ତାଙ୍କର ସମସ୍ତ ଚଳାଚଳ ସମ୍ପତ୍ତିବାଡ଼ି ନୀଲାମ ହୋଇଗଲା । ଅନ୍ୟ ସମ୍ପତ୍ତି କଥା ଦୂରେ ଥାଉ, ସାତପୁରୁଷି ଭିଟାମାଟି ଖଣ୍ଡିକ ବି ରହିଲା ନାହିଁ । ଅଳ୍ପଦିନ ମଧ୍ୟରେ ସେ ଦାଣ୍ଡର ଖାଗା ହୋଇଗଲେ । ମୁଣ୍ଡ ଗୁଞ୍ଜିବାକୁ ବି ସ୍ଥାନ ରହିଲା ନାହିଁ । ଜପୁର ସହରରେ ରମାବୋଉଙ୍କ ନାଁରେ ଖଣ୍ଡିଏ ଛୋଟ ଘର ଲା । ସୁହକଳସଙ୍କୁ ଘେନ ଶ୍ରୀଚରଣ ବାବୁ ସେହିଠାରେ ଆସି ହିଲେ । ଉତ୍ତମର୍ଣ୍ଣମାନଙ୍କ କବଳରୁ ରକ୍ଷାପାଇ ଯାଇଥିବା ରମା-ଉଙ୍କର କେତେ ଖଣ୍ଡି ଅଳଙ୍କାର ବିକିବଟା କରି ସେ ବର୍ଷେ ବର୍ଷ କୌଣସି ପ୍ରକାରେ ଚଳାଚଳ ହେଲେ । ଶେଷରେ ଢାଉଳି ଟିଏ ପେଟ ପୂରାଇ ଖାଇବା କଷ୍ଟକର ହୋଇପଡ଼ିଲା ।

ଶ୍ରୀଚରଣ ବାବୁ ସ୍ୱଚ୍ଛଳ ଅବସ୍ଥାରେ ଥିବା ସମୟରେ ସେ ଗଣାରେ ହୋମିଓପ୍ୟାଥିକ ଔଷଧ ବାଣ୍ଟୁଥିଲେ । ହୋମିଓପ୍ୟାଥିକ ସାରେ ତାଙ୍କର କିଞ୍ଚିତ୍ ବ୍ୟୁତ୍ପତ୍ତି ମଧ୍ୟ ଥିଲା । ବନ୍ଧୁଙ୍କର ଦୁର୍ଦ୍ଦଶା ଖି-ବିପିନବାବୁ ଅର୍ଥ ସାହାଯ୍ୟ କରି ଖଣ୍ଡିଏ ହୋମିଓପ୍ୟାଥିକ୍ ଷଧାଳୟ କରାଇଦେଲେ । ତହିଁର ଆୟରୁ ଶ୍ରୀଚରଣବାବୁ କୌଣସି ପ୍ରକାରେ ଚଳାଚଳ ହୋଇଗଲେ ।

ଶ୍ରୀଚରଣବାବୁ ପୂର୍ବେ ଯେତେବେଳେ ଯାଜପୁର କଚେରିକୁ ଯାଉଥିଲେ, ଅମଲା, ଓକିଲ, ମୁକ୍ତାର ଓ କେତେ କେତେ ଭଦ୍ର-ଲୋକ ତାଙ୍କର ଅନୁଗ୍ରହ ଲାଭ ଆଶାରେ ତାଙ୍କ ପଛେ ପଛେ

ଦଉଡ଼ୁ ଥିଲେ, କିନ୍ତୁ ଆଜି ସେମାନଙ୍କ କଥା ଛାଡ଼ନ୍ତୁ । ଯେଉଁମ
କି ତାଙ୍କର ଅର୍ଥରେ ମଣିଷ ହୋଇଥିଲେ ସେମାନେ ବି
ଦୁର୍ଦ୍ଦଶାବେଳେ ଆଡ଼ ଆଖିରେ ତାଙ୍କୁ ଅନାଇଲେ ନାହିଁ ।
ଆଜି ଶ୍ରୀଚରଣ ବାବୁ ନିଜର ପେଟ ପୋଷିବାକୁ ସାଧାରଣ ଧ
ଲୋଗୀମାନଙ୍କର ମନ ତୁଷ୍ଟିପାଇଁ ସେମାନଙ୍କୁ ଗୁରପଦ ଖୋଷାମ
କଥା କହିବାକୁ ବାଧ ହେଲେ । ଦୁଃଖ ମନସ୍ତାପ ଓ ଅଭାବର ଧ
ସହି ନ ପାରି ସେ ଅଳ୍ପଦିନ ମଧ୍ୟରେ ଦୈନ୍ୟ ଦାରିଦ୍ର୍ୟ
ଦେଶକୁ ଚାଲି ଗଲେ । ରହିଲେ କେବଳ ନଅ ଦଶବ
ଅକ୍ଷମ ଶିଶୁପୁତ୍ର ରମାକାନ୍ତ ଓ ସ୍ୱାମୀ-ସମ୍ବଳଶୂନ୍ୟା ବି
ରମାବୋଉ ।

ବିପିନବାବୁ ଅର୍ଥ ସାହାଯ୍ୟ କରି ବନ୍ଧୁଙ୍କର ଅନ୍ତ୍ୟେଷ୍ଟି
କୌଣସି ପ୍ରକାରେ ସମାଧାନ କଲେ । ସେହିଦିନଠାରୁ ସେ
ପୁତ୍ରକଳତ୍ରଙ୍କର ଭରଣ ପୋଷଣର ସମସ୍ତ ଭାର ଅମ୍ଳାନବଦନ
ବହନ କଲେ । ଦରମା ପାଇବା ଦିନ ସେ କଚିରୁ ସିଧା
ବନ୍ଧୁଙ୍କର ବସାକୁ ଯାଇ ମାସକ ପାଇଁ ଆବଶ୍ୟକ ଖରଚ ଟଙ୍କା
ପତ୍ନୀଙ୍କ ହାତରେ ଦେଇ ବସାକୁ ଫେରୁଥିଲେ ।

ବିପିନବାବୁଙ୍କ ବସା ନିକଟରେ ରମାକାନ୍ତଙ୍କର ବ
ଅଧିକାଂଶ ସମୟରେ ରମାବୋଉ ରମାକାନ୍ତଙ୍କୁ ସଙ୍ଗରେ
ବିପିନ ବାବୁଙ୍କ ବସାକୁ ଯାଉଥିଲେ । ରମାକାନ୍ତ ବି
ବାବୁଙ୍କର ଚାରି ପାଞ୍ଚବର୍ଷର ଏକମାତ୍ର କନ୍ୟା ସୁରେ
ସଙ୍ଗରେ ଖେଳୁଥିଲେ । ବେଳେବେଳେ ସେ ଦୁଆର ଚ
ପାଚେଲି ପିଜୁଳି ତୋଳି ରେଖାକୁ ଦେଇ ତାଙ୍କୁ କେତେ

ଥିଲେ । କେତେବେଳେ ବା ଦୁହେଁଯାକ କଳି କରି କେଣ୍ଟ
କୁ କଥା କହିବେ ନାହିଁ ବୋଲି ପ୍ରତିଜ୍ଞା କରି ପରମୁହୂର୍ତ୍ତରେ
ତେଲ ମେଣ୍ଢାବାଳ ହୋଇ ଯାଉଥିଲେ । ଦିନେ ଦିନେ ରେଖା
ଈ ରମାକାନ୍ତ ଓ ରମାବୋଉଙ୍କ ଆଗରେ ରେଖାକୁ ପଚାରନ୍ତି,
ଲେ ରୁନୁ ! ତୁ କାହାକୁ ବାହା ହେବୁ ?" ରେଖା "ରମା
କା ବାହା ହେବି" ବୋଲି କହି ହସି ହସି ଘର ଫଟାଇ ଦିଏ ।

ଏହି ସମୟରେ ଦିନେ ହଠାତ୍ ବିପିନ ବାବୁଙ୍କର କଟକ
ଲ ହେବାର ହୁକୁମ ଆସିଲା । ବନ୍ଧୁଙ୍କର ଅସହାୟ ପୁତ୍ର-
ତ୍ରଙ୍କୁ ଯାଜପୁରରେ ଏକାକୀ ଛାଡ଼ି ସେ ସକୁଟୁମ୍ବ କଟକ ଯିବାକୁ
ହେଲେ । କଟକରେ ଦରମା ପାଇବା ମାତ୍ରେ ରମାବୋଉଙ୍କ
ଠକୁ ସେମାନଙ୍କର ମାସିକ ଖରଚପାଇଁ ଆଗ ଟଙ୍କା ମନିଅର୍ଡ଼ର
ଅବଶିଷ୍ଟ ଟଙ୍କା ନେଇ ବସାକୁ ଫେରନ୍ତି ।

ଶ୍ରୀଚରଣ ବାବୁ ସବୁବେଳେ ମାଲି ମକଦମାରେ ବ୍ୟସ୍ତ ରହି-
ାରୁ ରମାକାନ୍ତଙ୍କର ପଢ଼ାପଢ଼ିର ବିଶେଷ ଯତ୍ନ ନେଇ ପାରୁ-
ଲେ । ସୁତରାଂ ରମାକାନ୍ତ ମାଟ୍ରିକ ପରୀକ୍ଷା ଦେଲାବେଳକୁ
- ଉଣେଇଶ ବର୍ଷ ହୋଇଯାଇଥିଲା ।

ରମାକାନ୍ତଙ୍କର ଅଭିଶପ୍ତ ଜୀବନରେ ଆଉ ଗୋଟିଏ ଦୁର୍ଘଟଣା
ଥିଲା । ସେ ଟେଷ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶେଷ ପରୀକ୍ଷା
ପ୍ରସ୍ତୁତ ହେଉଥିବା ସମୟରେ ତାଙ୍କର ମାତୃବିୟୋଗ ଘଟି
। ଏ କଥା ବିପିନ ବାବୁ ରମାକାନ୍ତଙ୍କର ପତ୍ରରୁ ଅବଗତ
ଇ ତାଙ୍କ ପାଖକୁ ଖଣ୍ଡିଏ ସାନ୍ତ୍ୱନା-ପୂର୍ଣ୍ଣ ପତ୍ର ଲେଖିଲେ ଓ ବନ୍ଧୁ-

ପତ୍ନୀଙ୍କର ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ମଧ୍ୟ ଅର୍ଥ ସାହାଯ୍ୟ କଲେ, ମାତ୍ର ଅଫିସ ଅଡ଼ିଟ୍ ହେଉଥିବାରୁ ନିଜେ ଯାଜପୁର ଯାଇ ପାରିଲେନାହିଁ । ମାତୃବିୟୋଗରେ ରମାକାନ୍ତ ଅତ୍ୟନ୍ତ କାତର ହୋଇ ପରୀକ୍ଷା ଦେବେନାହିଁ ବୋଲି ମନସ୍ଥ କଲେ, ମାତ୍ର ବିପିନ ବାବୁଙ୍କର ସାନ୍ତ୍ୱନା ଓ ଆଦେଶରେ ସେ ହୃଦୟକୁ ପଥରକାଞ୍ଚିତ୍ ଦୃଢ଼ କରି ପରୀକ୍ଷା ଦେଇ ସେ ସେକେଣ୍ଡ ଡିଭିଜନରେ ମାଟ୍ରିକ୍ ପାସ କଲେ ।

ବିପିନ ବାବୁ ଏହିସବୁ କଥାଗୁଡ଼ିକ ଚିନ୍ତା କରି କରି ଧୀର ପଦ ବିକ୍ଷେପରେ ବସାକୁ ଫେରିଲେ ।

ବିପିନ ବାବୁଙ୍କ ବ୍ୟତୀତ ରମାକାନ୍ତଙ୍କର ସଂସାରରେ ଆଉ ଆପଣାର ହୋଇ କେହି ନ ଥିଲେ । ଦୀର୍ଘ ଦଶବର୍ଷ ପରେ ସେ ପିତୃକଳ୍ପ ବିପିନ ବାବୁଙ୍କୁ ଦେଖିବାରୁ ଆଜି ତାଙ୍କର ହୃଦୟରେ ମାତା ପିତାଙ୍କର ବିୟୋଗ ଦୁଃଖ ବହୁଗୁଣରେ ବଢ଼ିଗଲା ଓ ସେ ରୁମାଲରେ ମୁହଁ ପୋଛି ପୋଛି ସାମନ୍ତ ହଷ୍ଟେଲରେ ପହଞ୍ଚିଲେ ।

ପ୍ରାୟ ସାଢ଼େ ଗୁରିଟା ବେଳେ ରମାକାନ୍ତ ଆସି ବିପିନ ବାବୁଙ୍କ ବସା ଦ୍ୱାରରେ ପହଞ୍ଚି ପୂଜାରି ପୂଜାରି ବୋଲି ଡାକ ଛାଡ଼ିଲେ । ଜଣେ ଦଶ ଏଗାର ବର୍ଷର ବାଳକ ଆସି ଦ୍ୱାର ଫିଟାଇ ରମାକାନ୍ତଙ୍କୁ ପଚାରିଲା, "କାହାକୁ ଖୋଜୁଛନ୍ତି ?"

ରମାକାନ୍ତ, "ମଉସା କଅଣ କଚେରୀରୁ ଫେରିନାହାନ୍ତି ?"

ବାଳକ "କିଏ ମାମୁ ? ନା କଚେରୀରୁ ଫେରି ନାହାନ୍ତି, ବର୍ତ୍ତମାନ ଆସୁଥିବେ, ଆପଣ ଟିକିଏ ଏହି ଦାଣ୍ଡଘରେ ଆସି ବସନ୍ତୁ । ଅଇଲେ ବୋଲି ଜାଣ !"

ରମା,"ଆଚ୍ଛା ମାଉସୀ କାହାନ୍ତି ? ଗଲ ଟିକିଏ ଡାକଦେବ ।"
ବାଳକ,"କେଉଁ ମାଉସୀ ମ ?"
ରମା,"ବିପିନ ବାବୁଙ୍କ ସ୍ତ୍ରୀ ତୁମ ମାଈଁ ।"
ବାଳକ,"ମାଈଁ ମରିବାର ଆସି ଗୁରି ମାସ ହେଲଣି ।"
ରମାକାନ୍ତ,"ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇ ପଚ୍ଚାରିଲେ, ତୁମେ କେଉଁ ମାଈଁଙ୍କ କଥା କହୁଛ ? ମୁଁ ବିପିନ ବାବୁଙ୍କ ସ୍ତ୍ରୀଙ୍କର କଥା ପଚ୍ଚାରୁଛି ।"
ବାଳକ,"ହଁ ! ମୁଁ ପରା ତାଙ୍କର କଥା କହୁଛି ।"
ଏକଥା ଶୁଣି ରମାକାନ୍ତ ଭାବିଲେ ଯଦି ମାଉସୀ ମରିଯାଇ ଥାଆନ୍ତେ, ତେବେ ବିପିନ ବାବୁ ତାଙ୍କୁ ନିଶ୍ଚୟ ସେ କଥା ଜଣାଇ ଥାଆନ୍ତେ, ତେବେ ସେ କଅଣ ବସା ଭୁଲି ଆଉ କା' ବସାରେ ପହଞ୍ଚିଛନ୍ତି କି ? ପୁଣି ପଚ୍ଚାରିଲେ, "ଏ ବସାରେ ଆଉ କିଏ କିଏ ରହନ୍ତି ?"
ବାଳକ,"ମୁଁ ଆଉ ସୁରୁଜା, ଆଉ ମାମୁଁ ଆଉ ରୁନୁ ଅପା ।"
ରମାକାନ୍ତ ବିଚ୍ଚାରିଲେ, "ହଁ ତ ମଉସାଙ୍କ ଝିଅ ସୁରେଖାକୁ ରୁନୁ ରୁନୁ ବୋଲି ସମସ୍ତେ ଡାକନ୍ତି ।" ରୁନୁ ସଙ୍ଗରେ ପିଲାଦିନର ଖେଳ କୌତୁକ କଥାଗୁଡିକ ବହୁ ଦିନରୁ ପାସୋରା ସ୍ୱପ୍ନ ପରି ତାଙ୍କ ହୃଦୟ ମଧ୍ୟରେ ଖେଳିଗଲା । ମାତ୍ର ପରକ୍ଷଣରେ ମାଉସୀଙ୍କର ମୃତ୍ୟୁ ସମ୍ବାଦ କଥା ତାଙ୍କ ହୃଦୟକୁ ମନ୍ଥନ କରି ପକାଇଲା । ସେ କାନ୍ଦ କାନ୍ଦ ହୋଇ କହିଲେ,—"ଯାଅକି ତୁମ ରୁନୁ ଅପାଙ୍କୁ କହିବ ଯାଜପୁରର ରମା ଭାଇ ଡାକୁଛନ୍ତି ।"

ବାଳକ ଯିବାକୁ ଉଦ୍ୟତ ହେବା ସମୟରେ ବିପିନ ବାବୁ କଚେରିରୁ ଫେରି ଆସି ପହଞ୍ଚିଲେ; ରମାକାନ୍ତଙ୍କୁ ଦେଖି ଡାକ

ଘୁଡ଼ଲେ, "ରୁନୁ ! ମା ଏଣେ ଟିକଏ ଅଇଲୁ। ଆଲେ ତୋ ରମା ଭାଇ ଆସିଛନ୍ତି ।"

ପିତାଙ୍କର ଡାକ ଶୁଣି ରେଖା ଦାଣ୍ଡ ଘରକୁ ପଶି ଆସିଲେ । ମାତ୍ର ସୌମ୍ୟ ଦର୍ଶନ ଯୁବକ ରମାକାନ୍ତଙ୍କୁ ଦେଖି ବାହୁଡ଼ି ଯାଉଥିଲେ । "ଏହି ସମୟରେ ବିପିନ ବାବୁ କହିଲେ,ଏ ପରା ତୋ ରମା ଭାଇ,ଶ୍ରୀଚରଣ ମଣ୍ଡସାଙ୍କ ପୁଅ, ଲାଜ କରୁଛୁ କାହାକୁ ? ଆ ମା ! ଜେଜେ କର ।"

ସୁରେଖା ପିତାଙ୍କର ଆଦେଶ ଶୁଣି ଓଢ଼ଣାଟି ମୁଣ୍ଡରେ ଭଲ କରି ଟାଣି ଦେଇ ରମାକାନ୍ତଙ୍କର ଗୋଡ଼ତଳେ ପଡ଼ିଲେ । ତାଙ୍କ ମୁହଁକୁ ସଲଜ୍ଜ ଭାବରେ ଟିକଏ ଅନାଇ ଦେଇ ଖଞ୍ଜା ଭିତରକୁ ଚାଲିଗଲେ । ରମାକାନ୍ତ ଦେଖିଲେ ପିଲାଦିନର ସେ ଆଲୁଳାୟିତ-କେଶୀ, ମୁଖରା ରୁନୁ ଆଜି ଏକବାରେ ବଦଳି ଯାଇଛି । ରେଖା ଆଜି ଗୋଟିଏ ପୂର୍ଣ୍ଣ ଯୁବତୀ । ରେଖା ଅସାଧାରଣ ସୁନ୍ଦରୀ ନ ହେଲେ ମଧ୍ୟ ସୁନ୍ଦରୀ । ବିଶେଷତଃ ତାଙ୍କ ମୁହଁର ପ୍ରଶାନ୍ତ ସୁଷମାର ଏପରି ଗୋଟିଏ ମାଧୁରୀ ଥିଲା ଯେ ଯାହାର ଅବଲୋକନରେ କୌଣସି ଯୁବକର ମନରେ କାମନାର ତୀବ୍ର କମ୍ପନ ଜାତ ହେବା ପରିବର୍ତ୍ତେ ଗୋଟିଏ ନିର୍ଦ୍ଦୋଷ ସ୍ନେହର ଉଦ୍ରେକ ହେଉଥିଲା ।

ରେଖା ରମାକାନ୍ତଙ୍କ ବିଷୟରେ ପୂର୍ବରୁ ଅନେକ କଥା ଶୁଣିଥିଲେ । ପିଲା ଦିନର ହସ ଖେଳ କଥା ମଧ୍ୟ ତାଙ୍କ ମନରେ ଅଳ୍ପ ଅଳ୍ପ ସ୍ମରଣ ଥିଲା, ମାତ୍ର ତାଙ୍କର ଆକୃତି ବିଷୟ ରେଖାଙ୍କର ମନରେ ସ୍ପଷ୍ଟ ଭାବରେ ନଥିଲା । ଆଜି ରମାକାନ୍ତଙ୍କୁ ଦେଖି ସେ ମନେ ମନେ କହିଲେ "ରମାଭାଇ ତ ଭାରି ସୁନ୍ଦର ।"

ବିପିନ ବାବୁ ଏହାପରେ ଲୁଗା ପଟା ବଦଳାଇ ମୁହଁ ହାତ ଧୋଇଲେ, ସେ ଓ ରମାକାନ୍ତ ସାଙ୍ଗ ହୋଇ ଜଳଖିଆ କଲେ । ତା'ପରେ ଦୁହେଁଯାକ ଆସି ଦାଣ୍ଡଘରେ ବସି ସୁଖ ଦୁଃଖ ହେଲେ ।

ବିପିନ ବାବୁ ବଡ଼ ଦୁଃଖରେ କହିଲେ, "ତୁମେ ମାଉସୀଙ୍କୁ ନ ଦେଖି ବୋଧହୁଏ ଅତିଶୟ ଆଶ୍ଚର୍ଯ୍ୟ ହେଉଥିବ ।"

ରମାକାନ୍ତ କାନ୍ଦପକାଇ କହିଲେ, "ମୁଁ ତୁମର ସେ ସାନ ଭଣଜାଟି ଠାରୁ ପ୍ରଥମରେ ମାଉସୀଙ୍କର ମୃତ୍ୟୁ ସମ୍ବାଦ ପାଇଲି । ଆହା ! ମାଉସୀଙ୍କର ମୋ ଉପରେ କି ଅଗାଧ ସ୍ନେହ ଥିଲା । ନିଜର ପେଟ ପୁଅପରି ସେ ମତେ କେତେ ଆଦର କରୁଥିଲେ । କୌଣସି ଗୋଟିଏ ଭଲ ଜିନଷ ପାଇଲେ, ତୁନୁକୁ ଅଧେ ଦେଇ ବାକୀତକ ଲୁଚାଇ କରି ମୋ ପାଇଁ ରଖି ଦେଇଥିବେ । ମୁଁ ଆସିଲା ମାତ୍ରେ ସାଙ୍ଗେ ସାଙ୍ଗେ ଦେବେ । ଏ ବିଷୟରେ ପିଲାଦିନେ ତୁନୁର ମୋର କେତେ କଳି କଜିଆ ଲାଗିଛି । ଆହା ! ଆରବର୍ଷ ମୋ ବୋଉଙ୍କୁ ଘେନି କଟକ ଆସିବାକୁ ମାଉସୀ ମୋ ପାଖକୁ କେତେଥର ଲେଖିଲେ, ମୁଁ ହୀନକର୍ମା ଚଣ୍ଡାଳଟା ଖରଚକୁ ଡରି ଆସିଲି ନାହିଁ । ପରୀକ୍ଷା ଦେଇ ବୋଉଙ୍କୁ ଘେନି କଟକ ଆସିବି ବୋଲି ମନସ୍ଥ କରିଥିଲି । ଆଉ ଏ ଜୀବନରେ ମାଉସୀଙ୍କୁ ଦେଖି ପାରିଲିନାହିଁ । କାହିଁ ଆପଣତ ଏ ସମ୍ବାଦ ମୋତେ କେବେ ହେଲେ ଜଣାଇଲେ ନାହିଁ ।"

ଏଥି ସଙ୍ଗେ ସଙ୍ଗେ ରମାକାନ୍ତଙ୍କର ନିଜର ମାତୃବିୟୋଗ କଥା ମନେ ପଡ଼ିଲା ଓ ସେ ବାଳକ ପରି ଭେ ଭେ ହୋଇ କାନ୍ଦି ଉଠିଲେ । ବିପିନବାବୁ ବିଷଣ୍ଣ ଭାବରେ ଉତ୍ତର ଦେଲେ, "ଯାହା

କହନ୍ତି ଦୁଇ ଚାଧଯାକ ଉକାଉକି ହୋଇ ଚାଲିଗଲେ ( ରମା-ବୋଉ ଓ ରେଖା ବୋଉ ଚାଧ ବସିଥିଲେ ) । ତୁମ ବୋଉଙ୍କ ମୃତ୍ୟୁର ଠିକ୍ ଆଠ ଦିନ ପରେ ଚାରିଟା ଦିନ ଜରରେ ପଡ଼ି ରେଖା ବୋଉ ଚାଲି ଗଲେ । ତୁମର ମାତୃବିୟୋଗ ଦୁଃଖ, ତହିଁରେ ପୁଣି ପରୀକ୍ଷା ପାଖ । ସୁତରାଂ ତୁମେ ବିଶେଷ କାତର ହୋଇ ପଡ଼ିବ ବୋଲି ମୁଁ ଏ ସମ୍ବାଦ ତୁମ ପାଖରୁ ଲୁଚାଇଥିଲି । ବାପ ! ନିୟତି ଉପରେ ତ କାହାର ବଳ ନାହିଁ" । ଯାହା ହେବାର ଥିଲା ହୋଇଗଲା । ଏଣିକି ଭବିଷ୍ୟତ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଆଜିକାଲି ମଧ୍ୟରେ କଲେଜରୁ ଖଣ୍ଡିଏ ଫର୍ମ ଆଣି ଶୀଘ୍ର ଦରଖାସ୍ତଟି ଦେଇଦିଅ" ।

ରମାକାନ୍ତ, "ମୁଁ ଆପଣଙ୍କୁ ନ ପଚାରି ପୁଲିସ୍ ସବ୍‌ଇନସ୍‌ପେକ୍ଟର ପାଇଁ ଖଣ୍ଡିଏ ଦରଖାସ୍ତ ଦେଇଥିଲି । ଇଣ୍ଟରଭିଉ କାର୍ଡ ପାଇ ଆସିଲି । ଆସନ୍ତା ଅଠର ତାରିଖରେ ଇଣ୍ଟରଭିଉ ହେବ" । ବିପିନବାବୁ, "ଭଲକଥା । ତେବେ ତୁମ ଲୁଗା ପଟା ନେଇ ଆସ, ଏହିଠାରେ ରହିବ ।"

ରମାକାନ୍ତ, "ମୁଁ ସାମନ୍ତ ହଷ୍ଟେଲରେ ଅଛି । ଆଉ ଦୁଇ ଜଣ ମଧ୍ୟ ଇଣ୍ଟରଭିଉ ପାଇଁ ଆସି ସେହିଠାରେ ଅଛନ୍ତି । କି କି ପ୍ରଶ୍ନ ପଚରା ଯିବାର ସମ୍ଭାବନା ଓ ପୂର୍ବ ବର୍ଷମାନଙ୍କରେ କି କି ପ୍ରଶ୍ନ ପଡ଼ିଥିଲା ତାହାକୁ ତିନିହେଁ ମିଳି ଚର୍ଚ୍ଚା କରୁଛୁଁ । ଇଣ୍ଟର-ଭିଉଟା ସରିଗଲେ ଏଠାକୁ ଚାଲିଆସିବି । ଯଦି ଏଣେ କିଛି ନ ହୁଏ, ତେବେ ଏହିଠାରେ ରହି କଲେଜରେ ପଢ଼ିବି ।"

ଏହିପରି କଥା ଶୁଣିଗଲ ରମାକାନ୍ତ ରାତି ଆଠଟାରେ ସାମନ୍ତ ହଷ୍ଟେଲକୁ ଚାଲିଗଲେ ।

—୨—

ରମାକାନ୍ତ ପ୍ରତ୍ୟହ ବିପିନ ବାବୁଙ୍କ ବସାକୁ ଯା ଆସ କରନ୍ତି । ପ୍ରଥମେ ପ୍ରଥମେ ରେଖା ତାଙ୍କଠାରୁ ଦୂରଛଡ଼ା ହୋଇ ରହୁଥିଲେ ମାତ୍ର ରମାକାନ୍ତଙ୍କର ନିର୍ଦ୍ଦୋଷ ଆଚରଣ ବ୍ୟବହାର ଦେଖି ସେ ତାଙ୍କ ସଙ୍ଗରେ ଅବାଧରେ ଚଳ ପ୍ରଚଳ ହେଲେ । ସେ ସୁରେଖାକୁ ନିଜର ସାନ ଭଉଣୀ ପରି ସ୍ନେହାଦର କରନ୍ତି । ରେଖା ମଧ୍ୟ ତାଙ୍କୁ ନିଜର ବଡ଼ଭାଇ ପରି ଭକ୍ତି କରନ୍ତି । ତାଙ୍କ ପାଖରେ ବସି ବାଲ୍ୟ ଜୀବନର ଖେଳ କୌତୁକ ବିଷୟରେ ଗଳ୍ପ କରିବାକୁ ସୁରେଖାଙ୍କ ମନରେ ପ୍ରବଳ ବାସନା ଜାଗ୍ରତ ହୁଏ ମାତ୍ର କୁମାରୀସୁଲଭ ଲଜ୍ଜା ଓ ସଙ୍କୋଚ ତାହା ତାଙ୍କୁ କରାଇ ଦିଏନାହିଁ ।

ଦିନେ ରମାକାନ୍ତ ବିପିନ ବାବୁଙ୍କ ବସାରେ ପହଞ୍ଚିଲେ । ବିପିନ ବାବୁ ବସାରେ ନ ଥିଲେ । ରେଖା ରମାକାନ୍ତଙ୍କୁ ଦେଖି ହଠାତ୍ ପଚାରିଲେ, "ରମାଭାଇ ! ତୁମ ଦେହ ଭଲ ନାହିଁକି ? କାହିଁକି ଭାରି ଶୁଖିଲାଟା ଦେଖା ଯାଉଛ ।"

ରମା, "ଦେହ ଭଲଅଛି ମାତ୍ର ମନଟା ଭଲ ନାହିଁ ।

ରେଖା, "ଉଦ୍‌ବିଗ୍ନ ହୋଇ ପଚାରିଲେ, "କଅଣ ହେଲାକି?

ରମା, "ଏଥର ଅନେକ ଗ୍ରାଜୁଏଟ୍ କାଣ୍ଡିଡେଟ୍ ଅଛନ୍ତି ।' ମୋର ସବ୍‌ଇନସ୍‌ପେକ୍ଟରରେ ମୁକରର ହେବା ଆଶା ଜମା ନାହିଁ ।

ରେଖା, "ଭଲକଥା, ଏଥିରେ ତ ଦୁଃଖିତ ହେବାର କିଛି

ନାହିଁ । ଏହି ବସାରେ ରହି କଲେଜରେ ପଢ଼ିବ । ଏଠାରେ ରହିଲେ ମୁଁ ଓ ବାପା ବଡ଼ ଖୁସି ହେବୁଁ ।”

ରମାକାନ୍ତଙ୍କ ସଙ୍ଗରେ ତାଙ୍କର ବିବାହ ପୂର୍ବରୁ ସ୍ଥିର ହୋଇଥିବା କଥା ସେ ଜାଣିଥିଲେ । ଏ ବିଷୟ ତାଙ୍କ ମା ଗୋପାଳବାବୁଙ୍କ ସ୍ତ୍ରୀଙ୍କୁ କହୁଥିବାର ସେ ଦିନେ ଲୁଚି କରି ଶୁଣିଥିଲେ । ସୁତରାଂ ରମାକାନ୍ତ ତାଙ୍କୁ ସାନ ଭଉଣୀ ପରି ସ୍ନେହାଦର କରୁଥିଲେ ମଧ୍ୟ ସେ ତାଙ୍କୁ ଭିନ୍ନ ଚକ୍ଷୁରେ ଦେଖୁଥିଲେ । ସେ ତାଙ୍କର ମନୋଗତ ଭାବକୁ ରମାକାନ୍ତଙ୍କୁ କୌଣସି ପ୍ରକାର ଜଣାଇ ଦେଉନଥିଲେ । ରେଖାଙ୍କର ଏ ପ୍ରକାର ମନୋଗତ ଭାବକୁ ପ୍ରଣୟ ବୋଲି କହିଲେ ଭୁଲ ହେବ । ତାହା ପ୍ରଣୟର ଅସ୍ପଷ୍ଟ ଆଭାସ ମାତ୍ର । ଘଟଣାଚକ୍ରର ଆବର୍ତ୍ତନରେ ତାହା ଅନୁଲୋମ ବା ବିଲୋମରେ ଗତି କରିପାରେ । ରମା ଭାଇ ତାଙ୍କ ବସାରେ ରହି କଲେଜରେ ପଢ଼ିବାପାଇଁ ସେ ସର୍ବଦା ଇଚ୍ଛା କରୁଥିଲେ ମଧ୍ୟ ତାଙ୍କର ଆଗ୍ରହକୁ ଏପରି ସ୍ୱଚ୍ଛନ୍ଦ ଭାବରେ ପ୍ରକାଶ କରି-ଦେଇ ମନେ ମନେ ବଡ଼ ଅନୁତପ୍ତା ହେଲେ ।

ଏହି ସମୟରେ ବିପିନବାବୁ ଆସି ପହଞ୍ଚିଲେ । ସେ ଗୋଡ଼ ହାତ ଧୋଇ ଦାଣ୍ଡଘରେ ବସିଲାରୁ ରମାକାନ୍ତ ଯାଇ ତାଙ୍କ ନିକଟରେ ବସିଲେ । ବିପିନବାବୁ, “କାଲି ଅଠର ତାରିଖ ଇଣ୍ଟରଭିଉ ହେବ । ସବୁକଥା ଭାବି ଚିନ୍ତି ଉତ୍ତର ଦେବ । ତରତର ହୋଇ କିଛି କହି ଦେବନାହିଁ । ଲେଖାଲେଖି ମଧ୍ୟ ସେହିପରି ଭାବି ଚିନ୍ତି କରିବ ।”

ବାଆର

... ମନ୍ତ୍ରର

ରମା, "ଏଥିର ମୋର ଚାନ୍ସ ବଡ଼ କମ୍ । ଏକବାରେ ନାହିଁ କହିଲେ ଚଳେ । ଅନେକେ ଗ୍ରାଜୁଏଟ୍ କାଣ୍ଡିଡେଟ୍ ଅଛନ୍ତି । ତହିଁରେ ପୁଣି ଉଚ୍ଚପଦସ୍ଥ ରାଜକର୍ମଚାରୀମାନେ ଅନେକଙ୍କ ପକ୍ଷ ସମର୍ଥନ କରୁଛନ୍ତି ।"

ବିପିନ ବାବୁ, "ସେ କଥା କେହି କହି ପାରିବନାହିଁ । ସବୁ ଭାଗ୍ୟ ଉପରେ ନିର୍ଭର କରେ । ମୁଁ ଏହି ଦୀର୍ଘ ତିରିଶି ବର୍ଷ ସରକାରୀ ଚାକିରିରେ ବଡ଼ ସୁନାମ ଅର୍ଜନ କରିଛି । ବିଶେଷତଃ ଏ କଲେକ୍ଟର ସାହେବ ମତେ ଭାରି ଭଲ ପାଆନ୍ତି । ସେ ମଧ୍ୟ ଏହି ମାର୍ଚ୍ଚ ମାସରେ ବଦଳି ହୋଇଯାଉଛନ୍ତି । ମୁଁ ମଧ୍ୟ ଏହି ମାର୍ଚ୍ଚରେ ପେନ୍‌ସନ ନେଉଛି । କାଲି ଯାଇ ସାହେବଙ୍କୁ କହିବି— "ଆଜ୍ଞା ମୁଁ ଏହି ମାର୍ଚ୍ଚରେ ପେନସନ୍ ନେବି, ମୋର ତ ପୁଅପିଲା ନାହାନ୍ତି ଯେ ମୋ ଅନ୍ତେ ସରକାରୀ ଚାକିରି କରିବେ । ଆପଣ ମଧ୍ୟ ବଦଳି ହୋଇଯାଉଛନ୍ତି । ମୋ ଜୁଆଁଇଙ୍କୁ ଖଣ୍ଡିଏ ଚାକିରି ଦେଇ ଯାଆନ୍ତୁ ।' ମୋର ପୂର୍ଣ୍ଣ ବିଶ୍ୱାସ କଲେକ୍ଟର ସାହେବ ମୋ ଅନୁରୋଧକୁ ଉପେକ୍ଷା କରିବେ ନାହିଁ ।"

ରମାକାନ୍ତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "ଆପଣଙ୍କ ଜୁଆଁଇ" ?

ବିପିନ ବାବୁ, "ହଁ ହଁ ! ମୋର ଭାବୀ ଜାମାତା, ଶ୍ରୀମାନ୍ ରମାକାନ୍ତ ପଟ୍ଟନାୟକ ।"

ରମାକାନ୍ତ ଅଧିକ ବିସ୍ମିତ ହୋଇ ବିପିନବାବୁଙ୍କ ମୁହଁକୁ ସଂଶୟାତ୍ମକ ଦୃଷ୍ଟିରେ ଅନାଇ ରହିଲେ ।

ବିପିନବାବୁ, "ତୁମେ କଅଣ ତୁମ ବୋଉଙ୍କ ଠାରୁ ଏ ବିଷୟରେ

କିଛି ଶୁଣିନାହିଁ । ଯାଜପୁରରେ ମୁଁ ଥିବା ସମୟରେ, ତୁମ ବୋଉ ଆଉ ରେଖା ବୋଉ ବିରଜାଙ୍କ ପାଖରେ ସତ୍ୟ କରିଥିଲେ । ସେମାନେ ଯାଇ ସ୍ୱର୍ଗରେ ରହିଲେଣି, ମୁଁ ଏକା କେବଳ ଏ ନରକରେ ଘାଣ୍ଟି ହେଉଛି । ଆଜି ଅଛି ତ କାଲି ନାହିଁ । ଆଉ ହାତ ପାଳିକରି ସଉଦା । ମୁଁ ଆଉ ଆଉ ବିବାହଟା ସମ୍ପନ୍ନ କରି-ଦେବା ଉଚିତ ।"

ହଠାତ୍ ବିପିନବାବୁଙ୍କ ମୁହଁରୁ ଏ ବିବାହ ପ୍ରସ୍ତାବଟା ଶୁଣି ରମାକାନ୍ତ ପ୍ରଥମରେ କୌଣସି ବିଷୟ ଉତ୍ତମରୂପେ ଚିନ୍ତା କରି-ବାର ଅବକାଶ ପାଇ ନ ଥିଲେ । ତାଙ୍କ ପରି ନିଃସ୍ୱ ଲୋକ ବିପିନ-ବାବୁଙ୍କ ପରି ମଧ୍ୟବିତ୍ ଗୃହସ୍ଥର ଜାମାତା ହେବା ଅବଶ୍ୟ ସୌଭାଗ୍ୟର ବିଷୟ । ରେଖା ଅସାମାନ୍ୟ ସୁନ୍ଦରୀ ନ ହେଲେ ମଧ୍ୟ ଅସୁନ୍ଦରୀ ନୁହନ୍ତି । ତାଙ୍କ ପରି ଚରିତ୍ରବତୀ, ମିଷ୍ଟଭାଷିଣୀ ଓ ଗୃହକର୍ମ ନିପୁଣା ଯୁବତୀଙ୍କୁ ପତ୍ନୀରୂପେ ଲାଭ କରିବା ରମାକାନ୍ତଙ୍କ ପରି ଓ ବିପିନ ବାବୁଙ୍କର ଅନ୍ନରେ ପ୍ରତିପାଳିତ ନିଃସ୍ୱ ଯୁବକ କଥା ବା କଅଣ କହିବା । ଯେ କେହି ଉଚ୍ଚ ଶିକ୍ଷିତ ମଧ୍ୟବିତ୍ ଯୁବକ ପକ୍ଷରେ ଶ୍ଳାଘାର ବିଷୟ । ଏ ବିବାହ ବିଷୟରେ ସେ ଦିନେ ମା'ଙ୍କ ଠାରୁ ସାମାନ୍ୟ ଆଭାସ ପାଇଥିଲେ । ମାତ୍ର କଥାଟା ଯେ ଏତେ ଚଞ୍ଚଳ ଓ ଏପରି ଅପ୍ରତ୍ୟାଶିତ ବାସ୍ତବ ରୂପ ଧରିବ ଏହା ତାଙ୍କର ପ୍ରତ୍ୟୟ ନ ଥିଲା । ତାଙ୍କର ଇଚ୍ଛା ଥିଲା ସେ ବିପିନବାବୁଙ୍କ ଆନୁକୂଲ୍ୟରେ ଉଚ୍ଚ ଶିକ୍ଷା ଲାଭ କରି ଓ ଚାକିରି ଖଣ୍ଡିଏ କରି ବିବାହ କରିବେ । ବିପିନବାବୁଙ୍କ ତୁଣ୍ଡରୁ କଥାଟା ହଠାତ୍ ଶୁଣି ସେ ପ୍ରଥମରେ କିଛି କହି ପାରିଲେନାହିଁ । କିଛିକ୍ଷଣ ପରେ ଖଣ୍ଡି କାଶ ମାରି କହିଲେ,

"ଆଜ୍ଞା ! ମୁଁ ତ ନିଜ ପେଟ ପୋଷିବାକୁ ଅକ୍ଷମ, ଏଥିରେ ପୁଣି ଆଉ ଜଣକୁ ବେକରେ ବାନ୍ଧିବି କିପରି ?" ବିପିନବାବୁ ସାମାନ୍ୟ ବିରକ୍ତ ହେଲା ପରି କହିଲେ, "ସେ କଥା ମୁଁ ବୁଝିବି । ତୁମେ ସେ ବିଷୟରେ ଚିନ୍ତିତ ହେବାର କୌଣସି କାରଣ ନାହିଁ । ମୋର ଆଉ କିଏ ଅଛି ଯେ ? ତୁମେ ପୁଅ ତୁମେ ଜୁଆଁଇ । ଭଗବାନଙ୍କ କୃପାରୁ ତୁମ୍ଭମାନଙ୍କର ଚଳାଚଳ ପକ୍ଷରେ କୌଣସି ଅସୁବିଧା ହେବ ନାହିଁ ।"

ଏ କଥା ଉପରେ ରମାକାନ୍ତ ଆଉ କିଛି କହିବା ଉଚିତ୍ ମନେ କଲେନାହିଁ । କିଛି ସମୟ ପରେ ବିପିନବାବୁ ଓ ରମାକାନ୍ତ ରାତ୍ର ଭୋଜନରେ ବସିଲେ । ସବୁଦିନ ପରି ରେଖା ପରିବେଷଣ କଲେ । ଆଜି ରମାକାନ୍ତ ତାଙ୍କୁ ଭିନ୍ନ ଚକ୍ଷୁରେ ଅନାଇଲେ । ରେଖାଙ୍କର ଧୀର ପଦ ବିକ୍ଷେପ ଓ ତାଙ୍କ ମୁହଁର ପ୍ରଶାନ୍ତ ଲଜ୍ଜାନ୍ୱିତ ଦରସ୍ମିତ ତାଙ୍କ ଆଖିକୁ ଖାସା ସୁଆଦ ଲାଗିଲା । ଏହି ସୁଶୀଳା ବାଳିକାଟି ଯେ ଦିନେ ତାଙ୍କର ଅଙ୍କ-ଲକ୍ଷ୍ମୀ ହେବେ ଏ କଥା ଭାବିଲା ବେଳକୁ ତାଙ୍କ ମନରେ ଅନେକ ସୁଖ ସ୍ୱପ୍ନ ଖେଳି ହୋଇଗଲା । ଖାଇ ସାରି ସବୁଦିନ ପରି ରମାକାନ୍ତ ସାମନ୍ତ ହଷ୍ଟେଲକୁ ବାହୁଡ଼ିଲେ । ବିଛଣାରେ ପଡ଼ି ଭୂତ ଭବିଷ୍ୟତ ବିଷୟ ଭାବନା କରୁ କରୁ ତାଙ୍କୁ ନିଦ ହୋଇଗଲା ।

ତହିଁ ଆରଦିନ ବଡ଼ି ଭୋରରୁ ଉଠି ନିତ୍ୟକର୍ମ ସାରି ରମାକାନ୍ତ ପୁଲିସ ଅଫିସରେ ପହଞ୍ଚିଲେ, ଖେଳ କସରତ ଦୌଡ଼ ଇତ୍ୟାଦି ପରୀକ୍ଷା ହେଲା । ଅନ୍ୟ କାଣ୍ଡିଡେଟ୍‌ମାନେ ବି ଯୋଗ ଦେଇ ଥିଲେ । ବସାକୁ ଫେରି ପୁଣି ବାରଟା ବେଳକୁ ପୁଲିସ୍ ଅଫିସ୍‌ରେ ପହଞ୍ଚି ଅନ୍ୟମାନଙ୍କ ସଙ୍ଗରେ ଲିଖିତ ପରୀକ୍ଷା ଦେଲେ । ଦୁଇଟା

ବେଳେ ପରୀକ୍ଷା ଶେଷ ହେଲା । ତା ପରେ ମୌଖିକ ପରୀକ୍ଷା । ଜଣ ଜଣ ହୋଇ ମୁଲସ୍ ସାହେବଙ୍କ ପାଖକୁ ଯାଇ ଫେରି ଆସିଲେ । ସଭା ଶେଷରେ ରମାକାନ୍ତଙ୍କର ପାଳି ପଡ଼ିଲା । ସେ ପରୀକ୍ଷା ଦେଇ ପ୍ରାୟ ସୂର୍ଯ୍ୟାସ୍ତ ବେଳକୁ ଫେରିଲେ । ସେ ଆସି ଅଫିସ୍ ଆଗ ବରଗଛ ମୂଳେ ପହଞ୍ଚିଲା ବେଳକୁ ମୁଲସ୍ ସାହେବଙ୍କ ରିଡ଼ର ଆସି ତାଙ୍କ ପାଖରେ ପହଞ୍ଚି ପଚାରିଲେ, "ଆପଣଙ୍କ ନା ରମାକାନ୍ତ ପଟ୍ଟନାୟକ ନା ?"

ରମାକାନ୍ତ, "ଆଜ୍ଞା ହଁ ।"

ରିଡ଼ରବାବୁ, "ବିପିନ ବାବୁଙ୍କୁ କହିଦେବେ, ଆପଣ ଖେଳ କସରତରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ମୌଖିକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ବାକି ରହିଲା ଲିଖିତ ପରୀକ୍ଷା । ଆପଣ କିପରି ଲେଖାଲେଖି କରିଛନ୍ତି ?"

ରମାକାନ୍ତ, "ଏକ ରକମ ଭଲ କରିଛି ।"

ରିଡ଼ର, "ତେବେ ଆପଣଙ୍କର ଚାନ୍ସ ଭଲ ଅଛି । ମୁଁ କାଲି ସନ୍ଧ୍ୟାକୁ ବିପିନବାବୁଙ୍କ ସଙ୍ଗରେ ସାକ୍ଷାତ କରିବି । ଆପଣ ଯାଆନ୍ତୁ ।"

ରମାକାନ୍ତ ତାଙ୍କୁ ନମସ୍କାର କରି ବଡ଼ ପ୍ରଫୁଲ୍ଲ ମନରେ ଫେରିଲେ । ସେ ସାମନ୍ତ ହଷ୍ଟେଲକୁ ନ ଯାଇ ବିପିନବାବୁଙ୍କ ବସାରେ ଯାଇ ପହଞ୍ଚିଲେ । ଦାଣ୍ଡ କବାଟ ଆଉଜା ହୋଇଥିଲା । ଭିତର ଖଞ୍ଜାକୁ ଗଲେ । ବସାରେ ଅନ୍ୟ କେହି ନ ଥିଲେ । ରେଖା କେବଳ ରୋଷାଇ ଘର ପିଣ୍ଡାରେ ବସି ଅଟା ଚକଟୁଥିଲେ । ରମାକାନ୍ତଙ୍କୁ ଦେଖି ଠିଆ ହୋଇଗଲେ ।

ରମାକାନ୍ତ, ତୁମ୍ଭ ! ଖଣ୍ଡିଏ ସାଧା ପାନ ଦିଅନ୍ତ କି ? ତୁମ ହାତରୁ ଖଣ୍ଡିଏ ପାନ ଖାଇବାକୁ ଆଜ କାହିଁକି ଭାରି ଆଶା ଲାଗୁଛି । ରମାକାନ୍ତ ରେଖାଙ୍କୁ କେବେ ଏପରି ଭାବରେ କହନ୍ତି ନାହିଁ । ଖାଲି ଏତିକି ନୁହେଁ, ଗେହ୍ଲେଇ ହୋଇ କହିବାର ଭଙ୍ଗୀ, ତା ସାଙ୍ଗେ ସାଙ୍ଗେ ଆଖିଠାର ଓ ମୁରୁକି ହସ । ରେଖାଙ୍କର କୁମାରୀ ହୃଦୟରେ ଭୟର ସଂଚ୍ଚାର ହେଲା । ଏହି କେତେ ଦିନ ମଧ୍ୟରେ ରମାଭାଇଙ୍କ ସଙ୍ଗରେ ତାଙ୍କର ଅନେକ ଥର ଏକାନ୍ତରେ ଦେଖା ହୋଇଛି, ମାତ୍ର କେବେ ହେଲେ ତ ସେ ରମାକାନ୍ତଙ୍କର ଏପରି ଅଭବ୍ୟ କଥା ଭାବ ଭଙ୍ଗୀର ସଙ୍କେତ ପାଇନଥିଲେ । ତେବେ ଆଜ ଏ କି କଥା ? ସେ କିଛି ଅନୁମାନ କରି ନ ପାରି ଘର ଭିତରକୁ ଯାଇଁ ହାତ ଧୋଇ ଖଣ୍ଡିଏ ପାନ ଆଣି ରମାକାନ୍ତଙ୍କୁ ଯାଚିଲେ । ରମାକାନ୍ତ ତାଙ୍କ ହାତରୁ ପାନ ଖଣ୍ଡିକ ନ ନେଇ ଭ୍ରୂଭଙ୍ଗୀ ସହକାରେ ମୁଖ ବ୍ୟାଦାନ କଲେ । ରେଖାଙ୍କର ହୃଦୟରେ ଅତିଶୟ ଭୟର ସଞ୍ଚାର ହେଲା । ସେ ବିଚାରିଲେ ରମାଭାଇ ବୋଧହୁଏ ଭାଙ୍ଗ ଖାଇଛନ୍ତି । ବାପା ସ୍କୁଲରୁ ଆସିନାହାଁନ୍ତି । ସୁରୁଜୀଟା ମଧ୍ୟ କେଉଁଆଡ଼େ ଯାଇଛି । ନାହିଁ ନାହିଁ ଭଲ ଥାଏ ମନ୍ଦ ଥାଏ । ସେ ଶଙ୍କିତ ଭାବରେ ପାନ ଖଣ୍ଡିକ ରମାକାନ୍ତଙ୍କ ନିକଟରେ ରଖି ଦେଇ ଘର ଭିତରକୁ ପଶି ଯାଉଥିଲେ ମାତ୍ର ରମାକାନ୍ତ ତାଙ୍କୁ ପଛରୁ ଡାକି କହିଲେ, "ପାନ ଖୋଇ ନ ଦେଲ ତ ନାହିଁ, ତେବେ ଶୁଣ ! ମୁଁ ଆଜ ତୁମକୁ ଗୋଟିଏ ବଡ଼ ଦୁଃସମ୍ବାଦ ଜଣାଇବାକୁ ଆସିଛି" । ରେଖାଙ୍କର ମନରେ ପୂର୍ବ ଭୟ ଓ ସନ୍ଦେହ ଆହୁରି ବଢ଼ିଗଲା । ସେ ବିଚାରିଲେ, ଯେ ଦୁଃସମ୍ବାଦ ଦେବାକୁ ଆସେ ସେ କଅଣ ଏପରି ଗେହ୍ଲେଇ ହୋଇ ଭ୍ରୂଭଙ୍ଗୀ ସହକାରେ କଥା କହେ ?

ରେଖାଙ୍କର ଅନ୍ୟମନସ୍କ ସ୍ୱଭାବ ଲକ୍ଷ୍ୟ କରି ରମାକାନ୍ତ କହିଲେ, "ଶୁଣିଛ ରୁନୁ ! ଆଜି ତୁମ ବିବାହ ବିଷୟ ସ୍ଥିର ହୋଇଗଲା ।" ଏ କଥା ଶୁଣି ରେଖାଙ୍କର ସେ କୁଆଁରୀ ମୁହଁଟି ଲାଜରେ ରଙ୍ଗା ହୋଇଗଲା ଓ ସେ ମନେ ମନେ ଚିନ୍ତା କଲେ, ସେ ଯେଉଁ ବିବାହ କଥା ଲୁଚିକରି ତାଙ୍କ ମା'ଙ୍କ ତୁଣ୍ଡରୁ ଶୁଣିଥିଲେ, ଆଜି ବୋଧହୁଏ ବାପା ତାଙ୍କୁ ସେହି କଥା କହୁଛନ୍ତି । ତେଣୁ ଏ ଅଭିନୟ । ତାଙ୍କ ମନରୁ ପୂର୍ବର ସେ ଦୁର୍ଭାବନା ଦୂର ହୋଇ-ଗଲା ମାତ୍ର ସେ ରମାକାନ୍ତଙ୍କୁ କୌଣସି କଥା କହିବାକୁ ଲଜ୍ଜା ବୋଧ କଲେ । ତାଙ୍କୁ ନୀରବ ଦେଖି ରମାକାନ୍ତ ପୁଣି ଆରମ୍ଭ କଲେ "ମାତ୍ର ରୁନୁ ! ମୋର ବଡ଼ ଦୁଃଖ ହେଉଛି ଯେ ମଉସା ତୁମକୁ ଗୋଟାଏ ଚରିତ୍ର ହୀନ, ବାଉଳା ଫକୀର ହାତରେ ସମର୍ପଣ କରିବାକୁ ଯାଉଛନ୍ତି ।" ଏକଥା ଶୁଣି ରେଖାଙ୍କର ପୂର୍ବ ଅନୁମାନ ବଦଳି ଗଲା । ସେ ଭାବିଲେ ତାଙ୍କ ପରି ରମାକାନ୍ତ ମଧ୍ୟ ଏ ବିବାହ ବିଷୟରେ ତାଙ୍କର ମା'ଙ୍କ ଠାରୁ ଶୁଣିଥିବେ । ବୋଧହୁଏ ବାପା ମତେ ଅନ୍ୟ ପାତ୍ରରେ ସମର୍ପଣ କରିବା କଥା ସେ ବାପାଙ୍କ ଠାରୁ ଶୁଣି, ବାପା ନ ଥିଲା ବେଳେ ଏଠାକୁ ଆସି, ବାପାଙ୍କର ମତ ବିରୁଦ୍ଧରେ ମତେ ପ୍ରବର୍ତ୍ତାଇବା ପାଇଁ ଫୁସୁଲାଉ ଅଛନ୍ତି । ଏ କଥାର ସେ କି ଉତ୍ତର ଦେବେ ତାହା ଚିନ୍ତା କଲେ । ରେଖାଙ୍କୁ ନୀରବ ହେବାର ଦେଖି ରମାକାନ୍ତ କହିଲେ, "ଏପରି ଅପାତ୍ରରେ ତୁମ ପରି ଗୁଣବତୀ କନ୍ୟାକୁ ସମ୍ପ୍ରଦାନ କରିବାକୁ ଇଚ୍ଛା କରି ମଉସା ବଡ଼ ଅନ୍ୟାୟ କରୁଛନ୍ତି । ଏଥିରେ ତୁମର ମତ କଅଣ" ? ଏ ଶେଷ କଥାଟିକ ଶୁଣି ରେଖା ମନେ ବିଚାରିଲେ ଯେ ତାଙ୍କର ପୂର୍ବ ଅନୁମାନ ସତ୍ୟ ଅଟେ । ସେ ନିଜକୁ ବଡ଼ ଅପମାନିତା ବୋଧ କରି

ାଧ ସହକାରେ କହିଲେ, "ମୋ ନିଜ ଅପେକ୍ଷା, ବିଶେଷତଃ ଆପଣଙ୍କ ଅପେକ୍ଷା ବାପା ମୋର ଭବିଷ୍ୟତ ମଙ୍ଗଳ ବିଷୟରେ ବହୁତ ଚିନ୍ତା କରନ୍ତି । ସୁତରାଂ ସେ ଯାହା କରିଥିବେ ତାହା ମୋର ମଙ୍ଗଳ ପାଇଁ କରିଥିବେ, ଏଥିପାଇଁ ଆପଣଙ୍କର ଏପରି ମୁଣ୍ଡ ବଥାଇବାର କୌଣସି ଆବଶ୍ୟକ ନାହିଁ ।" ରମାକାନ୍ତ ଏପରି କଟୂକ୍ତିରେ ବିଚଳିତ ନ ହୋଇ ପୂର୍ବ ପରି ହସି ହସି ଭ୍ରୂକୁଞ୍ଚିତ କରି କହିଲେ "ସେଥିପାଇଁ ମୋ ମୁଣ୍ଡ ବଥାଇବାର କୌଣସି କାରଣ ନ ଥିଲା, ମାତ୍ର ବରପାତ୍ରଙ୍କୁ ତୁମ ସଙ୍ଗରେ ଆଳାପ ପରିଚୟ କରାଇବାର ଭାର ମଉସା ମୋ ଉପରେ ନ୍ୟସ୍ତ କରିଛନ୍ତି, ତେଣୁ ମୋ'ର ଏତେ ମୁଣ୍ଡବଥା । ସେ ଆସିଛନ୍ତି, ତୁମେ ଶୀଘ୍ର ଲୁଗାପଟା ପିନ୍ଧ, ବେଶଭୂଷା ହୋଇ ଓ ଖଣ୍ଡିଏ ପାନ ଖାଇ ଓଠ ଦି'ଟି ରଙ୍ଗ ଟହଟହ କରି ତାଙ୍କୁ ପାଖେଟି ଆଣିବାପାଇଁ ସଜ ହୁଅ ।" ରେଖା ପ୍ରଥମରେ ଟିକିଏ ତାଟକା ହୋଇଗଲେ, ମାତ୍ର ପରକ୍ଷଣରେ ଚିନ୍ତା କରି କହିଲେ "ମୁଁ ବାପାଙ୍କର ଆଦେଶ ନ ପାଇବା ପର୍ଯ୍ୟନ୍ତ କାହାରି ସଙ୍ଗରେ ସାକ୍ଷାତ୍ କରି ପାରିବିନାହିଁ । ଆପଣ ଯାଇ ତାଙ୍କୁ ଫେରାହୁଡ଼ାଇ ଦିଅନ୍ତୁ । ବାପା ଥିଲାବେଳେ ଆପଣ ତାଙ୍କୁ ଘେନି ଆସି ପାରନ୍ତି ।" ରମାକାନ୍ତ ଟିକିଏ ଗାମ୍ଭୀର୍ଯ୍ୟର ଅଭିନୟ କରି ଉତ୍ତର ଦେଲେ, "ସେ ଯେ ଆସି ଏଠାରେ ଠିଆ ହେଲେଣି ।" ରେଖା ଏ କଥା ଶୁଣି ଚକିତା ହୋଇ ଚାରିଆଡ଼କୁ ଅନାଇଁ କାହାକୁ ନ ଦେଖି କହିଲେ "କାହାନ୍ତି ?" ରମାକାନ୍ତ ନିଜ ଛାତିରେ ହାତ ମାରି ହସ ହସ ହୋଇ କହିଲେ "ହେଇ ! ଆଖି ମେଲା କରି ଭଲକରି ଦେଖ, ତୁମ୍ଭର ଭାବୀ ସ୍ୱାମୀ ଶ୍ରୀଯୁକ୍ତ ରମାକାନ୍ତ ପଟ୍ଟନାୟକ ସଶରୀର ତୁମ୍ଭ ଆଗରେ ଦଣ୍ଡାୟମାନ । ଏବିବାହ ବିଷୟ ମୋ ବୋଉ ଓ

ମାଉସୀ ଯାଜପୁରରେ ଥିବା ସମୟରେ ବିରଜା ଠାକୁରାଣୀଙ୍କ
ଆଗରେ ସତ୍ୟ କରିଥିଲେ । କାଲି ରାତିରେ ମଉସା ମଧ୍ୟ ସେ କଥାକୁ
ଅନୁମୋଦନ କରି ମତେ ଜଣାଇ ଦେଲେ । ତୁମେ ବର୍ତ୍ତମାନ ମୋର
ବାଗ୍‌ଦତ୍ତା ପତ୍ନୀ । ମୁଁ ଯାହା କହିବି ତୁମେ ତାହା କରିବାକୁ ବାଧ୍ୟ ।
ମୁଁ ଯେତେବେଳେ ଡାକିବି 'ଅୟି ଅର୍ଦ୍ଧାଙ୍ଗୀ ! ତୁମେ ମୋ ଆଗରେ
ହାତ ଯୋଡ଼ି ଠିଆ ହୋଇ କହିବ 'ଆର୍ଯ୍ୟପୁତ୍ର ! ଆଦେଶ
କରନ୍ତୁ ।" ରେଖା ଏତେବେଳେ ଯାଇଁ ବୁଝିଲେ ଯେ ନଡ଼ିଆରେ
କେଉଁ ଶିରବାଟେ ପାଣି ପଶୁଛି । ତେଣୁ ଘର ଭିତରକୁ ପଶିଯାଇ
କହିଲେ "ତୁମେ ଆଗ ଯିବଟି ପଛକୁ ଆସିବ । ମତେ ଏ ଷ୍ଟ୍ରେଞ୍ଜ
କଥାଗୁଡ଼ାକ ଭଲ ଲାଗେନାହିଁ । ମୋର କେତେ କାମ ଅଛି
ବାପାଙ୍କ ଆସିବା ବେଳ ହୋଇଗଲାଣି, ଜଳଖିଆ ଆଉ କେତେ-
ବେଳେ କରିବି ? ରମାକାନ୍ତ ଆଉ କଅଣ କହିବାକୁ ଯାଉଥିଲେ-
ମାତ୍ର ସୁରୁଚି ଓ ବିନ୍ଦୁ ଏକା ସାଙ୍ଗରେ ଆସି ପହଞ୍ଚି ଯିବାରୁ ରସ-
ଭଗ୍ନ ହୋଇଗଲା । "ଯାଉଛି ପଛକୁ ଆସିବି" ବୋଲି କହିଦେଇ
ରେଖାଙ୍କୁ ଅନାଇ ଆଖି ଠାରିଦେଇ ଚାଲିଗଲେ ।

ଆଲୁଅ ଲାଗିଲା ବେଳକୁ ରମାକାନ୍ତ ପୁଣି ବିପିନବାବୁଙ୍କ
ବସାରେ ପହଞ୍ଚି ପରୀକ୍ଷାର ଫଳାଫଳ ଓ ଶଙ୍କରବାବୁଙ୍କ ବିଷୟ
ବିପିନବାବୁଙ୍କୁ ଜଣାଇଲେ । ରମାକାନ୍ତ ଭାବିଥିଲେ ଯେ ବିପିନବାବୁ
ଲୁଗାପଟା ସାମନ୍ତ ହଷ୍ଟେଲରୁ ଆଣି ତାଙ୍କ ବସାରେ ରହିବା ପାଇଁ
ରମାକାନ୍ତଙ୍କୁ କହିବେ ମାତ୍ର ବିପିନବାବୁ ମନରେ କଅଣ ଭାବି
ତାଙ୍କ ବସାରେ ଆସି ରହିବାର ନା ଧରିଲେ ନାହିଁ ବରଂ ତେ

ଂଲାଫଳ ଜଣା ପଡ଼ିବା ପର୍ଯ୍ୟନ୍ତ ସେହିଠାରେ ରହିବାକୁ କହି ୍ସା ଖରଚ ପାଇଁ ତାଙ୍କୁ କିଛି ଟଙ୍କା ଦେଲେ ।

ଏଥି ମଧ୍ୟରେ ରମାକାନ୍ତ ରେଖାଙ୍କୁ ଏକାନ୍ତରେ ଭେଟିବା-ପାଇଁ ବହୁତ ଚେଷ୍ଟା କଲେ ମାତ୍ର କୌଣସି ପ୍ରକାର ତାହା ହୋଇ ।ାରିଲାନାହିଁ । ରେଖା ମଧ୍ୟ ପୂର୍ବ ପରି ତାଙ୍କ ସଙ୍ଗରେ ଅବାଧ ମିଳାମିଶା କଲେନାହିଁ । ମଝେ ମଝେ ଅକସ୍ମାତ୍ ଦେଖା ହୋଇ ଗଲେ ରେଖା ତାଙ୍କୁ ଚାହିଁ ଗୋଟିଏ ମନ ମଉଣିଆ ଦରସ୍ମିତ ରେଖା ୍ଧରରେ ଟାଣି ଦେଇ ଅନ୍ତର ହୋଇ ଯାଉଥିଲେ ।

ବିପିନବାବୁଙ୍କ ଉଦ୍ୟମରେ ଓ ରମାକାନ୍ତଙ୍କର କୃତିତ୍ୱ ୍ଯାଗୁଁ ସେ ପୁଲିସ୍ ଏସ୍. ଆଇ ପାଇଁ ମନୋନୀତ ହେଲେ । ପନ୍ଦର ୍ନ ପରେ ଟ୍ରେନିଙ୍ଗ୍ ପାଇଁ ଭାଗଲପୁର ଯିବାର କଥା, ତହିଁ ୍ରଦିନ ସକାଳୁ ବିପିନବାବୁ ରମାକାନ୍ତଙ୍କୁ ଡକାଇଲେ । ଦରଜି ଦୋକାନକୁ ତାଙ୍କୁ ସାଙ୍ଗରେ ନେଇ କୋଟ ପ୍ୟାଣ୍ଟ ପାଇଁ ମାପ ଦେଇ ଆସିଲେ ଓ ଅନ୍ୟ କେତେକ ଆବଶ୍ୟକ ଜିନିଷ ମଧ୍ୟ କିଣି ୍କାଇଲେ । ବସାକୁ ଫେରିବା ବାଟରେ ବିପିନବାବୁ କହିଲେ, ତୁମେ ଆଜ ରାତି ଗାଡ଼ିକୁ ଯାଜପୁର ଚାଲିଯାଅ । କିଛି ଟଙ୍କା ମଧ୍ୟ ସାଙ୍ଗରେ ନେଇ ଯାଅ । ତୁମ ଯାଜପୁର ବସାରେ ଯାହା ସବୁ ଜିନିଷପତ୍ର ଅଛି ସେଥିରୁ ଯାହା ଯାହା ରଖିବାର କଥା ତାହା ଏଠାକୁ ନେଇ ଆସିବ ଓ ଅବଶିଷ୍ଟ ଗୁଡ଼ାକ ବନ୍ଦୋବସ୍ତ କରିଦେବ । ବସା ୍ତିକ ଉତ୍ତମରୂପେ ମରାମତ କରାଇ ଭଡ଼ା ଲଗାଇ ଦେଇ ଆସିବ । ଏସବୁ କାର୍ଯ୍ୟର ତତ୍ତ୍ୱ ନେବାପାଇଁ ମୁଁ ଜଗୁ ମହାରଣା ପାଖକୁ ତୁମ ହାତରେ ଚିଠି ଦେବି । ଆଉ ବେଳ ନାହିଁ । ଚାହୁଁ ଚାହୁଁ

ଏ ପନ୍ଦରଟା ଦିନ କୁଆଡ଼େ ଗୁଲିଯିବ । ଏଥିରୁ ତୁମେ ତେବେ ଯାଅ,” ରମାକାନ୍ତଙ୍କର ପ୍ରବଳ ଇଚ୍ଛା ଥିଲା, ସେ ଏ ପନ୍ଦରଟି ଦିନ କଟକରେ ରହି ରେଖାଙ୍କୁ ଦେଖୁଥିବେ ମାତ୍ର ବିପିନବାବୁ ତ ଏପରି କହିଲେଣି, ସେ ଆଉ କଅଣ କରିବେ ? ଅଗତ୍ୟା ସ୍ୱୀକୃତ ହେଲେ, ଓ ବାଟରୁ ସାମନ୍ତ ହଷ୍ଟେଲକୁ ଗୁଲି-ଗଲେ । ଖାଇ ପିଇ ଦୁଇପହରିଆ ବେଳକୁ ସେ ଆସି ବିପିନବାବୁଙ୍କ ବସାରେ ପହଞ୍ଚିଲେ । ସୁରୁଜା ରେଖାଙ୍କ ପାଖରେ ଥିଲା, ସେ କୌଣସି ଆଳ ଦେଖାଇ ସୁରୁଜାକୁ ସ୍ଥାନାନ୍ତରକୁ ପଠାଇ ଦେଇ ରେଖାଙ୍କ ସାଙ୍ଗରେ ଏକାନ୍ତରେ ଟିକିଏ କଥାବାର୍ତ୍ତା ହେବାପାଇଁ ବହୁତ ଚେଷ୍ଟା କଲେ ମାତ୍ର ରେଖା ସୁରୁଜାକୁ କୌଣସି ମତେ ପାଖ ଛଡ଼ା କଲେନାହିଁ । ସୁତରାଂ ରମାକାନ୍ତ ଶ୍ଳେଷୋକ୍ତି, ଆଖି ଛଟେକ, ଖଣ୍ଡିକାଶ ଛଳରେ ତାଙ୍କର ମନର ଭାବ ରେଖାଙ୍କ ଆଗରେ ବ୍ୟକ୍ତ କଲେ । ରେଖା ତୁଣ୍ଡରେ କୌଣସି କଥାର ଉତ୍ତର ନ ଦେଇ କେବଳ ଗୁହାଁଣୀର ଭଙ୍ଗୀ ଓ ଗୋଟିଏ ମଧୁର ମଧୁଲ ହସହସି ତା’ର ଯଥା ସମ୍ଭବ ଉତ୍ତର ଦେଉଥିଲେ । 

ରମାକାନ୍ତ ସୁରୁଜାକୁ କହିଲେ, “ସୁରୁଜ ! ତୁମ ଅପା ବାହା କରିଦେଉନାହାଁ ।” ସୁରୁଜା କହିଲା “ବାବୁ କହୁଥିଲେ ଏଥିବର୍ଷ ବାହାଘର ହେବ ।” ରମାକାନ୍ତ, “ମାତ୍ର ତୁମ ଅପା ଯେ ବାହା ହେବ ତା କର୍ମ ଫାଟିଲା ବୋଲି ଜାଣ ।” ସୁରୁଜ କାହିଁକମ ? ରମାକାନ୍ତ, “ତୁମ ଅପାଙ୍କର ମନ ଯୋଗାଇ କ କାଲିବେଳକୁ ସେ ବରବାଟିର ମୁଣ୍ଡ ଖାଲ ଆସି ତଳପାରେ ମରିବ ।

ଏହି ସମୟରେ ଦାଣ୍ଡଘର ଘଣ୍ଟାରେ ଠନ୍ ଠନ୍ ହୋ ଗୁରିଟା ବାଜିଲା, ରେଖା ହଠାତ୍ ଚମକି ପଡ଼ି କହିଲେ “ ଆ

ଗୁରୁଟା ବାଜଗଲା ! ଯାଉଛୁ ବାପାଙ୍କ ପାଇଁ ଜଳଖିଆ ତିଆରି କରିବ ।"

ରାତିକୁ ଯାଜପୁର ଯିବାକଥା ରେଖାଙ୍କୁ ଜଣାଇ ରମାକାନ୍ତ ଚାଲିଗଲେ । ରମାକାନ୍ତ ଯଥେଷ୍ଟ ଚେଷ୍ଟା କଲେ ବି ବସା ମରାମତି, ଭଡ଼ାଟିଆ ବନ୍ଦୋବସ୍ତ କରିବା ଓ ପୁରୁଣା ଜିନଷପତ୍ର ବିକିବଟା କରିବାକୁ ତାଙ୍କୁ ବାରଦିନ ଲାଗିଗଲା । ସେ କଟକରେ ଆସି ପ୍ରାୟ ଅପରାହ୍ନ ଗୋଟାଏ ବେଳେ ବିପିନବାବୁଙ୍କ ବସାରେ ପହଞ୍ଚିଲେ । ଦାଣ୍ଡକବାଟ ଆଉଜା ହୋଇଥିଲା । କବାଟ ମେଲି କରି ଜିନଷପତ୍ର ଦାଣ୍ଡଘରେ ରଖିଲେ । ସୁରୁଜା ଗାଡ଼ ନିଦ୍ରାରେ ଦାଣ୍ଡଘରେ ଘୁଙ୍ଗୁଡ଼ି ମାରୁଥିଲା । ରେଖା ଭିତର ପିଣ୍ଡାରେ ବସି ତନ୍ମୟ ହୋଇ କ ବହି ଖଣ୍ଡିଏ ପଢ଼ୁଥିଲେ । ରମାକାନ୍ତ ଆସିବାର ସେ ଜାଣି ପାରିନଥିଲେ । ରମାକାନ୍ତ ଧୀର ନିଃଶବ୍ଦ ପଦକ୍ଷେପରେ ତାଙ୍କ ନିକଟକୁ ଯାଇ ପଛପଟୁ ତାଙ୍କର ଦୁଇ ଆଖିକୁ ବୁଜି ଧଇଲେ । ରେଖା ହଠାତ୍ କହିଲେ "କିଏମ ? ସଙ୍ଗାତ ।" ରମାକାନ୍ତ କିଛି ନ କହିବାରୁ ରେଖା ତାଙ୍କ ହାତ ଦଉଣ୍ଡିଲେ । ହାତରେ କୌଣସି ଅଳଙ୍କାର ନଥିବାରୁ ଜାଣି ଆଗଦୁଆର ତେଲି ଘରର ବିଧବା ମାଲକ୍ଷ୍ମୀ ବୋଲି ଅନୁମାନ କରି କହିଲେ, "ଛୁଆଲେ ! ଚତୁରୀ । ମୁଁ ଜାଣିଲିଣିଯେ ମା—ଲ—କ୍ଷ୍ମୀ ।" ତଥାପି ରମାକାନ୍ତ ଆଖି ନ ଛାଡ଼ିବାରୁ ରେଖା କହିଲେ, ମଲା ଛତରୀ ଟୋକଟା ! ମୋ ଆଖି ଦୁଇଟା କଅଣ ଫୁଟାଇ ଦେବୁ । ଛାଡ଼ୁ ଛୁନା ଦେଖିବୁ ? ।" ରମାକାନ୍ତ ହାତ ଛାଡ଼ ଦେବାରୁ ରେଖା ପଛକୁ ବୁଲିପଡ଼ି ରମାକାନ୍ତଙ୍କୁ ଦେଖି କୁମାରୀସୁଲଭ

ଯୋଡ଼ି ମନ୍ଥର

ଲଜ୍ଜାସଙ୍କୋଚରେ ଦେହରେ ମୁଣ୍ଡରେ ଲୁଗା ଦେଇ ତାଙ୍କ ଶୋଇଲା ଘରକୁ ପଶି ଯାଉଥିଲେ, ମାତ୍ର ରମାକାନ୍ତ ହଠାତ୍ ତାଙ୍କୁ ଆଲିଙ୍ଗନ କରି ତାଙ୍କର କପାଳ, କପୋଳ, କର୍ଣ୍ଣମୂଳ ଓ ଅଧରରେ ଚୁମ୍ବନ ଉପରେ ଚୁମ୍ବନ ଲଦି ପକାଇଲେ । ରେଖା ତାଙ୍କ ଆଲିଙ୍ଗନରୁ ମୁକ୍ତ ହେବାପାଇଁ ବ୍ୟର୍ଥ ପ୍ରୟାସ କରି କୁଣ୍ଠିତା ହେଲାପରି କହିଲେ, "ଗ୍ଣ୍ଡଦଅମ ! ସୁରୁଙ୍ଗାଟା ବାଣ୍ଡଘରେ ଶୋଇଛୁ । ବାଡ଼ କବାଟଟା ମେଲା ହୋଇଛି । ଏଗୁଡ଼ାକ କି ବଜାରପଣିଆ କଥା । ରମାକାନ୍ତ ତାଙ୍କୁ ଆଲିଙ୍ଗନରୁ ମୁକ୍ତ କରି ଦେବାମାତ୍ରେ ଶ୍ୟେନ କବଳରୁ କୁରଙ୍ଗୀ ମୁକ୍ତ ହୋଇ ପଳାଇଲା ପରି ସେ ହଠାତ୍ ତାଙ୍କ ଶୋଇଲା ଘର ଭିତରକୁ ପଶିଯାଇ ଭିତରପଟୁ ଶିକୁଳିଟି ଲଗାଇ ଦେଲେ । ତାଙ୍କର ସର୍ବାଙ୍ଗ ଝାଳରେ ବୁଡ଼ିଯାଇଥିଲା ଓ ସେ ବରଡ଼ାପତ୍ର ପରି ଥରୁଥିଲେ । ରମାକାନ୍ତ ରୁଦ୍ଧଦ୍ୱାର ନିକଟରେ କିଛି ସମୟ ନୀରବରେ ଠିଆ ହୋଇ କହିଲେ " ସତରେ ମତେ ଖାଲି ଶୋଷ କରୁଛି । ଗିଲାସେ ପାଣି ପିଇବାକୁ ଦିଅ ।"

ରେଖା, "ତୁମ ମନେ ମନେ ତୁମେ ଏକା ସିଆଣିଆ, ଆଉ ସମସ୍ତେ ପିଲୁ । ଦୁଆର ଫିଟାଇଲେ ଏ ଘରକୁ ପଶି ଆସିବ, ନା ? ତୁମ ଗୋଡ଼ତଳେ ପଡ଼ୁଛି ତୁମେ ବର୍ତ୍ତମାନ ଚାଲିଯାଅ; ବାପା ଆସିଲେ ପଛେ ଆସିବ । ବନ୍ଧୁର ଆସିବା ବେଳ ହୋଇଗଲାଣି, ବାଡ଼କବାଟଟା ଠିଆମେଲା ହୋଇଛି, ନାହିଁ, ନାହିଁ ସଙ୍ଗାତ ଯେବେ ପଶିଆସନ୍ତି ତେବେ ମୋ ଦୁଆରମୁହଁରେ ତୁମକୁ ଏପରି ଅବସ୍ଥାରେ ଦେଖିଲେ ଆଉ ମତେ ରଖି ଥୋଇ ଦେବେନାହିଁ । କୁଆଡ଼ୁ କିଛି ନ ହେଉଣୁ ତ ଦିନ ଚୁରିପହରି ମୋତେ ବସାଇ ଉଠାଇ ଦେଉନାହାନ୍ତି

ତୁମେ ଆଗ ଯିବଟି ।" ରମାକାନ୍ତ, "ସତରେ ମତେ ଭାରି ଶୋଷ ହେଉଛି । ଢୋଲପୁର ଷ୍ଟେସନରେ ଗଣ୍ଡାଏ ଜଳଖିଆ କରିଥିଲି । ମତେ ମୋରାଣ, ମୁଁ ଆଉ ତୁମ ସାଙ୍ଗରେ ଲଗିବି ନାହିଁ ।"

ରେଖା, "ତୁମେ ଭାରି ଭଦ୍ରଲୋକ । ମତେ କଟକ-ଚଣ୍ଡୀଙ୍କ ରାଣ, ତୁମେ ଏଠାରୁ ନ ଗଲେ, ସୃଷ୍ଟି ପ୍ରଳୟ ହୋଇ ଗଲେବି ମୁଁ କବାଟ ଫିଟାଇବିନାହିଁ ।"

ରମା, "ହଉ ତେବେ ଯାଉଛି । ଆମେ ଯେତେବେଳେ ଲୋକଙ୍କର ଚକ୍ଷୁଶୂଳ ହେଉଛୁଁ, ଏଠାରେ ରହିବା ଆମର କି ଦରକାର । ତେବେ ଯାଉଛି ପଛକୁ ଆସିବି ।"

ରମାକାନ୍ତ ଭାଣ୍ଡାରଘରକୁ ଯାଇ ଯୋତା ଖଡ଼୍ ଖଡ଼୍ କରି ଭାଣ୍ଡ କବାଟଟା ଜୋରରେ ବାଡ଼େଇ ଆଉଜାଇ ଦେଇ ନିଃଶବ୍ଦ ପଦରେ ଆସି ରେଖାଙ୍କର ଶୋଇଲା ଘର ଦୁଆର ମୁହଁରେ ଛକିକରି ରହିଲେ । ରେଖା କବାଟ ନ ଫିଟାଇ କହିଲେ, "ମୁଁ ଜାଣିଲିଣି ଯେ, ଭାଣ୍ଡ ଘରେ ଲୁଚିଛ । କବାଟ ଫିଟାଇଲେ ଏ ଘରକୁ ପଶି ଆସିବ ।' ରମାକାନ୍ତ ବୁଝି ପାରିଲେ ଯେ ରେଖା ଏ କଥା ଠାସିକୁ ମାରି କହୁଛନ୍ତି । ତେଣୁ ସେ ନିଶ୍ଚଳ ନିଃଶବ୍ଦରେ ସେହିଠାରେ ଠିଆ ହୋଇ ରହିଲେ । ପ୍ରାୟ ପନ୍ଦର କୋଡ଼ିଏ ମିନିଟ କଟିଗଲା । ରେଖା ରମାକାନ୍ତ ଗଲେଣି କି ନାହିଁ ଠିକ୍ କରି ଜାଣି ପାରିଲେ ନାହିଁ । ଶେଷରେ କହିଲେ "ହଁ ହଁ ! ମତେ ଏ କବାଟ ଫାଙ୍କରେ ଦିଶୁଛି ଯେ ଗୋଡ଼ ଚପି ଚପି କରି ଆସୁଛ ।" ତଥାପି ରମାକାନ୍ତ କିଛି ନ କହିବାରୁ ରେଖା "ସୁରୁଜ,

ଯୋଡ଼ ମନ୍ତ୍ରର

ସୁରୁଜ" ବୋଲି ଡାକ କବାଟ ଫିଟାଇବା ମାତ୍ରେ ରମାକାନ୍ତ ଠେଲି କରି ଘର ଭିତରକୁ ପଶିଗଲେ । ରେଖା ଭୟ ଓ ବିରକ୍ତିରେ କହିଲେ "ଏ ଗୁଡ଼ାକ କି ଅସଭ୍ୟପଣିଆ । ଦେଖିବି ପାଟି କରିବି ?'

ରମାକାନ୍ତ—"ତୁମେ ପାଟି କରିବା ପୂର୍ବରୁ ମୁଁ ପାଟିକରୁଛି ଶୁଣ" । ଟିକିଏ ବଡ଼ପାଟି କରି କହିଲେ, "ଆସ ଗୋ ସାନ୍ତ ମାଇପେ ? ଦେଖ ରେଖା କପଟ ଚା ଘଇତା···" ରେଖା ତାଙ୍କ ବାକ୍ୟ ସମାପ୍ତ କରିବାକୁ ଅବସର ନ ଦେଇ ତାଙ୍କ ତୁଣ୍ଡରେ ଡାହାଣ ହାତ ପାପୁଲିଟି ମାଡ଼ି ଧରି କହିଲେ "ତୁମ ଗୋଡ଼ତଳେ ପଡ଼ୁଛି, ତୁମକୁ ସାତଥର ମୋ ରାଣ ତୁମେ ଏ ଘରୁ ଚାଲିଯାଅ, ଚାରିଟା ବାଜିବ । ସୁରୁଜୀ ଉଠିଲିଣି କି କଅଣ ?" ରମାକାନ୍ତ ପିଣ୍ଡାକୁ ଯାଇ ଆକାଶକୁ ଅନାଇ ଚାରିଟା ସମୟ ହେବ ବୋଲି ଅନୁମାନ କଲେ । ସେ ଦିନ ଗୋଟାଏବେଳେ ଆସିଥିଲେ । ଏ ଚାରି-ଘଣ୍ଟା ସମୟ କୁଆଡ଼େ କାନକୁଣ୍ଡାଇଲି ପରି ଚାଲିଗଲା । ସେ ବଡ଼ କରୁଣ କଣ୍ଠରେ କହିଲେ "ରେନୁ ! ତେବେ ଯାଉଛି । ପହର ଦିନ-ଠାରୁ ଆଉ ତୁମକୁ ବିରକ୍ତ କରିବାକୁ ଆସିବି ନାହିଁ ଯେ !" ରମା-କାନ୍ତଙ୍କର କଣ୍ଠରେ କ୍ରନ୍ଦନର ମୂର୍ଚ୍ଛନା ଫୁଟି ଉଠିଲା । ରେଖା ମଧ ଅତି କରୁଣ ସ୍ୱରରେ କହିଲେ, "ହଁ ବାପା ଆଜି ସକାଳେ ବଡ଼ ବ୍ୟସ୍ତ ହୋଇ କହୁଥିଲେ, କାଲି ରାତି ନଅଟା ବେଳ ଏକ୍ସ-ପ୍ରେସରେ ଯିବ, ଏତେବେଳ ଯାଏଁ କାହିଁକି ଆସିଲା ନାହିଁ । କୋଉ ପ୍ୟାଣ୍ଟ ଯୋଡା ଆଉ କେଉଁଠି କ'ଣ କଣା ହେବ" । ଆଚ୍ଛା ତୁମର ଏତେ ବିଳମ୍ବ ହେଲା କାହିଁକି ? ।

ରମାକାନ୍ତ, "କଅଣ କରିବ, ମୁଁ କଅଣ ମନ ଖୁସିରେ ରହିଲି । ବସା ମରାମତି, ପୁରୁଣା ଜିନିଷପତ୍ର ବିକି ବଟା ଓ ଭଲ ଭଡ଼ାଟିଆ ରଖିବା ଇତ୍ୟାଦିର ଯୋଗାଡ଼ କରୁ କରୁ ଏତେ ଡେରି ହେଲା । ମଉସାଙ୍କ ବିବାଦ ଅନୁସାରେ କାମ ନ ଛୁଣ୍ଡାଇ ଆସନ୍ତି କିପରି ? ଛାଡ଼ ସେ କଥା । ମୁଁ ଭାଗଲପୁର ଯିବା ପୂର୍ବରୁ ଆଉ ତୁମ ସାଙ୍ଗରେ ଏକାନ୍ତରେ ଦେଖା ହେବନାହିଁ । ତେବେ ଏହାହିଁ ଶେଷ ଏକାନ୍ତ ଦେଖା ।" ତତ୍ପରେ ସେ ରେଖାଙ୍କର ଚିବୁକ ଧରି କହିଲେ "ରୁନୁ ! ତେବେ ବିଦାୟ ଦିଅ । ମନେ କରୁଥିବ । ପାସୋରି ଦେବନାହିଁ । ପୁଣି କେବେ ଫେରି ତୁମକୁ ଦେଖିବି ଈଶ୍ୱର ଜାଣନ୍ତି ।" ଲୋତକପୂର୍ଣ୍ଣ ଚକ୍ଷୁରେ ରେଖାଙ୍କର ନବଚୁମ୍ବନ ଅଭିଜ୍ଞ ଗଣ୍ଡମଣ୍ଡଳରେ ଗୋଟିଏ ସୂକ୍ଷ୍ମ ଚୁମ୍ବନ ଅଙ୍କନ କରିଦେଲେ । ରେଖା ଏଥର କୌଣସି ଆପତ୍ତି କଲେନାହିଁ । ତାଙ୍କ ଚକ୍ଷୁ ମଧ୍ୟ ଲୁହ ଛଳ ଛଳ ହୋଇଯାଇଥିଲା । ରମାକାନ୍ତ ରେଖାଙ୍କର ଲୋତକ-ପୂର୍ଣ୍ଣ ମୁଖମଣ୍ଡଳକୁ କରୁଣ ନୟନରେ ଅନାଇ କହିଲେ "ଏହି ଚୁମ୍ବନର ସ୍ମୃତିକୁ ସମ୍ବଳ କରି ଦୀର୍ଘ ଛଅମାସ କାଳ ଦୂରବିଦେଶରେ କଟାଇବାକୁ ହେବ । ଯାଉଛି ମନେ କରୁଥିବ ।" ପଛକୁ ଚାହିଁ ଚାହିଁ ଦାଣ୍ଡଘରକୁ ଚାଲିଗଲେ । ସତକୁ ସତ ବିନ୍ଦୁ ଠିକ୍ ସେହି ସମୟରେ ସ୍କୁଲରୁ ଆସି ପହଞ୍ଚିଲା । ତା'ର ଡାକରେ ସୁରୁଜାର ନିଦ୍ରା ଭଙ୍ଗ ହେଲା । ସେ ରମାକାନ୍ତଙ୍କୁ ଦେଖି ପଚାରିଲା "ବାବୁ ଭାରି ବ୍ୟସ୍ତ ହେଉଥିଲେ । କେତେବେଳେ ଆସିଲ କି ? ।"

ରମାକାନ୍ତ—"ଏହି ତ ଆସି ପହଞ୍ଚିଲି । ରୁନୁ ଘରେ ଅଛି ତ ?"

ସୁରୁଜା, "ଘରେ ନ ରହି ଆଉ କୁଆଡ଼େ ଯିବ । କାଲି ରାତି-

ଯାକ ମୋତେ ଶୋଇଦେଇ ନାହିଁ, ଖାଲି ସବୁବେଳେ ରମାଭାଇ କାହିଁକି ଆସିଲେ ନାହିଁ, ଦେହ କଅଣ ଖରାପ ହେଲା କି ? ବଡ଼ ସ୍ନେହରଙ୍କୁଣୀ ଝିଅଟାଏ ।" ତତ୍‌ପରେ ଭିତର ଖଞ୍ଜାକୁ ଯାଇ ରେଖାଙ୍କୁ କହିଲା "ରେଖା ଅପା ! ନେ ତୋ ରମା ଭାଇଙ୍କୁ ନେ; କାଲି ସାରା ରାତିଟା ମତେ ପରା ଶୋଇ ଦେଇ ନଥିଲୁ ।"

ରେଖା, "ଅଲକ୍ଷଣୀ ପୋଡ଼ାମୁହିଁକି ମରଣ ନାହିଁ । ବାପାଙ୍କ ଆସିବା ବେଳ ହୋଇଗଲାଣି । ଜଳଖିଆ କେତେବେଳେ ହେବ ।" ଏହି ସମୟରେ ବିପିନବାବୁ ମଧ୍ୟ କଚେରିରୁ ଫେରିଲେ । ରମାକାନ୍ତ ଆସିଥିବେ ବୋଲି ଅନୁମାନ କରି ସେଦିନ ବିପିନବାବୁ ଚଞ୍ଚଳ ଫେରିଥିଲେ । ରମାକାନ୍ତଙ୍କୁ ଦେଖି ଯାଜପୁରର ସମସ୍ତ ହାଲ ଚାଲି ବୁଝିଲେ । ତା' ପରେ ଦୁହେଁଯାକ ଜଳଖିଆ କରି ବଜାରକୁ ବାହାରିଲେ । ଜିନିଷପତ୍ର କିଣାକିଣି କରି ଫେରିଲା ବେଳକୁ ପ୍ରାୟ ରାତି ସାଢ଼େ ଦଶଟା । ରାତ୍ର ଭୋଜନ ଶେଷ କରି ସମସ୍ତେ ବିଶ୍ରାମ କଲେ ।

ନିଦ୍ରା ଦେବୀଙ୍କର କାଉଁରି-ସ୍ପର୍ଶରେ ସମସ୍ତେ ଶୋଇ ପଡ଼ିଲେ ମାତ୍ର ବିପିନବାବୁଙ୍କ ବସାରେ ଯୁଗ୍ମେଟି ଚକ୍ଷୁକୁ ସେ ସ୍ପର୍ଶ ଦ୍ରବୀଭୂତ କରି ପାରିନଥିଲା ।

ସେହିଦିନର ଦୁଇପହରିଆବେଳେ ରମାକାନ୍ତ ରେଖାଙ୍କୁ "ଆଉ ପନ୍ଦରଦିନ ଠାରୁ ତୁମକୁ ବିରକ୍ତ କରିବିନାହିଁ ଯେ" ଏହି କଥା କହିଲାବେଳେ ରେଖାଙ୍କର ଚୁମ୍ବନ-ଫାଟଲ ମୁହଁଟି ହଠାତ୍ କିପରି ନିଷ୍ପ୍ରଭ ହୋଇଯାଇଥିଲା ଓ ତାଙ୍କର ଚକ୍ଷୁଦ୍ୱୟଟି କିପରି ଲୋତକ-

ପୂର୍ଣ୍ଣ ହୋଇ ଯାଇଥିଲା ସେହି ସ୍ମୃତିଗୁଡ଼ିକ ବାସ୍ତବ ଦୃଶ୍ୟ ପରି ତାଙ୍କ ଆଖି ଆଗରେ ନାଚଗଲା ।

ତେଣେ ବିନିଦ୍ର ଶଯ୍ୟାରେ ରେଖାଙ୍କୁ ଜଣାଗଲା, ଯେପରି କି ରମାଭାଇଙ୍କର ଚୁମ୍ବନର ଉଷ୍ଣତା ସେ ପର୍ଯ୍ୟନ୍ତ ତାଙ୍କର ଉଭୟ ଗଣ୍ଡରେ ଲଗି ରହିଛି । ଏଥିରେ କି ନିଦ ହୁଏ !

ତହିଁ ଆର ଦିନ ସକାଳୁ ଉଠି ଗାଧୋଇ ଜଳଖିଆ କରି ବଜାରକୁ ଗଲେ । ଫେରୁ ଫେରୁ ପ୍ରାୟ ଏଗାରଟା ବାଜିଗଲା । ଖିଆ ପିଆ ଶେଷ କରି ବିପିନବାବୁ ଟିକିଏ ବିଶ୍ରାମ କଲେ ।

ରେଖାଙ୍କୁ ଏକାନ୍ତରେ ଭେଟିବାପାଇଁ ରମାକାନ୍ତ ବିଶେଷ ଚେଷ୍ଟା କଲେ, ଥରେ ମାତ୍ର ଅଳ୍ପ ସମୟପାଇଁ ତାଙ୍କୁ ଦେଖିବାର ସୁଯୋଗ ପାଇଲେ ମାତ୍ର ରେଖାଙ୍କର ଅଶ୍ରୁଭରା କରୁଣ ଚାହାଣୀ ଦେଖି ତାଙ୍କ ତୁଣ୍ଡରୁ କୌଣସି କଥା ବାହାରିଲା ନାହିଁ । କେବଳ ଅଶ୍ରୁପୂର୍ଣ୍ଣ ଚକ୍ଷୁରେ ବିଦାୟ ସଙ୍କେତ ଜଣାଇଲେ ମାତ୍ର ।

ସନ୍ଧ୍ୟା ହେଲା । ରମାକାନ୍ତ ଜିନିଷପତ୍ର ବନ୍ଧାବନ୍ଧି କଲେ । ଆଠଟା ବେଳକୁ ବିପିନବାବୁଙ୍କ ସଙ୍ଗରେ ଖାଇବସିଲେ ! ରେଖା ସବୁଦିନ ପରି ପରିବେଷଣ କଲେ । ବିପିନବାବୁଙ୍କ ପରୋକ୍ଷରେ ଚକ୍ଷୁର ଭଙ୍ଗିମାଦ୍ୱାରା ଉଭୟେ ଉଭୟଙ୍କଠାରୁ ବିଦାୟ ନେଲେ । ବଗିଗାଡ଼ି ଆସିଲା । ଜିନିଷପତ୍ର ଲଦା ହେଲା । ବିପିନବାବୁଙ୍କର ପଦ ବନ୍ଦନା କରି ଭିତର ଖଞ୍ଜା ଆଡ଼େ ଗୋଟିଏ ବ୍ୟାକୁଳ ଦୃଷ୍ଟି ନିକ୍ଷେପ କରି ରମାକାନ୍ତ ଯାଇ ଗାଡ଼ିରେ ବସିଲେ, ଗାଡ଼ି ଚାଲିଲା ।

ଯୋଡ଼ ମନ୍ଥର

ରମାକାନ୍ତ ଯିବାକୁ ଉଦ୍ୟତ ହେବା ସମୟରେ ରେଖା ତାଙ୍କୁ କବାଟ ଫାଙ୍କ ବାଟେ ଏକ ଦୃଷ୍ଟିରେ ଅନାଇ ରହିଥିଲେ । ରମାକାନ୍ତଙ୍କର କରୁଣ କଟାକ୍ଷର ଅର୍ଥ ସେ ବୁଝିପାରି ଲୁହ ପୋଛୁ ପୋଛୁ ତାଙ୍କ ଶୋଇଲା ଘରକୁ ଚାଲି ଆସି ବିଛଣା ଧରିଲେ ।

ସମସ୍ତଙ୍କର ଖିଆ ପିଆ ସରି ଯାଇଥିଲା, ସୁତରାଂ ରେଖା ଶୋଇବାକୁ ଚେଷ୍ଟା କଲେ, ମାତ୍ର ନିଦ ଆସିବ କୁଆଡ଼ୁ ? ଶୂନ୍ୟକୁ ଅନାଇ ସେ ଅନେକ କଥା ଚିନ୍ତା କଲେ । ଆଜି ସେ ପ୍ରଥମ ହୋଇ ଅନୁଭବ କଲେ ଯେ ତାଙ୍କର ଅନ୍ତର ମଧ୍ୟରେ ଗୋଟିଏ ଅବ୍ୟକ୍ତ ଓ ଅଚିନ୍ତ୍ୟମୟ ପରିବର୍ତ୍ତନ ଘଟିଯାଇଛି । ଗତ ଷୋଳବର୍ଷର ଅନୁଭୂତି ସଙ୍ଗରେ ଏହାର ଯେପରି କି କୌଣସି ଯୋଗସୂତ୍ର ନାହିଁ ।

ଯେଉଁ ବୟସରେ ଝିଅମାନେ ଚେଇଁ କରି ସ୍ୱପ୍ନ ଦେଖନ୍ତି ରେଖାଙ୍କର ସେହି ଷୋଡ଼ଶ ବର୍ଷର ଆଦ୍ୟ ସ୍ପର୍ଶ ସମୟ । ତାଙ୍କୁ ଜଣାଗଲା, ସେ ଯେପରିକି ଏ ବାସ୍ତବ ଜଗତର ବହୁଦୂରରେ ଏକ କଳ୍ପନା ରାଜ୍ୟରେ ବିଚରଣ କରୁଛନ୍ତି । ରକ୍ତମାଂସର ଶରୀର ପରିବର୍ତ୍ତେ ତାଙ୍କ ଶରୀର ଯେପରି କି ଏକ ବାୟବୀୟ ଉପାଦାନରେ ଗଢ଼ା ହୋଇଛି । କେତେବେଳେ ସେହି ଶରୀର ରମା ଭାଇଙ୍କ ସଙ୍ଗରେ ରେଳଡ଼ବାର ନିଭୃତ କକ୍ଷରେ ତାଙ୍କର ବାହୁପାଶରେ ବନ୍ଧି ହୋଇଛି, କେତେବେଳେ ତାଙ୍କର କପାଳ, କପୋଳ ଓ କର୍ଣ୍ଣମୂଳ ରମାଭାଇଙ୍କର ଉତପ୍ତ ଚୁମ୍ବନର ଅମୃତ ପ୍ରଲେପରେ ଉଲ୍ଲସି ଉଠୁଛି ।

ତିରିଶି

ରାତଟିଯାକ ଅର୍ଦ୍ଧତନ୍ଦ୍ରା ଓ ଅର୍ଦ୍ଧଜାଗରଣ ମଧ୍ୟରେ କଟାଇ ରେଖା ବଡ଼ଭୋରରୁ ଶଯ୍ୟା ତ୍ୟାଗ କଲେ । ପୁଣି ରୂପ ଗନ୍ଧାଦ୍ଧ ସମ୍ବଳିତ ପୂର୍ବର ପୁରୁଣା ସଂସାର ଫେରି ଆସିଛି ଓ ତାଙ୍କର ରକ୍ତମାଂସର ଗଢ଼ା ପୁରୁଣା ଦେହଟା ମଧ୍ୟ ଫେରି ଆସିଛି ।

"ରମାଭାଇ ଏତବେଳେ କଅଣ କରୁଥିବେ ? ସେ ଯେପରି ତାଙ୍କ କଥା ବସି ଭାବନା କରୁଛନ୍ତି, ରମାଭାଇ ତାଙ୍କ କଥା କଅଣ ସେହିପରି ଭାବୁଥିବେ ?" ଏହିପରି ଶହ ଶହ ପ୍ରଶ୍ନ ତାଙ୍କ ହୃଦୟରେ ଝୁନ୍ଦ ହୋଇଗଲା । ସବୁଦିନପରି ପୁଣି ସେ ନିତ୍ୟ ନୈମିତ୍ତିକ କର୍ମରେ ବ୍ୟାପୃତା ରହିଲେ ।

ଏହିପରି ସ୍ୱପ୍ନ ଓ ଜାଗରଣ ମଧ୍ୟରେ ନବବରହର ଆଠଟିଦିନ କଟିଗଲା ।

ଦିନେ ଖରାବେଳେ ଡାକ ପିଅନ "ଚିଠିନଅ" ବୋଲି କହି ଖଣ୍ଡିଏ ଲଫାପା ତାଙ୍କ ଦାଣ୍ଡ ପଞ୍ଜୁରିବାଟେ ଘରକୁ ପକାଇ ଦେଇ ଚାଲି ଗଲା । ବସାରେ ଅନ୍ୟ କେହି ନ ଥିଲେ, ସୁରୁଜୀ ଗାଢ଼ ନିଦ୍ରାରେ ପିଣ୍ଡାରେ ଘୁଙ୍ଗୁଡ଼ି ମାରୁଥିଲା । ରେଖା ଦାଣ୍ଡ ଘରକୁ ଯାଇ ଚିଠି ଖଣ୍ଡିକ ଗୋଟାଇ ଆଣିଲେ । ସେ ସାମାନ୍ୟ ଇଂରାଜି ପଢ଼ି ପାରୁଥିଲେ । ଚିଠିଖଣ୍ଡିକର ଶିରୋନାମା ଦେଖି ତାଙ୍କ ହାତ ଥରି ଉଠିଲା ଓ କପାଳ ଦେଶରେ ଘର୍ମ-ବିନ୍ଦୁମାନ ଅଙ୍କୁରି ଉଠିଲା । ଶିରୋନାମାରେ "ସୁରେଖା ଦେଈ, ବିପିନ ବିହାରୀ ଦାସ କାଜି ବଜାର କଟକ" ବୋଲି ଲେଖା ଥିଲା । ରମାଭାଇଙ୍କ ନିକଟରୁ ଯେ ଏ ଚିଠି ଖଣ୍ଡିକ ତାଙ୍କର ନାଁରେ ଆସିଛି, ଏଥିରେ ତାଙ୍କର ସନ୍ଦେହ ନ ଥିଲା । ସେ ଚଞ୍ଚଳପଦରେ ନିଜର ଶୋଇଲା

ଘରକୁ ଯାଇ ଖଟ ଉପରେ ବସିପଡ଼ିଲେ । କମ୍ପିତ ହସ୍ତରେ ଚିଠି ଖଣ୍ଡିକ ଫିଟାଇଲେ । ତାଙ୍କୁ ଜଣାଗଲା ସେ ଘରର ପ୍ରତ୍ୟେକ ପଦାର୍ଥ ଯେପରିକି ସହସ୍ର ସହସ୍ର ଚକ୍ଷୁ ମେଲି କରି ସେହି ଚିଠି ଖଣ୍ଡିକୁ ଏକ ଦୃଷ୍ଟିରେ ଅନାଇ ରହିଛନ୍ତି । ପ୍ରଥମରେ "ପ୍ରାଣେଶ୍ୱରି" ସମ୍ବୋଧନଟି ଦେଖି ଦେଲା ମାତ୍ରକେ ତାଙ୍କ ଛାତିଟା ଉଠିଲାକି ପଡ଼ିଲା । ହାତଟା ଏପରି ଅସମ୍ଭବ ଭାବରେ ଥରିଲା ଯେ ଚିଠି ଖଣ୍ଡିକ ପଢ଼ିବା ତାଙ୍କ ପକ୍ଷରେ ଅସମ୍ଭବ ହେଲା । ବହୁ କଷ୍ଟରେ ଆବେଗ ସମ୍ବରଣ କରି ସେ ଚିଠି ଖଣ୍ଡିକ ପଢ଼ିଲେ । ଥରେ ପଢ଼ିଲେ, ଦୁଇ ଥର ପଢ଼ିଲେ, ଦଶଥର ପଢ଼ିଲେ, କେତେ ଥର ପଢ଼ିଲେ ତଥାପି ତାଙ୍କ ମନ ବୋଧ ହେଲାନାହିଁ । ଚିଠି ଖଣ୍ଡିକୁ ନିର୍ନିମେଷ ନୟନରେ ଚାହିଁ ରହି ଚିନ୍ତା କଲେ :—ଯଦି ତାଙ୍କର ପକ୍ଷୀମାନଙ୍କ ପରି ଦୁଇଟି ଡେଣା ଥାଆନ୍ତା ତେବେ ସେ ଏହି ମୁହୂର୍ତ୍ତରେ ଉଡ଼ିଯାଇ ରମାଭାଇଙ୍କି ଟିକିଏ ଅନାଇ ଦେଇ ପଳେଇଆସନ୍ତେ । ଦେଖିଲ ! ରମାଭାଇ କିପରି ମଣିଷ ? ତାଙ୍କ ନାଁରେ ଚିଠି ପଠାଉଛନ୍ତି ! ନାହିଁ ନାହିଁ ଯଦି ବାପା କିମ୍ବା ଅନ୍ୟ କେହି ଦାଣ୍ଡ ଘରେ ଥାଆନ୍ତେ ତେବେ ସେ ଲଜ୍ଜାରେ ମୁଣ୍ଡ ଟେକି ପାରନ୍ତେନି ।

ରେଖା ତନ୍ମୟ ହୋଇ ଏ ଭାବନାରେ ଏପରି ବୁଡ଼ି ରହିଥିଲେ ଯେ, ତାଙ୍କ ସଙ୍ଗାତ ଗୋପାଳ ବାବୁଙ୍କ ସ୍ତ୍ରୀ ରେଣୁ କେତେବେଳେ ଆସି ତାଙ୍କ ପଛରେ ଠିଆ ହୋଇ ଚିଠି ଖଣ୍ଡିକ ପଢ଼ୁଛନ୍ତି ତାହା ତାଙ୍କୁ ଜଣାଗଲା ନାହିଁ । ରେଖା ପତ୍ର ଖଣ୍ଡିକର ଗୋଟିଏ ଅଂଶକୁ ଲକ୍ଷ୍ୟ କରି ଟିକିଏ ଟିକିଏ ହସି କହିଲେ "ମୁଁ ହେଲି ଦୁଷ୍ଟ, ତୁମେ ଭାରି ଭଲ ଲୋକ, ଏହିଆକୁ କହନ୍ତି ଚୋରି କରି ପାଇକ ପଣ ।

କଥା ଶୁଣି ରେଣୁ ପଚ୍ଛପଟେ ଖେଁ କରି ହସି ଉଠି, କବିସୂର୍ଯ୍ୟ-
'ର ଗୋଟିଏ ଚଉପଦୀର ଘୋଷା ପଦଟି ବୋଲି ଉଠିଲେ
ଜଣା ପଡ଼ିଲାରେ, ବଣା ମୃଗାଖି ! ଚୋ ଗୃଲି ।"

ରେଣୁ ଦେଈଙ୍କର ପାଟି ଶୁଣି ରେଖା ହଠାତ୍ ଚମକି ପଡ଼ି
ଠି ଖଣ୍ଡିକ ପିନ୍ଧା ଶାଢ଼ୀ ମଧ୍ୟରେ ଲୁଚାଇଦେଲେ । ତାଙ୍କ ମୁହଁ
ଳରେ ରଙ୍ଗା ପଡ଼ିଗଲା । ସେ ମୁଣ୍ଡ ଟେକି ପ୍ରିୟ ସଙ୍ଗାତଙ୍କ ମୁହଁକୁ
ନାଇ ପାରିଲେନାହିଁ ।

ରଣୁ, ଗୌତମଙ୍କ ଶାପରେ ଅହଲ୍ୟା ପଥର ପାଲଟି ଗଲେ ପରା ।
କଉଁଦିନ ରାମଚନ୍ଦ୍ରଙ୍କ ପାଦ ଲଗି ପୁଣି ମଣିଷ ହେବ ଆମ ସାଙ୍ଗରେ
ଥାବାର୍ତ୍ତା ହେବ । ଭଲ୍ ଦଶା ଅଛି ଯେବେ ଶଠି ଖଣ୍ଡିକ ଶ୍ରୀଘ୍ର
ମା ହାତକୁ ବଢ଼ାଇ ଦଅ ।

ତଥାପି ରେଖାଙ୍କର ଯୋଗାସନ ଭଙ୍ଗ ନ ହେବାରୁ, ରେଣୁ
ହୁ କଷ୍ଟରେ ରେଖାଙ୍କ ଠାରୁ ସେ ଶଠି ଖଣ୍ଡିକ ଛଡ଼ାଇ ଆଣିଲେ ।
ଠି ଉପରେ ଥରେ ଆଖି ବୁଲାଇଆଣି ଖଣ୍ଡିକାଶ ମାରି ରେଣୁ ଦେଈ
ାରମ୍ଭ କଲେ "ଏଇଥି ଯୋଗୁ କହୁଥିଲୁ ପରା ଯେ ରମା ଭାଇ
ଲ୍ ଲୋକ ତଟେ କଛି କହନ୍ତି ନାହିଁ । ରଖିଲେ ରେ଼ଙ୍ଗ ଚଭୁରା !
ରାଡ଼ି ଆଖି ବୁଜି ଦୁଧ ପିଇଲେ ବଗୃରେ ତାଙ୍କୁ କେହି ଦେଖୁ-
ାହାଁନ୍ତି । ଅାଙ୍ଗଠି ସକାରେ ମଳ, ଭିତରେ ଭିତରେ ସଲ୍ଲ
ଚର, ଦାଣ୍ଡ ଆରମ୍ଭକୁ କଲ । ଏଥି ଭିତରେ ଅଠର ଖଣ୍ଡ ମହା-
ରତ ଆସି ଶେଷ ହେଲା, ଆମେ ବଗୃଟିଙ୍କୁ ନାରାୟଣଂ ନମସ୍କୃତ୍ୟ
ରମ୍ଭ ହେଉଛି ।"

ତତ୍‌ପରେ ଦୁଇ ସଖୀଙ୍କ ମଧ୍ୟରେ ବହୁତ ହସକୌତୁକ ପରେ ସ୍ଥିର ହେଲା ଯେ ରମାକାନ୍ତଙ୍କର ପ୍ରଥମ ପତ୍ରର ଉତ୍ତର ଲେଖି... ଭାର ରେଣୁ ଦେଈଙ୍କ ଉପରେ ଅର୍ପଣ କରାଗଲା । କାରଣ ରେ... ଦେଈ ଦାମୋଦର ବିଦ୍ୟାଳୟରେ ତିନିବର୍ଷ ହେଲା ପାଠ ପଢ଼ିଲେଣି... ଓ ରେଖାଦେଈଙ୍କର ବିଦ୍ୟାରମ୍ଭ ହେଉଛି ମାତ୍ର । ଯଥା ସମୟରେ... ରେଣୁ ରେଖାଙ୍କୁ ଉତ୍ତର ଲେଖି ଦେଇଗଲେ । ସାତ ଆଠଥ... ଲେଖି ସାତ ଆଠଥର କାଗଜ ଚିରି ଶେଷରେ ପତ୍ର ଖଣ୍ଡି... ଲେଖିଲେ, ଆହୁରି ମଧ୍ୟ ଲେଖିଲେ ଯେ ଏଣିକି ରମାକାନ୍ତ ତା... ବସାଠିକଣାରେ ଚିଠି ନ ଦେଇ ରେଣୁ ଦେଈଙ୍କ ନାଁରେ ଓ ତା... ବସାଠିକଣାରେ ପତ୍ର ଦେବେ ।

ରମାକାନ୍ତଙ୍କର ଉତ୍ତର ଆସିବାରେ ଗୋଟିଏ ଦିନ ବିଳ... ହୋଇଗଲେ ରେଖାଙ୍କ ମନରେ ନାନା ଦୁର୍ଭାବନା ଜାତ ହୁଏ... ଦୁଇଦିନ ଡେରି ହୋଇଗଲେ କଥା ସରିଲା । ରେଖା ଦୁଃଖ... ଅଭିମାନରେ ଅଥୟ ହୋଇପଡ଼ନ୍ତି । ଖାଲି ଦେହ ଭଲ ଅ... ବୋଲି ଦିଅକ୍ଷର ଲେଖି ଦେବାକୁ କଅଣ ରମାଭାଇଙ୍କର ବେ... ହୁଏନାହିଁ । ସେ ରମାଭାଇଙ୍କୁ ଯେପରି ସ୍ନେହ କରନ୍ତି, ତା... ପ୍ରତି ରମାଭାଇଙ୍କର ସେପରି ସ୍ନେହ ନାହିଁ କି ତାଙ୍କ କଥା ର... ଭାଇଙ୍କର ମନେ ପଡ଼େନାହିଁ । ଏଥର ରମାଭାଇଙ୍କ ଚିଠି ପାଇଲେ ସେ କେବେ ତା'ର ଉତ୍ତର ଦେବେନାହିଁ । କିଛିଦିନ ପରେ ରମା ଭାଇଙ୍କ ପାଖରୁ ଚିଠି ଆସି ପହଞ୍ଚେ । 'ପତ୍ର ପାଠ ମାତ୍ରେ' ... ଅଭିମାନ କୁଆଡ଼େ ଉଭେଇ ଯାଏ, ଉତ୍ତର ଦେବାକୁ ତର ସ... ନାହିଁ ।

ଚଉତରିଶି

ଏହିପରି ନବ ବିରହର ଅସହ୍ୟ ଦିନଗୁଡ଼ିକ ଆସେ ଓ ଯାଏ । ଏହିପରି ରମାକାନ୍ତଙ୍କର ଦୀର୍ଘ ଦଶଟି ମାସ ଭଗଲ ପୁରରେ ଟିଗଲା ।

ବିପିନ ବାବୁ ଦିନେ କଚେରିରୁ ଫେରି ରେଖାଙ୍କୁ ଶୁଣାଇ ରୁଜାକୁ କହିଲେ, "ରମୁଠାରୁ ଆଜି ଚିଠି ପାଇଛି, ସେ କାଲି ୨ ବାରଟା ଗାଡ଼ିରେ ଆସି ପହଞ୍ଚିବ । କାଲି ସକାଳେ କଣ ଘରୁ ଠଣା ଆଣି ଦାଣ୍ଡଘରେ ପକାଇ ଦେବ, ରମୁ ସେହିଘରେ ଶୁଆ ବସା କରିବ । ଆଉ ତା ପାଇଁ ପରଠା, ତରକାରୀ ଓ ଦୁଧ ରଖିବ, ସେ ଆସିଲେ ଜଳଖିଆ କରିବ, ମୁଁ ମଧ୍ୟ ବଜାରରୁ କିଛି ମିଠା କିଣି ଆଣିବି ।"

ରେଖା ଚାରିଦିନ ପୂର୍ବରୁ ରମାକାନ୍ତଙ୍କର ପତ୍ରରୁ ଏ ବିଷୟ ଣିଥିଲେ, ତଥାପି ପିତାଙ୍କର ତୁଣ୍ଡରୁ ଏ କଥା ଶୁଣି ତାଙ୍କ ଚିତ୍ତ ଲୁକ ଉଠିଲା । ଉତ୍କଣ୍ଠାରେ ସେ ଦିନ ରାତିଟି ବଡ଼ କଷ୍ଟରେ ଟିଲା । ସକାଳ ହେଲା । ରେଖା ଚଞ୍ଚଳ ନିତ୍ୟକର୍ମ ବଢ଼ାଇ ଗୃହ ର୍ମରେ ବ୍ୟାପୃତା ରହିଲେ । ବିପିନ ବାବୁ ଖାଇକରି କଚେରିକୁ ବା ସମୟରେ ପୁଣି ଥରେ ଦାଣ୍ଡଘରେ ଖଟ, ଚୌକି ଓ ଟେବୁଲ ଯୋଡ଼ି କରି ପକାଇବାପାଇଁ ସୁରୁଜାକୁ ଚେତାଇ ଦେଇ ଲିଗଲେ ।

ରେଖା ଖିଆ ପିଆ କରି ସୁରୁଜାଙ୍କୁ ସାଙ୍ଗରେ ଧରି ଦାଣ୍ଡ ର ଝାଡ଼ାଝାଡ଼ି କରି, କଣ ଘରୁ ଖଟଟି ଆଣି ପକାଇଲେ, ଥା ସ୍ଥାନରେ ଟେବୁଲ ଓ ଚୌକି ପକାଇଲେ । ସୁରୁଜା ଏତକ

କାମ କରି ଦିବାନିଦ୍ରା ଉପଭୋଗ କଲି । ତତ୍ପରେ ରେଖା ନିଜର ଶୋଇବା ଘରକୁ ଯାଇ ଘରଟି ପରିଷ୍କାର କରି ଓଳିଆ-ପୋଛିଆ କଲେ । ଜିନିଷପତ୍ରଡକ ପରିପାଟୀ କରି ରଖିଲେ । ଏହି ସମୟରେ ରେଣୁ ଦେଇ ଆସି ପହଞ୍ଚିଲେ । କଅଣ ଦେଖିବ ଆଖିଛଟକ, ଖଣ୍ଡିକାଶ, ଓ ଡଗଡମାଳର ସୁଅ । ସେ ଦିନ ରାତିକୁ ରମାକାନ୍ତ ଆସିବେ ବୋଲି ସେ ରେଖାଙ୍କର ପତ୍ରରୁ ଜାଣିଥିଲେ । ନବବିଚ୍ଛେଦ-କାତର ପ୍ରିୟ ସଖୀଙ୍କର ଦୁଃଖରେ ସେ ସମବେଦନା ଅନୁଭବ କରୁଥିଲେ ସୁତରାଂ ରମାକାନ୍ତଙ୍କର ପ୍ରତ୍ୟାବର୍ତ୍ତନପାଇଁ ସେ ମଧ୍ୟ ଉନ୍ମୁଖ ହୋଇ ରହିଥିଲେ । ପ୍ରିୟ ସଖୀଙ୍କର ପ୍ରଫୁଲ୍ଲଭାବ ଲକ୍ଷ୍ୟ କରି ମନଫୁଲିଶିଆ ଦୁଇ ଚାରି କଥା କହି ଶେଷରେ କହିଲେ "ସଙ୍ଗାତ ଚଞ୍ଚଳ ଆସ, ମୁଣ୍ଡଟା ଭାଲୁକୁଣୀ ମୁଣ୍ଡବାଳ ପରି ହୋଇଛି, କୁଣ୍ଡାଇ କରି ବେଣୀଟା ପକାଇ ଦିଏ, ଗୋଡ଼ରେ ଅଳତା ଟିକିଏ ଲଗାଇ ଦିଏ ।"

ରେଖା, "ମୋର ଗରଜ ପଡ଼ିଛି" !

ରେଣୁ, "ତୋର ଗରଜ ନ ପଡ଼ିଲେ ମୋର ଗରଜ, ଆଉ କେତେ ପ୍ରେମପରା ହେଉଛୁ" ? ।

ବହୁତ ଝିଙ୍କା ଓଟରା ପରେ ମୁଣ୍ଡଟି ଯତ୍ନ କରି ବାନ୍ଧି ଦେଲେ ମାତ୍ର ଗୋଡ଼ରେ ଅଳତା ଦେବାକୁ ରେଖା ଜମା ମଙ୍ଗିଲେ ନାହିଁ. କହିଲେ "ଛି ଛି ! ଏଗୁଡ଼ାକ କି ଅଲଜୁକ କଥା, ବାପା ଦେଖିବେ ସୁରୁଜା ଟା ବି ଦେଖିବ, କଅଣ ବାଣ୍ଟରିବେ । ତତ୍ପରେ ଉପରେ ପଡ଼ି ପ୍ରିୟ ସଙ୍ଗାତଙ୍କୁ କେତେଗୁଡ଼ିଏ ଉପଦେଶ ଦେଇ ଘୁଞ୍ଚି-ଗଲେ ।

---

ଛତିଶି

## ୫

ବିପିନବାବୁ କଚେରିରୁ ଫେରି ଜଳଖିଆ କଲାବେଳେ ରେଖାଙ୍କୁ କହିଲେ "ରମୁ ପ୍ରାୟ ସାଢ଼େ ବାରଟାବେଳେ ଆସି ପହଞ୍ଚିବ, ପରଟା, ତିଅଣ ଓ ଦୁଧ ରଖିଥିବ । ମୁଁ ବଜାରରୁ ମିଠା ଆଣିବି । ପିତାଙ୍କ ମୁଖରୁ ଏ କଥା ଶୁଣି ରେଖାଙ୍କୁ ରାତି ଭୋଜନ ପରେ ବିପିନବାବୁ ଶୋଇବାକୁ ଗଲାବେଳେ ସୁରୁଛିଙ୍କୁ କହିଲେ, "ତୁ ଦାଣ୍ଡ ଘରେ ଶୋଇବୁ, ଆଲୁଅଟା କମେଇ କରି ରଖିବୁ । ରମୁ ଆସିଲେ କବାଟ ଫିଟାଇବୁ ।"

ସମସ୍ତେ ଖାଇଁ କରି ଶୋଇଲେ ମାତ୍ର ରେଖାଙ୍କର ଆଖି ଲାଗି ହେଲା ନାହିଁ । ଦଶଟା ବାଜିଲା; ସତେ ଯେପରି ଦୁଇ ତିନି ଘଣ୍ଟା ପରେ ଏଗାରଟା ବାଜିଲା, ପୁଣି ଗୁଡ଼ିଏ ପାଞ୍ଚଘଣ୍ଟା ପରେ ବାରଟା ବାଜିଲା । ରେଖା ତନ୍ମୟ ହୋଇ ଚିନ୍ତା କଲେ "ସଙ୍ଗୀତ କହୁ- ଥିଲେ ଠିକ୍ ରାତି ବାର ବେଳକୁ ଗାଡ଼ି ଆସି ଲାଗିବ, ଷ୍ଟେସନରୁ ରିକ୍ସା ଗାଡ଼ିରେ ଆସି ଏଠାରେ ପହଞ୍ଚିବାକୁ ଅତି ବଡ଼ରେ ଅଧ- ଘଣ୍ଟାଏ ଲାଗିବ । ସୁତରାଂ ସାଢ଼େ ବାରଟା ବେଳକୁ ନିଶ୍ଚୟ ଆସି ପହଞ୍ଚିବେ । ଆଚ୍ଛା ରମା ଭାଉଜ ଝିଅଙ୍କୁ ଯାଇଥିବେ ନା ମୋଟା ହୋଇଥିବେ"! ଏହିପରି ଆଉ କେତେ ଭାବନା । ତାଙ୍କର ଭାବନା ଭଙ୍ଗ କରି ଘୋଡ଼ା ଗାଡ଼ି ଆସିବାର ଶବ୍ଦ ଶୁଣାଗଲା । ରେଖାଙ୍କର ପାଦଠାରୁ ତଳିପା ପର୍ଯ୍ୟନ୍ତ ଶିହରି ଉଠିଲା । ସେ ନିଃଶବ୍ଦରେ କବାଟ ଖୋଲି ପିଣ୍ଡାକୁ ଆସି କାନେଇଲେ । କାହିଁ ଗାଡ଼ିତ ତାଙ୍କ ଘର ପାଖରେ ଅଟକିଲା ନାହିଁ । ରେଖା ଚିନ୍ତା କଲେ "କଅଣ

ବସା ବାର ପାରିଲେ ନାହିଁ କମ୍ବା ପଛ ଗାଡ଼ିରେ ଆସି ପହଞ୍ଚିବେ । ଆହୁରି କିଛି ସମୟ ଗଲା । କୌଣସି ଘୋଡ଼ାଗାଡ଼ି ସେବାଟେ ଯିବାର ଶବ୍ଦ ଶୁଣା ଗଲାନାହିଁ । ଅନେକ ସମୟ ଅପେକ୍ଷା କ ରେଖା ଭାବନା କଲେ, "ତେବେ କଅଣ ହେଲା ? କାହିଁକ ଆସିଲେ ନାହିଁ ମୁଁ କଅଣ ଆଜି ତାରିଖ ଭୁଲ ପଢ଼ିଛି । ତାହା ତ ନୁହେଁ । ବାପାଙ୍କ ଚିଠିରେ ମଧ୍ୟ ଆଜି ଆସିବେ ବୋ ଲେଖା ଥିଲା ।"

ଘରୁ ପିଣ୍ଡାକୁ ଓ ପିଣ୍ଡାରୁ ଘରକୁ ଯା ଆସ କରୁ କରୁ ସନ୍ଧ୍ୟ ଫାଟିଲା । କ୍ରମେ କ୍ରମେ ଗୁରଆଡ଼ ଫରଚ୍ଛ ହୋଇଗଲା, କୁ କୋଇଲି ରବ ଦେଲେ । ରେଖା ପ୍ରାତଃକୃତ୍ୟରେ ବାଧ୍ୟ ହୋ ଲାଗିଲେ । ବିପିନବାବୁ ଉଠି ଦାନ୍ତ ଘଷିବା ସମୟରେ ରେଖା ଦେଖି କହିଲେ, "କାହିଁ ? କାଲି ରାତିରେ ତ ରମୁ ଅଇଲା ନା ବୋଧହୁଏ ଗାଡ଼ି ଫେଲ୍ ହେଲା ।" ମାତ୍ର ରେଖାଙ୍କର ମନ ଥ ହେଲାନାହିଁ । କୌଣସି ଦୁର୍ଘଟଣା ଘଟିନାହିଁ ତ ? ସେ ଶୋଇ ଘରକୁ ଯାଇ ଅନେକ କଥା ଚିନ୍ତା କଲେ ଓ ରମାକାନ୍ତଙ୍କ ନିର୍ବିଘ୍ନ ପ୍ରତ୍ୟାବର୍ତ୍ତନ ପାଇଁ କଟକ ଚଣ୍ଡୀଙ୍କ ଉଦ୍ଦେଶ୍ୟରେ ଲ ମୁଣ୍ଡିଆ ମାଇଲେ ।

ବିପିନବାବୁ ଖାଇକରି କଚେରୀକୁ ଗଲେ । ରେଣୁ ଦେଈ ଅ ପହଞ୍ଚି ଆରମ୍ଭ କଲେ, "ଶ୍ୟାମ ନ ଅଇଲେ ଗୋ ଘନ ରାତିରେ ଆଉ ପଦକ ବୋଲିବାକୁ ଯାଉଥିଲେ ମାତ୍ର ରେଖାଙ୍କର ମନ ମୁହଁକୁ ଅନାଇ ଦେଇ କହିଲେ, "କିଛି ଚିନ୍ତା ନାହିଁ । ମ

ଂଗତ ଉତ୍ସବ ଜଣା, ଆଜ ରାତିରେ, ପହଞ୍ଚିବୁ ବନ୍ଧୁଙ୍କର
ାତିରେ ।"

ରେଖା, ଉତ୍ତମ ! ସଙ୍ଗୀତ ତୁମର ସବୁବେଳେ ଖାଲି
ସେହି କଥା, ମୁଁ ଯାଉଛି, ମୋର କେତେ କାମ ଅଛି ।
ିଣ୍ଡି ପଖଲା ହୋଇନାହିଁ । ସେତେବେଳ ଘରଟା ଆଣ୍ଠୁଏ ଅଳଆ
ହୋଇ ପଡ଼ିଛି ।

ରେଣୁ, "ହଁ ଏ କୈଫିୟତ୍ ତ ଶୁଣିଲି ମାସ ଆଗ ଧରି ଯେ
ନ୍ଧାଟିଆ ଆଖିପଟ ରଙ୍ଗ ଝଟ ଝଟ ଦିଶୁଛି, ଏହାର ତ କାଲି
କୈଫିୟତ୍ ଦେଲ ନାହିଁ ।" ରଙ୍ଗ ରହସ୍ୟରେ ଆଉ ଦୁଇଘଣ୍ଟାଏ
ଲି ଶେଷରେ ଦେଖିଲେ ଯେ ବର୍ତ୍ତମାନ ଥଟ୍ଟାପରିହାସ କରିବାର
ମୟ ନୁହେଁ । ରମାକାନ୍ତ ନ ଆସିବାରୁ ଏ ଉତ୍କଣ୍ଠିତା ବାଳିକାଟି
ଏ ଅତ୍ୟନ୍ତ କାତର ହୋଇ ପଡ଼ିଛି । ଏହା ବୁଝିପାରି ମାନେ ମାନେ
ଦାୟ ନେଲେ ।

ବିପିନବାବୁ ସେଦିନ କଚେରିରୁ ଶୀଘ୍ର ଫେରିଲେ, ରେଖାଙ୍କୁ
ଶାଇ ସୁରୁଖାକୁ, "କହିଲେ ରମୁ ତାର କରିଛି, ସେ ଗାଡ଼ି ଫେଲ୍
ାଲି, ଆଜ ରାତି ବାରଟାରେ ଆସି ପହଞ୍ଚିବ । କାଲି ରବିବାର
ଂସିଂ ମୁଁ ଆଜ ସନ୍ଧ୍ୟାଗାଡ଼ିରେ ପୁରୀ ନ ଗଲେ ନ ଚଳେ ।
ଡ଼ିର ସରକାରୀ କାମ ଅଛି । ଗୁରୁ ପିତୃକାର୍ଯ୍ୟ କର ରାଜକାର୍ଯ୍ୟ ।
ାଣ କରିବ । ମୁଁ ଫେରୁ ଫେରୁ ମଙ୍ଗଳବାର । ତୁ ଦାଣ୍ଡ ଘରେ
ାଇବୁ, ରମୁ ଆସିଲେ କବାଟ ଫିଟାଇବୁ । କାଲପରି
ଖିଆ ଠିକ୍ କରି ରଖିଥିବ, ରମୁ ଆସିଲେ ଖାଇବାକୁ ଦେବ ।
ଉ ଦେଖ ତା ଖାଇବା ପିଇବା ଭଲକରି ବୁଝିବ । ମୁଁ ମଧ୍ୟ

ଗୋପାଳବାବୁଙ୍କୁ କହିଦିବ ସେ ମଝେ ମଝେ ଆମ ବସାକୁ ଆସି ରମୁର ଖବର ଅନ୍ତର ବୁଝି ଯାଉଥିବେ" ।

ଖାଇକରି ସନ୍ଧ୍ୟାକୁ ବିପିନବାବୁ ଷ୍ଟେସନକୁ ଗଲେ । ଗଲା-ବେଳେ ରମାକାନ୍ତଙ୍କର ଉପଯୁକ୍ତ ତତ୍ତ୍ୱ ନେବା ବିଷୟରେ ସୁରୁଙ୍ଗାକୁ ଆକଟ କରି କହିଗଲେ ।

ରେଖା ସୁରୁଙ୍ଗା ଓ ବନ୍ଧୁଙ୍କର ଖିଆପିଆ ଶେଷ ହେଲା । ରେଖା ଭାତହାଣ୍ଡିଟା ନେଇ ଚୁଲିଗଣ୍ଡା ଉପରେ ଥୋଉ ଥୋଉ ତାହା ତାଙ୍କ ହାତରୁ ତଳେ ଖସିପଡ଼ି ଛତ୍ରଗୁଲ୍ ହୋଇଗଲା । ଆସ୍ତୁ ଆସ୍ତୁ ଡାଲଟାକୁ ଝୁଣ୍ଟି ପକାଇଲେ, ଘରଯାକ ପାଣିରେ କାଦୁଅ ହୋଇ-ଗଲା । ତା ପରେ ମୁଗଜାଇ ପାଚିଆଟା ଅଧାକାନ୍ଥି ଉପରୁ ଆଣ୍ଠୁ ଆଣ୍ଠୁ ତାହା ଘରଯାକ ବିଞ୍ଚି ହୋଇଗଲା । ଏସବୁ ଦେଖି ସୁରୁଙ୍ଗା କହିଲା " ମଲିମୋର ! ଆଜି ଏ ଝିଅଟା ଏପରି ଉଲୁକ୍‌ମାତ ହେଉଛି କାହିଁକି ମ ?" ରମାଭାଇଙ୍କର ଆଗମନ ପ୍ରତୀକ୍ଷାରେ ରେଖାଙ୍କର ହୃଦୟ ମଧ୍ୟରେ ଯେ ଯୋଡ଼-ଦଉଡ଼ ଚାଲିଛି ତାହା ସୁରୁଙ୍ଗାର ବନ୍ଧୁ ଜ୍ଞାନରୁ ପ୍ରଣୟ ପାସୋରି ମନ, ବା କିପରି ଅନୁମାନ କରିବ ? ଯେ କୌଣସି ପ୍ରକାରେ ଗୃହକର୍ମ ଶେଷ କରି ରେଖା ଆଉଥରେ ଘଷିମାଜି ହୋଇ ଗାଧୋଇଲେ । ତତ୍ପରେ ଶୋଇବା ଘରକୁ ଯାଇ ଦର୍ପଣରେ ମୁହଁ ଦେଖି କପାଳରେ ଗୋଟିଏ ବୁନ୍ଦା ସିନ୍ଦୁର ଟୋପା ଦେଲେ, ଭଲ ଲୁଗା ଓ ଖଣ୍ଡିଏ ରଙ୍ଗୀ ବ୍ଲାଉଜ ପିନ୍ଧି ପୁଣି ଥରେ ଦର୍ପଣରେ ମୁହଁ ଦେଖିଲେ । ତାଙ୍କ ମୁହଁରେ ଗୋଟିଏ ପ୍ରଶାନ୍ତ ହାସରେଖା ପରିସ୍ଫୁଟ ହୋଇ ଉଠିଲା । ଖା ଉପରେ ବସି ଖଣ୍ଡିଏ ବହି ପଢ଼ିବାକୁ ଆରମ୍ଭ କଲେ । ମ

ଲାଗିଲା ନାହିଁ । ବହି ଖଣ୍ଡିକ ଘେନି ଦାଣ୍ଡ ଘରକୁ ଗଲେ । ସୁରୁଙ୍ଗା ଶୋଇନଥିଲା । ରେଖାଙ୍କୁ ଦେଖି ଗୋଟିଏ କାହାଣୀ କହିବାକୁ ଧୁମ୍ ଲଗାଇଲା । ରେଖା ବାଧ୍ୟ ହୋଇ ଗୋଟିଏ ଗଳ୍ପ ଆରମ୍ଭ କଲେ । ସେଇଟି ରଜାପୁଅ, ମନ୍ତ୍ରୀପୁଅ, ସାଧବ ପୁଅ ଓ କଟୁଆଳ ପୁଅ ସାଙ୍ଗ ହୋଇ ବିଦେଶ ଯିବା କଥା । ଅଳ୍ପ ସମୟ ପରେ ସୁରୁଙ୍ଗାର ଘୋର ନାସିକା ଧ୍ୱନି ଆରମ୍ଭ ହେବାରୁ, ରେଖା କାହାଣୀ ବନ୍ଦ କରି ବହି ପଢ଼ିବାକୁ ଚେଷ୍ଟା କଲେ । ମନ ଲାଗିଲାନାହିଁ । ଖାଲି ରମାଭାଇଙ୍କ ଭାବନାଗୁଡ଼ାକ ତାଙ୍କ ମନଭିତରେ ଖୁନ୍ଦି ହୋଇଗଲା । ଘଣ୍ଟା ଦେଖିଲେ । ସାଢ଼େଏଗାରଟା ବାଜିଛି । ଓହୋ ! ଆହୁରି ବଜର ଘଣ୍ଟାଏ । ବହୁତ ସମୟ ଛଟପଟ ହୋଇ ତାଙ୍କ ଆଖିପତା ଟିକିଏ ଲାଗିଗଲା । କିଛି ସମୟ ପରେ ହଠାତ୍ ନିଦଟା ଭାଙ୍ଗିଗଲା । ସେ ଘଣ୍ଟା ଦେଖିଲା ବେଳକୁ ସାଢ଼େବାରଟା ବାଜିଗଲାଣି । ସେ ଚିନ୍ତା କଲେ " କାହିଁ ଆସିଲେ ନାହିଁ ତ ? ାଲି ପରେ କଅଣ ଆଉ ଆସିବେ ନାହିଁ" ! ଏହି ସମୟରେ ଘୋଡ଼ା ଗାଡ଼ି ଆସିବାର ଶବ୍ଦ ଶୁଣାଗଲା । ରେଖା ନିଃଶ୍ୱାସ ବନ୍ଦ କରି କାନ ପାରିଲେ । ଗାଡ଼ି ଆସି ତାଙ୍କ ଦୁଆର ମୁହଁରେ ହେଲା । "ଏଇଠି ରଖ" ବୋଲି ଶୁଣାଗଲା । ଏହା ଯେ ରମାଭାଇଙ୍କର ଅତି ପରିଚିତ କଣ୍ଠସ୍ୱର ଏଥିରେ ରେଖାଙ୍କର କୌଣସି ସନ୍ଦେହ ରହିଲା ନାହିଁ । ସେ ହଠାତ୍ ଦାଣ୍ଡ ଦୁଆର ଫିଟାଇବାକୁ ଦୌଡ଼ି ଗଲେ, ମାତ୍ର ମନରେ କଅଣ ଭାବି ଫେରିପଡ଼ି ସୁରୁଙ୍ଗାକୁ ଉଠାଇଲେ । ସୁରୁଙ୍ଗା ଗାଢ଼ ନିଦ୍ରାରୁ ଉଠି ବିରକ୍ତ ହୋଇ କହିଲା, "ଆଲୋ ମୋର ! ମୁଁ କଅଣ ଶୋଇଛି । ହଁ ସେଥିରୁ ମନ୍ତ୍ରୀ ପୁଅ ପାଣି ଆଣିବାକୁ ଗଲା । ତାପରେ କଅଣ ହେଲା ?" ଏହି

ସମୟରେ ରମାକାନ୍ତ "ବନ୍ଦୁ ବନ୍ଦୁ" ବୋଲି ଦ୍ୱାରରେ କରାଘାତ କଲେ । ରେଖା ସୁରୁଜୀ ପାଖକୁ ଲାଗି ଆସି ତୁନି ତୁନି କରି କହିଲେ "ମଲା ଅଲକ୍ଷଣୀଟା, ରମାଭାଇ ଫେରି ଡାକୁଛନ୍ତି; ଚଞ୍ଚଳ କବାଟ ଫିଟାଇ ଦେ ।"

ସୁରୁଜୀ କବାଟ ଫିଟାଇବାକୁ ଗଲା । ରେଖା କମ୍ପିତ ହୃଦୟରେ ଖଞ୍ଜାଭିତରକୁ ପଶିଯାଇ ଭିତର କବାଟ ପାଖରେ ଲୁଚିକରି ଠିଆ ହେଲେ ।

ସୁରୁଜୀ କବାଟ ଫିଟାଇଲା । ରମାକାନ୍ତ ଘର ଭିତରକୁ ଆସିଲେ । କରୁଆନ ଜିନିଷପତ୍ର ଆଣି ଦାଣ୍ଡ ଘରେ ରଖି ଭଡ଼ା ନେଇ ଚାଲିଗଲା । ଦାଣ୍ଡ କବାଟ ଦିଆଗଲା ।

ରମାକାନ୍ତ ସୁରୁଜୀକୁ ପଚାରିଲେ "ମଉସା ।"

ସୁରୁଜୀ—ଆଜି ସନ୍ଧ୍ୟାକୁ ପୁରୀ ଗଲେ । କଅଣ ସରକାରୀ କାମ ଅଛି, ବୁଧବାର ଦିନ ଗାଡ଼ିରେ ଫେରିବେ ।

ରମାକାନ୍ତ—ରୁନୁ ? ଶୋଇପଡ଼ିଛି ପରା ?

ସୁରୁଜୀ—ତା ଆଖିକୁ କଅଣ ନିଦ ଅଛି ? ସନ୍ଧ୍ୟା ପହରୁ ତୁମ ବାଟ ଚାହିଁ ଏହିଘରେ ଏକା ସଜକେ ବସିଥିଲା । ରେଖା ଲୁଚିକରି କବାଟ ଫାଙ୍କବାଟେ ରମାକାନ୍ତଙ୍କୁ ଏକ ଧ୍ୟାନରେ ଅନାଇ ରହିଥିଲେ; ସୁରୁଜୀର କଥା ଶୁଣି ମନେ ମନେ କହିଲେ, "ଅଲକ୍ଷଣୀ ଘୋଡ଼ାମୁହାଁଟାକୁ ମରଣ ନାହିଁ, ସବୁ ଧରି ପକାଇ ଦେଲା ।" ଲଜ୍ଜା ଓ ଉତ୍ତେଜନାରେ ତାଙ୍କ ମୁହଁ ରଙ୍ଗା ପଡ଼ିଗଲା । ରମାକାନ୍ତ ହଠାତ୍ ଖଞ୍ଜା ଭିତରକୁ ପଶିଗଲେ । ରେଖା ତ୍ୱରିତ ପଦରେ

ଚାଲି ଯାଉଥିଲେ, ରମାକାନ୍ତ ଝପଟି ଯାଇ ଝପ୍ କରି ତାଙ୍କ ଘଣ୍ଟି କାନଟା ଧରି ପକାଇଲେ । ରେଖା ହଠାତ୍ ବୁଲିପଡ଼ି କହିଲେ, “ଆରେ ! ଛାଡ଼ ଦିଅ । ସୁରୁଜୀଟା ପଛରେ ଆସୁଛି, ଏକଥା ଦେଖିଲେ ମନରେ କଅଣ ଭାବିବ ?” ରମାକାନ୍ତ ପଣତ କାନ ଛାଡ଼ି ଦେବାରୁ ରେଖା ସୁନା ଝିଅଟି ପରି ମୁଣ୍ଡରେ ଓଢ଼ଣାଟି ଟାଣି ଦେଇ ରମାକାନ୍ତଙ୍କର ପଦ ବନ୍ଦନା କରି ମୁହଁରେ ଗୋଟିଏ ଲାଜ ବୋଳା ଦରହାସ ଉକୁଟାଇ ଦେଇ ଚାଲି ଯାଉଥିଲେ, ମାତ୍ର ରମାକାନ୍ତ ପଛରୁ ତାଙ୍କୁ କହିଲେ, “ମୁଁ ବାଘ ସାପ ନୁହେଁ ଯେ କାମୁଡ଼ି ପକାଇବି । ମତେ ଭାରି ଭୋକ ହେଉଛି କଅଣ ଗଣ୍ଡାଏ ଖାଇବାକୁ ଦିଅ ।”

ରେଖା ଭ୍ରୂକୁଞ୍ଚିତ କରି କହିଲେ, “ପିଣ୍ଡାରେ ପାଣି ଥୁଆ ହୋଇଛି, ଲୁଗା ପଟା ବଦଳି ଗୋଡ଼ ହାତ ଧୋଇ ଆସ, ଜଳଖିଆ ଥୁଆ ହୋଇଛି ସୁରୁଜୀ ଦେବ ।”

ରମାକାନ୍ତ ଭ୍ରୂକୁଞ୍ଚିତ କରି କହିଲେ, “ମୁଁ ସୁରୁଜୀ ହାତରୁ ଜଳଖିଆ ଖାଇବି ବୋଲି ତିନିଶହ କୋଶ ବାଟରୁ ଭୋକ ଉପାସରେ ଦୌଡ଼ି କରି ଆସିଛି ?”

ଏକଥା ଶୁଣି ରେଖା ଟିକିଏ ହସି ଦେଲେ । ସେ ହସଟିକିକ ଦେଖି ରମାକାନ୍ତଙ୍କୁ ଜଣାଗଲା, ଚତୁର୍ଦ୍ଦଶ ବ୍ରହ୍ମାଣ୍ଡର ସମସ୍ତ ସୌନ୍ଦର୍ଯ୍ୟକୁ କିଏ ଆଣି ରେଖାଙ୍କର ମୁହଁରେ ବୋଳି ଦେଇଛି ।

ରମାକାନ୍ତ ମୁହଁ ହାତ ଧୋଇ ଆସନରେ ବସିଲେ । ରେଖା ତାଙ୍କ ଆଗରେ ଜଳଖିଆ ବାଢ଼ି ଦେଇ ଓଢ଼ଣା ତଳୁ ଗୋଟିଏ

ସଲ୍ଲଜ ଗୃହିଣୀ ନିକ୍ଷେପ କରି ତାଙ୍କ ଶୋଇଲା ଘରକୁ ଗଲେ । ସେ ଘର କବାଟଟି ଦରଆଉଜା କରି କବାଟ ଫାଙ୍କରେ ରେଖା ରମାକାନ୍ତଙ୍କୁ ଏକ ଦୃଷ୍ଟିରେ ଅନାଇ ରହିଲେ । କଠକ ଗ୍ରୁଡ଼ିଲା ଢ଼ନରୁ ରମାକାନ୍ତ କଲିକତା, ବର୍ଦ୍ଧମାନ ଓ ଭାଗଲପୁରର ପ୍ରସିଦ୍ଧ ମିଷ୍ଟାନ୍ନ ଦୋକାନମାନଙ୍କରୁ ଉତ୍କୃଷ୍ଟ ମିଷ୍ଟାନ୍ନ ଖାଇଥିଲେ, ମାତ୍ର ଆଜିର ଏହି ସାମାନ୍ୟ ପରଟା କେତେ ଖଣ୍ଡିର ସ୍ୱାଦର ଲକ୍ଷ ଭାଗରୁ ଭାଗେ ସ୍ୱାଦ ସେସବୁରେ ପାଇ ନଥିଲେ ।

ଏହି ସମୟରେ ସୁରୁଙ୍ଗା ସେଠାରେ ପହଞ୍ଚି ରେଖାକୁ କହିଲା "ମଲା ମୋର ! ଆଉ କଅଣ ଖାଇବେ ନା ବୁଢ଼ି ଖୁସ୍ପୁଟା ପରି ଏଠାଠାରେ କାହିଁକି ଠିଆ ହୋଇଛୁମ ?"

ରେଖା, "ତାଙ୍କର କଅଣ ତୁଣ୍ଡ ନାହିଁକି ? ଯାହା ଲୋଡ଼ା ହେବ ମାଗିବେ ।" ମାତ୍ର ମୁଣ୍ଡରେ ଓଢ଼ଣାଟି ଦେଇ ଗୋଟିଏ ପାତ୍ରରେ ପରଟା ତରକାରି ଆଣି ରମାକାନ୍ତଙ୍କ ପତ୍ରରେ ଅଜାଡ଼ି ଦେଲେ । ବିଷ୍ଣୁ ମୋହିନୀ-ରୂପ ଧରି ଦେବତାମାନଙ୍କୁ ଅମୃତ ପରି-ବେଷଣ କରିବାର ପୌରାଣିକ ଆଖ୍ୟାୟିକାଟି ରମାକାନ୍ତଙ୍କ ମନରେ ଖେଳିଗଲା । ଏହା ପରେ ରେଖା ସୁରୁଙ୍ଗାକୁ କହିଲେ, "ଯା, ବାଣ୍ଡ ଘର ଖଟ ଉପରେ ଶେଯ ପକାଇଦେ, ରମା ଭା—" ଏ ଅର୍ଦ୍ଧୋକ୍ତିରେ ଲଜ୍ଜିଯାଇ "ଶୋଇବେ," ବୋଲି ବାକ୍ୟଟାକୁ ଶେଷ କଲେ ।

ସୁରୁଙ୍ଗା, "ତୁମେ ଟିକିଏ ମୋ ସାଙ୍ଗରେ ଆସ, ମୁଁ ଏକୁଟିଆ ସେ ଅନର୍ଥ କଥାଗୁଡ଼ାକ କରି ପାରିବିନାହିଁ । ଛେଳି ପାଣିକୁ ଗଲା ପରି ରେଖା କୁନ୍ଥ କୁନ୍ଥୁ ହୋଇ ସୁରୁଙ୍ଗା ସାଙ୍ଗରେ ବାଣ୍ଡ

ଘରକୁ ଯାଇ ଶଯ୍ୟା ରଚନା କଲେ । ରମାକାନ୍ତ ମୁହଁ ହାତ ଧୋଇ ସାଙ୍ଗେ ସାଙ୍ଗେ ସେ ଘରେ ପହଞ୍ଚିଲେ । ରେଖା ରମାକାନ୍ତଙ୍କୁ ଠାରୁ ସେ ଘରୁ ବାହାରି ଯିବା ସମୟରେ ରମାକାନ୍ତ କହିଲେ, 'ମୁଁ କଅଣ ଏଘରେ ଏକୁଟିଆ ଶୋଇବି, ଡରମାଡ଼ିବ ।''

ସୁରୁଜା, ''ମୁଁ ପରା ଦେଈଙ୍କ ଘରେ ଶୋଇବି । ବାବୁ ଗଲା-ବେଳେ ବାରମ୍ବାର କରି କହି ଯାଇଛନ୍ତି । ଦେଈ ବା ଏ ଘରେ ଶୁଅନ୍ତେ, ମାନକ ବଡ଼ିଲା ଝିଅଟା ତୁମ ପାଖରେ ଶୋଇବ କପରି ? ଆଜିକ ଶୋଇପଡ଼ କାଲିଠାରୁ ମହନା ଗଉଡ଼କୁ କହିଲେ ସେ ଆସି ଶୋଇବ ।'' ରେଖା କବାଟ ପାଖରେ ଠିଆ ହୋଇଥିଲେ । ସୁରୁଜାର କଥା ଶୁଣି ଓ ରମାକାନ୍ତଙ୍କର ଅର୍ଥପୂର୍ଣ୍ଣ ଗୃହାଣୀ ଦେଖି ତାଙ୍କ ମୁହଁରେ ଯେପରିକ କିଏ ଚେନା ସିନ୍ଦୁର ଆଣି ବୋଳି-ଦେଲା । ତରତର ହୋଇ ନିଜ ଶୋଇଲା ଘରକୁ ଯିବା ସମୟେ ମନେ ମନେ କହିଲେ, ''ଅଲକ୍ଷଣୀଟାର ଆଗ ପଛ ବିଚାର ନାହିଁ ।'' ସାତ କାଣ୍ଡ ରାମାୟଣ ଶୁଣିଲା ପରେ ସୀତା ମାଇକି ଅଣ୍ଡିରା ଏକଥା ଯ ସୁରୁଜା ବୁଝି ପାରିଲାନାହିଁ ଏହା ତାହାର ବୟସର ଦୋଷ ହେଉ ଆଉ ବା କଅଣ କହିବା'' ? ।

ବଡ଼ ଭୋରରୁ ଉଠି ରେଖା ଗୃହକର୍ମରେ ଲାଗିଲେ । ହା ଜଳଖିଆ ରମାକାନ୍ତ ବାବୁଙ୍କୁ ଦେଇ, ରୋଷାଇ-ଘରେ ଲାଗିଲେ । ରମାଭାଇ ଗଲା ଦୁଇଦିନ ହେଲା ଭାତ ଦେଖି-ନାହାନ୍ତି । ଟିକିଏ ଗଣ୍ଡାଏ ଖାଇବାକୁ ଦେବା ଦରକାର । ଲସର ଫସର ହୋଇ ରନ୍ଧା ବଢ଼ା କଲେ । ଏହି ସମୟରେ ରେଣୁ ଦେଈ ଆସି ପହଞ୍ଚିଲେ । ରେଖାଙ୍କର ପ୍ରସନ୍ନ ବଦନ ଦେଖି ସେ ମନେ

ମନେ ବଡ଼ ଆନନ୍ଦ ଅନୁଭବ କଲେ । ରେଖା ତାଙ୍କଠାରୁ ବୟସରେ ସାନ ହେଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ଅତି ଘନିଷ୍ଠତା ଜାତ ହୋଇ ଥିଲା । ଦେଖ ଆଖି ଛଟକ, ଖଣ୍ଡିକାଶ, ଛିଣ୍ଡାଗଣ୍ଡ ଓ ତଗ ତମାଳ । ପାଟିରେ କଅଣ ବାଇଶ ଅଛି । ରମାକାନ୍ତଙ୍କୁ ମଧ୍ୟ ଲକ୍ଷ୍ୟ କରି ଦୁଇ ଚାରିପଦ କହିବାକୁ ଛାଡ଼ିଲେନାହିଁ । ଯଥା "ବେଲ କାଳ ଜାଣି ଗଢ଼ିଲେ ଗୋପୀ । ଘରେ ନ ପଶୁଣୁ ଚାଲି ବାଜୁଛି ।" ଇତ୍ୟାଦି । ଦିନଭରି ରେଣୁଙ୍କର ବାରମ୍ବାର ଆଗ ମନ ଓ ତଗତମାଳର ଅବିଶ୍ରାନ୍ତ ପ୍ରବାହରେ ରେଖା ବ୍ୟତିବ୍ୟସ୍ତ ହୋଇପଡ଼ିଲେ । ତା ସାଙ୍ଗକୁ ରମାକାନ୍ତଙ୍କର ଭିତର ଖଞ୍ଜାକୁ ଯା ଆସ ଚାଲିଲା । କାହାକୁ ଦେଖାଇ ବାଡ଼କୁ ଦେଖାଇ ବକ୍ରୋକ୍ତି ମଧ୍ୟ ଚାଲିଲା ।

ସୋମବାର ଓ ମଙ୍ଗଳବାର ଦୁଇଟି ଦିନ କାନ କୁଣ୍ଡାଇଲା ପରି କେଉଁଠି ଚଞ୍ଚଳ କୁଆଡ଼େ କଟିଗଲା । ବୁଧବାର ସକାଳ ଗାଡ଼ିରେ ବିପିନ ବାବୁ ପୁରୀରୁ ଫେରି ଆସିଲେ । ରମାକାନ୍ତଙ୍କୁ ଦେଖି ବଡ଼ ଖୁସି ହେଲେ । ରମାକାନ୍ତଙ୍କର ବରହମ୍ପୁର ଟାଉନରେ ପୋଷ୍ଟିଙ୍ଗ ହେଲା । ସେ ସେଠାରେ ଦଶଦିନ ବଡ଼ ଆନନ୍ଦରେ କଟାଇ ବରହମ୍ପୁର ଯିବାପାଇଁ ବୁଜୁଳା ପଖ ବାନ୍ଧିଲେ । ଗଲାବେଳେ ବିପିନ ବାବୁ ତାଙ୍କୁ ଅନେକ ଉପଦେଶ ଦେଇ ଶେଷରେ କହିଲେ, "ବୁଝିଲନା ରମୁ ବାବୁ ! ଆସନ୍ତା ବୈଶାଖରେ ବିଭାଘର ହେବାର ସ୍ଥିର କରିଛି । ମୋର ଏହି ପ୍ରଥମ ଓ ଶେଷ ନମିତ୍ତ, ସୁତରାଂ ଟିକିଏ ଆଡ଼ମ୍ବରରେ କରିବାର ଇଚ୍ଛା । ପୂର୍ବରୁ ଟିକିଏ ଆୟୋଜନ କରିବାକୁ ହେବ । ମୁଁ ଦିନ

ସ୍ଥିର କର ପତ୍ର ଦେବ, ତୁମେ ପନ୍ଦର ଦିନ ଛୁଟୀ ନେଇ ଆସିବ ।
ମୁଁ ଜୀବନରେ କେବେ କାହାଠାରୁ ଏକ କପର୍ଦ୍ଦକ ସୁଦ୍ଧା ଉତ୍-
କୋଚ ଗ୍ରହଣ କରିନାହିଁ, ମୋର ପୂର୍ଣ୍ଣ ବିଶ୍ୱାସ ମୋର ଏକମାତ୍ର
ଜାମାତା ମୋର ଦୃଷ୍ଟାନ୍ତକୁ ନିଶ୍ଚୟ ଅନୁସରଣ କରିବେ । ଦେଖ
ସ୍ୱାସ୍ଥ୍ୟ ପ୍ରତି ସର୍ବଦା ଯତ୍ନ କରିବ ।” ଏହିପରି ସମୟୋଚିତ
ଅନେକ ଗୁଡ଼ିଏ ଉପଦେଶ ଦେଲେ ।

ରମାକାନ୍ତ ବିପିନ ବାବୁଙ୍କର ପଦବନ୍ଦନା କରି ବାହାରିଲେ, ଭିତର କବାଟର ଫାଙ୍କରେ ଦୁଇଟି ଅଶ୍ରୁପୂର୍ଣ୍ଣ ନୟନର ବିଦାୟ ସଙ୍କେତ ଦେଖି ସେ ବହୁ କଷ୍ଟରେ ଉଦ୍‌ଗତ ଅଶ୍ରୁଧାରାକୁ ରୋଧ କରି ମୁହଁ ବୁଲାଇ ଗାଡ଼ିରେ ଆସି ବସିଲେ । ଗାଡ଼ି ଚାଲିଲା । ରମାକାନ୍ତ ବରହମ୍‌ପୁରରେ ପହଞ୍ଚି କାର୍ଯ୍ୟରେ ଯୋଗ ଦେଲେ । ପୂର୍ବ ପ୍ରତିଶ୍ରୁତି ଅନୁସାରେ ସେଠାରେ ପହଞ୍ଚିବା ମାତ୍ରେ ଶ୍ୱଶୁରଙ୍କ ନିକଟକୁ ବିରହୋଚ୍ଛ୍ୱାସ ପରିପୂର୍ଣ୍ଣ ଖଣ୍ଡିଏ ପତ୍ର ପଠାଇଲେ ଓ ତାହାର ଉତ୍ତର ମଧ୍ୟ ଯଥା ସମୟରେ ପାଇଲେ । ଏହିପରି ପତ୍ର ବିନିମୟରେ କିଛିଦିନ କଟିଲା ।

ବରହମ୍‌ପୁରରେ ରହିବାର ପ୍ରାୟ ଦେଢ଼ ମାସ ପରେ ଦିନେ ରମାକାନ୍ତ ପଦବ୍ରଜରେ ବସାକୁ ଫେରୁଥିଲେ । ଏହି ସମୟରେ ବଡ଼ବଜାରର ଗୋଟିଏ ଦୋମହଲା କୋଠାର ଦୁଆର ମୁହଁରେ, ଅର୍ଥାତ୍ ଗଳିରେ, ସେଠାରେ ପ୍ରସିଦ୍ଧ ଆଡ଼୍‌ଭୋକେଟ୍, ସତ୍ୟନାରାୟଣ ବାବୁଙ୍କର ମଟର ଥୁଆ ହୋଇ ଥିବାର ଦେଖିଲେ । ସ୍ୱୟଂ ସତ୍ୟ-ନାରାୟଣ ବାବୁ ମଟରଟିର କବାଟକୁ ଅର୍ଦ୍ଧମୁକ୍ତ କରି ସେ କୋଠା

ଘରର ଦୁଆରମୁହଁ ଆଡ଼କୁ ଈନାଇ କହିଲେ "ଆ ଝିଅ, ଚଞ୍ଚଳ ଆ ।" ଏ ଡାକ ଶୁଣି ଜଣେ ସୁବେଶା ଷୋଡ଼ଶୀ ସେ ଘରୁ ବାହାରି ସତ୍ୟନାରାୟଣ ବାବୁଙ୍କ ନିକଟରେ ପହଞ୍ଚିଲେ । ସେହି ସମୟରେ ରମାକାନ୍ତ ସେମାନଙ୍କ ନିକଟରେ ପହଞ୍ଚି ଯାଇଥିଲେ । ସେ ଷୋଡ଼ଶୀ ରମାକାନ୍ତଙ୍କ ଆଡ଼କୁ ଅପାଙ୍ଗ ଭଙ୍ଗୀରେ ଅନାଇ ଗୋଟିଏ ମଧୁର ଦରହାସ ତାଙ୍କର ନିଖୁଣ ବଦନ ମଣ୍ଡଳରେ ଉକୁଟାଇ ଦେଇ ମଠର ଭିତରକୁ ପ୍ରବେଶ କଲେ । ମଠରଟି ଚାଲିଗଲା ।

ରମାକାନ୍ତ ସେ କୋଟି-ବ୍ରହ୍ମାଣ୍ଡସୁନ୍ଦରୀଙ୍କର ଅପାର୍ଥିବ-ରୂପଚ୍ଛଟା ଓ ତାଙ୍କୁ ଆଡ଼ ନୟନରେ ଅନାଇ ଅଳ୍ପ ହସି ଦେବାର ଭଙ୍ଗୀ ଦେଖି ମନ୍ତ୍ରମୁଗ୍ଧ ପରି ସେହି ସ୍ଥାନରେ କିଛି ସମୟ ଠିଆ ହୋଇଗଲେ । ସେ ପୂର୍ବରୁ ସତ୍ୟନାରାୟଣ ବାବୁଙ୍କୁ ଚିହ୍ନିଥିଲେ । ଏ ତ୍ରିପୁରମୋହିନୀ ଯେ ତାଙ୍କର କନ୍ୟା ଏହା ରମାକାନ୍ତ ଅନୁମାନ କରିନେଲେ । ତାଙ୍କୁ ଜଣାଗଲା ତାଙ୍କର ପଞ୍ଚ ମହାଭୂତରେ ଗଢ଼ା ଶରୀରଟା କୁଆଡ଼େ ଉଭେଇ ଯାଇଛି, ଖାଲି ମନଟା ଶୂନ୍ୟରେ ଉଡ଼ି ବୁଲୁଛି । କିଛି ସମୟ ପରେ ସେ ଚାଲିବାକୁ ଆରମ୍ଭ କଲେ । ସେ ସେ ରୂପସୀଙ୍କର ଭାବନାରେ ଏପରି ତନ୍ମୟ ହୋଇଯାଇ ଥିଲେ ଯେ, ସେ ତାଙ୍କ ବସା ଛାଡ଼ି କେତେବେଳେ ଆସି ନଗରର ଉପକଣ୍ଠରେ ପହଞ୍ଚି ଗଲେଣି ତାହା ସେ ଜାଣି ପାରିଲେ ନାହିଁ । ସେହି ସମୟରେ ତାଙ୍କର ଭକ୍ତ ହରିବାବୁଙ୍କ ସଙ୍ଗରେ ଦେଖା ହେଲା । ତାଙ୍କୁ ଭକ୍ତ ହରି ବାବୁ କହିଲେ 'ରମାକାନ୍ତ ବାବୁ, ଆପଣ ଏଣେ କୁଆଡ଼େ ?" ତାଙ୍କର ପ୍ରଶ୍ନ ଶୁଣି

ମାକାନ୍ତ ବାବୁଙ୍କର ହଠାତ୍ ଚୈତନ୍ୟ ଫେରି ଆସିଲା ସେ
ଲେ "ମୁଁ ତାଲୁକ ଥାନାକୁ ଯିବାକୁ ଆସିଥିଲି ମାତ୍ର ବେଳ
ାଇଗଲାଣି, ଫେରିଯିବି, ଆଉଦିନେ ଆସିବି।" ସେ ଓ ଭକ୍ତ
ବାବୁ ସାଙ୍ଗ ହୋଇ ଫେରିଲେ। ପ୍ରସଙ୍ଗ କ୍ରମେ ସେ ଭକ୍ତ
ବାବୁଙ୍କୁ ପଚାରିଲେ, "ସତ୍ୟବାବୁ ଓକିଲଙ୍କ ଝିଅଟି ତ
ସୁନ୍ଦରୀ। ବୋଧହୁଏ ବିବାହ କରି ନାହାନ୍ତି।" ଭକ୍ତ ହରିବାବୁ
ମାକାନ୍ତଙ୍କର ପ୍ରଶ୍ନକୁ ବ୍ୟଙ୍ଗୋକ୍ତି ବୋଲି ମନେ କରି ପରିହାସ
କଣ ସ୍ୱରରେ କହିଲେ "ତାଙ୍କପରି ସୁନ୍ଦରୀ ଏ ଅଖଣ୍ଡ
ଣ୍ଡରେ ଖୋଜିଲେ ମିଳିବେ ନାହିଁ। ହଁ! ରତ୍ନମାଳା ଅବିବାହିତା
ଙ୍କପରି ରୂପବତୀ ଓ ଗୁଣବତୀଙ୍କ ପାଇଁ ବିଧାତା ଉପଯୁକ୍ତ
ଷ ସୃଷ୍ଟି କରିନାହାନ୍ତି।" ରମାକାନ୍ତ ସେ ତ୍ରିପୁରମୋହିନୀଙ୍କ
ାରେ ଏପରି ବିହ୍ୱଳ ହୋଇ—ଯାଇଥିଲେ ଯେ ସେ ବନ୍ଧୁଙ୍କର
ହାସ ପ୍ରଚ୍ଛନ୍ନ ବାକ୍ୟଗୁଡ଼ିକୁ ସତ୍ୟ ବୋଲି ଭାବିଲେ। କିଛି
ପରେ ସେ ଆସି ବସାରେ ପହଞ୍ଚିଲେ। ସେ ସର୍ବାଙ୍ଗ-
ରୀଙ୍କର ହସବୋଳା ବର୍ତ୍ତୁଳ ବଦନ ମଣ୍ଡଳଟି ସବୁବେଳେ
ଆଖିଆଗରେ ନାଚିଲା। ସେ ଭୋଜନାନ୍ତେ ଶଯ୍ୟାରେ ଶୟନ
ଚିନ୍ତା କଲେ ଯେ ସେ ତ ପୂର୍ବେ ରତ୍ନମାଳାଙ୍କୁ କେବେ ଦେଖି
ଲେ, ଆଳାପ ପରିଚୟ ତ ଦୂରର କଥା, ତେବେ ରତ୍ନମାଳା
ଆଡ଼କୁ ଆଡ଼ନୟନରେ ଅନାଇ ସେପରି ଚିତ୍ତ ଉଚାଟକାରିଣୀ
ଏ ହସି ଦେଇ ଚାଲି ଗଲେ କାହିଁକି? ସେ ଉପନ୍ୟାସରେ
ଥିଲେ ଯେ ଅନେକ ସମୟରେ ଅଚିହ୍ନା ଯୁବକଯୁବତୀମାନଙ୍କ
ର ପ୍ରଥମ ସାକ୍ଷାତରେ ପ୍ରଣୟ ସଞ୍ଚାର ହୋଇଯାଏ। ତାହା
ସେହିପରି ଏକ ଆକସ୍ମିକ ଘଟଣା। ରେଖା ଅଯତ୍ନବର୍ଦ୍ଧିତ

ବଣର ମାଳଞ୍ଚ ମାନ ଏ ଶୁଚିସ୍ମିତା ରତ୍ନମାଳା ଯେ ସୌନ୍ଦର୍ଯ୍ୟ ଲକ୍ଷ୍ମୀଙ୍କର କେଳି ସରୋବରର ଐଶ୍ୱର୍ଯ୍ୟମୟୀ ଫୁଲରାଣୀ ପଦ୍ମିନୀ !। "ଅଙ୍ଗେ ବଙ୍ଗେ ପୁଣି ଦେଖିଛୁ କେତେ କେତେ ସୁନ୍ଦରୀ, ଏ ଯୋଷା ଚରଣ ଘଷାପଥରକୁ ଜଣେ ହେଲେ କେହୁ ନୁହଁନ୍ତି ସରି।" କବିବରଙ୍କର ଏ ପଦ୍ୟାଂଶଟିକୁ ସେ ମନେ ମନେ ବାରମ୍ବାର ଆବୃତ୍ତି କଲେ । କିଛି ସମୟ ବିଶ୍ରାମ ପରେ ସେ ଥାନାକୁ ଗଲେ । କାମରେ ମନ ଲାଗିଲାନାହିଁ । ଖାଲି ରତ୍ନମାଳାଙ୍କର ଭାବନ ତାଙ୍କ ମନରେ ବଳାତ୍କାରରେ ଋଦ୍ଧ ହୋଇଗଲା । ପୁଣି ସେ ଚିନ୍ତା କଲେ, " ଯଦି ରତ୍ନମାଳା ତାଙ୍କୁ ବିବାହ କରିବାକୁ ତାଙ୍କ ପିତାଙ୍କ ପାଖରେ ଅଳି କରନ୍ତି, ତେବେ ? ସତ୍ୟନାରାୟଣ ବା ଏକମାତ୍ର ଆଦରିଣୀ, ରୂପବତୀ ଓ ଗୁଣବତୀ କନ୍ୟାଙ୍କର ଅନୁରୋଧ ଉପେକ୍ଷା କରିପାରିବେନାହିଁ । ଛି, ଛି ! କାହିଁ ଲକ୍ଷପତି ପ୍ରସି ଆଇନଜୀବୀ ସତ୍ୟନାରାୟଣ ବାବୁଙ୍କର ଏକମାତ୍ର କନ୍ୟା ରତ୍ନମାଳା କାହିଁ ତାଙ୍କପରି ନିଃସ୍ୱ ଓ ପରାନ୍ନ-ପ୍ରତିପାଳିତ ଜଣେ ସାଧାର ପୁଲିସ୍ ସବ୍‌ଇନ୍‌ସପେକ୍ଟର ! ! ବାମନ ହୋଇ ଚନ୍ଦ୍ରଧରିବା ଆସ୍ଫାଳନଠାରୁ ଏହା ଯେ ଅଧିକ ହାସାସ୍ପଦ । ରେଖାଙ୍କ ସଙ୍ଗେ ତାଙ୍କର ଏକପ୍ରକାର ବିବାହ ହୋଇଯାଇଛି, କେବଳ ବେ ଉପରେ ହାତଗଣ୍ଠି ପଡ଼ିନାହିଁ । ଏପରି ଗୁଡ଼ାଏ ଅବାସ୍ତବ କ ଚିନ୍ତା କରିବା ତାଙ୍କ ପକ୍ଷରେ ଅତିଶୟ ଅନ୍ୟାୟ । ପରକ୍ଷଣେ ତାଙ୍କର ବିପଥଗାମୀ ମନ ବିବେକର ଶାସନକୁ ଅମାନ୍ୟ କ ପୁଣି ରତ୍ନମାଳାଙ୍କର ଭାବନାରେ ଆତ୍ମହରା ହୋଇପଡ଼େ ସବୁବେଳେ ବିବେକ ଓ ପ୍ରବୃତ୍ତି ମଧ୍ୟରେ ଘୋର ଯୁଦ୍ଧ ତା ମନ ମଧ୍ୟରେ ଚାଲିଲା ।

ଏହାର ଦୁଇଦିନ ପରେ ସେ ସତ୍ୟନାରାୟଣ ବାବୁଙ୍କର ଣ୍ଡିଏ ନିମନ୍ତ୍ରଣ ପତ୍ର ପାଇଲେ । ଆସନ୍ତା ମେଷ ଅଠର ଦିନ ଂରାଜୀ ଅପ୍ରେଲ କୋଡ଼ିଏ ତାରିଖ ପଣ୍ଡିତ ବାସରେ ରତ୍ନମାଳାଙ୍କର ବାହ । କୋଡ଼ିଏ ତାରିଖ ସନ୍ଧ୍ୟା ନଅଘଣ୍ଟା ସମୟରେ ସବାନ୍ଧବ କ୍ତ ଉତ୍ସବରେ ଯୋଗ ଦେବା ପାଇଁ ସବିନୟ ନିବେଦନ । ାରିକେଳ ଶୀର୍ଷ—କଳସଚିହ୍ନିତ ନିମନ୍ତ୍ରଣ ପତ୍ରଖଣ୍ଡିକ ଦେଖି ମାକାନ୍ତଙ୍କର ହୃତ ଦୁଲ୍ ଦୁଲ୍ ହୋଇ କମ୍ପି ଉଠିଲା । ସେ ଏକଧ୍ୟାନରେ ଚିନ୍ତା କଲେ, " କିଏସେ ସେ ଭାଗ୍ୟବାନ୍ ପୁରୁଷ ଯାହାର ଗଳାରେ ଭଗବାନ୍ ପ୍ରଜାପତି ଏ ମହାର୍ଘ ରତ୍ନମାଳାଟି ଧିକାର ସୂତ୍ରରେ ପିନ୍ଧାଇଦେବେ ? ତା'ର ଜନ୍ମ ସାର୍ଥକ ହେବ । ସେ ପୁରୁଷ ସମାଜରେ ଚକ୍ରବର୍ତ୍ତୀ ଛତ୍ର ଟେକାଇବ ? ।"

କୋଡ଼ିଏ ତାରିଖ ସନ୍ଧ୍ୟାକୁ ସେ ଥାନାରୁ ବସାକୁ ଫେରିଲେ । ାତ୍ୟକର୍ମ ସମାପନ କରି ପୂଜାରୀଙ୍କୁ ତାଙ୍କ ପାଇଁ ଶେଷାଇ କରିବାକୁ ାରଣ କଲେ । ରତ୍ନମାଳାଙ୍କର ବିବାହ ଉତ୍ସବରେ ଯୋଗ ଦେବାକୁ ସେ ପରିପାଟୀ ବେଶଭୂଷାରେ ସଜ୍ଜିତ ହୋଇ ଦାଣ୍ଡଘର ଚୌକି ଉପରେ ବସି ଭାବନା କଲେ—"ଆଜି ନବବଧୂ ବେଶରେ ରତ୍ନମାଳାଙ୍କର ସେ ଯୌବନଉଚ୍ଛୁଳା ରୂପ କି ସ୍ୱର୍ଗୀୟ ଶ୍ରୀ ଧାରଣ କରିଥିବ ? ଏ ବିବାହ ଉତ୍ସବରେ ମୁଁ ଯୋଗ ଦେବାଟା ଠିକ୍ ନୁହେଁ । କାରଣ ମୋ ଆଗରେ ଅନ୍ୟ ପୁରୁଷ ରତ୍ନମାଳାଙ୍କର ସେ ପୁଷ୍ପ-କୋମଳ କରକୁ ପୀଡ଼ନ କରିବ, ମୁଁ ସେ ଦୃଶ୍ୟ କଦାପି ସହ୍ୟ କରିପାରିବିନାହିଁ ।" ଇତ୍ୟାଦି ।

ଏହି ସମୟରେ ଖଣ୍ଡିଏ ମଟରକାର ତାଙ୍କ ଦ୍ୱାର ଆଗରେ ଆସି ଠିଆ ହେଲା । ତାଙ୍କର ଭାବନା ଭଙ୍ଗ ହୋଇଗଲା । ଥାନାର ବଡ଼ବାବୁ ମି: ଅପ୍ପା ରାଓ ମଟରକାରରୁ ଓହ୍ଲାଇ ତାଙ୍କ ଘରେ ପ୍ରବେଶ କଲେ । ବଡ଼ବାବୁଙ୍କର ଏପରି ଆକସ୍ମିକ ଆବିର୍ଭାବରେ ସେ ମନରେ ବିଚାର କଲେ, ବୋଧହୁଏ ତାଙ୍କୁ ସଙ୍ଗରେ ନେଇ ଇନ୍ଦୁମାଳାଙ୍କର ବିବାହ ଉତ୍ସବରେ ଯୋଗ ଦେବାକୁ ମି. ରାଓ ଆସିଛନ୍ତି । କାରଣ ବଡ଼ବାବୁ ତାଙ୍କୁ ସ୍ନେହାଦର କରନ୍ତି । ସେ ଚୌକି ଛାଡ଼ି ଠିଆ ହୋଇ ମି: ରାଓଙ୍କୁ ବଡ଼ ସଂଭ୍ରମରେ ଅଭିବାଦନ କଲେ । ମି. ରାଓ ଖଣ୍ଡିଏ ଚୌକିରେ ବସି ରମାକାନ୍ତଙ୍କୁ ଅନ୍ୟ ଚୌକିରେ ବସିବାକୁ ଅନୁରୋଧ କଲେ । ରମାକାନ୍ତ ନ ବସିବାରୁ ରାଓ କହିଲେ "ବସ, ଅଫିସରେ ସିନା ମୁଁ ଇନସ୍‌ପେକ୍ଟର ତୁମେ ମୋର ଜୁନିଅର, ମାତ୍ର ଘରେ ମୁଁ ବାପ ତୁମେ ପୁଅ ଏଠାରେ ଗୋଟାଏ ଶିଷ୍ଟାଚାର କଅଣ ? ବସ, ତୁମ ସାଙ୍ଗରେ ବଡ଼ ଜରୁରୀ କଥାବାର୍ତ୍ତା ଅଛି ।" ରମାକାନ୍ତ ଶଙ୍କିତ ହୋଇ ଚୌକିରେ ବସିଲାରୁ ମି: ରାଓ ନିଜ ଚୌକିଖଣ୍ଡିକ ତାଙ୍କ ପାଖକୁ ଟାଣିଆଣି ଆରମ୍ଭ କଲେ, "ବୁଝିଲନା ରମାକାନ୍ତ ବାବୁ, ତୁମେ ଜାଣ ମୁଁ ତୁମକୁ ପୁଅଠାରୁ ବଳିକରି ସ୍ନେହ କରେ । ମୋର ଠିକ୍ ତୁମ ପରି ଚନ୍ଦ୍ରଶେଖର ବୋଲି ଗୋଟିଏ ପୁଅ ଥିଲା । ଆଜକୁ ତିନବର୍ଷ ହେବ ସେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଚାଲିଗଲା । ତୁମକୁ ପ୍ରଥମେ ମୁଁ ଦେଖି ଭାବିଥିଲି ମୋ ଚନ୍ଦ୍ରଶେଖର ଫେରିଆସିଛି । ଛାଡ଼ ସେ କଥା । ମୁଁ ଏପରିଭାବରେ କାହିଁକି ଆସିଛି ତା'ର କାରଣ ଶୁଣ । ମୁଁ ଯାହା କରୁଛି କିମ୍ବା କରିବ ତାହା ସମସ୍ତ ତୁମ ମଙ୍ଗଳପାଇଁ । ଦେଖୁଛି ଆଜି ଭାଗ୍ୟ ତୁମ

ଉପରେ ବଡ଼ ସୁପ୍ରସନ୍ନ ।" ରମାକାନ୍ତ ଏ ଦୀର୍ଘ ଉପକ୍ରମଣିକାର କୌଣସି ଉଦ୍ଦେଶ୍ୟ ବୁଝି ନ ପାରି ମି: ଗ୍ରୀଓଙ୍କ ଆଡ଼କୁ ଫାଲଫାଲ କରି ଅନାଇ ରହିଲେ । ମି. ଗ୍ରୀଓ ମୁହଁରେ ଗୋଟିଏ ମିଠାହସ ଫୁଟାଇ ଦେଇ ରମାକାନ୍ତଙ୍କର ପିଠିରେ ହାତ ମାରି କହିଲେ "ଯାହା ଲକ୍ଷ୍ୟ ତପସ୍ୟାରେ ତୁମକୁ ମିଳନ୍ତାନାହିଁ । ଦୈବଯୋଗକୁ ତାହା ଆଜି ତୁମ ପାଦତଳରେ ବଳେ ବଳେ ଚଢ଼ିଆସୁଛି । ଆଜି ତୁମର ବିବାହ । ଶୀଘ୍ର ପ୍ରସ୍ତୁତ ହୋଇ ଆମ ସାଙ୍ଗରେ ଆସ ।"

ରମାକାନ୍ତ ଏପରି ଅପ୍ରତ୍ୟାଶିତ କଥା ଶୁଣି ପ୍ରଥମରେ ନିଜ କାନକୁ ବିଶ୍ୱାସ କରିପାରିଲେନାହିଁ । ବିସ୍ମୟବିସ୍ଫାରିତ ନେତ୍ରରେ ମି. ଗ୍ରୀଓଙ୍କ ଆଡ଼କୁ ଅନାଇ ଦରଖଣ୍ଡିଆ କଥାରେ କହିଲେ "ମୁଁ ଆପଣଙ୍କ କଥାର କିଛି ଅର୍ଥ ବୁଝିପାରୁନାହିଁ ।" ମି: ଗ୍ରୀଓ "ତୁମେ ଅବଶ୍ୟ ସତ୍ୟନାରାୟଣବାବୁ ଆଡ଼ଭୋକେଟ୍ ନା ଶୁଣିଥିବ । ଆଜି ତାଙ୍କର ଏକମାତ୍ର କନ୍ୟା ରତ୍ନମାଳାଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ ପତ୍ର ମଧ୍ୟ ପାଇଛ । ଘୁମୁସରରେ ବରପାତ୍ର ଠିକ୍ ହୋଇଥିଲା । କାଲିଠାରୁ ବରଧରା ଯାଇଥିଲା । ବର୍ତ୍ତମାନ ଟେଲି-ଗ୍ରାମ ଆସି ପହଞ୍ଚିଲା ଯେ ବର ବିବାହ କରିବାକୁ ରାଜି ନୁହେଁ, ଅନ୍ୟ ବନ୍ଦୋବସ୍ତ କରନ୍ତୁ । ତୁମ ଭାଗ୍ୟ ଭାରି ଟାଣ । ହାଣ୍ଡି ତୁମ ଉପରେ ସୁନା କଳସ ଢାଳିଲା । ସତ୍ୟବାବୁଙ୍କର ଏହି ଝିଅଟି ବ୍ୟତୀତ ଅନ୍ୟ ସନ୍ତାନ ସନ୍ତତି ନାହାନ୍ତି । ପ୍ରାୟ ପାଞ୍ଚଲକ୍ଷ ଟଙ୍କାର ସମ୍ପତ୍ତି ବାଡ଼ି ଅଛି । ବ୍ୟାଙ୍କରେ ମଧ୍ୟ ଅନେକ ଟଙ୍କା ଜମା ଅଛି ସମସ୍ତର ତୁମେହିଁ ଏକମାତ୍ର ଅଧିକାରୀ ହେବ । ବିବାହ ବେଦୀରେ

ନଗଦ ଦଶହଜାର ଟଙ୍କା ଓ ବଳୟୁର ମେନ୍‌ରୋଡ଼ ଉପରେ ଗୋଟିଏ ବଡ଼ ଦୋମହଲା ପକାଘର ସେ ଦାନ କରିବେ, ତାଙ୍କର ସମସ୍ତ ସମ୍ପତ୍ତି ତୁମର, ଆଗେ ପାଆନ୍ତୁ, କିନ୍ତୁସମସ୍ତେ ପରେ ପାଇବ ଏତିକ ମାତ୍ର ପ୍ରଭେଦ । ଶୀଘ୍ର ଚାଲ । ବିଳମ୍ବ କରିବାକୁ ଆଉ ସମୟ ନାହିଁ । ତୁମେ ସେ ଦିନ କହୁଥିଲ ଯେ ତୁମର ପିତା ମାତା ନାହାନ୍ତି। ଆଜି ସେମାନେ ବଞ୍ଚିଥିଲେ ସତ୍ୟନାରାୟଣ ବାବୁଙ୍କପରି ଲୋକ ଘରେ ସମ୍ବନ୍ଧ ସ୍ଥାପନ କରି ନିଜକୁ ପରମ ସୌଭାଗ୍ୟବାନ୍ ମନେ କରିଥାଆନ୍ତେ । ନିଜେ ସତ୍ୟନାରାୟଣ ବାବୁ ମଟରକାର୍‌ରେ ତୁମ ଦୁଆର ମୁହଁରେ ଅପେକ୍ଷା କରି ରହିଛନ୍ତି ।" ମି. ରାଓ ଦାଣ୍ଡ ଆଡ଼କୁ ଅନାଇ ଟିକିଏ ପାଟି କରି କହିଲେ । "ଆଜ୍ଞା ! ଏଣେ ଟିକିଏ ଆସନ୍ତୁ ।" ମି: ରାଓଙ୍କ ଆହ୍ୱାନ ଶୁଣି ସତ୍ୟନାରାୟଣ ବାବୁ ଓ ଆଉ ଜଣେ ଭଦ୍ରଲୋକ ସେ ଗୃହ ମଧ୍ୟରେ ପ୍ରବେଶ କଲେ । ରମାକାନ୍ତ ଠିଆହୋଇ ସତ୍ୟନାରାୟଣ ବାବୁଙ୍କୁ ନମସ୍କାର କଲେ । ସତ୍ୟବାବୁ ହଠାତ୍ ରମାକାନ୍ତଙ୍କ ହାତ ଦୁଇଟିକୁ ଧରି ପକାଇ କାନ୍ଦି କାନ୍ଦି ହୋଇ କହିଲେ, "ବାବା ଏ ବିପଦରୁ ମତେ ରକ୍ଷା କର । ମୋର ମାନମହତ ଆଜି ସବୁ ତୁମ ହାତରେ । ଝିଅ ମଙ୍ଗୁଳା ହୋଇ ବସିଛି । ବନ୍ଧୁବାନ୍ଧବ ସମସ୍ତେ ଆସି ରୁଣ୍ଡ ହେଲେଣି । ସହରର ବିଶିଷ୍ଟ ଭଦ୍ରଲୋକ ଓ ବଡ଼ ବଡ଼ ହାକିମହୁକୁମାମାନେ ମଧ୍ୟ ଆସି ପହଞ୍ଚି ଗଲେଣି । ମୋର ଅନ୍ୟ ପନ୍ଥା ନାହିଁ । ତୁମ ହାତ ଧରୁଛି ମତେ ଏ ବିପଦରୁ ଉଦ୍ଧାର କର । ଆଜିଠାରୁ ତୁମ୍ଭେ ମୋର ପୁଅ, ତୁମ୍ଭେ ମୋର ଜୋଇଁ, ତୁମ୍ଭେ ମୋର ସବୁ ।"

ଏସବୁ ଘଟଣା ପରମ୍ପରାରେ ରମାକାନ୍ତ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲେ । ତାଙ୍କର ସହଜ ଜ୍ଞାନ ଲୋପ ପାଇ ଯାଇଥିଲା ।

ମାକାନ୍ତଙ୍କର ଉତ୍ତରକୁ ଅପେକ୍ଷା ନ କରି ସେ ତିନିଜଣ ଯାକ
ାଙ୍କୁ ଏକପ୍ରକାର ଟାଣି ନେଇ ମଠର ଭିତରେ ପ୍ରବେଶ କଲେ ।
ଠକୁ ଗଲେ । ରମାକାନ୍ତ, "ମୋର ବିବାହ ଆଗରୁ ସ୍ଥିର ହୋଇ
ଇଛି" ବୋଲି କହିଲେ । ତାଙ୍କର ଓଷ୍ଠଯୁଗ୍ମ ଥରି ଉଠିଲା ମାତ୍ର
କୌଣସି ଶବ୍ଦ ଶୁଣା ଗଲାନାହିଁ ।

ଏକପକ୍ଷରେ ଅଲୋକସାମାନ୍ୟରୂପ ଓ ବିଶାଳ ବିଭବର
ାହ ଅନ୍ୟ ପକ୍ଷରେ ଅସମ୍ପୂର ବନ୍ଧୁ ଓ ପିତୃକଳ୍ପ ବିପିନବାବୁ-
ର ଅଯାଚିତ କରୁଣା ଓ ସରଳା ରେଖାଙ୍କର ତାଙ୍କଠାରେ ପୂର୍ଣ୍ଣ
ଶ୍ୱାସ ଓ ସ୍ନେହ । ଏପରି କ୍ଷେତ୍ରରେ ସେ କଅଣ ବା କହିବେ,
ଅଣବା କରିବେ, କିଛି ସ୍ଥିର କରିପାରିଲେନାହିଁ । ତେବେ
ଅଣ ବିଧାତା ଏହି ନାଗରନ୍ଦକୁ, ତାଙ୍କରି ଗଳାରେ ଲମ୍ବାଇ ଦେବ
ାଲି ସୃଷ୍ଟି କରିଥିଲେ ? ଆଉ ତେଣିକି ସେ ଭାବି ପାରିଲେ-
ନାହିଁ ।

ସତ୍ୟନାରାୟଣ ବାବୁଙ୍କ ଘରେ ଅନେକଗୁଡ଼ିଏ ଆଲୋକ
ଳୁଥିଲା, ମାତ୍ର ଘରଟି ନୀରବ ଓ ନିସ୍ତବ୍ଧ । ଯେପରି କି ସେ
ନରେ କୌଣସି ଜନପ୍ରାଣୀ ନଥିଲେ । ମଠରଟି ସଶବ୍ଦ
ଙ୍କ ଘର ହତାମଧ୍ୟରେ ପ୍ରବେଶ କଲା । ସେମାନେ ସମସ୍ତେ
ଉରୁ ଅବତରଣ କଲେ । ସତ୍ୟନାରାୟଣ ବାବୁ ସୌମ୍ୟ-
ର୍ଶନ ଯୁବକ ରମାକାନ୍ତଙ୍କର ହାତ ଧରି ଅଗ୍ରସର ହେବାର ଦେଖି
ଠାରେ ମହାନ୍ ହୁଲସ୍ଥୁଲ ପଡ଼ିଗଲା । ଧାଁଧପଡ଼ିରେ ତାଣ୍ଡବ
ଗଲା । ଯେପରିକି କୌଣସି କୁହୁକଆର କାଉଁରି ହାଡ଼ ସ୍ପର୍ଶରେ

ନର୍ଜୀବ ପୁଣି ହଠାତ୍ ଜୀବନ୍ତ ହୋଇ ଉଠିଲା । ରମାକାନ୍ତଙ୍କୁ ଜଣାଗଲା ଯେପରିକି କିଏ ତାଙ୍କ ମଧ୍ୟରୁ "ମୁଁ" ଟାକୁ କାଢ଼ିନେଇ ମନ୍ତ୍ରବଳରେ ତାଙ୍କର ଖାଲି ଶରୀରଟାକୁ ଚଳାଉଛି । କିଏ ଆସି ତାଙ୍କୁ ବରବେଶ ପିନ୍ଧାଇ ଦେଲା, କିଏ ତାଙ୍କ କପାଳରେ ଚନ୍ଦନ-ପାଟୀ ଚିତ୍ରଣ କରିଦେଲା, କିଏ ତାଙ୍କ ପଦରେ ଅଳତା ପିନ୍ଧାଇ ଦେଲା, କିଏ ସୁନାଅଳଙ୍କାର କିଏ ବା ଫୁଲମାଳା ଆଣି ତାଙ୍କୁ ପିନ୍ଧ ଦେଲା, ସେ ସମସ୍ତ ବୁଝିପାରିବାର ସହଜ ଜ୍ଞାନ ତାଙ୍କର ଲୋ ପାଇ ଯାଇଥିଲା । ଏହି ସମୟରେ ବିବିଧ ପ୍ରକାରର ବାଦ୍ୟନା ସଙ୍ଗରେ ରମଣୀମାନଙ୍କର ହୁଳହୁଳି ଧ୍ୱନିରେ ମେଦିନୀ କମ୍ପି ଉଠି

ରମାକାନ୍ତଙ୍କୁ ଜଣାଗଲା ସେ ଏ ମାଟିର ପୃଥିବୀ ଛାଡ଼ି ଅନ୍ତରୀକ୍ଷ କେଉଁ କୋଳାହଳମୟ ପ୍ରଦେଶରେ ଭାସି ବୁଲୁଛନ୍ତି ଆଭ୍ୟୁଦୟିକ କର୍ମ ସମାପ୍ତି ପରେ ତାଙ୍କୁ ବିବାହ ବେଦୀ ଘେନିଗଲେ । ବିବାହ କର୍ମାରମ୍ଭ ହେଲା । ନନ୍ଦନ ପାରିଜାତ ରତ୍ନମାଳାଙ୍କର କୁସୁମ-କୋମଳ କରପଲ୍ଲବ ସଙ୍ଗେ ତାଙ୍କର ହସ୍ତ ଯେ ଚିରକାଳ ପାଇଁ ବଦ୍ଧ ହୋଇଯିବ; ହିଦେ ବାଞ୍ଛିତା ରତ୍ନମାଳା ଯେ ଆଜିଠାରୁ ତାଙ୍କର ଅଙ୍କଲକ୍ଷ୍ମୀ ହୋଇଯିବେ ଏକଥା ଭାବିଲା ବେଳକୁ ରମାକାନ୍ତଙ୍କର ଶିରାପ୍ରଶିରାରେ ଉତ୍ତେଜନା-ଉଷ୍ଣରକ୍ତର ପ୍ରବାହ ଛୁଟିଯାଏ । ମାତ୍ର ପରକ୍ଷଣରେ ସରଳା ରେଖାଙ୍କର କଥା ମନେ ପଡ଼ିବାରୁ ବିବେକର ଦଂଶନରେ ତାଙ୍କ ହୃଦୟରେ ଅସହ୍ୟ ଅନ୍ତର୍ଦାହ ପ୍ରବଳ ବେଗରେ ବିସ୍ତାର ଲାଭ କରେ । କେବେ କେବେ ସେ ସୁବିଧାବାଦୀ ଭାମ୍ଭି ପରି ମନେ ମନେ ତର୍କ କରନ୍ତି— ସେତ ଏବିବାହକୁ ସ୍ୱଇଚ୍ଛାରେ

ନଂ ..........
ତା ..........

ଯୋଡ଼ ସୁନ୍ଦର

ଖୋଜ ଲୋଡ଼ ଯାଇ ନଥିଲେ । ଏଷ୍ଣା କରିବାକୁ ତାଙ୍କୁ ଏକ ପ୍ରକାର ବାଧ କରାଯାଇଛି । ଆଉ ଗୋଟିଏ କଥା ଯେଉଁ ବରକୁ ଯେଉଁ କନ୍ୟା ତାହା ବିଧାତା ପୂର୍ବରୁ ସେ କଥା ଖଞ୍ଜି କରି ରଖିଥାଏ । ମନୁଷ୍ୟ ଭାଗ୍ୟ ହାତରେ କ୍ରୀଡ଼ନକ ମାତ୍ର । ଯାହା ଘଟିବାର ତାହା ନିଶ୍ଚୟ ଘଟିବ, ସେଥିପାଇଁ ଅଯଥା ଚିନ୍ତାକରି ଅଶାନ୍ତ ଭୋଗକରିବା ନିର୍ବୋଧତା । ଏହିପରି ନାନା କଥା ଚିନ୍ତାକରି ସେ ରତ୍ନମାଳାଙ୍କର ସଙ୍ଗ ଲାଲସାର ମୋହରେ ଅଭିଭୂତ ହୋଇ ରେଖାଙ୍କର ଭାବନାକୁ ମନରୁ ଓପାଡ଼ି ଫୋପାଡ଼ି ଦିଅନ୍ତି ।

ରାତି ପାହି ପାହି ଆସିବା ବେଳକୁ ବିବାହ ସମ୍ପନ୍ନ ହେଲା । ଦିନଟି ଯାକ ରମାକାନ୍ତ ଶ୍ୱଶୁରାଳୟରେ ହସ ଖେଳ, ଥଟ୍ଟାତାମସା ଖିଆପିଆରେ କଟାଇ ସନ୍ଧ୍ୟାକୁ ନବୋଢ଼ା ବଧୂଙ୍କୁ ସଙ୍ଗରେ ଘେନି ବାହୁଡ଼ା ବିଜେ କଲେ । ରହିଲେ ଆସି ଶ୍ୱଶୁରଙ୍କ ପ୍ରଦତ୍ତ ରାଜପୁରର ଦୋମହଲା ପକ୍କାଘରେ ।

ରାତି ଆସିଲା । ସେଠାରେ ଖିଆପିଆର ସୁବନ୍ଦୋବସ୍ତ କରାଯାଇଥିଲା । ନିମନ୍ତ୍ରିତ ଲୋକମାନେ ଖିଆପିଆ ଶେଷ କରି ଯେ ଯାହା ଘରକୁ ଚାଲିଗଲେ । ରମାକାନ୍ତ ରାତ୍ର ଭୋଜନ ଶେଷ କରି ଦୋମହଲାର ଗୋଟିଏ ସୁସଜ୍ଜିତ ପ୍ରକୋଷ୍ଠରେ ଶୟନ ଉଦ୍ଦେଶ୍ୟରେ ପ୍ରବେଶ କଲେ । ଶ୍ୱଶୁରଙ୍କ ପ୍ରଦତ୍ତ ମହାର୍ଘ ପଲଙ୍କର ମଖମଲ ଶଯ୍ୟାରେ ଶୟନ କରି ସେ ନବବଧୂଙ୍କର ପ୍ରତୀକ୍ଷାରେ ତନ୍ମୟ ହୋଇ ରହିଲେ । ସେ ସରଳା ରେଖାଙ୍କୁ ଭୁଲି, ପିତୃକଳ୍ପ ପ୍ରେମ ବାବୁଙ୍କର ଦୟା ଦାକ୍ଷିଣ୍ୟ ଓ ସ୍ନେହାଦରକୁ ଭୁଲି ସୁଷମାରାଣୀ

ରତ୍ନମାଳାଙ୍କର ଆଗମନକୁ ଠାକ ରହିଲେ । ଏହିସମୟରେ ସେହି କୋଠରି ବାରଣ୍ଡାରେ ନୂପୁର ନିକ୍ୱଣର ଗୁଞ୍ଜନ ଶୁଣାଗଲା । ରମାକାନ୍ତଙ୍କର ସର୍ବଶରୀରରେ ଶୀତ୍କାର ତରଙ୍ଗ ଉଠିଲା । ଆନନ୍ଦ ଗୁଡ଼ାକ ଯେପରିକି ତାଙ୍କ ଛାତି ଫଟାଇ ପଦାକୁ ବାହାରି ପଡ଼ିବାର ଉପକ୍ରମ କଲା । ସେହିଠାରୁ ପର୍ଯ୍ୟଙ୍କରୁ ଅବତରଣ କରି ଅଙ୍କଲକ୍ଷ୍ମୀଙ୍କୁ ଦ୍ୱାର ନିକଟରୁ ପାଟେଶ୍ଟି ଆଣିବାକୁ ଉଭୟ ହସ୍ତ ପ୍ରସାରଣ କଲେ । ରତ୍ନମାଳା ଟେକଳ ଗୃହରେ ପ୍ରବେଶ କଲେ । ସେହି ପୂର୍ବଦୃଷ୍ଟା ସର୍ବାଙ୍ଗସୁନ୍ଦରୀ ତ୍ରିପୁରମୋହିନୀଙ୍କ ପରିବର୍ତ୍ତରେ ନାନାଲଙ୍କାର-ଭୂଷିତା ଏକ ଭୈରବୀ ମୂର୍ତ୍ତି ତାଙ୍କ ଆଗରେ ଦଣ୍ଡାୟମାନା । ଶ୍ମଶାଣୀଚଣ୍ଡୀ ପରି ତା'ର ବିଭତ୍ସରୂପ ଓ ଶ୍ୱାପଦ ପରି କ୍ରୂର ଗୃହାଣୀ ଆଗରେ ରମାକାନ୍ତ ଭୀତତ୍ରସ୍ତ ହୋଇ ବଜ୍ରାହତପରି ଠିଆ ହୋଇ ରହିଲେ । ତାଙ୍କ ତୁଣ୍ଡରୁ କୌଣସି କଥା ବାହାରିଲାନାହିଁ । ତାଙ୍କୁ ଚାରିଆଡ଼ ଅନ୍ଧକାରମୟ ଦେଖାଗଲା ।

ବରହମ୍‌ପୁର ଫିବ'ଦରେ ରେଖା ରମାକାନ୍ତଙ୍କର ହୃଦୟୋଚ୍ଛ୍ୱାସ-ପୂର୍ଣ୍ଣ କେତେଖଣ୍ଡ ପତ୍ର ପାଇ ତାହାର ଯଥାବିହିତ ଉତ୍ତର ଦେଇଥିଲେ । ଥରେ ବିଶେଷ କାରଣବଶତଃ ସେ ରମାକାନ୍ତଙ୍କ ନିକଟକୁ ଖଣ୍ଡିଏ ଉଦ୍‌ବେଗପୂର୍ଣ୍ଣ ପତ୍ର ଲେଖିଲେ । ଚାହିଁ ଚାହିଁ ଆଖିରୁ ପାଣିମଲା, ମାତ୍ର ତା'ର କୌଣସି ଉତ୍ତର ପାଇଲେ ନାହିଁ । ତା ପରେ ଆଉ ଖଣ୍ଡିଏ ଚିଠି ମଧ୍ୟ ପଠାଇଲେ । ଦିନପରେ ଦିନ ଗଲା, ତାହାର ମଧ୍ୟ କୌଣସି ଉତ୍ତର ପାଇଲେନାହିଁ । ତାଙ୍କ ମନରେ ଘୋର ଚିନ୍ତା ଓ ଭୟ ଜାତ ହେଲା । ରମାକାନ୍ତ ବୋଧହୁଏ

ତାଙ୍କର ଚିଠି ପାଉନାହାନ୍ତି ବୋଲି ସେ ପ୍ରଥମରେ ଅନୁମାନ କଲେ ମାତ୍ର ପରେ ଭାବିଲେ ଯେଉଁ ରମାଭାଇ ତାଙ୍କର ଚିଠି ଦେବାରେ ଗୋଟିଏ ଦିନ ବିଳମ୍ବ ହୋଇଗଲେ କେତେ ମାନ ଅଭିମାନ-ପୂର୍ଣ୍ଣ ପତ୍ର ଦେଉଥିଲେ, ସେ ଚିଠି ନପାଇଥିଲେ ଏତେକାଳ କିଅଣ ଥୟ ହୋଇ ବସି ରହିଥାଆନ୍ତେ । ଆଶଙ୍କାରେ ତାଙ୍କର ହୃଦୟ ବିପର୍ଯ୍ୟସ୍ତ ହୋଇଉଠିଲା । ଏପରି ଅନେକ କଥା ଅଛି ଯାହାକି ମନୁଷ୍ୟ ନିଜର ଅତି ଅନ୍ତରଙ୍ଗ ବନ୍ଧୁଙ୍କ ଆଗରେ ପ୍ରକାଶ କରିବାକୁ କୁଣ୍ଠା ବୋଧ କରେ । ତେଣୁ ରେଖା ଏ ସମ୍ବନ୍ଧରେ ପ୍ରିୟ ସଖୀ ରେଣୁ ଦେଈଙ୍କୁ କୌଣସି କଥା କହି ନ ଥିଲେ ।

ଦିନେ ବିପିନ ବାବୁ ଚଞ୍ଚଳ କଚେରିରୁ ଫେରିଲେ । ରେଖାଙ୍କୁ ଦେଖିବା ମାତ୍ରେ "ରୁନୁ ! ଶୁଣିଲୁଣି" ବୋଲି କହି ଟିକିଏ ରହି-ଗଲେ । ରେଖା ପିତାଙ୍କର ଚିନ୍ତିତ ମୁଖ ଦେଖି ଓ କଣ୍ଠ ସ୍ୱରର ଅପ୍ରାକୃତିକ ରୁକ୍ଷତା ଶ୍ରବଣ କରି ରମାକାନ୍ତଙ୍କ ବିଷୟରେ କୌଣସି ଦୁଃସମ୍ବାଦ ଶୁଣିବେ ବୋଲି ଅନୁମାନ କରି ପିତାଙ୍କ ମୁଖକୁ ଏକସ୍ତ ନୟନରେ ଅନାଇ ରହିଲେ । ଗୋଟାଏ ଅସ୍ପଷ୍ଟ କ୍ରନ୍ଦନଧ୍ୱନି ତାଙ୍କ କାନକୁ ଶୁଣାଗଲା ପରି ଲାଗିଲା ଓ ତାଙ୍କର ସର୍ବ ଶରୀର କମ୍ପି ଉଠିଲା । ବିପିନ ବାବୁ କ୍ରୋଧ-ବିକୃତ କଣ୍ଠରେ କହିଲେ, "ରମାକାନ୍ତ ଗତମାସ ତା୨୦ରିଖରେ ବରହମପୁରର ଉକିଲ ସତ୍ୟନାରାୟଣ ବାବୁଙ୍କର କନ୍ୟାକୁ ବିବାହ କରିଛି ! କୁଳାଙ୍ଗାର ନିମକହାରାମ ! ତୋର ସର୍ବ—" ବାକ୍ୟଟିକୁ ସମାପ୍ତ ନକରି ରହି-ଗଲେ । ଅଳ୍ପ ସମୟ ପରେ ପୁଣି ବଡ଼ ବେଦନାଭରା ସ୍ୱରରେ କହିଲେ, "ନାଁ ନାଁ ସେ କୃତଘ୍ନଟା ଶ୍ରୀଚରଣ ବାବୁଙ୍କ ପୁଅ, ମୁଁ ତାକୁ

ଅଭିସମ୍ପାତ କରିବ ନାହିଁ । ସମସ୍ତେ ଯାଇଁ ସ୍ୱର୍ଗରେ ରହିଲେ ବି ମୁଁ କେବଳ ଏ ନରକରେ ଯାଣ୍ଟି ହେଉଛି, ତା'ର ସମସ୍ତ ଅପରାଧ ମତେ କ୍ଷମା କରିବାକୁ ପଡ଼ିବ । ସେ ତା ଆଉ ସତ୍ୟଭଗ୍ନ କଲ ତା'ର ଫଳ ସେ ନିଶ୍ଚୟ ପାଇବ, ମାତ୍ର ଏହି ଅଳ୍ପଦିନ ମଧ୍ୟରେ ଦେ ଦେଖିବ କି ରୂପ କି ଗୁଣ କି ଧନ ସବୁଥିରେ ତାଠାରୁ ଲକ୍ଷଗୁଣରେ ବଳି ଜାମାତା ବିପିନ ଦାସକୁ ମିଳିଛି ।" ପିତାଙ୍କର କଥା ଶେଷ ହେବା ପୂର୍ବରୁ ରେଖା ନିଜର ଶୟନ କକ୍ଷକୁ ଚାଲି ଯାଇଥିଲେ ଖଟ ଉପରେ ଗଛ କାଟିଲା ପରି ପଡ଼ିଗଲେ । ତାଙ୍କୁ ଜଣାଗଲା ତାଙ୍କର ହୃଦ୍‌ଯନ୍ତ୍ରର କ୍ରିୟା ବନ୍ଦ ହୋଇଆସୁଛି । ବିପିନ ବାବୁଙ୍କୁ ଜଳଖିଆ ଦେବାକୁ ସୁରୁଜୀ ଡାକିବାରୁ ସେ ବହୁ ଦିନର ଶଯ୍ୟା-ଶାୟୀ ରୋଗୀ ପରି ଉଠି ବଡ଼ କଷ୍ଟରେ ପିତାଙ୍କୁ ଜଳଖିଆ ବାଢ଼ି ଦେଲେ । ସନ୍ଧ୍ୟା ହେଲା । ବିପିନ ବାବୁ ଜଣେ ବନ୍ଧୁଙ୍କର ନିମନ୍ତ୍ର-ଣରେ ତାଙ୍କ ଘରକୁ ଖାଇବାକୁ ଗଲେ । ରେଖା ବିନ୍ଦୁ ଓ ସୁରୁଜୀକୁ ଗଣ୍ଡିଏ ଗଣ୍ଡିଏ ପଖାଳ ଖାଇବାକୁ ଦେଇ, ପେଟ ଟାଣିବାବାହାନାରେ ନିର୍ଜଳ ଉପବାସରେ ଶଯ୍ୟା ଗ୍ରହଣ କଲେ । ରାତି ଗଡ଼ି ଗଡ଼ି ଚାଲିଲା । ସେ ଶୋଇବାକୁ ବହୁତ ଚେଷ୍ଟା କଲେ ମାତ୍ର ଯାହାର ହୃଦୟରେ ପ୍ରଳୟର ଅଗ୍ନି ବର୍ଷଣ ଚାଲିଛି ତା ଆଖିକୁ ନିଦ କୁଆଡ଼ୁ ଆସିବ । ବହୁତ ସମୟ ସେ କଣ୍ଟକମୟ ଶଯ୍ୟାରେ ଛଟପଟ ହୋଇ ଶେ ଦୁଆର ଫିଟାଇ ଅଗଣାକୁ ଆସିଲେ । ଚତୁର୍ଦ୍ଦିଗ ନୀରବ ନିସ୍ତବ୍ଧ । ହେମନ୍ତର କୁଜ୍‌ଝଟିକାମ୍ଳାନ ଜ୍ୟୋତ୍ସ୍ନାକୁ ଅନାଇ ଦେବା ମାତ୍ରେ ତା ଜଣାଗଲା ତାଙ୍କର ଶ୍ୱାସ ରୁଦ୍ଧ ହୋଇଆସୁଛି । ସେ ଆଉ ଠିଆ ହୋଇ ନ ପାରି ଅଗଣାର ତଳେ ବସିପଡ଼ିଲେ । କେତେ ସମୟ ସେହିପରି ଅବସ୍ଥାରେ ବସି ରହିବା ପରେ ତାଙ୍କର ସହଜ ସ୍ମୃତି

ାବନା କରିବାର ଶକ୍ତି ଫେରି ଆସିଲା ଓ ତାଙ୍କ ଆଖିରୁ ଧାର ଧାର ହୋଇ ତପ୍ତ ଅଶ୍ରୁଧାରା ଗଡ଼ିପଡ଼ିଲା । ତାଙ୍କର ଏ ଅସହାୟ ବନର ପରିଣତି କେଉଁଠାରେ ? ଏ କଥା ତାଙ୍କୁ କିଏ କହିବ ? ଜୀବନ ପ୍ରଭାତରେ ଏହି କେତୋଟି ଦିନ ସେ ଯେଉଁ ସ୍ୱପ୍ନପୁରୀରେ ାଚରଣ କରୁଥିଲେ, ରମାକାନ୍ତଙ୍କର ବିବାହ ସମ୍ବାଦ ପାଇବାରୁ ସ ସ୍ୱପ୍ନଗଢ଼ା ସୁନାର ସଂସାରଟି ହଠାତ୍ ଚୂନା ହୋଇଗଲା । ସେ ାଶା ଓ ଯାତନାର ଅଥଳ ଅକୂଳ ମହାସାଗରର ଦିଗନ୍ତ-ସ୍ତାରୀ ଜଳରାଶି ମଧ୍ୟରେ ପଡ଼ି କଲବଲ ଛଟପଟ ହେଲେ । ଶାବସାନ-ଶଂସୀ କୁକ୍କୁଟର କର୍କଶରାବରେ ତାଙ୍କର ଚୈତନ୍ୟ ାଦୟ ହେଲା । ସେ ଗୃହ ମଧ୍ୟରେ ପ୍ରବେଶ କଲେ । ଦାବାନଳ ଧ୍ୟରେ କ୍ଷତାଙ୍ଗୀ ହରିଣୀ ପରି ସେ କୁଆଡ଼େ ପଳାଇ ଯାଇ ରିଲେନାହିଁ କିମ୍ବା ସେ ସ୍ଥାନରେ ସ୍ଥିର ହୋଇ ରହିପାରିଲେ ାହିଁ । ଘରେ କିଛି ସମୟ ଅସ୍ଥିର ଭାବରେ ପଦଚାରଣ କରି ବିଷାଦବଶତଃ ସେ କାନ୍ଥକୁ ଆଉଜି ଟିକିଏ ବସିପଡ଼ିଲେ । ଅବି-ମ ଅଶ୍ରୁଧାରା ତାଙ୍କର ନତୋନ୍ନତ ବକ୍ଷ ଦେଶକୁ ପ୍ଲାବନ କରି ହିଲା ।

ଦିନ ଆସେ ଓ ଯାଏ । ସମୟର ଗତିରେ ଦୁଃଖର ପ୍ରକୋପ ମେ କ୍ରମେ ହ୍ରାସ ହୁଏ । ମାତ୍ର ରେଖାଙ୍କର ଦୁଃଖ ଓ ମନସ୍ତାପ ପଶମ ନହୋଇ ଦିନକୁ ଦିନ ବଢ଼ିବାରେ ଲାଗିଲା । ଦିନଯାକ ହ କର୍ମରେ ବ୍ୟାପୃତା ରହି ସେ କୌଣସି ପ୍ରକାର ସମୟ କଟାଇ ନେଉଥିଲେ ମାତ୍ର ରାତିଟି ତାଙ୍କ ପକ୍ଷରେ କାଳରାତି ହୁଏ । ସମସ୍ତେ ଶୋଇପଡ଼ିଲେ ସେ ଶଯ୍ୟା ତ୍ୟାଗ କରି ଧୀରେ ଧୀରେ ଆସି

ଅଗଣାରେ ବସନ୍ତି । ତାଙ୍କର ଦୁଇ ଚକ୍ଷୁର କରୁଣ ସଜଳଦୃ
ଦୂର ଆକାଶ ଉପରେ ନ୍ୟସ୍ତ କରି ତାଙ୍କର ବ୍ୟର୍ଥ ଜୀବନର କରୁ
କାହାଣୀ କହିବାକୁ ଚେଷ୍ଟା କରନ୍ତି । ମାତ୍ର କାହା ଆଗରେ
କହିବେ ? କଅଣ ବା କହିବେ ? କିଛି ସ୍ଥିର କରିପାରନ୍ତିନାହିଁ।
ହେମନ୍ତର ଧୂସର ଆକାଶ ଓ ଶୀତାର୍ତ୍ତ ପାଣ୍ଡୁବର୍ଣ୍ଣ ଗ୍ରହ ନକ୍ଷ
ନିଶ୍ଚୟ ତାଙ୍କୁ ବା କି ଶାନ୍ତ୍ୱନା ଦେବେ ?

ଏହାର କେତେଦିନପରେ ବିପିନବାବୁ ରେଖାଙ୍କର ଅବସ୍ଥା
ଦେଖି ଅବାକ୍ ହୋଇଗଲେ । ତାଙ୍କର ଏକମାତ୍ର ସନ୍ତାନ
ମାତୃହୀନା ରେଖାଟିର ପାଣ୍ଡୁର ବଦନ ଓ କୋଟରଗତ ଚକ୍ଷୁ
ଦେଖି ତାଙ୍କ ମନରେ ଅତ୍ୟନ୍ତ କଷ୍ଟ ହେଲା । ସେ ଭାବିଲେ ଅତି
ଶୀଘ୍ର ରେଖାଙ୍କର ବିବାହ ସମ୍ପନ୍ନ କରିଦେବା ନିତାନ୍ତ ଆବଶ୍ୟକ
ସେ ପନ୍ଦର ଦିନ ଛୁଟିନେଇ ପାତ୍ରାନ୍ୱେଷଣରେ ଯାଜପୁର
ବାହାରିଗଲେ ।

ପିତା ବର ଅନ୍ୱେଷଣରେ ଯିବାର ଦେଖି ରେଖା ମନେ
ମନେ ଚିନ୍ତା କଲେ ଯେ ସେ ଖାଲି ବସି ରହି ଦୈବ ଉପରେ
ନିର୍ଭର କଲେ ଚଳିହବନାହିଁ । ଆଉ ବେଳନାହିଁ । କର୍ତ୍ତବ୍ୟ ସ୍ଥିର
କରିବାକୁ ହେବ ।

ତହିଁ ଆରଦିନ ଦଶଟାବେଳେ ବିନ୍ଦୁ ଖାଇସାରି ସ୍କୁଲକୁ
ବାହାରିଲା । ରେଖା ତାକୁ ପାଖକୁ ଡାକି କହିଲେ, "ବିନ୍ଦୁ ମ
ତୁ ଆଜି ନନ୍ଦମାଷ୍ଟରଙ୍କୁ କହିବୁ ଅପା ଡାକିଛନ୍ତି, ସେ ନିଶ୍ଚୟ ଆଜି
ଆମ ବସାକୁ ଆସିବେ । ଭାରି ଜରୁରୀ କାମ ଅଛି । ନିଶ୍ଚୟ ଆସିବେ

ମନେକରି କହିବୁ । କେବେହେଁ ଭୁଲିବୁ ନାହିଁ” । ବିନ୍ଦୁ ହଁ କହି ଚାଲି-
ଗଲା । ଚାରିଟା ବେଳେ ବିନ୍ଦୁ ସ୍କୁଲରୁ ଫେରି ରେଖାଙ୍କୁ କହିଲା
“ଅପା ! ନନ୍ଦ ମାଷ୍ଟରଙ୍କୁ କହିଲି, ସେ ସ୍କୁଲ ଫେରନ୍ତା ଏହିବାଟେ
ତାଙ୍କ ବସାକୁ ଯିବେ ବୋଲି କହିଚନ୍ତି ।” ସେ ଜଳଖିଆ କରି
ଖେଳିବାକୁ ଚାଲିଗଲା ।

ନନ୍ଦମାଷ୍ଟର ବା ନନ୍ଦକିଶୋର ଦାସ ଭିକ୍ଟୋରିଆ ସ୍କୁଲର
ସହକାରୀ ଶିକ୍ଷକ । ବୟସ ତିରିଶର ପାଖାପାଖି । ଦେଖିବାକୁ
ଯେପରି ସୁଶ୍ରୀ ସେହିପରି ହୃଷ୍ଟପୁଷ୍ଟାଙ୍ଗ; ସ୍ୱଭାବ ଚରିତ୍ର ମଧ୍ୟ
ନିର୍ଦ୍ଦୋଷ । ସେ ପୂର୍ବେ ବିପିନ ବାବୁଙ୍କ ବସା ପାଖରେ ରହୁଥିଲେ ।
ତେଣୁ ବିପିନ ବାବୁଙ୍କ ପରିବାର ସଙ୍ଗରେ ବିଶେଷ ଆଳାପ
ପରିଚୟ ଥିଲା । ସେ ଅନେକ ସମୟରେ ବିପିନ ବାବୁଙ୍କ ବସାକୁ
ଆସି ବିନ୍ଦୁର ପଢ଼ାପଢ଼ିର ଯତ୍ନ ନେଉଥିଲେ । ସେତେବେଳେ
ରେଖାବୋଉ ବଞ୍ଚିଥାଆନ୍ତି । ନନ୍ଦବାବୁଙ୍କର ଆଚାର ବ୍ୟବହାରରେ
ସେ ଏପରି ସନ୍ତୁଷ୍ଟ ଥିଲେଯେ, ରେଖାଙ୍କ ପରି ବଡ଼ିଲା ଝିଅ ଘରେ
ଥିଲେ ମଧ୍ୟ ସେ ନନ୍ଦବାବୁଙ୍କର ତାଙ୍କ ଘରକୁ ଅବାଧରେ ଯା ଆସ
କରିବାରେ କୌଣସି ଆପତ୍ତି ବା ଶଙ୍କା କରୁ ନ ଥିଲେ ।
ବିପିନବାବୁ ମଧ୍ୟ ଏ ଚରିତ୍ରବାନ୍ ଓ ପରୋପକାରୀ ଯୁବକଟିକୁ
ଅତ୍ୟନ୍ତ ଶ୍ରଦ୍ଧା ଓ ଆଦର କରୁଥିଲେ । ରେଖା ତାଙ୍କୁ ବଡ଼ଭାଇ ପରି
ଭକ୍ତି କରୁଥିଲେ । ନନ୍ଦବାବୁ ଚିର ଜୀବନ ବ୍ରହ୍ମଚର୍ଯ୍ୟ ପାଳନ କରି
ଲୋକସେବାରେ ଜୀବନଯାପନ କରିବେ ବୋଲି ରାମକୃଷ୍ଣ
ମିଶନର ବ୍ରତ ଗ୍ରହଣ କରିଥିଲେ ।

ଯୋଡ଼ ମନ୍ଥରେ

ନନ୍ଦବାବୁଙ୍କର ପିତା ମାତା କିମ୍ବା ଭାଇ ଭଉଣୀ କେହି ନଥିଲେ । ସେ ଯାହା ଦରମା ପାଉଥିଲେ ସେଥିରେ ତାଙ୍କର ସରଳ ଜୀବନ ଯାତ୍ରା ନିଶ୍ଚିନ୍ତରେ ଚଳିଯାଇ କିଛି ଅର୍ଥ ମଧ୍ୟ ଉଦ୍‌ବୃତ୍ତ ରହି ଯାଉଥିଲା । ତହିଁରେ ସେ ଅନେକ ନିଃସ୍ୱ ଓ ଅସହାୟ ଛାତ୍ର-ମାନଙ୍କୁ ସାହାଯ୍ୟ କରୁଥିଲେ । ଅନେକ ଛାତ୍ରଙ୍କୁ ମଧ୍ୟ ସେ ମାଗଣାରେ ଟିଉସନ କରୁଥିଲେ ।

କେତେ ଅଭାବଗ୍ରସ୍ତ ପରିବାର ମଧ୍ୟ ତାଙ୍କର ଦୟା ଦାକ୍ଷିଣ୍ୟର ପରିଚୟ ପାଉଥିଲେ । ଅନେକ ଦେଶହିତକର କାର୍ଯ୍ୟ ଓ ସଭା ସମିତି ମାନଙ୍କରେ ସେ ଅଗ୍ରଣୀ ହେଉଥିଲେ । ରେଖାବୋଉ-ଶେଷ ଜୀବନର ରୋଗଶଯ୍ୟା ସମୟରେ ତାଙ୍କର ଅକ୍ଳାନ୍ତ ସେବା ତାଙ୍କୁ ବିପିନବାବୁ ଓ ରେଖାଙ୍କର ଅତିନିକଟକୁ ଟାଣି ଆଣିଥିଲା । ସେ ଏହି ଅଳ୍ପ ଦିନହେଲା ବସା ପରିବର୍ତ୍ତନ କରି ସେକ୍ ବଜାରସ୍ଥ ଗୋଟିଏ ମେସ୍‌ରେ ରହୁଥିବାରୁ ବିପିନବାବୁଙ୍କ ବସାକୁ ବିଶେଷ ଯିବା ଆସିବା କରିପାରୁନଥିଲେ । ତଥାପି ମଧ୍ୟେ ମଧ୍ୟେ ସେମାନଙ୍କ ଖବର ଅନ୍ତର ବୁଝୁଥିଲେ ।

ରେଖା ନନ୍ଦବାବୁଙ୍କ ଆଗମନକୁ ପ୍ରତୀକ୍ଷା କରି ଅନାଇ ବସିଥିଲେ । ନନ୍ଦବାବୁ ଆସି ପହଞ୍ଚିଲେ । ରେଖା ତାଙ୍କ ପଦତଳେ ପଡ଼ି ପିଣ୍ଡାରେ ଖଣ୍ଡିଏ ଶତରଞ୍ଜି ପକାଇଦେଲେ । ନନ୍ଦବାବୁ ତହିଁରେ ବସିଲାରୁ ରେଖା ପାନଡାଲାଟି ଆଣି ତାଙ୍କ ଅଳ୍ପଦୂରରେ ତଳେ ବସି ମୁଣ୍ଡ ପୋତି ପାନ ଭାଙ୍ଗି ବସିଲେ ।

ନନ୍ଦ, ବିପିନବାବୁ କଚେରିରୁ ଫେରି ନାହାନ୍ତି ? ।

ରେଖା, ସେ ଯାଜପୁର ଯାଇଛନ୍ତି ।

ନନ୍ଦ, "ମତେ ଏତେ ଜରୁରୀ ଡକାଇଲୁ କାହିଁକି ?"
ରେଖା ତାଙ୍କ ପ୍ରଶ୍ନର କୌଣସି ଉତ୍ତର ନ ଦେଇ ବଡ଼ ବ୍ୟାକୁଳରେ ତାଙ୍କ ମୁହଁକୁ ଅନାଇ ରହିଲେ । ନନ୍ଦବାବୁ ରେଖାଙ୍କର ବିବର୍ଣ୍ଣ ମୁଖ ଓ କୋଟରଗତ ଚକ୍ଷୁର ବିକ୍ଷୁବ୍ଧ ଚାହାଣୀ ଦେଖି ପଚାରିଲେ "ରୁନୁ ! ତୋ ଦେହ ଭଲ ନାହିଁକି ? କଳାକାଠ ପଡ଼ି ଗଲୁଣି । ଚିହ୍ନି ହେଉନାହିଁ ।"

ତାଙ୍କ ତୁଣ୍ଡରୁ କଥା ଶେଷ ହୋଇଛି କି ନାହିଁ, ରେଖାଙ୍କର ସେ ନିଷ୍ପ୍ରଭ ନେତ୍ରଯୁଗଳରୁ ଅବିରାମ ଅଶ୍ରୁଧାରା ଗଡ଼ିପଡ଼ିଲା ଓ ସେ ବିକଳ ହୋଇ କ୍ଷୁଦ୍ର ଶିଶୁପରି କାନ୍ଦି ଉଠିଲେ ମାତ୍ର ତାଙ୍କ ତୁଣ୍ଡରୁ କୌଣସି କଥା ବାହାରିଲାନାହିଁ ।

ନନ୍ଦବାବୁ ରେଖାଙ୍କର ଏପରି ବିକଳ କାନ୍ଦଣା ଦେଖି ବିପିନବାବୁଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ସନ୍ଧିହାନ ହୋଇ ପଚାରିଲେ, "ରୁନୁ ! ବିପିନବାବୁ କେତେଦିନ ହେଲା ଗଲେଣି, ତାଙ୍କର ଦେହ ଯା ଭଲ ଅଛି ତ ?" ତଥାପି ରେଖାଙ୍କର ବିକଳକ୍ରନ୍ଦନ ପ୍ରଶମନ ନ ହୋଇ ଅଧିକ ବଢ଼ିବାର ଦେଖି ନନ୍ଦବାବୁ ପୁଣି କହିଲେ "ମୋ ସୁନା ଭଉଣୀଟି ପରା, କଅଣ ହୋଇଛି କହ । ତୋର ଏ ବିକଳ କାନ୍ଦଣା ଦେଖି ମୋ ମନରେ ଭାରି କଷ୍ଟ ହେଉଛି । ମାଆଟି ପରା କହ ।" ରେଖା ବହୁ କଷ୍ଟରେ କ୍ରନ୍ଦନର ବେଗ ସମ୍ଭାଳି ଚକ୍ଷୁ ମାର୍ଜନା କରି କହିଲେ । ସ୍ୱରଟି ଏପରି କରୁଣ ଓ ଏପରି ମର୍ମସ୍ପର୍ଶୀ ଯେ ତାହା ଶୁଣିବାମାତ୍ରେ ନନ୍ଦବାବୁଙ୍କର ହୃଦୟ ଶଙ୍କା ଓ ଉଦ୍-ବେଗରେ ଭରି ଉଠିଲା । ରେଖା ଆରମ୍ଭ କଲେ, "ଯେଉଁ କଥା ଆଜି ପର୍ଯ୍ୟନ୍ତ କାହା ଆଗରେ ପ୍ରକାଶ କରିବାକୁ ସାହସ କରିନାହିଁ,

ପ୍ରାଣ ଗୁଡ଼ଗଲେବ ଆପଣଙ୍କ ବ୍ୟତୀତ ଅନ୍ୟ ଲୋକ ଆଗରେ ପ୍ରକାଶ କରି ପାରିବନାହିଁ, ଆଜ ଅତିଶୟ ଅସହାୟ ଅବସ୍ଥାରେ ପଡ଼ ତାହା ପ୍ରକାଶ କରିବାକୁ ବାଧ ହେଉଛି । ଆପଣ ଦୟା ନ କଲେ, ସାହାଯ୍ୟ ନ କଲେ, ସଂସାରରେ ମୋର ଅନ୍ୟ କାହା ଉପରେ ଭରସା ବା ବିଶ୍ୱାସ ନାହିଁ ।" ରେଖାଙ୍କର ସ୍ୱରର କାରୁଣ୍ୟ ଅନୁଭବ କରି ନନ୍ଦବାବୁଙ୍କର ଚକ୍ଷୁ ଆର୍ଦ୍ର ହୋଇଗଲା ଓ ଧୀର ଭାବରେ ଉତ୍ତର ଦେଲେ, "ରୁନୁ ! ତୁ ତ ପୂର୍ବରୁ ଜାଣିଛୁ ମୋର ମା' ବାପ ଭାଇ ଭଉଣୀ କେହି ନାହାନ୍ତି । ମୁଁ ତତେ ନିଜର ମା'-ପେଟ ଭଉଣୀ ପରି ସ୍ନେହ କରେ । ତେଣୁ ବଡ଼ଭାଇଠାରୁ ସାନ ଭଉଣୀର ଦୟା ବା ସାହାଯ୍ୟ ଭିକ୍ଷା କରିବାର କୌଣସି ଆବଶ୍ୟକ ନାହିଁ । ମୁଁ ତ ନିଶ୍ଚୟ ସାହାଯ୍ୟ କରିବି, ଏଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । କପରି ସାହାଯ୍ୟ ତୁମର ଦରକାର ତା ନିର୍ଭୟରେ ପ୍ରକାଶ କର ।"

ରେଖାଙ୍କର ନିରାଶ ପ୍ରାଣରେ ଆଶାର କ୍ଷୀଣାଲୋକ ଦେଖା ଦେଲା । ସେ ମୁଣ୍ଡ ତଳକୁ ପୋତି ବଡ଼ ବିଷାଦଭରା କଣ୍ଠରେ ତାଙ୍କ ସଙ୍ଗରେ ରମାକାନ୍ତଙ୍କର ପ୍ରଥମ ସାକ୍ଷାତ୍ ଦିନଠାରୁ ସେ ବରହମପୁର ଯିବା ପର୍ଯ୍ୟନ୍ତ ସମସ୍ତ ବିଷୟ ଠିକେ ଠିକେ କହି ଦେଇ ଶେଷରେ କହିଲେ, "ସେ ବରହମପୁର ଯିବାର ଅଳ୍ପଦିନ ପୂର୍ବରୁ ତାଙ୍କ ଠାରେ ପୂର୍ଣ୍ଣ ଅନୁରକ୍ତିଣୀ ମୋପରି ଜଣେ ସରଳା ବାଳିକାର ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇ, ମତେ ନାନା ମିଠା ବାକ୍ୟରେ ଭୁଲାଇ ମୋର ସର୍ବନାଶ କରି ଚାଲିଗଲେ । ସେଠାରେ ଯାଇ ସେ ସ୍ଥାନର ପ୍ରସିଦ୍ଧ ଉକିଲ ସତ୍ୟନାରାୟଣ ବାବୁଙ୍କର କନ୍ୟାଙ୍କର ପାଣିଗ୍ରହଣ

କଲେ, ମୁଁ ବର୍ତ୍ତମାନ ଗର୍ଭବତୀ !"ରେଖାଙ୍କର କଣ୍ଠ ରୋଧ ହେଲା । ସେ ଆଉ କିଛି କହି ପାରିଲେନାହିଁ । ଅତି ବିକଳ ହୋଇ କାନ୍ଦି ଉଠିଲେ ।

ଏକଥା ଶୁଣି ନନ୍ଦବାବୁ ହଠାତ୍ ଚମକି ପଡ଼ିଲେ । ସେ ଅନେକ କ୍ଷେତ୍ରରେ ଅନେକ ଲୋକଙ୍କର ଅତି ବିପଦବେଳେ ସାହାଯ୍ୟ କରିଛନ୍ତି । ମାତ୍ର ଏପରି ଅଶ୍ରୁତପୂର୍ବ ଘଟଣାର ସେ କେବେ ସମ୍ମୁଖୀନ ହୋଇନଥିଲେ । ଅଧୋବଦନା ରେଖାଙ୍କ ଆଡ଼କୁ ସେ ଅନେକ କ୍ଷଣ ସ୍ଥିର ଦୃଷ୍ଟିରେ ଅନାଇ ବଡ଼ କରୁଣ ଭାବରେ କହିଲେ, "ରୁନୁ ! ତୋର ଏ ଦୁଃଖ ଦୁର୍ଦ୍ଦଶାର କାହାଣୀ ଶୁଣି ମୁଁ ଅତିଶୟ ବିବ୍ରତ ହୋଇପଡ଼ିଛି । ତେବେ ଏପରି ଅବସ୍ଥାରେ ତୁ ମତେ କଅଣ କରିବାକୁ କହୁଛୁ ? ଏପରି ପରିସ୍ଥିତିରେ ମୁଁ ତୋର କି ଉପକାର କରିପାରିବି ? ।" ରେଖା ଅଶ୍ରୁ ମାର୍ଜନା କରି ସ୍ଥିର ଦୃଷ୍ଟିରେ କିଛି ସମୟ ଶୂନ୍ୟକୁ ଅନାଇ ଆରମ୍ଭ କଲେ, "ମୁଁ ମୋର କର୍ତ୍ତବ୍ୟ ପୂର୍ବରୁ ସ୍ଥିର କରିଛି । ଆପଣ ମତେ ତହିଁରେ ସାହାଯ୍ୟ କରିବେ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ । ମୋର ଅନ୍ୟ ପନ୍ଥା ନାହିଁ ।" ରେଖାଙ୍କର କଥା ଶୁଣି ନନ୍ଦବାବୁଙ୍କର ଦୃଢ଼ ଧାରଣା ହେଲା ଯେ ରେଖା ତାଙ୍କୁ ଭ୍ରୂଣହତ୍ୟାରେ ସାହାଯ୍ୟ କରିବାକୁ ପ୍ରବର୍ତ୍ତାଉ ଅଛନ୍ତି । ତାଙ୍କର ସେ ବ୍ରହ୍ମଚର୍ଯ୍ୟ-ଉଦ୍ଦୀପ୍ତ ମୁଖମଣ୍ଡଳ ଘୃଣା ଓ କ୍ରୋଧରେ ରକ୍ତବର୍ଣ୍ଣ ହୋଇଗଲା । ତଥାପି ସେ କ୍ରୋଧ ଦମନ କରି ବଡ଼ ସଞ୍ଜମ ସହକାରେ ଦୃଢ଼ଭାବରେ କହିଲେ "ରୁନୁ ! ତୁମ୍ଭର ଏପରି ଅସହାୟ ଅବସ୍ଥାରେ ମୁଁ ତୁମକୁ କେଉଁ ସାହାଯ୍ୟ ବା କରିବି ? । ତଥାପି ତୁମ୍ଭର ପ୍ରସ୍ତାବ ଯଦି ଯୁକ୍ତିଯୁକ୍ତ ପାପଶୂନ୍ୟ ହୁଏ ତେବେ

ତୁମେ ମୋର ଯଥାଶକ୍ତି ସାହାଯ୍ୟରୁ ବଞ୍ଚିତା ହେବନାହିଁ ।” ଏ କଥା ଶୁଣି ରେଖା ମନରେ ବୁଝିଗଲେ ଯେ ନନ୍ଦବାବୁ ତାଙ୍କର ମନୋଗତ ଭାବ ବୁଝି ପାରିଛନ୍ତି, ନୋହିଲେ ସେ ଏପରି କହନ୍ତେ କାହିଁକି ? । ଆଶାର କ୍ଷୀଣାଲୋକ ଟିକକ ତାଙ୍କ ମନରୁ ଉଭେଇ ଗଲା । ତଥାପି ସେ ମନରେ ଦମ୍ଭ ବାନ୍ଧି କହିଲେ, “ମୁଁ ସଂକଳ୍ପ କରିଛି ନିଶ୍ଚୟ ଆତ୍ମହତ୍ୟା କରିବି । ଅସହାୟା ସରଳା ନାରୀ ପ୍ରତି ବ୍ୟଭିଚାରୀ ପୁରୁଷର ଏପରି ଘୋର ଅତ୍ୟାଚାରକୁ ଜଗତ ସମକ୍ଷରେ ଜ୍ୱଳନ୍ତ ଦୃଷ୍ଟାନ୍ତଦ୍ୱାରା ଦେଖାଇ ବଞ୍ଚି ରହିବାର ସତ୍‌ସାହସ ମୋର ନାହିଁ । ମୋପରି ସର୍ବସହଣିକା ନର୍ଯ୍ୟାତିତା ଭଉଣୀମାନେ ପୂର୍ବେ ମୋ ଆଗରୁ ଯେଉଁ ବାଟରେ ଯାଇ ସମସ୍ତ ଦୁଃଖ ଯନ୍ତ୍ରଣା ଓ ଲଜ୍ଜା କଳଙ୍କରୁ ତ୍ରାହି ପାଇଛନ୍ତି ମୁଁ ସେହି ପଥହିଁ ଅନୁସରଣ କରିବି । ଆତ୍ମହତ୍ୟା ବ୍ୟତୀତ ମୋର ଗତ୍ୟନ୍ତର ନାହିଁ । ମୁଁ ମୁଁ ଅନେକ ଭାବି ଚିନ୍ତି ଶେଷରେ ଏହି ସିଦ୍ଧାନ୍ତରେ ପହଞ୍ଚିଛି ।” ରେଖାଙ୍କ ପରି ଜଣେ ସରଳା ବାଳିକା ସାମାନ୍ୟ ଅସାବଧାନତା ବଶତଃ କପରି ଦୁଃଖ ଯନ୍ତ୍ରଣା ଭୋଗ କରି ଆଦ୍ୟ ଯୌବନର ନବ ବସନ୍ତରେ ସଂସାରର ସମସ୍ତ ମାୟା ମମତା ତୁଟାଇ ଦେଇ ଆତ୍ମହତ୍ୟା ପାଇଁ ବାଧ ହେଉଛି ଏକଥା ଭାବି ଦୟାର୍ଦ୍ର ହୃଦୟ ନନ୍ଦବାବୁଙ୍କର ହୃଦୟରେ ଘୋର ଦୁଃଖ ଜାତ ହେଲା; କ୍ରୋଧ ପରିବର୍ତ୍ତେ ସମବେଦନାରେ ତାହା ବ୍ୟଥିତ ହୋଇ ଉଠିଲା । ସେ ବଡ଼ ଧୀର ସ୍ୱରରେ କହିଲେ “ରୁନୁ ମୁଁ ଏ ପାପକର୍ମକୁ ଅନୁମୋଦନ କରିପାରୁ ନାହିଁ କିମ୍ବା ଏ କ୍ଷେତ୍ରରେ ତୁମର କର୍ତ୍ତବ୍ୟ ସମ୍ବନ୍ଧରେ କିଛି ଉପଦେଶ ଦେଇପାରୁନାହିଁ । ଏପରି ଅବସ୍ଥାରେ ମୁଁ ତୁମର କି

ପ୍ରକାରରେ ଆସିବ ?।" ରେଖା କହିଲେ "ତେବେ ମୋର ମନ କଥା ଶୁଣନ୍ତୁ। ମୁଁ ଆତ୍ମହତ୍ୟା କଲେ ମୋର ଶବକୁ ଡାକ୍ତର ଯାଇଁ ନା ପାଇଁ ନିଶ୍ଚୟ ପଠାଯିବ। ଶବବ୍ୟବଚ୍ଛେଦରେ ମୋର ଗର୍ଭକଥା ଜଣା ପଡ଼ିବ। ତେଣୁ ମୋର ପାପଗର୍ଭ କଥା ଯେପରି ଅନ୍ୟ କେହି ଜାଣି ନ ପାରିବେ ସେଥିପାଇଁ ମୁଁ ଗୋଟିଏ ଉପାୟ ସ୍ଥିର କରିଛି। ମୁଁ ଆଜିଠାରୁ ପେଟକୁ ମାରୁଛି ବୋଲି ଛଳନା କରି ଶଯ୍ୟାଶାୟିନୀ ହେବି। ଆପଣ ଜଣେ ସାମାନ୍ୟ କବିରାଜ ଆଣାଇ ମୋର ନାମ ମାତ୍ର ଚିକିତ୍ସା କରାଇବେ। ଦିନେ ଦୁଇଦିନ ପରେ ମୁଁ ବିଷ ପାନ କରି ଆତ୍ମହତ୍ୟା କରିବି। ଆପଣ ନିଜେ ରହି ମୋର ଶବ ସଂସ୍କାର କରାଇନେବେ, ଯେପରିକି ଅନ୍ୟମାନେ ମୋ ପାପଗର୍ଭ କଥା ଜାଣିନପାରନ୍ତି। ଏପରି ନୂଆ ପ୍ରକାରର ଆତ୍ମ-ହତ୍ୟା କଥା ଶୁଣି ଆପଣ ବୋଧହୁଏ ବିସ୍ମିତ ହେଉଥିବେ। ମାତ୍ର ତା'ର ବିଶେଷ କାରଣ ଅଛି। ଆପଣ ତ ଜାଣନ୍ତି ବାପା ତାଙ୍କର ଏକମାତ୍ର କନ୍ୟା ଏ ହତଭାଗୀକୁ କିପରି ସ୍ନେହ କରନ୍ତି। ମୋର ମୃତ୍ୟୁରେ ବାପା ଏକବାରେ ଭାଙ୍ଗି ପଡ଼ିବେ। ତା ଉପରେ ଯଦି ସେ ମୋର ଏ ପାପଗର୍ଭ କଥା ଜାଣି ପାରିବେ, ତେବେ ସେ ସମସ୍ତଙ୍କର ନିନ୍ଦା ଓ ଘୃଣାର ପାତ୍ର ହୋଇ ଜୀବନର ଅବଶିଷ୍ଟ ସମୟତକ ବଡ଼ ମନସ୍ତାପରେ କଟାଇ ଏ କୁଳକଳଙ୍କିନୀକୁ ଅଭିଶାପ ଦେଇ ଦେଇ ପ୍ରାଣ ତ୍ୟାଗ କରିବେ। ଆଉ ମଧ୍ୟ ଆମର ନିଷ୍କଳଙ୍କ କୁଳରେ ଚିରକାଳ ପାଇଁ ଗୋଟାଏ କଳଙ୍କ କାଳିମା ରହିଯିବ। ଲୋକାପବାଦ, ପିତାଙ୍କର ମନସ୍ତାପ ଓ ଆମ କୁଳର କଳଙ୍କ ଦୂର କରିବାପାଇଁ ମୁଁ ଆପଣଙ୍କ ସାହାଯ୍ୟ ପ୍ରାର୍ଥନା କରୁଛି।" ଏତେ ଗୁଡ଼ିଏ କଥା ରେଖା ଏକା ନିଃଶ୍ୱାସରେ କହିଦେଇ ଗୋଟିଏ ବୁକୁ-

ଯୋଡ଼ ମନ୍ଥର

ଘଣ୍ଟା ଦୀର୍ଘ ନିଃଶ୍ୱାସ ତ୍ୟାଗ କରି ନନ୍ଦବାବୁଙ୍କ ମୁହଁକୁ ସ୍ଥିର ବିଷର୍ଣ୍ଣ ଦୃଷ୍ଟିରେ ଅନାଇ ରହିଲେ । ରେଖାଙ୍କର ସେପରି ଗୃହାଣୀ ଦେଖି ନନ୍ଦବାବୁ ଶଙ୍କାକୁଳ ହୃଦୟରେ କହିଲେ, "ରୁନୁ ! ତେବେ ମୁଁ ତୁମର ଓ ତୁମ ଗର୍ଭସ୍ଥ ଭ୍ରୂଣର ହତ୍ୟାରେ ଭାଗୀ ହେବାକୁ ତୁମେ ଇଚ୍ଛା କର ।" ରେଖା ଦୃପ୍ତ କଣ୍ଠରେ ଉତ୍ତର ଦେଲେ, "ନା ନା ! ମୁଁ ଏ ମହାପାତକରେ ଆପଣଙ୍କ ପରି ଦେବୋପମ ଲୋକଙ୍କୁ ଲିପ୍ତ ହେବାକୁ ଡାକୁନାହିଁ । ମତେ, ମୋ ପିତାଙ୍କୁ ଓ ଆମକୁଳକୁ କଳଙ୍କ-କାଳିମାରୁ ଓ ଲୋକାପବାଦରୁ ରକ୍ଷା କରିବାକୁ ଆପଣଙ୍କର ସାହାଯ୍ୟ ଲୋଡ଼ୁଛି । ଆପଣ ମୋ ଅନୁରୋଧ ରକ୍ଷା କରନ୍ତୁ ବା ନକରନ୍ତୁ ମୁଁ ନିଶ୍ଚୟ ଆତ୍ମହତ୍ୟା କରିବି । ମୋର ଅନ୍ୟଗତି ନାହିଁ ।" ଏତକ କହି ରେଖା ମୁଣ୍ଡପୋତି ନନ୍ଦ ବାବୁଙ୍କର ଉତ୍ତରକୁ ଅପେକ୍ଷା କରି ରହିଲେ । ନନ୍ଦ ବାବୁ ଶୂନ୍ୟକୁ ଅନାଇ ବିଭିନ୍ନ ଦିଗରୁ କଥାଟାକୁ ବିଚାର କଲେ । ସେ ସ୍କୁଲ ଛୁଟିପରେ ବସାକୁ ନ ଯାଇ ପଦାଏ ପଦାଏ ବିପିନ ବାବୁଙ୍କ ବସାକୁ ଆସିଥିଲେ; ସନ୍ଧ୍ୟା ପ୍ରାୟ ହୋଇ ଆସିଲା, ତଥାପି ସେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରିଲେନାହିଁ । ଶେଷରେ ସେ କହିଲେ "ରୁନୁ ! ମୁଁ ତୁମର ଏ ଦୁର୍ଦ୍ଦଶାର କାହାଣୀ ଶୁଣି ଏପରି ବିଚଳିତ ହୋଇ ଯାଇଛି ଯେ, କୌଣସି କଥା ଧୀର ସ୍ଥିର ଭାବରେ ଚିନ୍ତା କରିବାର ଶକ୍ତି ହରାଇ ବସିଛି । ଭାବି ଚିନ୍ତି ସ୍ଥିର କରିବାକୁ ମତେ ଆଜି ରାତିଟା ସମୟ ଦିଅ । ମୁଁ କାଲି ବଡ଼ ଭୋରରୁ ଆସି ମୋର ଶେଷ ନିଷ୍ପତ୍ତି ତୁମକୁ ଜଣାଇଦେବି । ମାତ୍ର ଦେଖ ମୋର ଶେଷ କଥା ଶୁଣିବା ପୂର୍ବରୁ ତୁମେ ଆତ୍ମହତ୍ୟା କରିବନାହିଁ ।"

ରେଖା, "ମୁଁ ଆପଣଙ୍କଠାରୁ ଶେଷ ଜବାବ ନଶୁଣି ଜପର ବା ଆତ୍ମହତ୍ୟା କରିବି । ଆପଣ ନିଶ୍ଚୟ କାଲି ସକାଳେ ଆସିବେ । ସ୍କୁଲରୁ ପଢାଏ ପଢାଏ ଆସିଛନ୍ତି । ମୁହଁ ହାତ ଧୋଇ ଦି'ଟା ଜଳଖିଆ କରିଦିଅନ୍ତୁ ।"

ନନ୍ଦବାବୁ, "ନାହିଁ । ମୁଁ ମୁହଁ ହାତ ଧୋଇ ସନ୍ଧ୍ୟା ଉପାସନା ନକରି କିଛି ଖାଇବି ନାହିଁ । ଯାଉଛି, କାଲି ସକାଳେ ନିଶ୍ଚୟ ଆସିବି ।" ବିଦାୟ ନେଇ ଚାଲିଗଲେ ।"

୮

ରାତିରେ ରେଖା ବହୁଦିନ ପରେ ଗଣ୍ଡାଏ ଭଲ କରି ଖାଇବାକୁ ଚେଷ୍ଟା କଲେ । ବହୁଦିନର ଶଯ୍ୟାଶାୟୀ ରୋଗୀର ପାଟିକୁ ପଥ୍ୟ ଲାଗିଲା ପରି ଭାତ ତିଅଣ ତାଙ୍କ ପାଟିକୁ ଲାଗିଲା । ହାଣ୍ଡି ଝଖାଳି ସେ ଗୋଡ଼ ହାତ ଧୋଇ ଶଯ୍ୟା ଗ୍ରହଣ କଲେ । ବହୁତ ଚେଷ୍ଟା କରି ନିଦ ହେଲାନାହିଁ । ଖାଲି ଅମୁହାଁ ଦେଉଳରେ ପଶିଲା ପରି ଲାଗିଲା । ତାଙ୍କୁ ଜଣାଗଲା ଯେପରିକି ସେ ଏ ଇହ ସଂସାରରୁ ଚିରକାଳ ପାଇଁ ବିଦାୟ ନେଇ ରୌରବର ଅନ୍ଧକାରମୟ ଉତ୍ତପ୍ତ ପ୍ରଦେଶରେ ବିଚରଣ କରୁଛନ୍ତି । ରାତିଟି ଯାକ ଛଟପଟ କଲବଲ ହୋଇ ସେ କୁଆ କା' କରିବା ପୂର୍ବରୁ ଶଯ୍ୟା ତ୍ୟାଗ କରି ଅଗଣାକୁ ଆସିଲେ । ସେ ମନେ ମନେ ଚିନ୍ତା କଲେ ଯେ ନନ୍ଦବାବୁ ନିଶ୍ଚୟ ତାଙ୍କ ଅନୁରୋଧ ରକ୍ଷା କରିବେ । ଗତ ଦିନ ସେ ଯେଉଁ ଯୁକ୍ତିଗୁଡ଼ିକ ଦେଖାଇଛନ୍ତି, ନନ୍ଦବାବୁ ନିଶ୍ଚୟ ସେଗୁଡ଼ିକ ଅନୁମୋଦନ କରିବେ । କାରଣ ଆତ୍ମହତ୍ୟା ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ଅଶ୍ରୁଭରା ନୟନରେ ସେ ପୂର୍ବାକାଶ ଆଡ଼କୁ ଦୃଷ୍ଟି

ନିକ୍ଷେପ କଲେ । ସଜନା ଗଛର ଫାଙ୍କ ବାଟେ ବାଳାର୍କର ଦୀପ୍ତ-କନକ-ବର୍ଣ୍ଣଚ୍ଛଟା ଦେଖିବା ମାତ୍ରେ ତାଙ୍କ ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ପଡ଼ିଲା । ଆହା ! ସେ ଅନେକ ଥର ସୂର୍ଯ୍ୟୋଦୟର ଏହି ଋକ୍ମ ସମୃଦ୍ଧିକୁ ନିର୍ନିମେଷ ନୟନରେ ଅନାଇ ରମାଭାଇଙ୍କ କଥା ଚିନ୍ତା କରି କେତେ ସୁଖସ୍ୱପ୍ନ ଦେଖୁଥିଲେ । ବୋଧହୁଏ ଏହାହିଁ ଶେଷ ଦେଖିବା । କାରଣ କାଲି ସୂର୍ଯ୍ୟୋଦୟର ପୂର୍ବରୁ ତାଙ୍କର ଜୀବନସୂର୍ଯ୍ୟ ଚିରକାଳ ପାଇଁ ମହାକାଳ ସାଗରର ଅନନ୍ତ ଗର୍ଭରେ ବୁଡ଼ି ଯାଇଥିବ । ତାଙ୍କ ମୃତ୍ୟୁପରେ ପିତାଙ୍କର ଅବସ୍ଥା କଅଣ ହେବ ଏହି କଥା ଚିନ୍ତା କଲାବେଳକୁ ତାଙ୍କର ସର୍ବ ଶରୀରରେ ଏକ ଜ୍ୱାଳାମୟୀ ବେଦନା ଅନୁଭବ କଲେ ଓ ତାଙ୍କ ମୁଣ୍ଡ ବୁଲାଇଲା ଓ ସେ ତଳେ ହଠାତ୍ ପଡ଼ିଗଲେ । ସୁରୁଜୀ ମଧ୍ୟ ସେହି ସମୟରେ ଆସି ପହଞ୍ଚି ତାଙ୍କୁ ଉଠାଇ ସାଷ୍ଟାମ କରି କହିଲା "କି ଅବୁଝା ଝିଅଟାଏ ଲୋ ମା, ଯଦି ପେଟ କାମୁଡ଼ି ହେଉଛି ଗୋପାଳ ବାବୁଙ୍କୁ କହି କେଉଁଠାରୁ ଔଷଧ ଆଣି ଖାଉନାହୁଁ । ଭୋକ ଉପାସରେ ପଡ଼ି ପଡ଼ି ଦରପୋଡ଼ା କେନ୍ଦୁ କାଠ ପରି ଝାଉଁଳୁଣି । କାହାର କଥା ତ ଶୁଣିବୁନାହିଁ, ଆଉ ତୁ ଦୁଃଖ ପାଇବୁ ନାହିଁ ତ କିଏ ପାଇବ ।" ରେଖା ବହୁକଷ୍ଟରେ ପ୍ରାତଃ କୃତ୍ୟ ସମାପନ କରି ନନ୍ଦବାବୁଙ୍କର ଆଗମନକୁ ଅପେକ୍ଷା କରି ରହିଲେ । ପୂର୍ବଦିନର କଥା ଅନୁସାରେ ନନ୍ଦବାବୁ ମଧ୍ୟ ଭୋରରୁ ଆସି ପହଞ୍ଚିଥିଲେ । ନନ୍ଦବାବୁଙ୍କର ଗମ୍ଭୀର ମୁଖ ଦେଖି ରେଖାଙ୍କ ମନରେ ଆଶା ଓ ନିରାଶାର ତୁମୁଳ ଯୁଦ୍ଧ ଲାଗିଗଲା ! ତାଙ୍କ ତୁଣ୍ଡରୁ କଥା ଶୁଣିବାକୁ ରେଖା ଉତ୍କଣ୍ଠି ହୋଇ ରହିଲେ । ନନ୍ଦବାବୁ ନିକଟରେ ପଡ଼ିଥିବା ଖଣ୍ଡିଏ

ଆସନରେ ଉପବିଷ୍ଟ ହୋଇ, ରେଖାକୁ ତାଙ୍କ ନିକଟକୁ ଡାକି ପାଖରେ ବସାଇ ଆରମ୍ଭ କଲେ, "କାଲି ରାତିରେ ମୁଁ ଧୀରସ୍ଥିର ଭାବରେ ତୁମ କଥା ବହୁତ ଚିନ୍ତା କଲି ମାତ୍ର କୌଣସି ମୀମାଂସାରେ ପହଞ୍ଚି ପାରିଲିନାହିଁ । ଶେଷରେ ମୋର ଇଷ୍ଟଦେବତା ଶ୍ରୀ ରାମ-କୃଷ୍ଣ ପରମହଂସ ଦେବଙ୍କ ଉଦ୍ଦେଶ୍ୟରେ ଜଣାଇଲି, ପ୍ରଭୁ ଏ କ୍ଷେତ୍ରରେ ମୋର କି କର୍ତ୍ତବ୍ୟ ଆଦେଶ କରନ୍ତୁ" । "ପ୍ରଭୁଙ୍କର ସ୍ୱପ୍ନାଦେଶ ହେଲା "ମୁଁ ତୁମକୁ ବିବାହ କରିବି ।"

ସରୀସୃପର ଚିକ୍କଣ ଦେହରେ ହାତ ବାଜିଗଲେ ଲୋକ ଯେପରି ଚମକି ପଡ଼ି ଗୁନିଆ ହୋଇଯାଏ ଓ ତାହା ଦେହର ସମସ୍ତ ରୋମ ଠାକୁର ଉଠେ, ରେଖା ସେହିପରି ଏ କଥା ଶୁଣି ଚମକିପଡ଼ି ଗୁନିଆ ହୋଇଗଲେ । ସେ ନିଜର କାନକୁ ବିଶ୍ୱାସ କରି ପାରିଲେ ନାହିଁ । କିଛିକ୍ଷଣ ମୁଣ୍ଡ ତଳକୁ ପୋତି କଅଣ ଚିନ୍ତା କଲେ । କ୍ଷୋଭ ଓ ଘୃଣାରେ ତାଙ୍କର ମୁହଁ ରଙ୍ଗ ପଡ଼ିଗଲା । ସେ ଭ୍ରୂକୁଟି କୁଟିଳ ନୟନରେ ନନ୍ଦବାବୁଙ୍କ ମୁହଁକୁ କିଛି ସମୟ ଅନାଇ ବଡ଼ କର୍କଶ କଣ୍ଠରେ କହିଲେ, "ଆପଣ ଆଜି ଏ କି କଥା କହୁଛନ୍ତି; ମୁଁ ବା ଆଜି କି କଥା ଶୁଣୁଛି ! ମୁଁ ଆପଣଙ୍କୁ ବଡ଼ଭାଇ ପରି ଭକ୍ତିକରେ । ମୁଁ ଅନ୍ୟଦ୍ୱାରା ଉପଭୁକ୍ତା ହୋଇ ଆପଣଙ୍କୁ ବା କିପରି ବିବାହ କରିବି । ମୋର ଏପରି ଅବସ୍ଥାରେ ଓ ମୋର ପୂର୍ବବୃତ୍ତାନ୍ତ ଶୁଣି ଆପଣ ବା ମତେ କିପରି ଗ୍ରହଣ କରିବେ ? ମୁଁ ଆପଣଙ୍କପରି ଲୋକର ଏପରି ଅନାର୍ଯ୍ୟ ପ୍ରସ୍ତାବକୁ ଭାଗ୍ୟର ଉପହାସ ଛଡ଼ା ଅନ୍ୟ କଅଣ ବା କହିବି । ମୁଁ ଆପଣଙ୍କର ରକ୍ଷିତା ଉପପତ୍ନୀ ହୋଇ ବେଶ୍ୟାବୃତ୍ତି ଅବଲମ୍ବନ କରିବି, ଏହାହିଁ ଆପଣଙ୍କର ପ୍ରଭୁଙ୍କର

ଆଦେଶ !" କ୍ରୋଧ ଓ ଅପମାନରେ ରେଖାଙ୍କର ଆଖିରୁ ଧାର ଧାର ଲୁହ ଗଡ଼ିପଡ଼ିଲା । ନନ୍ଦବାବୁ ଏଥିରେ ବିଚଳିତ ନ ହୋଇ ବଡ଼ ଧୀର ଭାବରେ କହିଲେ, "ରୁନୁ ମୋ କଥାଟିକ ଶେଷପର୍ଯ୍ୟନ୍ତ ଟିକିଏ ଶୁଣ ।"ରେଖା ତାଙ୍କୁ ଆଉ କଥା କହିବାକୁ ଅବକାଶ ନ ଦେଇ ଅବଜ୍ଞା ସହକାରେ କହିଲେ, "ଆପଣ ଖୁବ୍ କହିଲେଣି ମୁଁ ମଧ୍ୟ ଖୁବ୍ ଶୁଣିଲିଣି । ଆଉ କିଛି ଶୁଣିବାକୁ ମୁଁ ଚାହେଁ ନା ।" ନନ୍ଦବାବୁ ପୂର୍ବପରି ଅବିଚଳିତ ଭାବରେ ଧୀର କୋମଳ ସ୍ୱରରେ କହିଲେ, ତୁମେ ମୋ କଥା ଶେଷପର୍ଯ୍ୟନ୍ତ ଶୁଣିନାହଁ, ତେଣୁ ତମ'ର ଏପରି କର୍କଶ କଥାରେ ମୁଁ ଅପମାନ ବୋଧ କରୁନାହିଁ । ତୁମେ ଏ ବିପଦରେ ପଡ଼ି ଧୈର୍ଯ୍ୟ ହରାଇଛ । ତେବେ ଶୁଣ:—ମୁଁ ରାମକୃଷ୍ଣ ମିଶନର ବ୍ରତ ଗ୍ରହଣ କରିଛି । ଚିର ଜୀବନ ବ୍ରହ୍ମଚାରୀ ହୋଇ ଲୋକ ସେବାରେ ଜୀବନ କଟାଇବି ବୋଲି ମୋର ପ୍ରଭୁଙ୍କର ପାଦପଦ୍ମରେ ସତ୍ୟ କରିଛି । ମୋର ସ୍ୱଭାବଚରିତ୍ର ସମ୍ବନ୍ଧରେ ଅନ୍ୟ-ମାନଙ୍କଠାରୁ ଶୁଣିଥିବ ଓ ନିଜେ ମଧ୍ୟ ପୂର୍ବରୁ ଜାଣିଛ । ମୁଁ ଆଜି ମୋ ପ୍ରଭୁଙ୍କ ପବିତ୍ରନାମରେ ଶପଥ କରି ପ୍ରତିଜ୍ଞା କରୁଛି ଯେ ମୁଁ ତୁମ୍ଭଙ୍କୁ ଲୋକଦେଖାଣିଆକୁ ସିନା ବିବାହ କରିବି ମାତ୍ର ତୁମର ଓ ମୋର ମଧ୍ୟରେ ସ୍ତ୍ରୀ ସ୍ୱାମୀର କୌଣସି ସମ୍ପର୍କ ରହିବ ନାହିଁ । ସବୁ-ଦିନେ ମୁଁ ତୁମକୁ ନିଜର ମା-ପେଟ ବିଧବା ଭଉଣୀପରି ଲାଳନପାଳନ କରିବି । ଏହାଦ୍ୱାରା ତୁମର, ତୁମ ଗର୍ଭସ୍ଥ ଶିଶୁର ଓ ତୁମ ପିତାଙ୍କର ଜୀବନ ରକ୍ଷା ହେବ । ତୁମ କୁଳ କଳଙ୍କରୁ ମଧ୍ୟ ରକ୍ଷା ପାଇଯିବ । ତୁମେ ଆତ୍ମହତ୍ୟା ମହାପାତକରୁ ମଧ୍ୟ ତ୍ରାହି ପାଇବ । ଏହାହିଁ ମୋ ପ୍ରଭୁଙ୍କର ସ୍ୱପ୍ନାଦେଶ । ଏଥିରେ ତୁମର ସନ୍ଦେହ କରିବାର କୌଣସି କାରଣ ନାହିଁ, ନିର୍ଭୟରେ ତୁମେ ପରମକାରୁଣିକ ମୋର ପ୍ରଭୁଙ୍କ

ଉପରେ ଓ ତାଙ୍କର ଏହି ଅକଞ୍ଚନ ଦାସ ଉପରେ ନିର୍ଭର କର । ମନରେ ଅନ୍ୟ କୌଣସି ଦୁର୍ଭାବନାକୁ ସ୍ଥାନ ଦିଅନାହିଁ ।”

ଏସବୁ କଥା ଶୁଣି ରେଖା ସ୍ଥିର ଦୃଷ୍ଟିରେ ନନ୍ଦବାବୁଙ୍କ ମୁହଁକୁ କିଛି ସମୟ ଅନାଇ ରହିଲେ । ମୁହଁ ଦେଖି ପୁରୁଷମାନଙ୍କର ଭାବ ବୁଝିବାକୁ ଭଗବାନ୍ ନାରୀମାନଙ୍କ ମନରେ ବିଚକ୍ଷଣ କ୍ଷମତା ଦେଇଛନ୍ତି । ରେଖା ନିରେଖି କରି ଦେଖିଲେ ନନ୍ଦବାବୁଙ୍କ ପ୍ରଶାନ୍ତ ମୁଖରେ କାମାତୁର ଧୃଷ୍ଟତାପୂର୍ଣ୍ଣ ଲୋଲୁପ ଦୃଷ୍ଟି ପରିବର୍ତ୍ତେ, ଗୋଟିଏ ସ୍ନିଗ୍ଧ ସ୍ୱର୍ଗୀୟ ଜ୍ୟୋତି ଖେଳିଯାଉଛି । ତାଙ୍କର ନିଷ୍କଳଙ୍କ ଚରିତ୍ର ଓ ଦେବୋପମ ସ୍ୱଭାବ ସମ୍ବନ୍ଧରେ ରେଖାଙ୍କର କେବେ କୌଣସି ସନ୍ଦେହ ଜାତ ହୋଇନଥିଲା । ଏଥର ନନ୍ଦବାବୁଙ୍କ କଥାରେ ତାଙ୍କର ପୂର୍ଣ୍ଣ ପ୍ରତ୍ୟୟ ଜନ୍ମିଲା । ସେ ହଠାତ୍ ଉଠି ଯାଇ ନନ୍ଦବାବୁଙ୍କର ପଦଦୁଇଟିରେ ମୁଣ୍ଡ ଲଗାଇ କୃତଜ୍ଞତାପୂର୍ଣ୍ଣ ଆର୍ଦ୍ର ସ୍ୱରରେ କହିଲେ, “ହେ ଦେବତା ! ମୁଁ ଆପଣଙ୍କର ନିଃସ୍ୱାର୍ଥ ତ୍ୟାଗର ମାହାତ୍ମ୍ୟକୁ ଅନ୍ୟପ୍ରକାର ବୁଝି, ଆପଣଙ୍କୁ ଅନେକ କଟୁ କଥା କହିଛି । ମୋର ଅବସ୍ଥାଦୃଷ୍ଟେ, ମୋର ସମସ୍ତ ଦୋଷ କ୍ଷମା କରନ୍ତୁ ।”ଏପରିବିପଦ ସମୟରେ ନନ୍ଦବାବୁଙ୍କର ଏ ଅଯାଚିତ କରୁଣା ଯୋଗୁଁ ରେଖା ଶିଶୁପରି କାନ୍ଦି ଅଶ୍ରୁଜଳରେ ନନ୍ଦବାବୁଙ୍କର ପାଦ ଦୁଇଟି ପଖାଳିଦେଲେ । ନନ୍ଦବାବୁ ରେଖାଙ୍କ କବଳରୁ ନିଜପାଦକୁ ଟାଣି ଆଣି ବଡ଼ ଉଦାରଭାବରେ କହିଲେ “ରୁନୁ ! ଉଠ, ଆଉ କାନ୍ଦନା । ତୁମର କାନ୍ଦଣା ଦେଖି ମୋ ମନରେ ବଡ଼ କଷ୍ଟ ହେଉଛି । ଆଉ ଗୋଟିଏ କଥା । ଯାହା ମୋ ପ୍ରଭୁଙ୍କର ସ୍ୱପ୍ନାଦେଶ, ଏପରି କ୍ଷେତ୍ରରେ ମୋହର ଯାହା ନିତାନ୍ତ କର୍ତ୍ତବ୍ୟ ମୁଁ ତାହାହିଁ କରିଛି ।

ମତେ ଏଥିପାଇଁ ଏପରି ଉଚ୍ଚଆସନ ଦେବା ଅନ୍ୟାୟ । ମୁଁ ରୋଗ-ଶୋକ-ଜର୍ଜରିତ ଦଶଜଣଙ୍କ ପରି ଜଣେ ସାମାନ୍ୟ ମନୁଷ୍ୟ ମାତ୍ର । ମୁଁ ବୃହତ୍କାୟ, ଉନ୍ନତଶୀର୍ଷ ବନସ୍ପତି ନୁହେଁ, ମୁଁ କ୍ଷୁଦ୍ରାଦପି କ୍ଷୁଦ୍ର ସାମାନ୍ୟ ତୃଣମାତ୍ର, ଯାହାକି ପ୍ରାୟ ସବୁ ସ୍ଥାନରେ ଦେଖାଯାଏ ।"

ଅବସ୍ଥାର ଆବର୍ତ୍ତରେ ପଡ଼ି ରେଖା ନିଜର ସୁଖ ବା ଜୀବନ ପାଇଁ ଲାଳାୟିତା ନ ଥିଲେ, ବରଂ ତାଙ୍କର ବ୍ୟର୍ଥ ଜୀବନ କିପରି ଶୀଘ୍ର ଶେଷ ହେବ, ସେଥିପାଇଁ ସେ ଚେଷ୍ଟା କରୁଥିଲେ । ମାତ୍ର ତାଙ୍କର ଅକାଳ ମରଣରେ ଏକମାତ୍ର କନ୍ୟାସର୍ବସ୍ୱ ପିତାଙ୍କର ଅବସ୍ଥା ଯେ କିପରି ଶୋଚନୀୟ ଓ ଯନ୍ତ୍ରଣାଦାୟକ ହୋଇପଡ଼ିବ, ସେ କଥା ଚିନ୍ତା କଲାବେଳକୁ ତାଙ୍କର ଅନ୍ତରର ଅନ୍ତରତମ ପ୍ରଦେଶରେ ଅଗ୍ନ୍ୟୁତ୍ପାତ ହେଉଥିଲା । ନନ୍ଦବାବୁଙ୍କର ଏ ଅତିମାନୁଷ ପ୍ରସ୍ତାବକୁ ଯେ କୌଣସି ଦିଗରୁ ବିଚାର କଲେ ତାହା ଯେ ଅତି ଉତ୍କୃଷ୍ଟ ଏଥିରେ ତାଙ୍କର ଆଉ ସନ୍ଦେହ ରହିଲାନାହିଁ । ତାଙ୍କ ପିତା ଯଦି ଏ ବିବାହରେ ଅମତ ହୁଅନ୍ତି ତେବେ ସେ କଅଣ କରିବେ ? ନା ନା ! ତାଙ୍କୁ ସେହି ପ୍ରଭୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବାକୁ ହେବ । ଯେଉଁ ପ୍ରଭୁ ଆଜି ଏ ଦୁସ୍ତର ସାଗରରେ ତାଙ୍କୁ ପଥ ଦେଖାଇଛନ୍ତି, ସେ ନିଶ୍ଚୟ କରୁଣା କରିବେ ।

କିଛି ସମୟ ପରେ ନନ୍ଦବାବୁ କହିଲେ, "ରୁନୁ ! ତୁମ ପିତା ଆସିବା ମାତ୍ରେ ମୁଁ ସମସ୍ତ ବନ୍ଦୋବସ୍ତ କରିବି । ତୁମ ପିତା ଏ ବିବାହରେ ଆନନ୍ଦରେ ସମ୍ମତ ହେବେ କାରଣ ସେ ମତେ ବହୁତ ସ୍ନେହ କରନ୍ତି । ବିଶେଷତଃ ମୋ ଆଗର ବ୍ୟବହାରରେ ସେ ବହୁତ ସନ୍ତୁଷ୍ଟ, ଏ କଥା ସେ ଅନେକଙ୍କ ଆଗରେ ପ୍ରକାଶ କରିଛନ୍ତି । ତା

ଉପରେ ମୁଁ ଆଜି ଜଣେ ଲକ୍ଷପତି । ମୋ ମାମୁ ତାଙ୍କର ସମସ୍ତ ସମ୍ପତ୍ତି ମୋ ନାଁରେ ଉଇଲ କରି ପରଲୋକକୁ ଗମନ କରିଛନ୍ତି । ତାଙ୍କର ଅନ୍ୟ କେହି ଓ୍ୱାରିସ ନାହାନ୍ତି । ସେ କଲିକତାରେ ବ୍ୟବ-ସାୟ କରୁଥିଲେ । ବ୍ୟାଙ୍କରେ ଅନେକ ଟଙ୍କା ଜମା ଅଛି । କଲିକ-ତାରେ ପାଞ୍ଚଖଣ୍ଡ ବଡ଼ ଦୋମହଲା କୋଠା ଅଛି । ରୂପସା ଚାଉଳ କଳର ସେ ଜଣେ ବଡ଼ ଅଂଶୀଦାର ଥିଲେ । ବର୍ତ୍ତମାନ ମୁଁ ସେ ସମସ୍ତର ମାଲିକ । ମୁଁ ତୁମକୁ ନାମ ମାତ୍ର ବିବାହ କରି ସାଙ୍ଗେ ସାଙ୍ଗେ କଲିକତା ନେଇଯିବି । ତୁମେ ସେଠାରେ ରହି ନିଶ୍ଚିନ୍ତରେ ପ୍ରସବ କରିବ । କଟକରେ ରହିଲେ ବିବାହର ଅଳ୍ପ ଦିନପରେ ତମେ ପ୍ରସବ କଲେ ଏଠା ଲୋକମାନେ ନାନା କୁତ୍ସା ରଟନା କରିବେ । ବିଶେଷତଃ ତୁମ ବାପା ନାନା ସନ୍ଦେହ କରି ବଡ଼ ଲଜ୍ଜା ଓ ମନସ୍ତାପ ଭୋଗ କରିବେ । ମାତ୍ର କଲିକତାପରି ସହରରେ କିଏ କାହାକୁ ପଚାରେ । ସେଠାରେ ରହିଲେ ତୁମର ଏ ପ୍ରସବ ସମ୍ବାଦ ପିତାଙ୍କଠାରୁ ଓ ଏଠାର ଅନ୍ୟ ଲୋକମାନଙ୍କଠାରୁ ଗୁପ୍ତ ରଖିବାର ସୁବିଧା ହେବ । ତେବେ ମୁଁ ଯାଉଛି । ଏହି କଥା ସ୍ଥିର ହେଲା ।" ନନ୍ଦବାବୁ ବିଦାୟ ନେଇ ଚାଲିଗଲେ । ଏହି କେତେ ଦିନ ହେଲା ରେଖାଙ୍କ ମନରେ ଯେଉଁ ଭୟ ଓ ଉଦ୍‌ବେଗ ପ୍ରବଳ ବେଗରେ ବିସ୍ତାର ଲାଭ କରୁଥିଲା ଆଜି ରେଖା ତହିଁରୁ ମୁକ୍ତିଲାଭ କରି କିଞ୍ଚିତ ଶାନ୍ତି ଅନୁଭବ କଲେ ।

ଏହାର ଚାରିଦିନପରେ ବିପିନ ବାବୁ ଯାଜପୁରରୁ ଫେରିଲେ । ସାଙ୍ଗେ ସାଙ୍ଗେ ନନ୍ଦ ବାବୁଙ୍କ ପକ୍ଷରୁ ଭଲଲୋକ ଏ ବିବାହ ପ୍ରସ୍ତାବ ନେଇ ତାଙ୍କ ପାଖରେ ପହଞ୍ଚିଲେ । ପୂର୍ବରୁ ବିପିନ ବାବୁ ନନ୍ଦ

ବାବୁଙ୍କର ସ୍ୱଭାବ ଚରିତ୍ରରେ ବଡ଼ ସନ୍ତୁଷ୍ଟ ଥିଲେ; ତା ଉପରେ ନନ୍ଦ ବାବୁ ବିପୁଳ ସମ୍ପତ୍ତିର ଅଧିକାରୀ ହେବାର ଶୁଣି ସେ ଏ ବିବାହରେ ଅତି ଆନନ୍ଦରେ ସମ୍ମତ ହେଲେ । ତାଙ୍କର ଏକ ମାତ୍ର ମାତୃ-ଶୂନ୍ୟା କନ୍ୟା କପାଳରେ ଯେ ଏପରି ଗୋଟିଏ ପାତ୍ର ଆପଣା ଛାଏଁ ଯେ ଆସି ପହଞ୍ଚିବେ ଏହା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲେ ମାତ୍ର ବିବାହ ପରଦିନ ନନ୍ଦ ବାବୁ ରେଖାଙ୍କୁ ସାଙ୍ଗରେ ନେଇ କଲିକତା ଯିବା ବିଷୟରେ ସେ ଆପତ୍ତି କଲେ । ନନ୍ଦବାବୁ ଜିଦ୍‌ର କରିବାରୁ ସେ ବାଧ୍ୟ ହୋଇ ରାଜି ହେଲେ । ନନ୍ଦବାବୁ ଯେ କାହିଁକି ବିବାହ ପରେ ପରେ ରେଖାଙ୍କୁ ନେଇ କଲିକତା ଚାଲିଯିବା ପାଇଁ ଜିଦ୍‌ର କଲେ ତା ପୂର୍ବରୁ କୁହାଯାଇଅଛି । ତା ଛଡ଼ା ଆଉ ଗୋଟିଏ ବିଶେଷ କାରଣ ମଧ୍ୟ ଥିଲା । ସେ ଯିନା ରେଖାଙ୍କୁ ବିବାହ କଲେ, ମାତ୍ର ସେମାନଙ୍କ ମଧ୍ୟରେ ସ୍ତ୍ରୀ ସ୍ୱାମୀର କୌଣସି ସମ୍ପର୍କ ରହିବନାହିଁ । କଥାଟା ଅଳ୍ପ ଦିନପରେ, ବିପିନ ବାବୁଙ୍କ କଥା ଛାଡ଼, ଅନ୍ୟମାନଙ୍କ ଆଖିରେ ପଡ଼ି ନାନା କୁତ୍ସିତ ସମାଲୋଚନା ଆରମ୍ଭ ହେବ ।

ଏହାର କିଛିଦିନ ପରେ ନନ୍ଦବାବୁ ଚାକିରିରୁ ଇସ୍ତଫା ଦେଇ ରେଖାଙ୍କୁ ବିବାହ କରି ସାଙ୍ଗେ ସାଙ୍ଗେ କଲିକତା ଚାଲିଗଲେ ।

ରେଖା କଲିକତା ଚାଲିଯିବାପରେ ବିପିନ ବାବୁଙ୍କୁ କଟକ ବସା ଘୋର ଅରଣ୍ୟ ପରି ଲାଗିଲା । ସେ ଶନିବାର ବା ଛୁଟି ଦିନ-ମାନଙ୍କରେ କଲିକତା ଯାଇ କନ୍ୟାକୁ ଦେଖି ଆସୁଥିଲେ । ଏଥି ମଧ୍ୟରେ ସେ ପେନ୍‌ସନ ପାଇ ଅବସର ଗ୍ରହଣ କରିବା ମାତ୍ରେ, ବୁଜୁଲାପଟ ବାନ୍ଧି କଲିକତାରେ ଯାଇ ହାଜର ହେଲେ । ଜୋଇଁ

ଝିଅଙ୍କ ନିକଟରେ ଶେଷଜୀବନଟି କଟାଇବେ ବୋଲି ଇଚ୍ଛା ପ୍ରକାଶ କଲେ । ଏ ପ୍ରସ୍ତାବରେ ରେଖା ଅତିଶୟ ଖୁସି ହୋଇଗଲେ । ସେ ସିନା ନନ୍ଦବାବୁଙ୍କର ଅଶ୍ରୁତପୂର୍ବ କରୁଣା ଯୋଗୁଁ ଲଜ୍ଜା ଅପମାନ ଓ ଆତ୍ମହତ୍ୟାରୁ ତ୍ରାହି ପାଇଗଲେ, ମାତ୍ର ରମାକାନ୍ତଙ୍କ ଦ୍ୱାରା ଏପରି ନିର୍ଲଜ ଭାବରେ ପରିତ୍ୟକ୍ତା ହୋଇ ତାଙ୍କ ହୃଦୟରେ ଯେଉଁ ବ୍ରହ୍ମାଗ୍ନିର ପ୍ରଳୟ ତାଣ୍ଡବ ଚାଲିଥିଲା ତାହାର ଅସହ୍ୟ ତେଜ ତିଳେମାତ୍ର ହ୍ରାସ ହୋଇନଥିଲା । ଯେଉଁ ସ୍ୱାମୀଙ୍କର ସ୍ନେହାଦର ଲଭ କରି ରମଣୀମାନେ, ନିଜର ଜନ୍ମସ୍ଥାନ, ଆତ୍ମୀୟ ସ୍ୱଜନ ଓ ସ୍ନେହମୟ ପିତା ତାଙ୍କର ସ୍ନେହାଦରକୁ ପାସୋରିବାକୁ ସକ୍ଷମା ହୁଅନ୍ତି, ସେ ତ ସେ ସ୍ୱାମୀ ହୃଦରୁ ଚିରକାଳପାଇଁ ବଞ୍ଚିତା । ଅପର ପକ୍ଷରେ ସେ କଲିକତା ଚାଲି ଆସିବା ପରେ, ପିତାଙ୍କର ତତ୍ତ୍ୱ ନେବାକୁ କେହି ଉପଯୁକ୍ତ ଲୋକ ନ ଥିବାରୁ ସେ ସବୁବେଳେ ପିତାଙ୍କ ବିଷୟରେ ନାନା ଦୁର୍ଭାବନା କରୁଥିଲେ ।

ଏହି ଚିର ଦୁଃଖିନୀ କନ୍ୟାଟି ଆତ୍ମୀୟଶୂନ୍ୟ ଓ ବିପତ୍ନୀକ ବୃଦ୍ଧ ପିତାଙ୍କ ନିକଟରେ ରହି କି ସାନ୍ତ୍ୱନା ଅନୁଭବ କଲେ ତାହା ସହଜରେ ଅନୁମେୟ । ତଥାପି ଗୋଟିଏ ବିଷୟରେ ତାଙ୍କ ମନରେ ଅଶାନ୍ତି ଜାତ ହେଲା । ପିତା ନିକଟରେ ରହିଲେ ପ୍ରସବ ଗୋପନ କରିବେ କିପରି ? ଯେଉଁ ପ୍ରଭୁ ତାଙ୍କୁ ଅନନ୍ତ କାନ୍ତାର ମଧ୍ୟରେ ପଥ ଦେଖାଇଛନ୍ତି, ଏ ବିଷୟର ଭାର ସେ ତାଙ୍କ ଉପରେ ନ୍ୟସ୍ତକରି ନିଶ୍ଚିନ୍ତ ରହିଲେ । ବିପିନ ବାବୁଙ୍କର ଅଜ୍ଞାତରେ ରେଖାଙ୍କର ପ୍ରସବ କାର୍ଯ୍ୟ କିପରି କରିବାକୁ ହେବ ନନ୍ଦ ବାବୁ ମଧ୍ୟ ସେ ବିଷୟରେ ବିଶେଷ ଚିନ୍ତିତ ହେଲେ । ମାତ୍ର ପ୍ରଭୁ ତା'ର ଗୋଟିଏ ଦୁଃଖପୂର୍ଣ୍ଣ ମୀମାଂସା କରିଦେଲେ ।

ଅଶୀତି

ବିପିନବାବୁ କଲିକତାରେ ରହିବାଦିନରୁ ପ୍ରତ୍ୟହ ସକାଳେ ଚାଲିକରି ଗଙ୍ଗାକୁ ଗାଧୋଇବାକୁ ଯାଉଥିଲେ । ରେଖା ବା ନନ୍ଦ-ବାବୁ କୌଣସି ଆପତ୍ତି କଲେ ସେ ତାହା ଗ୍ରାହ୍ୟ ନକରି କହୁଥିଲେ "ଜୀବନରେ ତ କିଛି ଧର୍ମକାର୍ଯ୍ୟ କରିପାରିନାହିଁ ଶେଷଜୀବନରେ ଯଦି ଗଙ୍ଗାରେ ସ୍ନାନ କରି କରି ମରିଯାଏ ତେବେ ମୋର ପରମ ଭାଗ୍ୟ ବୋଲି ଜାଣିବାକୁ ହେବ । ରେଖା ପାଇଁ ଚିନ୍ତା ଥିଲା, ଭଗବାନ୍ ତହିଁରୁ ମୁକ୍ତ କରିଛନ୍ତି, ଯେତେ ଶୀଘ୍ର ହାଟ ଭାଙ୍ଗେ ସେତେ ମଙ୍ଗଳ" । ଦିନେ ତାଙ୍କୁ ସାମାନ୍ୟ ଜର ହୋଇଥିଲା । କାହାରି କଥା ନମାନି ସେ ଗଙ୍ଗାରେ ଗାଧୋଇ କରି ଆସି ପ୍ରବଳ ଜରରେ ପଡ଼ିଲେ । ନନ୍ଦବାବୁ ବଡ଼ ବଡ଼ ଡାକ୍ତର ଲଗାଇଲେ, ମାତ୍ର ଅଳ୍ପଦିନ ପରେ ସେ ଡାକ୍ତରମାନଙ୍କର ଚିକିତ୍ସା ରେଖା ଓ ନନ୍ଦବାବୁଙ୍କର ସେବା ଯତ୍ନରୁ ମୁକ୍ତି ପାଇ ଆର ପାରିକୁ ଚାଲିଗଲେ । ପିତୃ-ବିୟୋଗରେ ରେଖା ଅତିଶୟ କାତର ହୋଇପଡ଼ିଲେ । ସଂସାରରେ ଭଗବାନ୍ ତାଙ୍କୁ ସମସ୍ତ ସୁଖରୁ ବଞ୍ଚିତ କରିଥିଲେ । ଏକମାତ୍ର ପିତାଙ୍କ ସ୍ନେହ ମମତା ଯୋଗୁଁ ତାଙ୍କର ଦୁଃଖ ଅନେକାଂଶରେ ଲାଘବ ହୋଇ-ଯାଉଥିଲା । ଆଜି ଭଗବାନ୍ ସେତକବି କାଢ଼ିନେଲେ ।

ପିତୃ-ବିୟୋଗର ପାଞ୍ଚମାସ ପରେ ରେଖା ଗୋଟିଏ କନ୍ୟା ପ୍ରସବ କଲେ । ଅବଶ୍ୟ କନ୍ୟାଟିର ମୁଖ ଦର୍ଶନ କରି ତାଙ୍କର ନବ ମାତୃ-ହୃଦୟ ଆନନ୍ଦରେ ପୂରି ଉଠିଲା । ଅନ୍ୟ ପକ୍ଷରେ କନ୍ୟା-ପିତାଙ୍କର ବିବେକରହିତ ବ୍ୟବହାର କଥା ଯୁଗପତ୍ ମନେ ପଡ଼ି ତାଙ୍କ ହୃଦୟରେ ଦୁଃଖର କୋହ ଉଠିଲା । ଯାହାହେଉ ଏ କନ୍ୟାଟିର ମୁହଁକୁ ଅନାଇ ସେ ସମସ୍ତ ଦୁଃଖ ଯନ୍ତ୍ରଣା ଭୁଲିଯିବାକୁ ଚେଷ୍ଟା କଲେ ।

ରେଖାଙ୍କର ବିଷଣ୍ଣ ମୁହଁ ଦେଖିଲେ ନନ୍ଦବାବୁଙ୍କର ସହଜ ଦୟାପ୍ରବଣ ମନରେ ବଡ଼ କଷ୍ଟ ହେଉଥିଲା । ସେ ନଣଜାଇ କନ୍ୟାଟି ପାଇଁ ଶିଶୁମାନଙ୍କର ପହରଣଯୋଗ୍ୟ ନାନା ବସନ ଭୂଷଣ କିଣିଆଣି ଦେଉଥିଲେ । ତାହା ସଙ୍ଗେ ସଙ୍ଗେ ରେଖାଙ୍କ ପାଇଁ ଦାମିକା ଅଳଙ୍କାର ଆଧୁନିକ ବସନ ଭୂଷଣ ଓ ପ୍ରସାଧନ ସାମଗ୍ରୀମାନ ମଧ୍ୟ ଆଣୁଥିଲେ । ରେଖା ସୁବେଶା ହେବାର ଦେଖିଲେ ସେ ବଡ଼ ଆତ୍ମତୃପ୍ତି ଅନୁଭବ କରୁଥିଲେ । ସେ ପ୍ରଣୟୀର ବିହ୍ୱଳ ଦୃଷ୍ଟିରେ ରେଖାଙ୍କୁ ଦେଖି ତୃପ୍ତି ଲାଭ କରୁ ନଥିଲେ । ବାଳକ ତା'ର କ୍ରୀଡ଼ାପୁତ୍ତଳିକାକୁ ସୁବେଶ କରି ଯେପରି ଆନନ୍ଦରେ ତନ୍ମୟ ହୁଏ, ନନ୍ଦବାବୁଙ୍କ ଆନନ୍ଦ ସେହିପ୍ରକାରର । ସେ ରେଖାଙ୍କୁ ସଙ୍ଗରେ ନେଇ ସିନେମା, ଶରକସ ଓ ଅନ୍ୟ ଦ୍ରଷ୍ଟବ୍ୟ ସ୍ଥାନମାନଙ୍କୁ ଯାଉଥିଲେ । ଲୋକଚକ୍ଷୁରେ ସେ ସିନା ରେଖାଙ୍କର ସ୍ୱାମୀ ହୋଇଛନ୍ତି, ମାତ୍ର ସ୍ୱାମୀର ସ୍ନେହ ସୋହାଗ ତ ସେ ତାଙ୍କୁ ଦେଇ ପାରିବେ ନାହିଁ । ତେଣୁ ଏ ହତଭାଗୀ ବାଳିକାଟି ନାନା ବ୍ୟସନରେ ଲିପ୍ତ ରହି ଯେପରି ଦୁଃଖ ଭୁଲିଯାଏ, ସେଥିପାଇଁ ସେ ସର୍ବଦା ଯତ୍ନ କରୁଥିଲେ । ରେଖାଙ୍କ ମୁହଁରେ ଟିକିଏ ହସ ଦେଖିଲେ ସେ ଦେବତାଙ୍କର ନିର୍ମାଲ୍ୟ ପାଇଲା ଭଳି ଆତ୍ମପ୍ରସାଦ ଅନୁଭବ କରୁଥିଲେ । ଏଥିରେ ବିପରୀତ ଫଳ ଫଳିଲା । ଚଳଚ୍ଚିତ୍ରମାନଙ୍କରେ ପ୍ରଣୟୀ ଓ ପ୍ରଣୟିନୀମାନଙ୍କର ହସ କୌତୁକ, ପ୍ରଣୟାଭିସାର, ବିରହ ଓ ମିଳନର ଅପୂର୍ବ ସମାବେଶ ଦେଖି ରେଖାଙ୍କ ହୃଦୟର ସୁପ୍ତ ବାସନାନିଚୟ ଉଦ୍‌ବୁଦ୍ଧ ହୋଇ ଉଠିଲେ । କଲିକତା ପରି ସହରରେ ପ୍ରଣୟୀମାନଙ୍କର ଶତ ଉଚାଟନ ପାଇଁ ଉଦ୍ୟାନ, ବକୁଳ, କୁଞ୍ଜଅନା ଓ ନାଗେଶ୍ୱର ବୃକ୍ଷ ବାଟିକା, ଚମ୍ପା ମାଳତୀ ଓ

ମାଧବକାର ମଞ୍ଜୁଳ ଲତାବତାନ କମ୍ବା ଚୂତକଷାୟକଣ୍ଠ କୋକଳାର କୁହୁ ସଙ୍ଗୀତର ଝଙ୍କାର ନାହିଁ, ତଥାପି ଭଗବାନ୍ ମନ୍ମଥଙ୍କର କୁସୁମଶାୟକଗୁଡ଼ିକ ସେଠାରେ ଅତି ମର୍ମଭେଦୀ ।

କେତେଦିନ ପରେ ନନ୍ଦବାବୁ ଦେଖିଲେ ଯେ ରେଖାଙ୍କର ଚକ୍ଷୁରେ ବନିଦ୍ର ରଜନୀର ରକ୍ତିମା ଓ ତାଙ୍କ ମୁହଁରେ ସବୁବେଳେ ଏକପ୍ରକାର ସଙ୍କୋଚର ଭାବ । ନାରୀଚରିତ୍ର-ଅନଭିଜ୍ଞ ନନ୍ଦବାବୁ ଏହାର କୌଣସି ଅର୍ଥ ବୁଝି ନ ପାରି ଚିନ୍ତିତ ହେଲେ ।

ରେଖା ରମାକାନ୍ତଙ୍କୁ ଭଲ ପାଉଥିଲେ, ତାଙ୍କ ମନର ସମସ୍ତ ଶକ୍ତି ଦେଇ । ପ୍ରଥମ ପ୍ରଣୟର ମଧୁର ସ୍ୱପ୍ନମୟ ଅନୁଭୂତିରେ ସେ ଆତ୍ମହରା ହୋଇ ରମାକାନ୍ତଙ୍କର ଯୌବନ କ୍ଷୁଧାର ଉପଚାରରୂପେ ନିଜକୁ ଦାନ କରିଥିଲେ । ଆଜି ସେହି ସ୍ମୃତିଗୁଡ଼ିକ ତାଙ୍କ ହୃଦୟରେ ଜାଗ୍ରତ ହୋଇ ତାଙ୍କ ମନକୁ ଅବସ୍ଥାର ପ୍ରତିକୂଳରେ ଗତି କରାଇଲା । ସେ ଯାତନାରେ ଛଟ ପଟ ହୋଇ ଅନେକ ଅନିଦ୍ର-ରଜନୀ କଟାଇଲେ ।

ରେଖା ଦିନେ ଗୋଟିଏ ସ୍ୱପ୍ନ ଦେଖିଲେ । ସେ ଗୋଟିଏ ନିର୍ଜନ ପୁଷ୍ପିତା ଅଶୋକକୁଞ୍ଜମଧ୍ୟରେ ବସିଛନ୍ତି । ତାଙ୍କର ଆଗରେ ରମାକାନ୍ତ ଆସି ପହଞ୍ଚିଲେ । ଦେହରେ ଖଣ୍ଡିଏ ରେଶମ ପଞ୍ଜାବି । ଓଷ୍ଠ ଯୁଗ୍ମରେ ମନଚୋରିଲା ମନୋଜ୍ଞ ହାସ । ସମସ୍ତ ଦେହରେ ନବ ଯୌବନର ଉଚ୍ଛୁଳା ସୁଷମା । ସେ କ୍ରମେ କ୍ରମେ ରେଖାଙ୍କ ପାଖରେ ପହଞ୍ଚି ତାଙ୍କ ପାଖରେ ବସିଗଲେ । ରେଖା ଅଭିମାନରେ ମୁହଁ ବୁଲାଇ ସେଠାରୁ ଉଠି ଚାଲିଯିବାକୁ ଉଦ୍ୟତା ହେବା ସମୟରେ ରମାକାନ୍ତ ତାଙ୍କୁ ଆଲିଙ୍ଗନ କରିବାକୁ କର ପ୍ରସାରଣ କଲେ ।

ରେଖା, "ତୁମେ ମତେ ଛୁଅନା" ବୋଲି କହି ହାତ ଛିଞ୍ଚାଡ଼ି ଦେଲେ । ତାଙ୍କ ହାତଟା କାନ୍ଥରେ ବାଡ଼େଇ ହୋଇଯିବାରୁ ତାଙ୍କର ନିଦ୍ରାଭଙ୍ଗ ହୋଇଗଲା ।

ସେହି ଦିନଠାରୁ ସେହି ସ୍ୱପ୍ନଦୃଷ୍ଟ ଅଶରୀରୀ ରୂପ ବାସ୍ତବରୂପ ଧରି ତାଙ୍କ ପାଖେ ପାଖେ ରହିଥିବାର ତାଙ୍କୁ ଜଣାଗଲା । ଦୈହିକ ସାନ୍ନିଧ୍ୟ ଅପେକ୍ଷା ଏହି କାଳ୍ପନିକ ସହବାସ ଯେପରିକି ଅଧିକ ସ୍ପଷ୍ଟ ଓ ଅଧିକ ତୀବ୍ର । ସେ କଅଣ କରିବେ ? ଏଥିରୁ କିପରି ବା ବାହାରି ପାଇବେ? ରମାକାନ୍ତଙ୍କର ନିଷ୍ଠୁର ଓ ନିର୍ଲ୍ଲଜ ବ୍ୟବହାରରେ ସେ ଅତିଶୟ ମର୍ମାହତା ହୋଇଥିଲେ ମଧ୍ୟ, ଭବିଷ୍ୟତ ମିଳନ ପାଇଁ ନୀରବ ପ୍ରତୀକ୍ଷାରେ ଆତ୍ମହରା ହୋଇ ଉଠିଲେ । ଶେଷରେ ସେ ଅନେକ ଭାବି ଚିନ୍ତି ସ୍ଥିର କଲେ ଯେ କଲିକତାପରି କୋଳା-ହଳପୂର୍ଣ୍ଣ ବିଳାସଉଚ୍ଛଳା ସହରରେ ରହିବା ତାଙ୍କ ପକ୍ଷରେ ଅନୁଚିତ ସେ କୌଣସି ନିର୍ଜନ ସ୍ଥାନରେ ରହି ସାଧନା, କୃଚ୍ଛ୍ର ସାଧନା ଓ ବ୍ରତ ଉପବାସଦ୍ୱାରା ତାଙ୍କର ଏ ପଥହରା ମନକୁ କାମନାର ବହ୍ନି-ପ୍ରବାହ ମୁଖରୁ ରକ୍ଷା କରିବେ । ମନରୁ ଏ ପୁଞ୍ଜୀଭୂତ ସଙ୍ଗମ-ଲିପ୍ସାର କାଳିମାକୁ ନିର୍ମୂଳ କରି ପୋଛିଦେବେ ।

ଦିନେ ରେଖା ସୁବିଧା ଦେଖି ନନ୍ଦ ବାବୁଙ୍କ ଆଗରେ ଏ ସଂକଳ୍ପ ବିଷୟ ସ୍ପଷ୍ଟଭାବରେ ବ୍ୟକ୍ତ କଲେ । ନନ୍ଦବାବୁ ଏତେ ଦିନ ପରେ ରେଖାଙ୍କର ଉନ୍ନିଦ୍ର ରଜନୀ ଓ ମଳିନ ମୁଖର ଅର୍ଥ ବୁଝି-ପାରିଲେ । ତାଙ୍କ ମନରେ ବଡ଼ ଦୁଃଖ ହେଲା । ରେଖା ଓ ସେ ବ୍ରହ୍ମଚର୍ଯ୍ୟ ପାଳନ କରୁଛନ୍ତି । କାହିଁ ତାଙ୍କ ମନରେ ତ ଏକ ମୁହୂର୍ତ୍ତ ପାଇଁ କୌଣସି ବିକାର ଜାତ ହେଉନାହିଁ । ରେଖାଙ୍କର

ଜାହାଁକ ଏପରି ହେଲା ? ହଁ, ହେବାର କଥା । ତାଙ୍କର ବ୍ରହ୍ମଚର୍ଯ୍ୟ ସ୍ୱେଚ୍ଛାକୃତ, ମାତ୍ର ରେଖାଙ୍କର ରସାସ୍ୱାଦନର ଅତୃପ୍ତ ଉପଭୋଗ ପରେ ଅବସ୍ଥା ଚକ୍ରରେ ପଡ଼ି ବ୍ରହ୍ମଚର୍ଯ୍ୟ ପାଳନ ।

ଦୁଇଟା ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ନନ୍ଦ ବାବୁ ବହୁତ ଭାବିଚିନ୍ତି ସ୍ଥିରକଲେ ଯେ ରେଖାଙ୍କୁ ଘେନି ରୂପସାରେ ତାଙ୍କ ମାମୁଙ୍କ ବଙ୍ଗଳାରେ ରହିବେ । ରେଖାଙ୍କୁ ତାଙ୍କର ଏ ପ୍ରସ୍ତାବ ଶୁଣାଇବାରୁ ରେଖା ବୃଦ୍ଧ ଗୃହର ଦୋଳକୁ ସାଙ୍ଗରେ ନେଇ ରୂପସା ବଙ୍ଗଳାରେ ରହିବାକୁ ଆନନ୍ଦରେ ସ୍ୱୀକୃତା ହେଲେ ମାତ୍ର ନନ୍ଦ ବାବୁ କଲିକତା ପରି ସହର ଛାଡ଼ି ତାଙ୍କପରି ଗୋଟାଏ ଅଲକ୍ଷଣୀ ପାଇଁ ଶେଷକୁ ଗୋଟାଏ ନିର୍ଜନ ସ୍ଥାନରେ ନିର୍ବାସିତର ଜୀବନଯାପନ କରିବେ ଏହା ସେ କୌଣସି ପ୍ରକାରେ ଅନୁମୋଦନ କଲେନାହିଁ । ରେଖା ଏପରି ଅବାଧ୍ୟ ହେବାର ଦେଖି ଦିନେ ନନ୍ଦ ବାବୁ ତାଙ୍କୁ ପାଖରେ ବସାଇ ବଡ଼ ପ୍ରଶାନ୍ତ ଓ ଧୀର ସ୍ୱରରେ କହିଲେ "ଦେଖ ରୁନୁ ! ତୁମେ ମୋ କଥାଗୁଡ଼ିକୁ ଧୀର ସ୍ଥିର ଭାବରେ ବିଚାର କର । ମୁଁ ରୂପସା ଯିବାପାଇଁ ଯେପରିକି ମୋ ପ୍ରଭୁଙ୍କର ପ୍ରେରଣା ହୃଦୟରେ ଅନୁଭବ କରୁଛି । ସେଠାରେ ରହିବା ମୋ ପକ୍ଷରେ ସର୍ବାଂଶରେ ଶ୍ରେୟ ଓ କାମ୍ୟ । ବିଳାସ-ବ୍ୟସନ-ପୂର୍ଣ୍ଣ ସ୍ଥାନରେ ରହିବା ମୋ ଜୀବନର ଲକ୍ଷ୍ୟ ନୁହେଁ । ପର ସେବାହିଁ ମୋର ପରମ ଧର୍ମ । ଏହି ଉଦ୍ଦେଶ୍ୟରେ ହିଁ ମୁଁ ରାମକୃଷ୍ଣ ମିଶନର ବ୍ରତ ଗ୍ରହଣ କରିଛି । ଏଠାରେ କେତେକ ସଭାସମିତିରେ ଯୋଗ ଦେବା, କୌଣସି କୌଣସି ଅନୁଷ୍ଠାନପାଇଁ କିଛି କିଛି ଚାନ୍ଦା ଦେବା ଓ ବନ୍ଧୁବାନ୍ଧବ ମେଳରେ ଆବିଳ ରାଜନୀତି ବିଷୟରେ

ଚର୍ଚ୍ଚା କରିବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ ନାହିଁ । ମାମୁ ଥିଲା ବେଳେ ମୁଁ ଦୁଇଥର ରୂପସା ଯାଇଥିଲି । ବଙ୍ଗଳାର ଅଳ୍ପଦୂରରେ ଚତୁଃପାର୍ଶ୍ୱରେ ଅନେକଗୁଡ଼ିଏ ହରିଜନ ପଡ଼ା ଅଛି । ସେହି ହରି-ଜନମାନେ ପଶୁପରି ଜୀବନଯାପନ କରୁଛନ୍ତି । ରୁନୁ ! ତୁମେ ସ୍ୱଚକ୍ଷୁରେ ସେମାନଙ୍କ ଅବସ୍ଥା ଦେଖିଲେ ନ କାନ୍ଦି ରହି ପାରିବ-ନାହିଁ । ସେମାନେ ହିନ୍ଦୁ ସମାଜଦ୍ୱାରା ପରିତ୍ୟକ୍ତ ଓ ଦଳିତ ହୋଇ ଶିକ୍ଷା ସଭ୍ୟତାର ବହୁ ଦୂରରେ ରହି, ଅଭାବ ଅବହେଳାର ତାଡ଼ନାରେ ମନୁଷ୍ୟତ୍ୱ ହରାଇ ସମାଜର ପକ୍ଷାଘାତ ଅଙ୍ଗ ପରି ସମସ୍ତ ହିନ୍ଦୁ ସମାଜକୁ ଦୁର୍ବଳ କରି ପକାଉଅଛନ୍ତି । ସେମାନଙ୍କର ଉନ୍ନତି ନ ହେଲେ ହିନ୍ଦୁ ସମାଜର ଧ୍ୱଂସ ଅନିବାର୍ଯ୍ୟ । ଭଗବାନ୍ ଯେପରିକି ସେହିମାନଙ୍କର ସେବାପାଇଁ ମୋ ହାତରେ ମାମୁଙ୍କର ଏ ବିଶାଳ ସମ୍ପଦ ଅର୍ପଣ କରିଛନ୍ତି । ମୁଁ ତାହାର ଉପଯୁକ୍ତ ବିନିଯୋଗ ନ କଲେ ମୋ ପ୍ରଭୁଙ୍କର ପାଦପଦ୍ମରେ ଅପରାଧୀ ହେବି । ତେଣୁ ରୂପସା ମୋର ସେବା କାର୍ଯ୍ୟପାଇଁ ଉପଯୁକ୍ତ କ୍ଷେତ୍ର । ଆଉ ଗୋଟିଏ ବଡ଼ କଥା ହେଉଛି ଯେ ତୁମେ ସେଠାରେ ରହି ମୋର ସେବା କାର୍ଯ୍ୟରେ ବିଶେଷ ସାହାଯ୍ୟ କରିବ, ରୋଗ ଦୁଃଖରେ ସେମାନଙ୍କର ସେବା ଶୁଶ୍ରୂଷା କରିବ ଓ ହରିଜନ ପିଲମାନଙ୍କୁ ପାଠ ପଢ଼ାଇବ । ଏଥିରେ ତୁମର ମନର ଆବିଳତା ଦୂର ହୋଇ ଏକ ସ୍ୱର୍ଗୀୟ ଶାନ୍ତି ତମେ ଉପଭୋଗ କରିବ । ମୁଁ ସେଠାରେ ରହିଲେ ରୁଉଳ କଳର ଉପଯୁକ୍ତ ତତ୍ତ୍ୱାବଧାନ କରିପାରିବ, ମୁଁ ତୁମକୁ ସିନା ଲୋକଚକ୍ଷୁରେ ବିବାହ କରିଛି, ମାତ୍ର ମୋର ମା ପେଟ ବିଧବା ଭଉଣୀ ପରି ତୁମକୁ ଲାଳନ ପାଳନ କରିବାର ଭାର ପ୍ରଭୁ ମୋ ଉପରେ ନ୍ୟସ୍ତ କରିଛନ୍ତି, ତେଣୁ ମୁଁ ତୁମକୁ

ସେଠାରେ ଏକାକିନୀ ହୋଇ ରହିବାକୁ ଅନୁମତି ଦେଇ ନ ପାରେ । ବିଶେଷତଃ ତୁମର ଏ କୁନି ଝିଅଟି ଉପରେ ମୋର ଗୋଟାଏ ମାୟା ମମତା ଲାଗି ଯାଇଛି । ମୁଁ ତାକୁ ଛାଡ଼ି ଅନ୍ୟତ୍ର ରହି ପାରିବିନାହିଁ । ରୁନୁ ! ତୁମେ ମୋ କଥାରେ ବିଶ୍ୱାସ କର; ମୁଁ ରୂପସାରେ ବଡ଼ ଆନନ୍ଦରେ ରହିବି ।”

ନନ୍ଦ ବାବୁଙ୍କର ଯୁକ୍ତିଯୁକ୍ତ କଥାରେ ରେଖାଙ୍କର ସମ୍ପୂର୍ଣ୍ଣ ହୃଦ ବୋଧ ହେଲା । ସେ ସିନା ନନ୍ଦବାବୁ ଅସୁବିଧା ଭୋଗ କରିବେ ବୋଲି ତାଙ୍କୁ ରୂପସାରେ ରହିବାକୁ ବାରଣ କରୁଥିଲେ, ନୋହିଲେ ପିତାଙ୍କର ମୃତ୍ୟୁ ପରେ ନନ୍ଦବାବୁଙ୍କ ବ୍ୟତୀତ ତାଙ୍କର ଆପଣାର ହୋଇ ଅନ୍ୟ କେହି ଲୋକ ନ ଥିଲେ । ନନ୍ଦ ବାବୁଙ୍କର ତାଙ୍କ ପ୍ରତି ସ୍ନେହ, ତାଙ୍କର ତ୍ୟାଗ ଓ ଆନ୍ତର ବ୍ୟବହାରରେ ସେ ତାଙ୍କୁ ନିଜର ବଡ଼ଭାଇଠାରୁ ଅଧିକ ସ୍ନେହ ଓ ଭକ୍ତି କରୁଥିଲେ, ତାଙ୍କୁ ଛାଡ଼ି ରୂପସା ଯିବାକୁ ତାଙ୍କ ମନରେ ବିଶେଷ କଷ୍ଟ ହେଉଥିଲା ।

ଏହାର ଦୁଇତିନି ଦିନ ପରେ ସେମାନେ ସମସ୍ତେ ରୂପସାରେ ଆସି ରହିଲେ ।

ରେଖା ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରି ପ୍ରାତଃକୃତ୍ୟ ଓ ସ୍ନାନ ସମାପନ କରନ୍ତି । ତତ୍ପରେ ବଗିଚାରୁ ଫୁଲ ତୋଳି ମାଳ ଗୁନ୍ଥି ରାମକୃଷ୍ଣ ଦେବଙ୍କର ପ୍ରତିକୃତିରେ ସେ ମାଳ ଦେଇ କିଛି ସମୟ ଆଖି ବୁଜି ଧାନ କରନ୍ତି । ସେବା ପୂଜା ପରେ ଗୃହ ଧନ୍ଦା ବୁଝିଦେଇ ହରିଜନ ପଡ଼ାରେ ପିଲାମାନଙ୍କୁ ପାଠ ପଢ଼ାନ୍ତି । ଦଶଟା ବେଳକୁ ଘରକୁ ଫେରି ଆହାର କରି ବିଶ୍ରାମ କରନ୍ତି ।

ପୁଣି ଅପରାହ୍ନରେ ପାଠ ପଢ଼ାଇବାକୁ ଯାଇ ସନ୍ଧ୍ୟା ପୂର୍ବରୁ ଫେରି ଆସନ୍ତି । ସନ୍ଧ୍ୟାହ୍ନିକ ସମାପନପରେ କିଛି ସମୟ ଆରାଧନା କରି, ରାମକୃଷ୍ଣ ଚରିତାମୃତ, ରାମାୟଣ ବା ମହାଭାରତ ପାଠ କରି ରାତ୍ରି ଭୋଜନାନ୍ତେ ଶଯ୍ୟା ଗ୍ରହଣ କରନ୍ତି । ଏହିପରି ନାନା କର୍ମରେ ବ୍ୟାପୃତା ରହିବାରୁ ସେ ରମାକାନ୍ତଙ୍କର ଭାବନା କିମ୍ବା ଅତୀତ ଜୀବନର ସୁଖ ଦୁଃଖ ମିଶ୍ରିତ ସମସ୍ତ ଗୁଡ଼ିକର ବିଷୟରେ ଚିନ୍ତା କରିବାକୁ ସମୟ ପାଉନଥିଲେ । କ୍ରମେ କ୍ରମେ ରେଖାଙ୍କର ପୂର୍ବ ପ୍ରଫୁଲ୍ଲତା ଓ ସ୍ୱାସ୍ଥ୍ୟ କେତେକାଂଶରେ ଫେରିଆସିଲା । ନନ୍ଦ ବାବୁ ମଧ୍ୟ ଏକଥା ଦେଖି ବଡ଼ ଆତ୍ମପ୍ରସାଦ ଅନୁଭବ କଲେ । କେବଳ ବେଳେ ବେଳେ ରେଖା କୁନିଝିଅଟିକୁ ଦୁଧ ଦେବା ସମୟରେ ତାଙ୍କର ଆଖି ବଳେ ବଳେ ବୁଜି ହୋଇଯାଏ । ସେ ନିଜ ଅନ୍ତରର ମଧ୍ୟରେ ଦେଖନ୍ତି, ଆଉ ଗୋଟିଏ ସଂସାର । କି ମନୋଜ୍ଞ ସେ ସଂସାର । ତହିଁରେ ରେଖା ବୋଲି ଜଣେ ଷୋଡ଼ଶୀ, ଦେବକନ୍ୟାପରି ଗୋଟିଏ ଶିଶୁ କନ୍ୟାକୁ କୋଳରେ ବସାଇ ଗେଲ କରୁଛନ୍ତି । ଏହି ସମୟରେ ଜଣେ ସୁଦର୍ଶନ ଯୁବକ ଆସି ତାଙ୍କ ଦେହକୁ ଲାଗିକରି ବସିଯାଇ ତାଙ୍କ କୋଳରୁ ସେ କନ୍ୟାଟିକୁ ନେଇ ଗେଲ କଲେ । ମାତୃତ୍ୱର ଗର୍ବରେ ସେ ଷୋଡ଼ଶୀଙ୍କର ବଦନରେ ଗୋଟିଏ ପ୍ରଶାନ୍ତଭାବର ତରଙ୍ଗ ଉଠିଲା । ତତ୍‌ପରେ ସେ ଯୁବକ କନ୍ୟାଟିକୁ ସେ ଷୋଡ଼ଶୀଙ୍କର କୋଳକୁ ଦେଇ ତାଙ୍କର ଲଜ୍ଜାରୁଣ ଗଣ୍ଡମଣ୍ଡଳରେ ଗୋଟିଏ ଚୁମ୍ବନ ଦେଇ ମନତରଳା ହସଟିଏ ହସି ଦେଇ ଚାଲିଗଲେ । ରେଖାଙ୍କର ସର୍ବାଙ୍ଗ କଣ୍ଟକିତ ହୋଇ ଉଠିଲା । ସେ ଆଖି ମେଲାକରି ଦେଖିଲେ ତାଙ୍କ ଆଗରେ ସେହି ନିଘୁଞ୍ଚିଆ, ନିରାନନ୍ଦମୟ ପୁରୁଣା ସଂସାର । ବାସ୍ତବ ଜଗତର ବର୍ଦ୍ଧିଷିକାମୟୀ ହିଡ଼୍‌ବଳୟରେ ତାଙ୍କର ଦୃଷ୍ଟିଶକ୍ତି

ପ୍ରତିହତ ହୋଇଗଲା । ସେ ଗାତ୍ରୋତ୍‌ଥାନ କରି ଝିଅଟିକୁ ହୋଲ-ଗୁକରକୁ ଦେଇ ପୂଜା ଘରକୁ ପ୍ରବେଶ କରି ରାମକୃଷ୍ଣ ଦେବଙ୍କ, ପାଦତଳେ ମୁଣ୍ଡିଆ ମାରି ଜଣାଇଲେ, "ପ୍ରଭୁ ! ଦେବତା ! ପୁଣି ଏ ଦୃଶ୍ୟ କାହିଁକି ? । ମୋ ମନରୁ ଆଶାର ଏ କ୍ଷୀଣାଲୋକର ସତ୍ତା ଲିଭାଇ ଦିଅନ୍ତୁ । ମୁଁ ଦୁର୍ବଳା ଅବଳା । ମତେ ସହ୍ୟ କରିବାର ଶକ୍ତି ଦିଅନ୍ତୁ ।"

ନବ ବସନ୍ତ ଆଗମନରେ ସେ ସ୍ଥାନଟି ଅତି ମନୋରମ ହୋଇ ଉଠିଲା । ବଙ୍ଗଳା ହତାରେ କଲମି ଆମ୍ବଗଛ-ଗୁଡ଼ିକରେ ବଉଳ ହୋଇ ଡାଳଗୁଡ଼ିକ ତଳେ ଲୋଟିଗଲା । ଶୈତ୍ୟ ମଳୟର ପ୍ରବାହରେ ବୃକ୍ଷଲତା, ପଶୁପକ୍ଷୀ, ଓ ମନୁଷ୍ୟମାନେ ଉତ୍‌ଫୁଲ୍ଲ ହୋଇ ଉଠିଲେ ବନ୍ୟ ବିହଙ୍ଗ ସହ କୋକିଳାର କାକଳୀରେ ଚତୁର୍ଦ୍ଦିଗ ପୂର୍ଣ୍ଣ ହୋଇଗଲା ।

ରେଖା ପୁଣି ଦିନେ ସ୍ୱପ୍ନ ଦେଖିଲେ । ସେ ନଦୀରେ ସ୍ନାନ କରି ଆର୍ଦ୍ର ବସନରେ ଗୃହକୁ ଫେରୁଛନ୍ତି, ଏହି ସମୟରେ ରମାକାନ୍ତ ତାଙ୍କର ଦେବତା ବାଞ୍ଛିତ ରୂପ ଧେନ ତାଙ୍କୁ ପଥ ଓଗାଳି ଠିଆ ହେଲେ । ରେଖା ଅଭିମାନରେ ମୁହଁ ବୁଲାଇ ପଛକୁ ଫେରିଗଲେ । ମାତ୍ର ରମାକାନ୍ତ ପଛରୁ ଯାଇ ତାଙ୍କ ହାତ ଧରି ପକାଇ କହିଲେ "ସନ୍ନ୍ୟାସିନି ! ତୁମେ କଅଣ ମତେ ଚିହ୍ନିପାରୁନାହିଁ ? ମୁଁ ପରା ତୁମ ରମାଭାଇ । ଆଜି ମୁଁ ମୋ ପାପର ଉପଯୁକ୍ତ ଦଣ୍ଡ ପାଇଛି । ବିକଳ ହୋଇ କ୍ଷମା ଭିକ୍ଷା ପାଇଁ ତୁମ ପାଦତଳକୁ ଦଉଡ଼ି ଆସିଛି । ମୋର ସମସ୍ତ ଅପରାଧ କ୍ଷମା କର । ମୁଁ ପ୍ରତିଜ୍ଞା କରୁଛି ଆଜିଠାରୁ ତୁମକୁ ଛାଡ଼ି ମୁଁ ଆଉ

କୁଆଡ଼େ ଯିବନାହିଁ । ଯେଉଁ ବାସନାଗ୍ନି ତୁମ ହୃଦୟର ନିଭୃତ ପ୍ରଦେଶରେ ରହି କୁହୁଳି ଉଠୁଛି, ମତେ ଆଜ ବାହୁ ପାଶରେ ବାନ୍ଧି ତାକୁ ନିଭାଇ ଦିଅ ।" ରେଖା ତାଙ୍କଠାରୁ ନିଜର ହାତ ଛଡ଼ାଇବା ପାଇଁ ବୃଥା ଚେଷ୍ଟା କରି କହିଲେ "ନା ନା ତୁମେ ଶୀଘ୍ର ଏ ସ୍ଥାନରୁ ଚାଲିଯାଅ ।" ମାତ୍ର ରମାକାନ୍ତ ତାଙ୍କ ହାତ ଛାଡ଼ିଦେଇ ଲୋଲୁପଭରା ଚକ୍ଷୁରେ ସ୍ୱପ୍ନରେ କହିଲେ "ରୁନୁ ! ପ୍ରାଣର ରୁନୁ ! ତୁମେ ଭାବଛ କିଶୋରୀର ଅତୃପ୍ତ ଲାଲସାକୁ ବ୍ରତାଚରଦ୍ୱାରା ଦମନ କରି ପାରିବ । ମାତ୍ର ଅନୁତାପରେ ମୁଁ ଆଜ ଜଳିପୋଡ଼ି ଯାଇ, କ୍ଷମା-ଭିକ୍ଷା କରିବାକୁ ତୁମର ଶରଣ ଲୋଡ଼ୁଛି । ମୋତେ ଛାଡ଼ି ତୁମେ କୁଆଡ଼େ ଯିବ ? ଗୋଧୂଳୀ ଗଗନର ଦାହ-କନକଛଟା, ଦୂର ପର୍ବତର ନୟନାଭିରାମ ନୀଳିମା ଓ ଲତାକୁଞ୍ଜମାନଙ୍କରେ ବିହଙ୍ଗମ-ମାନଙ୍କର ଶ୍ରବଣରସାୟନ ସୁମଧୁର କାକଳୀ ତୁମ ହୃଦୟରେ ମୋର ସହବାସ ସ୍ପୃହା ଉଦ୍‌ବେଳ କରିଦେବ । ଆସ ମୋ କୋଳକୁ ଆସ ।" ଏହା କହି ରେଖାଙ୍କୁ ସ୍ୱପ୍ନରେ ଆଲିଙ୍ଗନ କରିବାକୁ ଉଦ୍ୟତ ହେବା ସମୟରେ ରେଖା ତାଙ୍କ ପାଖରୁ ପଳାଇ ଯିବାକୁ ଚେଷ୍ଟା କଲେ । ତାଙ୍କ ଗୋଡ଼ହାତ ଚଳିଲାନାହିଁ ବରଂ କୌଣସି କୁହୁକର ଶକ୍ତି ବଳରେ ସେ ରମାକାନ୍ତଙ୍କର କ୍ରୋଡ଼-ଦେଶକୁ ଟାଣି ହୋଇଗଲେ । ଏହିସମୟରେ ତାଙ୍କ ନିଦ ହଠାତ୍ ଭାଙ୍ଗିଗଲା । ସେ ଉଠିକରି ବସିଲେ । ତାଙ୍କର ସର୍ବାଙ୍ଗ ଝାଳରେ ବୁଡ଼ିଯାଇଛି । ସେ ରାମକୃଷ୍ଣ ଦେବଙ୍କ ଉଦ୍ଦେଶ୍ୟେ ମୁଣ୍ଡିଆ ମାରି ଜଣାଇଲେ "ପ୍ରଭୁ ଏ ଦୁଃଖିନୀର ଆକୁଳ ପ୍ରାର୍ଥନା ଘେନା ହେଉ ।" ସେହିଦିନଠାରୁ ରେଖା ଗୈରିକ ବସନ ପରିଧାନ କରି ଦିନରେ ଥରେ ମାତ୍ର ହବିଷ୍ୟାନ୍ନ ଭୋଜନ କରି ବ୍ରହ୍ମଚାରିଣୀ ହୋଇ ରହିଲେ ।

ନନ୍ଦବାବୁ ତାଙ୍କର ଉଦ୍ଦେଶ୍ୟ ବୁଝିପାରି ଏଥିରେ କୌଣସି ଆପତ୍ତି କଲେନାହିଁ ।

ନନ୍ଦବାବୁ ଅଧିକାଂଶ ସମୟ ପଦାରେ ରହୁଥିଲେ । ରୋଗୀର ସେବା ଶୁଶ୍ରୂଷା, ଦୁର୍ଦ୍ଦଶାଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିବା, ପଲ୍ଲୀ ସମାଜ ଗଠନ ପ୍ରଭୃତି କାର୍ଯ୍ୟରେ ସବୁବେଳେ ବ୍ୟସ୍ତ ରହୁଥିଲେ । ଘରକୁ ଆସିଲେ ଏ ନବାଭରଣା କୃଶାଙ୍ଗୀ ତାପସୀ ବାଳିକାଟିକୁ ଦେଖି ମନରେ ବଡ଼ ଦୁଃଖ ଅନୁଭବ କରୁଥିଲେ । ତେଣୁ ତାଙ୍କୁ ଘରେ ବହୁତ ସମୟ ରହିବାକୁ ପଡୁନଥିଲା ।

ଦିନେ ନନ୍ଦବାବୁ ପ୍ରାତଃ ଭ୍ରମଣରେ ବାହାରି ରୂପସା ଷ୍ଟେସନ ପ୍ଲାଟଫର୍ମରେ ପହଞ୍ଚିଲେ । ବାରିପଦା ବେତନଟି ଆଦି ସ୍ଥାନ-ମାନଙ୍କୁ ଯିବାପାଇଁ ଯାତ୍ରୀମାନେ ଠିଆ ହୋଇଥିଲେ । ସେମାନଙ୍କ ମଧ୍ୟରେ ଜଣେ ମଳିନବେଶ ସୁଶ୍ରୀ ଯୁବକ ଠିଆ ହୋଇଥିବାର ସେ ଦେଖିଲେ । ତାଙ୍କୁ ସେ ପୂର୍ବେ କେଉଁ ସ୍ଥାନରେ ଦେଖିଥିଲା ପରି ମନେହେବାରୁ ନନ୍ଦବାବୁ ତାଙ୍କ ନିକଟକୁ ଯାଇ ପଚାରିଲେ ମୁଁ ଆପଣଙ୍କୁ କେଉଁଠାରେ ଦେଖିଲାପରି ମନେ ହେଉଛି । ଆପଣଙ୍କ ନା କଅଣ ? ଘର କେଉଁଠି ?

ଯୁବକ ପ୍ରଥମରେ ଟିକଏ ଅପ୍ରତିଭ ହୋଇ ଥକ ମକ ହୋଇ କହିଲେ, "ମୋ ନା ବ୍ରଜବନ୍ଧୁ ଦାସ, ମୋ ଘର ବାଣପୁର ।"

ନନ୍ଦ, "ଏଣେ କୁଆଡ଼େ ଯାଉଛନ୍ତି" ?

ବ୍ରଜ, "ଖଣ୍ଡିଏ ଚାକିରି ଉଦ୍ଦେଶ୍ୟରେ ବାରିପଦା ଯାଉଅଛି" ।

ନନ୍ଦ, "ଆପଣ କ'ଣ ପଢ଼ାପଢ଼ି କରିଛନ୍ତି । ପୂର୍ବେ କଅଣ କରୁଥିଲେ ।"

ବ୍ରଜ, "ମୁଁ ମାଟ୍ରିକ୍ ଫେଲ ହୋଇଅଛି । ଗାଁ ଅପର ପ୍ରାଇମେଣ୍ଟ ସ୍କୁଲରେ ଶିକ୍ଷକ ଥିଲି । ଅଳ୍ପଦରମା, ତହିଁରେ ପୁଣି ନିୟମିତରୂପେ ମିଳେନାହିଁ । ଚଳି ନପାରିବାରୁ, ସେ ଚାକିରି ଛାଡ଼ି ମୟୂରଭଞ୍ଜ ଯାଉଛି । କେଉଁଠାରେ ଦେଖି ଚାକିରି ଖଣ୍ଡିଏ କରିବି ।

ନନ୍ଦବାବୁ କିଛି ସମୟ ଚିନ୍ତା କରି କହିଲେ, "ମୁଁ ଏ ରୁପସା ଚାଉଳ ମିଲ୍‌ର ଜଣେ ଅଂଶୀଦାର । ଆମର ଜଣେ କିରାନି ଦରକାର । ତିରିଶ ଟଙ୍କା ଦରମା ।"

ବ୍ରଜ, "ଯଦି ଅନୁଗ୍ରହ କରି ସେଥିରେ ମୋତେ ରଖାଇବେ, ତେବେ ମୁଁ ଆପଣଙ୍କ ନିକଟରେ ଚିର ଋଣୀ ହୋଇ ରହିବି ।"

ନନ୍ଦ, "ତେବେ ତୁମେ ମୋ ସାଙ୍ଗରେ ଆସ । ମୁଁ ମେନେଜରଙ୍କୁ କହି ତୁମକୁ ରଖାଇଦେବି, ମାତ୍ର ତୁମେ ସେ କାର୍ଯ୍ୟ ପାଇଁ ଉପଯୁକ୍ତ କି ନୁହଁ ତାହା ମେନେଜର ତୁମକୁ ପରୀକ୍ଷା କରି ବୁଝିନେବେ ।"
ବ୍ରଜ, "ଭଲକଥା, ତେବେ କେଉଁଠାରେ ଓ କେତେବେଳେ ଆପଣଙ୍କୁ ସାକ୍ଷାତ୍ କରିବି ।"

ନନ୍ଦବାବୁ, "ତୁମେ ବର୍ତ୍ତମାନ ମୋସାଙ୍ଗରେ ଆସ । ସାଙ୍ଗରେ ଜିନିଷ ପତ୍ର କଅଣ ଅଛି ?"

ବ୍ରଜ, "ବିଶେଷ କିଛି ନାହିଁ । ମୁଁ ହେହେହେହେ ଆସିଛି ।"

ନନ୍ଦବାବୁ ଓ ବ୍ରଜବାବୁ ଦୁହେଁ ସାଙ୍ଗ ହୋଇ ମେନେଜରଙ୍କ ବସାରେ ପହଞ୍ଚିଲେ । ନନ୍ଦବାବୁଙ୍କ ଅନୁରୋଧରେ ମେନେଜର ତାଙ୍କୁ ପରୀକ୍ଷା କରି ସେ ଉପଯୁକ୍ତ ଥିବାର ବିବେଚନା କଲେ । ଖାଧୁଆ

**ଯୋଡ଼ ମନ୍ତ୍ର**

ସାଧୁଆ ଖିଆପିଆ କରି ଅଫିସ୍‌କୁ ଆସିବାକୁ ବ୍ରଜବାବୁଙ୍କୁ କହିଲେ । ବ୍ରଜବାବୁ ବଜାରଆଡ଼େ ଗଲେ ଓ ନନ୍ଦବାବୁ ବସାକୁ ଫେରିଲେ ।

ବ୍ରଜବାବୁ ମିଲରେ କାମ କରିବାର ପ୍ରାୟ ପନ୍ଦର ଦିନ ପରେ ଦିନେ ସେ ମେନେଜରବାବୁଙ୍କ ଅଫିସ୍‌ରେ ପହଞ୍ଚି ତାଙ୍କୁ ଜଣାଇଲେ, "ଆଜ୍ଞା ମତେ ଅନେକ ସମୟ ବସିରହିବାକୁ ପଡ଼ୁଛି ।"

ମେନେଜର ବାବୁ, "କାହିଁକି ? କଅଣ ହେଲାକି ?"

ବ୍ରଜବାବୁ, କାମ ଅଳ୍ପ ।

ଏକଥା ଶୁଣି ମେନେଜରବାବୁ ବାବା ହୋଇଗଲେ । ଭାରି ଭିଡ଼ କାମ; ସମୟ ଅଣ୍ଟୁନାହିଁ ଇତ୍ୟାଦି କଥାମାନ ସେ ପ୍ରାୟ ସର୍ବଦା ତାଙ୍କର ଅଧସ୍ତନ କର୍ମଚାରୀମାନଙ୍କଠାରୁ ଶୁଣିବାରେ ଅଭ୍ୟସ୍ତ । ମାତ୍ର ଏ ନବାଗତ ବିବର୍ଣ୍ଣମୁଖ ଯୁବକଟି ଏପରି କଅଣ କହୁଛି । ଲୋକଟା ତ ବ୍ୟଙ୍ଗୋକ୍ତି କରୁନାହିଁ ? । ଏହି କଥା ଭାବି ସେ ବ୍ରଜବାବୁଙ୍କ ମୁହଁକୁ ତୀକ୍ଷ୍ଣ ଦୃଷ୍ଟିରେ ଅନାଇଲେ । ଏହି ସମୟରେ ପାନୁବାବୁ ବୋଲି ଅନ୍ୟ ଜଣେ କିରାନି ଦୁଇମାସ ଛୁଟି ନେବାପାଇଁ ଖଣ୍ଡିଏ ଦରଖାସ୍ତ ଆଣି ମେନେଜରବାବୁଙ୍କ ଟେବୁଲ ଉପରେ ରଖିଲେ । ମେନେଜର ବାବୁ ସେ ଖଣ୍ଡିକ ପଢ଼ି ବ୍ରଜବାବୁଙ୍କୁ କହିଲେ "ତୁମେ କହୁଥିଲ, ତୁମକୁ ଅନେକ ସମୟ ବୃଥା ବସି ରହିବାକୁ ପଡ଼ୁଛି । ପାନୁବାବୁ ଛୁଟି ନେଉଛନ୍ତି । ତୁମେ ନିଜକାମ ଓ ପାନୁବାବୁଙ୍କ କାମ ଏକ ସଙ୍ଗରେ କର-

ପାରିବ ।" ବ୍ରଜ, "ମୋର ପୂର୍ଣ୍ଣ ବିଶ୍ୱାସ ମୁଁ ଚଳାଇ ପାରିବି ।" ମେନେଜର, ତେବେ ତୁମେ ଯାଅ । ଧାନୁବାବୁ ଛୁଟିରେ ଯିବା ପୂର୍ବରୁ ତୁମକୁ ଚାର୍ଯ ଦେଇଯିବେ ।" ବ୍ରଜବାବୁ ଅନ୍ୟ କୌଣସି କଥା ନ କହି,ମେନେଜର ବାବୁଙ୍କୁ ନମସ୍କାର କରି ସେଠାରୁ ଚାଲି ଆସିଲେ । ଧାନୁବାବୁ ଏ ନବାଗତ ଟୋକାଟାର ନିଆଁ ଗିଳା ସାହସ-ପଣିଆ ଦେଖି ଅତ୍ୟନ୍ତ ବିରକ୍ତ ହୋଇ ମନେ ମନେ କହିଲେ, "ନୂଆ ଡାହାଣୀ ଗୁହ ଖାଇ ଶିଖୁଛି । କାମକା ଦେଖାଇ ହେଉଛି । ବେଳ ପଡ଼ିଲେ ବାପକୁ ମଉସା ବୋଲି ଡାକିବ ଯେ ।"

ଧାନୁବାବୁ ତହିଁ ଆରଦିନ ବ୍ରଜବାବୁଙ୍କୁ କାଗଜ ପତ୍ର ବୁଝାଇ ଦେଇ ଛୁଟି ନେଇ ଚାଲିଗଲେ ।

୧୦

ବ୍ରଜବାବୁ ବଡ଼ ଭୋରରୁ ଉଠି ନିତ୍ୟକର୍ମ ଶେଷ କରି, ଜଳଖିଆ ଖାଇ ଅଫିସକୁ ଆସି କାମ କରନ୍ତି । ଦଶଟା ବେଳକୁ ବସାକୁ ଯାଇ, ଭାତ ଖାଇ ସାଙ୍ଗେ ସାଙ୍ଗେ ଅଫିସକୁ ଆସି କାର୍ଯ୍ୟରେ ଲାଗିଯାଆନ୍ତି । ଆଲୁଅ ଲାଗିଲେ ବସାକୁ ଫେରି ନିତ୍ୟକର୍ମ ସାରି ଖିଆ ପିଆ କରି ଶୋଇପଡ଼ନ୍ତି । କାହାରି ପାଖରେ ବସ ଉଠ କରନ୍ତିନାହିଁ । ସେ ଭଲ କି ତାଙ୍କ କାମ ଭଲ । ବ୍ରଜବାବୁ ଆସିଲାଦିନରୁ ସେ ହସିବାର କେହି କେବେ ଦେଖି ନାହିଁ । ଏପରି ଅଣଗୋଷ୍ଠିଆ ଏକୁଟିଆ-ବାହାସ୍ୱ ଲୋକଟାକୁ ମେନେଜରଙ୍କ ବ୍ୟତୀତ ଅନ୍ୟ କେହି ଭଲ ପାଆନ୍ତିନାହିଁ । ବ୍ରଜ-

ବାବୁ ଦୁଇଟି ଯାକ କାମ ଏପରି ସୁନ୍ଦରରୂପେ କରିବେ ବୋଲି କାହାର ବିଶ୍ୱାସ ନ ଥିଲା ।

ଦିନେ ମେନେଜର ବାବୁ ନନ୍ଦବାବୁଙ୍କୁ କହିଲେ, "ଆପଣ କୁଆଡ଼ୁ ଆଣି ଆଚ୍ଛା ମେଶିନ୍‌ଟିଏ ଜୁଟାଇ ଦେଲେ ।"

ନନ୍ଦବାବୁ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "କି ମେଶିନ୍, ମୁଁ ତ କୌଣସି ମେଶିନ୍ ଆପଣଙ୍କୁ ଦେଇନାହିଁ ।"

ମେନେଜର, "ସେହି ବ୍ରଜବାବୁ କଥା କହୁଛି ।"

ନନ୍ଦବାବୁ ବିଚାରିଲେ ବ୍ରଜବାବୁ କାର୍ଯ୍ୟରେ ଅବହେଳା କରୁଛି ତେଣୁ ସନ୍ଦେହ କରି ପଚାରିଲେ, "କଅଣ କଲିକି ? ।"

ମେନେଜର, "ଲୋକଟାର କାର୍ଯ୍ୟ କରିବାର କି ଅସାଧାରଣ ଶକ୍ତି । ତା ନିଜକାମ ଆଉ ଭାନୁବାବୁ ଛୁଟି ନେଇଛନ୍ତି ତାଙ୍କ କାମ କରି ବେଳେ ବେଳେ ଯାଇ ଆକାଉଣ୍ଟେଣ୍ଟ ବାବୁଙ୍କୁ ସାହାଯ୍ୟ କରୁଛି । ବଡ଼ କାର୍ଯ୍ୟଦକ୍ଷ ପରିଶ୍ରମୀ ଲୋକ । ମେନେଜରଙ୍କର ଏପରି ମନ୍ତବ୍ୟ ଶୁଣି ନନ୍ଦବାବୁ ମନେ ମନେ ବଡ଼ ଖୁସି ହେଲେ । ସେ ନିଜର ପ୍ରୌଢ଼ି ଛାଡ଼ିବେ କିଆଁ ? କହିଲେ, "ମୁଁ ପ୍ରଥମରେ ଲୋକଟାର ମୁହଁ ଦେଖି ଓ ତା'ର କଥାବାର୍ତ୍ତାରୁ ବୁଝି ପାରିଥିଲି ଯେ ଲୋକଟି ବଡ଼ କାର୍ଯ୍ୟଦକ୍ଷ ।" ନନ୍ଦବାବୁଙ୍କର ତତ୍ତ୍ୱାବଧାନରେ ମିଲ୍‌ର କ୍ରମୋନ୍ନତି ହେଲା । ଆକାଉଣ୍ଟ ବିଭାଗ କାମ ବଢ଼ିଗଲା । ଜଣେ ସହକାରୀ ଆକାଉଣ୍ଟାଣ୍ଟ ଦରକାର ପଡ଼ିଲା । ଭାନୁବାବୁ ଛୁଟିରୁ ଫେରି ନିଜର କାର୍ଯ୍ୟଭାର ଗ୍ରହଣ କଲେ । ବ୍ରଜବାବୁଙ୍କୁ ସହକାରୀ ଆକାଉଣ୍ଟାଣ୍ଟ ନିଯୁକ୍ତ କରାଗଲା । ଦିନେ ହଠାତ୍ ହୃଦ୍‌ରୋଗରେ

ଆକାଉଣ୍ଟାଣ୍ଟ ବାବୁଙ୍କର ମୃତ୍ୟୁ ହେବାରୁ ଅସ୍ଥାୟୀଭାବରେ ବ୍ରଜ ବାବୁଙ୍କୁ ଉକ୍ତ କାର୍ଯ୍ୟରେ ନିଯୁକ୍ତ କରାଗଲା । ବ୍ରଜବାବୁଙ୍କର ସେହି ପୂର୍ବ ଢଙ୍ଗ । କାହାର ପାଖରେ ବସା ଉଠା ନାହିଁ । ସବୁବେଳେ କାମ କାମ କାମ ।

ଦିନେ ବଡ଼ ଭୋରରୁ ନନ୍ଦବାବୁ ମିଲ୍ ଆଡ଼କୁ ବୁଲିବାକୁ ଆସିଲେ । ମିଲ ହତାଭିତରେ ପ୍ରବେଶ କରି ଦେଖିଲାବେଳକୁ ଆକାଉଣ୍ଟ ଅଫିସ୍ ଦ୍ୱାର ମେଲା ଅଛି । ନନ୍ଦବାବୁ ଚାଲି ଚାଲି ହୋଇ ସେଠାକୁ ଗଲେ । ଦେଖିଲେ ବ୍ରଜବାବୁ ଏକଧ୍ୟାନରେ କାମରେ ଲାଗିଛନ୍ତି । ନନ୍ଦବାବୁ ଘରେ ପ୍ରବେଶ କରିବାର ସେ ଜାଣି ପାରିଲେ ନାହିଁ । ନନ୍ଦବାବୁ ତାଙ୍କର କାର୍ଯ୍ୟତତ୍ପରତା ଓ ଏତେ ସକାଳୁ ଆସି କାମରେ ଲାଗି ଥିବାର ଦେଖି ମନେ ମନେ ବଡ଼ ସନ୍ତୁଷ୍ଟ ହୋଇ ଡାକିଲେ, "ମେଶିନ୍ ବାବୁ ! କପରି ଅଛନ୍ତି ? ।" ନନ୍ଦବାବୁଙ୍କ ତୁଣ୍ଡ ଶୁଣି ବ୍ରଜବାବୁ ତାଙ୍କ ଆଡ଼କୁ ଅନାଇ ଦେଖିବା ମାତ୍ରେ ଆସନ ତ୍ୟାଗ କରି ବଡ଼ ସଂଭ୍ରମରେ ତାଙ୍କୁ ନମସ୍କାର କଲେ । ନନ୍ଦବାବୁଙ୍କର ପ୍ରସନ୍ନ ମୁଖ ଦେଖି ସେ ବିନୟ ସହକାରେ କହିଲେ, "ଆଜ୍ଞା ! ଏ ଆକାଉଣ୍ଟ ଅଫିସ । ମୁଁ ଏଥିରେ କାମ କରେ । ମୁଁ କୌଣସି ମେଶିନ୍ କାମ କରେ ନାହିଁ ।"

ନନ୍ଦବାବୁ, "ଆପଣ କଅଣ ଶୁଣି ନାହାନ୍ତି ଯେ ସମସ୍ତେ ଆପଣଙ୍କୁ ମେଶିନ୍‌ବାବୁ ବୋଲି କହୁଛନ୍ତି । ସମସ୍ତେ କହୁଛନ୍ତି, 'ବ୍ରଜବାବୁଟା ମଣିଷ ନୁହେଁ, ଗୋଟାଏ ମେଶିନ୍' ଦିନରାତି ଚାଲିଛି ।" ବ୍ରଜବାବୁ ତାଙ୍କର ପୃଷ୍ଠପୋଷକ ଓ ମିଲର ବଡ଼ ଅଂଶୀଦାରଙ୍କ ତୁଣ୍ଡରୁ ନିଜର ପ୍ରଶଂସା ଶୁଣି ମନେ ମନେ ବଡ଼ ଖୁସି ହେଲେ ମାତ୍ର

ନିଜ ମନର ଭାବ ଗୋପନ କରି ବିନୟସହକାରେ କହିଲେ, "ଆଜ୍ଞା, ମୋର ଯାହା କହିବାର କଥା ତାହାହିଁ କରୁଛି ।"

ଏହି ସମୟରେ ଜଣେ ଚାକର ଚେଟ୍ଟୋଙ୍କର କୁନି ଝିଅଟିକୁ ଘେନି ସେ ଘରେ ପ୍ରବେଶ କଲା । ଝିଅଟି ନନ୍ଦବାବୁଙ୍କ କାଖକୁ ଡେଇଁ ପଡ଼ିଲା । ନନ୍ଦବାବୁ ତାକୁ ଟିକିଏ ଗେଲ କରି କାଖେଇଲେ । ସେ କୁନି ଝିଅଟିକୁ ଦେଖି ବ୍ରଜବାବୁଙ୍କ ଆଖିରେ ଲୁହ କଣ୍ଟି ଆସିଲା । ନନ୍ଦବାବୁ ଏ କଥାକୁ ଲକ୍ଷ୍ୟ କରି ଭାବିଲେ ବୋଧହୁଏ ବିବାହିତଟିର ଘର କଥା ମନେ ପଡ଼ୁଛି । ତେଣୁ ବଡ଼ ନରମସ୍ୱରରେ କହିଲେ "ଆପଣତ କ୍ୱାର୍ଟର ପାଇଲେଣି, ପିଲାପିଲାଙ୍କି ଏଠାକୁ ଆଣୁ-ନାହାନ୍ତି ? ।" ଏ କଥା ଶୁଣି ନନ୍ଦବାବୁଙ୍କ ମୁହଁ କଳା ପଡ଼ିଗଲା ଓ ସେ ବଡ଼ ଜଡ଼ିତ କଣ୍ଠରେ ଉତ୍ତର ଦେଲେ, "ଆଜ୍ଞା, ମୁଁ ବିବାହ କରି ନାହିଁ ।" ନନ୍ଦବାବୁ ଟିକିଏ ହସିଦେଇ କହିଲେ "ତେବେ ଦେଖୁଛି କ୍ଷୀରପିଠାଟା ଆମ ଭାଗରେ ପଡ଼ିବ ।" ଏହା ପରେ ନନ୍ଦବାବୁ ସେଠାରୁ ଚାଲିଗଲେ । ନନ୍ଦବାବୁ ଯଦି ବୁଲିପଡ଼ି ପଛକୁ ଅନାଇ ଥାଆନ୍ତେ, ତେବେ ଦେଖି ପାରିଥାଆନ୍ତେ ଯେ, ବ୍ରଜବାବୁଙ୍କ ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ପଡ଼ୁଛି ଓ ଅନ୍ତର୍ଗତ ବେଦନାରେ ତାଙ୍କର ସେ ସୁନ୍ଦର ମୁହଁଟି ବିବର୍ଣ୍ଣ ହୋଇ ଯାଇଛି, ଦୀର୍ଘ ନିଃଶ୍ୱାସରେ ତାଙ୍କର ଛାତି ଅରି ଉଠୁଛି ଓ ସେ ଗାଲରେ ହାତ ଦେଇ ବସି ଯାଇଛନ୍ତି । ଅଳ୍ପ ସମୟପରେ ବ୍ରଜବାବୁ ମୁଖ ମାର୍ଜନା କରି ପ୍ରକୃତିସ୍ଥ ହେଲେ ଓ ନିଜ କାମରେ ଲାଗିଲେ ।

ସନ୍ଧ୍ୟା ଆଠଟାକୁ ବ୍ରଜବାବୁ ଅଫିସ ବନ୍ଦକରି ବସାକୁ ଆସିଲେ ନିତ୍ୟକର୍ମ ଶେଷ କରି ଭାତ ଖାଇ ବିଛଣା ଧରିଲେ । ସବୁଦିନେ ସେ

ବିଛଣାରେ ପଡ଼ିବା ମାତ୍ରେ ତାଙ୍କୁ ନିଦ ହୋଇଯାଏ, ମାତ୍ର ସେଦିନ ସେ ଯେତେ ଚେଷ୍ଟା କଲେବି ତାଙ୍କୁ ନିଦ ହେଲନାହିଁ । ନନ୍ଦବାବୁଙ୍କ କୋଳରେ ସେ ସକାଳବେଳେ ଯୋଉ କୁନି ଝିଅଟିକୁ ଦେଖିଥିଲେ, ତାହାର ରୂପ ତାଙ୍କ ହୃଦୟରେ ନାଚିଲା ଓ ତା'ର ଦିଟଗୋଟି କଥାଗୁଡ଼ିକ ତାଙ୍କ କାନରେ ଧ୍ୱନିତ ହେବାରେ ଲାଗିଲା । ତା'ର ସେ କୁନି ମୁହଁଟି ବ୍ରଜବାବୁଙ୍କର ଅତି ପରିଚିତା ଗୋଟିଏ ଯୁବତୀର ମୁହଁପରି ଦେଖାଯାଉଥିଲା ଓ ତା'ର ଗୁଲୁ ଗୁଲୁ ଦିଗୋଟି କଥାଗୁଡ଼ିକ ସେହି ପୂର୍ବ ପରିଚିତା ରମଣୀଙ୍କର କଣ୍ଠ-ସ୍ୱରର ଯେପରି କି ଗୋଟିଏ କୋମଳ ସଂସ୍କରଣ ବୋଲି ଜଣାଗଲା । ତାଙ୍କ ଆଖିରୁ ଧାର ଧାର ହୋଇ ଲୁହ ଗଡ଼ିପଡ଼ି ତକିଆଟି ଭିଜିଗଲା । ଅନେକ ସମୟ କଲବଲ ଛଟପଟ ହୋଇ ତାଙ୍କ ଆଖିପତା ଟିକିଏ ଲାଗିଗଲା । ଅର୍ଦ୍ଧତନ୍ଦ୍ରା ଓ ଅର୍ଦ୍ଧ ଜାଗରଣ ମଧ୍ୟରେ ତାଙ୍କର ଚେତନ ଆଚ୍ଛନ୍ନ ହୋଇଗଲା । ସ୍ୱପ୍ନ ଦେଖିଲେ, ଗୋଟିଏ ଅଣ-ଓସାରିଆ ନଈର ଗୋଟିଏ କୂଳରେ ସେ ଠିଆ ହୋଇଛନ୍ତି । ନଈର ଆରପାରିରେ ତାଙ୍କର ସେହି ପୂର୍ବ ପରିଚିତା ଯୁବତୀ ଠିଆ ହୋଇ ତାଙ୍କ ଆଡ଼କୁ ଭ୍ରୂକୁଟିକୁଟିଳ ନୟନରେ ଅନାଇ ରହିଛନ୍ତି ଓ ତାଙ୍କ ମୁହଁରେ କ୍ରୋଧ ଓ ଘୃଣାର ରକ୍ତିମା ଫୁଟି ଯାଇଛି । ବ୍ରଜବାବୁ କର ପ୍ରସାରଣ କରି କହିଲେ, "ପ୍ରାଣେଶ୍ୱରି, କ୍ରୋଧ ପରିତ୍ୟାଗ କରି ମୋ ପାଖକୁ ଆସ, ମୋର ସମସ୍ତ ଅପରାଧ କ୍ଷମା କର ମାତ୍ର ସେ ଯୁବତୀ ତାଙ୍କ କଥା ନ ଶୁଣି ମୁହଁକୁ ବୁଲାଇ ଚାଲି ଯିବାର ଦେଖି ସେ ଜଳପୂର୍ଣ୍ଣ ନଦୀମଧ୍ୟକୁ ପଶିଗଲେ । ନଦୀର ଉତପ୍ତ ଜଳରେ ତାଙ୍କର ଗୋଡ଼ ପୋଡ଼ିଗଲା ଓ ସେ ବେଦନାରେ ଆର୍ତ୍ତନାଦ କଲେ ।

**ସନ୍ତାନବେ**

ଏହି ସମୟରେ ଅଫିସ୍‌ର ଗାମାପିଅନ ଯେ କି ତାଙ୍କ ବସାରେ ରହେ ସେ ଅନ୍ୟ ଘରୁ ଡାକ ଛାଡ଼ିଲା, "ବାବୁ ବାବୁ ଏପରି ବଳ-ବଳାଉଛନ୍ତି କିଆଁ ।" ବ୍ରଜବାବୁ ହୁଁ ଟିଏ ମାତ୍ର କରି ଲେଉଠାଇ ଶୋଇଲେ ।

ସକାଳୁ ଉଠି ବ୍ରଜବାବୁ ନିତ୍ୟକର୍ମ ବଢ଼ାଇ ସବୁଦିନପରି ଅଫିସରେ ଯାଇ ପହଞ୍ଚିଲେ । ଧାନ-ବେପାରୀମାନେ ଟଙ୍କା ଦାଦନ ନେବାକୁ ମଧ୍ୟ ଆସି ପହଞ୍ଚିଗଲେ । ବ୍ରଜବାବୁଙ୍କ ନିକଟରେ ଅଫିସ୍ ଘରର ଚାବି ଥାଏ, ସେ ଦ୍ୱାର ଫିଟାଇ ରସିଦ ବହି ଆଣି ବେପାରୀମାନଙ୍କ ନାମ ଓ ଟଙ୍କାର ପରିମାଣ ଲେଖି ଟଙ୍କା ବାହାର କରିବେ ବୋଲି ଲୁହା ସିନ୍ଦୁକ ଫିଟାଇଲେ । ଗତ ସନ୍ଧ୍ୟାରେ ସେ ଏଥିପାଇଁ ଦୁଇହଜାର ଟଙ୍କାର ଶହେଟଙ୍କିଆ କୋଡ଼ିଏଖଣ୍ଡ ନୋଟ ସିନ୍ଦୁକର ଉପର ଥାକରେ ଗଣିକରି ରଖି ଯାଇଥିଲେ । ଦେଖିଲାବେଳକୁ ଉପର ଥାକରେ ସେ ନୋଟବିଡ଼ାଟା ନାହିଁ । ହଠାତ୍ ତାଙ୍କ ଛାତିଟା ଥରି ଉଠିଲା । ତଳ ଥାକ ଫିଟାଇ ସେ ଟଙ୍କାନୋଟ ଗଣତି କଲେ । ହିସାବ ମିଳାଇ ଦେଖିଲେ ସେଠି ଦୁଇ ହଜାର ଟଙ୍କା ନିଅଣ୍ଟ । ତେବେ ସେ ଟଙ୍କା ଗଲା କୁଆଡ଼େ ? ହିସାବରେ ତ ଭୁଲ ନାହିଁ । ସେ ତ ଟଙ୍କା ଗଣିକରି ରଖିଲେ । ଖାଲି ଖାଲି ସେକଡ଼ି ଶହେଟଙ୍କିଆ ନୋଟ । ସିନ୍ଦୁକରେ ନରଖି ତରତର ହୋଇ ପଦାରେ ରଖିଦେଲେ କି ? । ଘରଯାକ ଅନ୍ଧ କନ୍ଧ ଖୋଜିଲେ । କେଉଁଠାରେ ଚିରା କାଗଜ ଖଣ୍ଡିଏ ସୁଦ୍ଧା ପଦାରେ ପଡ଼ିଥିବାର ଦେଖିଲେ ନାହିଁ । ପୂର୍ବ ରାତରେ ସେ ବସାକୁ ଗଲାବେଳେ ଅଫିସ୍ ଘର କୋଲପ ନିଜ ହାତରେ ଦେଇ ଚାବି ନିଜେ ନେଇଯାଇ ଥିଲେ, ପିଅନ ପୂର୍ବରୁ ଚାଲିଯାଇଥିଲା । ସକାଳୁ ନିଜେ ଚାବି

ଆଣି ଘର ଫିଟାଇଲେ । ପିଅନ ବି ସେପର୍ଯ୍ୟନ୍ତ ଆସିନାହାଁନ୍ତି । ବ୍ରଜବାବୁଙ୍କୁ କିଛି ବୁଦ୍ଧିବାଟ ଦିଶିଲାନାହିଁ, ଚାରିଆଡ଼ ଅନ୍ଧାର ଦିଶିଲା । ବେପାରୀମାନେ ଟଙ୍କା ନେବାକୁ କାଉଁ କାଉଁ ହେବାରୁ ବ୍ରଜବାବୁ ଭଗ୍ନ ସ୍ୱରରେ କହିଲେ, "ତୁମ୍ଭେମାନେ ବର୍ତ୍ତମାନ ଯାଅ, ତିନିଟାବେଳେ ଆସିବ । ତହବିଲ ଗୋଳମାଳ ହୋଇଛି ।" ଅଫିସ ଘରେ ଚାବିଦେଇ ମେନେଜରଙ୍କ ବସାକୁ ଦୌଡ଼ିଲେ । ତାଙ୍କର ସ୍ମରଣ ହେଲା ସେ ଗତ ରାତିରେ ଶୋଇଲାବେଳେ ଭିତରପଟୁ କବାଟ ଶିକୁଳି ଦେଇ ଶୋଇଥିଲେ । ସକାଳୁ ଉଠିଲା ବେଳକୁ ଭିତରପଟ ଶିକୁଳି ମେଲା ଥିଲା । ସେତେବେଳେ ସେ କଥାଟାକୁ ବିଶେଷ ଗୁରୁତ୍ୱ ଦେଇନଥିଲେ । ତାଙ୍କ ମନରେ ସନ୍ଦେହ ହେଲା ଯେ ରାମା ପିଅନ କୌଣସି କୌଶଳରେ ଶିକୁଳି ଫିଟାଇ ତାଙ୍କ ତକିଆ ତଳୁ ଚାବି ନେଇ ମିଲ୍ ଚୌକିଦାର ଓ ଅନ୍ୟମାନଙ୍କ ସାହାଯ୍ୟରେ ଅଫିସ୍ ଘର ଓ ଲୁହା ସିନ୍ଦୁକ ଫିଟାଇ ଟଙ୍କା ଚୋରି କରିଛି । ମେନେଜରଙ୍କ ସଙ୍ଗରେ ସାକ୍ଷାତ କରି ସମସ୍ତ କଥା ଜଣାଇଲେ । ସାଙ୍ଗେ ସାଙ୍ଗେ ପୁଲିସକୁ ଖବର ଦିଆଗଲା । ପୁଲିସ ଏସ୍. ଆଇ. ସଦଳ ବଳରେ ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଲେ । ତଦାରଖ ଚାଲିଲା । ରାମା ପିଅନ, ଅନ୍ୟାନ୍ୟ ପିଅନ, ଚୌକିଦାର ଓ ଅନ୍ୟାନ୍ୟ କର୍ମଚାରୀ-ମାନଙ୍କର ଜବାନ୍‌ବନ୍ଦୀ ନିଆଗଲା । ଅନେକ ଗୋଳଧାଣ୍ଡି ପରେ ଚୋରର କୌଣସି ପ୍ରମାଣ ନ ମିଳିବାରୁ ବ୍ରଜବାବୁଙ୍କୁ ଆରେଷ୍ଟ କରିବାକୁ କନଷ୍ଟବଲମାନଙ୍କୁ ହୁକୁମ ଦେଲେ ।

ଏ ଆଦେଶ ଶୁଣିବା ମାତ୍ରେ ବ୍ରଜବାବୁ ବଜ୍ରାହତ ପରି ହୋଇ-ଗଲେ । ତାଙ୍କ ମୁଣ୍ଡ ବୁଲାଇଲା ଓ ତାଙ୍କ ଆଖିରୁ ଜୁଳୁଜୁଳିଆ

ଘୋକ ବାହାର ପଡ଼ିଲା ପରି ଲାଗିଲା । କିଛିକ୍ଷଣପରେ ସେ ନିଜର ନିର୍ଦ୍ଦୋଷତା ସମ୍ବନ୍ଧରେ ଯେତେ କହିଲେ ମଧ୍ୟ କେହି ତାଙ୍କ କଥା-ରେ କର୍ଣ୍ଣପାତ କଲେନାହିଁ । ଶେଷରେ ସେ ବିକଳରେ ମେନେଜର ବାବୁଙ୍କୁ ପଚାରିଲେ "ମୁଁ ଏଟଙ୍କା ଚୋରି କରିଛି ବୋଲି ଆପଣ କଅଣ ସନ୍ଦେହ କରୁଛନ୍ତି ? ।" ମେନେଜରବାବୁ ଗମ୍ଭୀର ମୁଖରେ ଉତ୍ତର ଦେଲେ "ମୋର ବିଶ୍ୱାସ ଅବିଶ୍ୱାସରେ କିଛି ଯାଏ ଆସେ ନାହିଁ । ଆଇନ ତା ବାଟ ଧରି ଚାଲିବ ।"

ଏଥିରେ ନିରାଶ ହୋଇ ସେ ହାଜତକୁ ଯିବା ପୂର୍ବରୁ ଥରେ ମାତ୍ର ନନ୍ଦବାବୁଙ୍କ ସଙ୍ଗରେ ସାକ୍ଷାତ କରିବେ ବୋଲି, ଏସ୍: ଆଇ ଓ ମେନେଜର ବାବୁଙ୍କୁ ପ୍ରାର୍ଥନା କଲେ । ଏସ୍: ଆଇ ଅସ୍ୱୀକୃତ ହେଉଥିଲେ ମାତ୍ର ମେନେଜର ବାବୁଙ୍କ ଅନୁରୋଧରେ ପଛକୁ ସ୍ୱୀକୃତ ହେଲେ । କଡ଼ା ପୁଲିସ ପହରାରେ ବ୍ରଜବାବୁଙ୍କୁ ସଙ୍ଗରେ ଧରି, ଏସ୍: ଆଇ ଓ ମେନେଜର ବାବୁ ନନ୍ଦବାବୁଙ୍କ ବସାଠାରେ ଯାଇ ପହଞ୍ଚିଲେ । ଯେତେବେଳେ ଅଫିସଘର ଚାବି ଓ ଲୁହା ସିନ୍ଦୁକ ଚାବି ତାଙ୍କ ହାତରେ ଥିଲା ଓ ଚୋରିର କୌଣସି ପ୍ରମାଣ ମିଳିଲା ନାହିଁ, ସେତେବେଳେ ସେ ଚୋରି ଅପରାଧରେ ନିଶ୍ଚୟ ଦଣ୍ଡିତ ହେବେ ଏଥିରେ ତାଙ୍କର କୌଣସି ସନ୍ଦେହ ନଥିଲା । ସେ ନନ୍ଦବାବୁଙ୍କୁ ପ୍ରକୃତ ଘଟଣା ଜଣାଇ କାରା ବରଣ କରିବେ । ସେ କାରାବାସ କିମ୍ବା ନିଜର ବଦନାମ ସହ୍ୟ କରି ପାରିବେ କାରଣ ସେ ତ ଦୋଷୀ ନୁହନ୍ତି ଓ ସଂସାରରେ ତାଙ୍କର କେହି ଆପଣାର ହୋଇ ନାହିଁ, ମାତ୍ର ଯେଉଁ ନନ୍ଦବାବୁ ତାଙ୍କୁ ଅଯାଚିତ ଭାବରେ ଡାକି ଆଣି ବୁକର ଖଣ୍ଡିକରେ ରଖାଇ ଦେଇଥିଲେ ଓ ଏ ଘଟଣାର

ପୂର୍ବାହ୍ଣନ ତାଙ୍କ କର୍ମକୁଶଳତା ଯୋଗୁଁ ପ୍ରଶଂସା କରୁଥିଲେ, ସେହି ନନ୍ଦବାବୁ ଆଜି ତାଙ୍କୁ ଚୋର ବୋଲି ବିଶ୍ୱାସ କରିବେ ଏହା ସେ କଦାପି ସହ୍ୟ କରିପାରିବେନାହିଁ । ବିଶେଷତଃ ନନ୍ଦବାବୁଙ୍କ ପରି ଅମାୟିକ ଓ ଧର୍ମାତ୍ମା ଲୋକ, ବିଶେଷ ଭଲକରି ଅନୁସନ୍ଧାନ କରିବାକୁ ପୁଲିସକୁ ଅନୁରୋଧ କଲେ, ଚୋର ନିଶ୍ଚୟ ଧରା ପଡ଼ିଯିବେ ବୋଲି ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ।

ନନ୍ଦବାବୁ ବସାରେ ନଥିଲେ । ମୟୂରଭଞ୍ଜ, ଗଡ଼ଗାଁକୁ ଯାଇଥିଲେ, ସେଦିନ ଉପରଓଳି ଫେରିବେ ବୋଲି ଶୁଣି ସମସ୍ତେ ଫେରି ଯାଇଥିଲେ, ଏହି ସମୟରେ ନନ୍ଦବାବୁଙ୍କ ଚାକର ହୋଲା ଆସି, "ମା ଡାକୁଛନ୍ତି ବୋଲି" ମେନେଜରବାବୁଙ୍କୁ ବସା ଭିତରକୁ ଡାକିନେଲା । ବ୍ରଜବାବୁଙ୍କ ସହ ଅନ୍ୟମାନେ ଦାଣ୍ଡ ପିଣ୍ଡାରେ ଅପେକ୍ଷା କରି ରହିଲେ । ଅଳ୍ପ ସମୟ ପରେ ମେନେଜର ବାବୁ ବିଡ଼ାଏ ନୋଟ ହାତରେ ଧରି ସେମାନଙ୍କ ନିକଟରେ ପହଞ୍ଚି,ଏସ୍: ଆଇ ବାବୁଙ୍କୁ କହିଲେ "ନନ୍ଦବାବୁଙ୍କ ସ୍ତ୍ରୀ ଚୋରିଯାଇଥିବା ଦୁଇହଜାର ଟଙ୍କା ମତେ ଦେଇ ବ୍ରଜବାବୁଙ୍କୁ ମୁକ୍ତ ଦେବାକୁ ଆପଣଙ୍କୁ ବିଶେଷ ଅନୁରୋଧ କରୁଛନ୍ତି ।" ମୁନ୍‌ସିବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ, "ଆପଣ ଏତେଲା ଦେଇ ଥିଲେ, ଆପଣ ଇଚ୍ଛା କଲେ ମୁଁ କେଶ୍‌ଟାକୁ ଡ୍ରପ୍ କରି ବ୍ରଜବାବୁଙ୍କୁ ମୁକ୍ତ କରି ଦେବି ।" ମେନେଜରବାବୁ ମଧ୍ୟ ନନ୍ଦବାବୁଙ୍କ ସ୍ତ୍ରୀଙ୍କର ବଦାନ୍ୟତାରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ବ୍ରଜବାବୁ ନିଶ୍ଚୟ ନନ୍ଦବାବୁ ସ୍ତ୍ରୀଙ୍କର କୌଣସି ଅତି .ନିକଟ ଆତ୍ମୀୟ ହୋଇଥିବେ, ନୋହିଲେ ଏତେ ଗୁଡ଼ାଏ ଟଙ୍କା ଏପରି ଅକୁଣ୍ଠିତ ଚିତ୍ତରେ ଦିଅନ୍ତେ କାହିଁକି ?



ନଂ......
ତା......

ବିଶେଷତଃ ରେଖାଙ୍କର ସ୍ୱଭାବ ଚରିତ୍ର ଓ ପରସେବାପରାୟଣତା ଯୋଗୁଁ ସେ ତାଙ୍କୁ ବିଶେଷ ଭକ୍ତି କରୁଥିଲେ । ମେନେଜରବାବୁଙ୍କ କଥା ଶୁଣି କହିଲେ "ଆଜ୍ଞା ନନ୍ଦବାବୁଙ୍କ ସ୍ତ୍ରୀଙ୍କ କଥା ମୁଁ ଏଡ଼ିଦେଇ ପାରିବି ନାହିଁ ।" ମୁନ୍‌ସିବାବୁ ବ୍ରଜବାବୁଙ୍କୁ ଛାଡ଼ି ଦେବାପାଇଁ କନଷ୍ଟବଲମାନଙ୍କୁ ଆଦେଶ ଦେଲେ । ମେନେଜର ବାବୁ ଘର ଭିତରକୁ ଯାଇ ରେଖାଦେବୀଙ୍କୁ ମୁକ୍ତି ସମ୍ବାଦ ଦେଇ ପଦାକୁ ଆସି ବ୍ରଜବାବୁଙ୍କୁ କହିଲେ ଦେଖ ବ୍ରଜବାବୁ ! ଆପଣ ଆଜି ନନ୍ଦବାବୁଙ୍କ ସ୍ତ୍ରୀଙ୍କର ଅଶ୍ରୁତପୂର୍ବ ବଦାନ୍ୟତା ଯୋଗୁଁ ମୁକ୍ତି ପାଇଲେ ମାତ୍ର ମୁଁ ଆଜି ଆପଣଙ୍କୁ କାର୍ଯ୍ୟରୁ ଡିସ୍‌ମିସ୍ କଲି । ଆପଣ ଶୀଘ୍ର ଅଫିସକୁ ଆସି ହିସାବପତ୍ରର ଚାର୍ଜ ଦେଇ ମିଲ କ୍ୱାର୍ଟରରୁ ଖାଲି କରିଦିଅନ୍ତୁ । ଆପଣଙ୍କ ଭାଗ୍ୟ ଭଲ ।"

ବ୍ରଜବାବୁଙ୍କୁ ଛାଡ଼ି ସମସ୍ତେ ଚାଲିଗଲେ ।

ଏପରି ଅପ୍ରତ୍ୟାଶିତ ଘଟଣାର ଘାତ ପ୍ରତିଘାତରେ ବ୍ରଜବାବୁ ଏପରି ବିବ୍ରତ ହୋଇ ପଡ଼ିଥିଲେ ତାଙ୍କର ସହଜଜ୍ଞାନ ଲୋପ ପାଇ ଯାଇଥିଲା । ସେ କଅଣ କରିବେ, କୁଆଡ଼େ ଯିବେ କିଛି ସ୍ଥିର କରି ପାରିଲେନାହିଁ । ନନ୍ଦବାବୁଙ୍କ ସ୍ତ୍ରୀଙ୍କର ଏ ଅଯାଚିତ ଓ ଅତିମାନୁଷ ବଦାନ୍ୟତାକୁ ପ୍ରଥମେ ବିଶ୍ୱାସ କରିପାରିଲେନାହିଁ । ତାଙ୍କୁ ସବୁକଥା ସ୍ୱପ୍ନପରି ଲାଗିଲା । କୃତଜ୍ଞତାର ଲୋତକରେ ତାଙ୍କର ନିଷ୍ପ୍ରଭ ନେତ୍ରଯୁଗ୍ମ ପୂର୍ଣ୍ଣ ହୋଇଗଲା । ସେ ଯୋଡ଼ହାତ ହୋଇ ଅଶ୍ରୁରୁଦ୍ଧ କଣ୍ଠରେ କହିଲେ "କିଏସେ ତୁମେ ଦେବୀ ? ଏ ହତଭାଗ୍ୟ ମହା ପାତକୀ ପ୍ରତି ଏପରି ମହାନ୍ ଦୟା ଦେଖାଇଲ !" ଗୃହାନ୍ତରାଳବର୍ତ୍ତିନୀ ନାରୀ ମୂର୍ତ୍ତିଙ୍କର ଉଦ୍ଦେଶ୍ୟରେ ଗୋଟିଏ ଭକ୍ତି ଓ କୃତଜ୍ଞତାପୂର୍ଣ୍ଣ

ନମସ୍କାର କରି ନନ୍ଦବାବୁଙ୍କ ଅପେକ୍ଷାରେ ମୁଣ୍ଡ ତଳକୁ ପୋତି ଦାଣ୍ଡ ବାରଣ୍ଡାରେ ବସିରହିଲେ ।

୧୧

ଦୋଳାଚାକର ଆସି ବ୍ରଜ ବାବୁଙ୍କୁ କହିଲା, "ଆପଣଙ୍କୁ ମା ଡାକୁଛନ୍ତି, ଭିତରକୁ ଆସନ୍ତୁ ।" ବ୍ରଜବାବୁ ଦୋଳା ସାଙ୍ଗରେ ଘର ଭିତରକୁ ଗଲେ । ଦୋଳା ଦାଣ୍ଡଘରେ ପଡ଼ିଥିବା ଖଣ୍ଡିଏ ଚୌକିରେ ତାଙ୍କୁ ବସିବାକୁ କହିଲାରୁ ସେ ବସିଲେ । ତା'ପରେ ଦୋଳା କହିଲା, "ମା ଏ କବାଟ ସେପାଖରେ ଠିଆହୋଇ କଅଣ ପଚାରୁଛନ୍ତି ଶୁଣନ୍ତୁ" । ଏତକ କହିଦେଇ ଦୋଳା ସେ ଘରୁ ପଦାକୁ ଚାଲିଗଲା । ବ୍ରଜବାବୁଙ୍କର ବହିର୍ଜଗତ ସାଙ୍ଗରେ ବିଶେଷ କିଛି ସମ୍ପର୍କ ନଥିଲା । ମିଲ୍ କାର୍ଯ୍ୟ ସମ୍ବନ୍ଧ ଛଡ଼ା ସେ ଅନ୍ୟ ବିଷୟରେ କାହାସଙ୍ଗରେ କୌଣସି କଥାବାର୍ତ୍ତା ହେଉନଥିଲେ । ସୁତରାଂ ନନ୍ଦବାବୁଙ୍କ ସ୍ତ୍ରୀଙ୍କର ସ୍ୱଭାବ ଚରିତ୍ର ସମ୍ବନ୍ଧରେ ସେ କିଛି ଜାଣି ନଥିଲେ । ସେ ଯେ ଯୁବତୀ ଏହା ବ୍ରଜବାବୁ ନନ୍ଦବାବୁଙ୍କର ବୟସ ତୁଳନାରେ ଅନୁମାନ କରିଥିଲେ । ତାଙ୍କ ପରି ଗୋଟାଏ ସମ୍ପର୍କ-ଶୂନ୍ୟ, ଅଜ୍ଞାତକୁଳଶୀଳ ଲୋକ ପାଇଁ ଅଯାଚିତଭାବରେ ଦୁଇହଜାର ଟଙ୍କା ଦେଇ, ତାଙ୍କୁ ଘର ଭିତରକୁ ଡାକିଆଣି ଏକାନ୍ତରେ ତାଙ୍କ ସାଙ୍ଗରେ କଥାବାର୍ତ୍ତା ହେବାର ଉଦ୍ଦେଶ୍ୟ ସମ୍ବନ୍ଧରେ ବ୍ରଜବାବୁଙ୍କ ମନରେ ନାନା ସନ୍ଦେହ ଜାତ ହେଲା । ନନ୍ଦବାବୁ ହଠାତ୍ ଯଦି ପହଞ୍ଚିଯିବେ, ତେବେ ଅବସ୍ଥାଟା କଅଣ ହେବ । ଏ ଗୋପ୍ୟ କଥା ଶୁଣି ନନ୍ଦ ବାବୁ ନିଶ୍ଚୟ ତାଙ୍କ ଉପରେ କ୍ରୋଧାନ୍ୱିତ ହେବେ । ତହିଁରେ ପୁଣି ତାଙ୍କ ସ୍ତ୍ରୀ ଦୁଇ ହଜାର

ଝଙ୍କା ତାଙ୍କ ପାଇଁ ଦେଇ, ତାଙ୍କୁ ଘର ଭିତରକୁ ଡାକି ଏକାନ୍ତରେ କଥାବାର୍ତ୍ତା ହେବାର ଦେଖିଲେ କଥାଟା ଯେ କେଉଁ ଆଡ଼କୁ ଗତି କରିବ ତାହା ତାଙ୍କୁ ତଳ ତଳ ହୋଇ ବସିଲା । ଏପରି କ୍ଷେତ୍ରରେ ସେ କଅଣ କରିବେ, କିଛି ସ୍ଥିର କରି ଭାବିପାରିଲେ ନାହିଁ । ଏହି ସମୟରେ କବାଟର ଆର ପାଖରୁ ପ୍ରଶ୍ନ ହେଲା, " ଏ ଝଙ୍କା କୁଆଡ଼େ ଗଲା ?" ସ୍ୱରଟି ବ୍ରଜବାବୁ ପୂର୍ବେ କେଉଁଠାରେ ଶୁଣିଥିଲାପରି ତାଙ୍କୁ ବୋଧ ହେଲା । ସେ ତାଙ୍କର ପରିଚିତା ରମଣୀମାନଙ୍କ କଥା ଚିନ୍ତା କରିବାରେ ଏପରି ତନ୍ମୟ ହୋଇ ଯାଇଥିଲେ ଯେ ପ୍ରଶ୍ନର ଉତ୍ତର ଦେଇ ପାରିନଥିଲେ । ତାଙ୍କୁ ନୀରବ ଦେଖି ପୁଣି ସେ ଅଦୃଶ୍ୟା ନାରୀମୂର୍ତ୍ତି ପ୍ରଶ୍ନ କଲେ— " ଏଝଙ୍କା କୁଆଡ଼େ ଗଲା ? ।"

ବ୍ରଜବାବୁ, ମୁଁ ଠିକ୍ କରି କହିପାରିବିନାହିଁ ।

ପ୍ରଶ୍ନ, ଆପଣ କାହାକୁ ସନ୍ଦେହ କରୁଛନ୍ତି ।

ବ୍ରଜ, ମୁଁ ଅନୁମାନ କରୁଛି ଏହା ଜଣକର କାମ ନୁହେଁ । ମୋ ବସାରେ ରହୁଥିବା ଅଫିସ ପିଅନ ରାମା, ମିଲ୍ ଚୌକିଦାର ଓ ଅନ୍ୟ କେତେ ଅଫିସ କର୍ମଚାରୀ ଏଥିରେ ସଂଶ୍ଳିଷ୍ଟ ।

ପ୍ରଶ୍ନ, ଆପଣଙ୍କ ସଙ୍ଗରେ କାହାର କାହାର ଅପଡ଼ ।

ବ୍ରଜ, ମୁଁ କାହା ପାଖରେ ବସି ଉଠ କରେନାହିଁ । ସବୁବେଳେ ଅଫିସ୍ କାମରେ ଲାଗିଥାଏ । କାହାର କୌଣସି ଦୋଷ ତ୍ରୁଟି ଦେଖିଲେ ମୋହବତ୍ ନ ରଖି ରିପୋର୍ଟ୍ କରି ଦିଏ । ତେଣୁ ମେନେଜରଙ୍କ ବ୍ୟତୀତ ଅଫିସରେ ମତେ କେହି ଭଲ ପାଆନ୍ତି-

ନାହିଁ । ହଁ ଆଉ ଗୋଟିଏ କଥା—ମୁଁ କାଲି ରାତିରେ ଶୋଇଲା-ବେଳେ ଭିତର ପଟୁ କବାଟ ଶିକୁଳି ଦେଇ ଶୋଇଥିଲି । ଆଜି ସକାଳୁ ଉଠିଲା ବେଳକୁ ଶିକୁଳି ମେଲାଥିଲା । ମୁଁ ସେତେବେଳେ ସେକଥା ଖିଆଲ କରିନଥିଲି । ମୁଁ ଅନୁମାନ କରୁଛି, ରାମା ପିଅନ କୌଣସି କୌଶଳରେ ଶିକୁଳି ଫିଟାଇ ମୋ ମୁଣ୍ଡତଳ ତକିଆ ତଳୁ ଅଫିସ୍ ଚାବି ଓ ଲୁହା ସିନ୍ଦୁକ ଚାବି ନେଇ ଅନ୍ୟ-ମାନଙ୍କ ସାଙ୍ଗରେ ଟଙ୍କା ଚୋରି କରି ଚାବି ଆଣି ମୋ ତକିଆ ତଳେ ରଖିଦେଇ ଯାଇଛି ।

ପ୍ରଶ୍ନ, ଆପଣଙ୍କ ମୁଣ୍ଡତଳୁ ଚାବି ନେଲା ପୁଣି ଆଣି ତକିଆ ତଳେ ରଖିଦେଇ ଗଲା; ଆପଣ କିଛି ଜାଣି ପାରିଲେନାହିଁ ।

ବ୍ରଜବାବୁ ଏ ପ୍ରଶ୍ନ ଶୁଣି କଅଣ ଟିକିଏ ଭାବିଲେ, ତତ୍‌ପରେ ବଡ଼ ବିବ୍ରତ ହୋଇ କହିଲେ, "ଆପଣ ଆଜି ମତେ କାରାଗୃହରୁ ମୁକୁଳାଇ ଆଣିଛନ୍ତି । ମୋ ପରି ଗୋଟାଏ ମହାପାତକୀ ପାଇଁ ଆପଣ ଯେ କାହିଁକି ଦୁଇହଜାର ଟଙ୍କା ଅକୁଣ୍ଠିତ ଚିତ୍ତରେ ଦାନ କଲେ ମୁଁ ତାହାର କୌଣସି କାରଣ ଅନୁମାନ କରି ପାରୁ-ନାହିଁ । ମୁଁ ଜୀବନରେ ଘୋର ପାତକ କରିଛି । ଆପଣଙ୍କ ପରି ଦେବାଙ୍କ ନିକଟରେ ମିଛ କହି ସେ ପାପର ବୋଝକୁ ଆହୁରି ଗରୁ କରିବାକୁ ଇଚ୍ଛା କରୁନାହିଁ । ତେବେ ମୋର ପୂର୍ବ କାହାଣୀ ଶୁଣନ୍ତୁ । ମୁଁ ବଡ଼ ଭୋରରୁ ଉଠି ନିତ୍ୟକର୍ମ ଶେଷ କରି ଅଫିସ୍‌କୁ ଯାଇଁ କାମରେ ମନଧ୍ୟାନ ଦେଇ ଲାଗିଯାଏ । ଦଶଟା ବେଳକୁ ବସାକୁ ଆସି ଗଣ୍ଡାଏ କଅଣ ଖାଇ ଦେଇ ବିଶ୍ରାମ ନ

ନେଇ ସାଙ୍ଗେ ସାଙ୍ଗେ ଅଫିସକୁ ଚାଲିଯାଏ । ସନ୍ଧ୍ୟା ଆଠଟାରେ ଫେରି ମୁହଁ ହାତ ଧୋଇ ଗଣ୍ଡାଏ ଖାଇ ଦେଇ ମଦ ଖାଇ ଅଚେତ ହୋଇ ଶୋଇପଡ଼େ । ପ୍ରଶ୍ନକର୍ତ୍ତ୍ରୀ ଦେଖା ନ ଯାଉଥିଲେ ମଧ୍ୟ ତାଙ୍କ ସ୍ୱରରେ ବିସ୍ମୟ ମିଶା ଏକ ପ୍ରକାର ଅପ୍ରାକୃତିକ ରୁକ୍ଷତାର ମୂର୍ଚ୍ଛନା ଫୁଟି ଉଠିଲା । ପ୍ରଶ୍ନ ହେଲା, ଆପଣ କଅଣ ମଦ ଖାଆନ୍ତି ?

ଏ ପ୍ରଶ୍ନ ଶୁଣି ବ୍ରଜବାବୁ ହଠାତ୍ କାନ୍ଦିପକାଇ କ୍ରନ୍ଦନ-କଳୁଷିତ କଣ୍ଠରେ କହିଲେ "ହଁ ମୁଁ ମଦ ଖାଏ । କାହିଁକି ଖାଏ ? ମୋର ମଦ ଖାଇବାର କାରଣ ଶୁଣି ଓ ମୋର ପୂର୍ବ ଇତିହାସ ଶୁଣି ଆପଣ ଏ ନରକର କୀଟଟା ପାଇଁ ଏତେଗୁଡ଼ାଏ ଟଙ୍କା ଅଯାଚିତ ଭାବରେ ଦାନ କରିଥିବା ଯୋଗୁଁ ନିଶ୍ଚୟ ଅନୁତାପ କରିବେ । ତଥାପି ଆପଣଙ୍କ ପରି ଦୟାବତୀ ଦେବୀଙ୍କ ନିକଟରେ କିଛି ନ ଲୁଚାଇ ସଫା ସଫା କହିଦେବି । ମୁଁ ଜାଣେ ଆପଣ ସେ ଘୃଣ୍ୟ ପାଶବିକ କାହାଣୀ ଶୁଣି ମତେ ଶତସହସ୍ର ଭର୍ତ୍ସନା କରିବେ, ପଦାଘାତ କଲେ ବି ମୁଁ ଆଶ୍ଚର୍ଯ୍ୟ ହେବିନାହିଁ । ତଥାପି କହୁଛି ଶୁଣନ୍ତୁ । ମୁଁ ଜଣେ ସରଳା ବାଳିକାର ସର୍ବନାଶ କରିଛି । ଆଜି ଗୋଟିଏ ସ୍ତ୍ରୀ ହତ୍ୟାର ପରୋକ୍ଷ କାରଣ ହୋଇଛି, ଏହି ଚିନ୍ତା ମୋ ହୃଦୟରେ ସହସ୍ର ସହସ୍ର ତପ୍ତ ଲୌହଶଳାକାରେ ବିଦ୍ଧ କଲାପରି ଲାଗେ । ମୁଁ ଦିନଯାକ ଅଫିସ୍ କାମରେ ମନ ଧ୍ୟାନ ଦେଇ ଲାଗି ପଡ଼େ ସେ ଅସହ୍ୟ ବେଦନାରୁ ମୁକ୍ତି ପାଏ, ମାତ୍ର ରାତ୍ରରେ ଖାଇ କରି ଶୋଇଲା ବେଳକୁ ସେହି ସ୍ମୃତି ଶତ ଶତ କଙ୍କଡ଼ା ବିଛାର ଏକକାଳୀନ ଦଂଶନ ପରି ଯନ୍ତ୍ରଣା ଦିଏ, ମୁଁ ତହିଁରୁ ନିଷ୍କୃତି ପାଇବା ପାଇଁ ମଦ ଖାଇ ଅଚେତ ହୋଇ ଶୋଇପଡ଼େ ।"

ଏହି ସମୟରେ ସେ ଅଦୃଶ୍ୟ ପ୍ରଶ୍ନକର୍ତ୍ତୀଙ୍କର ଗୋଟିଏ ଦୀର୍ଘ ନିଃଶ୍ୱାସର ଶବ୍ଦ ଶୁଣାଗଲା ଓ "କହନ୍ତୁ" ବୋଲି ବିଷାଦଭରା ସ୍ୱରରେ ପ୍ରଶ୍ନ ହେଲା । ବ୍ରଜବାବୁ ଅଶ୍ରୁ ମାର୍ଜନା କରି ଧୀର ସ୍ୱରରେ ଆରମ୍ଭ କଲେ, "ମୋ' ନା ବ୍ରଜବନ୍ଧୁ ଦାସ ନୁହେଁ । ମୋର ପ୍ରକୃତ ନାମ ହେଉଛି ରମାକାନ୍ତ ପଟ୍ଟନାୟକ । ମୋର ପିତା ଶ୍ରୀଚରଣ ପଟ୍ଟନାୟକ ଯାଜପୁରର ଜଣେ ପ୍ରସିଦ୍ଧ ଜମିଦାର ଥିଲେ । ମାମ୍ଲା-ମକଦ୍ଦମାରେ ସର୍ବସ୍ୱାନ୍ତ ହୋଇ ଶେଷରେ ଦାଣ୍ଡର ଭିଖାରୀ ହୋଇଗଲେ । ସେତେବେଳକୁ ମତେ ଛ ସାତ ବରଷ ହୋଇ-ଥାଏ । ଯେଉଁମାନେ ଆମର ଘରେ ଖାଇ ପିଇ ଆମର ପଇସାରେ ମଣିଷ ହୋଇଥିଲେ ଓ ଯେଉଁମାନଙ୍କ ବିପଦ ସମୟରେ ମୋର ପିତା ଶହ ଶହ ଟଙ୍କା ଅକାତରେ ଦାନ କରିଥିଲେ, ସେମାନେ କେହି ମୋର ଅସହାୟ ପିତାଙ୍କୁ ସାହାଯ୍ୟ କରିବା ଦୂରେ ଥାଉ, ଆଡ଼ ଆଖିରେ ସୁଦ୍ଧା ଅନାଇଲେ ନାହିଁ ।

ବିପିନବାବୁ ବୋଲି ପିତାଙ୍କର ଜଣେ ବନ୍ଧୁ ଅର୍ଥସାହାଯ୍ୟ କରି ଆମ୍ଭମାନଙ୍କୁ ଚଳାଇଲେ । ଦୁଇ ବର୍ଷ ପରେ ବାପା ଦୁଃଖ ଓ ଶୋକରେ ମ୍ରିୟମାଣ ହୋଇ ପ୍ରାଣତ୍ୟାଗ କଲେ । ବାପାଙ୍କର ମୃତ୍ୟୁ ପରେ ବିପିନବାବୁ ମୋ ବିଧବା ମାତାଙ୍କର ଓ ମୋର ସମସ୍ତ ଭାର ଅମ୍ଳାନ ବଦନରେ ବହନ କଲେ । ବିପିନବାବୁ ଯାଜପୁର କଲେକ୍ଟରି କଚେରିରେ କାର୍ଯ୍ୟ କରୁଥିଲେ । ହଠାତ୍ ଦିନେ ତାଙ୍କର କଟକ ବଦଳି ହୋଇଗଲା । କଟକରେ ଥାଇ ସେ ଆମ୍ଭମାନଙ୍କର ଚଳାଚଳ ପାଇଁ ଅର୍ଥ ପଠାଉଥିଲେ । କିଛିଦିନ ପରେ ମୋ ବୋଉଙ୍କର ମଧ୍ୟ ମୃତ୍ୟୁ ଘଟିଲା । ତାଙ୍କର ଅର୍ଥ ସାହାଯ୍ୟରେ ମୁଁ

ମାଟ୍ରିକ୍ ପାସ କଲି ଓ ତାଙ୍କର ଚେଷ୍ଟାରେ ମୁଁ ପୁଲିସ୍ ଏସ୍: ଆଇ. ହେଲି । ତାଙ୍କର ରେଖା ବୋଲି ଗୋଟିଏ ଝିଅ ଥିଲା ।" ଏତିକିରେ ରମାକାନ୍ତଙ୍କର କଣ୍ଠ ରୋଧ ହେଲା । ସେ ଆଉ କିଛି ନ କହି ନୀରବରେ ଅଶ୍ରୁ ଗଡ଼ାଇଲେ । କିଛି ସମୟ ପରେ ସେ କ୍ରନ୍ଦନର ବେଗ ରୋଧ କରି ପୁଣି ଆରମ୍ଭ କଲେ । ପ୍ରଥମରେ ତାଙ୍କର କଣ୍ଠ ଥରି ଉଠିଲା । "ହଁ ରେଖା ବୋଲି ତାଙ୍କର ଗୋଟିଏ ଝିଅ ଥିଲା । ମୋ ବୋଉ ଥିଲାବେଳେ, ସେ ଓ ରେଖାବୋଉ ମାଉସୀ ଯାଜପୁର ବିରଜା ଠାକୁରାଣୀଙ୍କ ପାଖରେ ସତ୍ୟ କରିଥିଲେ ଯେ ମୋର ରେଖାଙ୍କ ସାଙ୍ଗରେ ବିବାହ ହେବ । ମୁଁ ଏସ୍: ଆଇ ନିଯୁକ୍ତ ହେବା ପରେ ଭାଗଲପୁର ଟ୍ରେନିଙ୍ଗ୍ ପାଇଁ ଗଲି । ସେତେବେଳକୁ ରେଖାବୋଉ ମାଉସୀଙ୍କର ମଧ୍ୟ ମୃତ୍ୟୁ ଘଟିଯାଇଥାଏ । ମୁଁ ଟ୍ରେନିଙ୍ଗ୍‌ରୁ ଫେରି ବିପିନବାବୁଙ୍କ ବସାରେ କଟକରେ କିଛିଦିନ ରହିଲି ।

ମୋର ଗଞ୍ଜାମ ବରହମପୁରରେ ପୋଷ୍ଟିଙ୍ଗ୍ ହେଲା । ସେଠାକୁ ଯିବାର ଅଳ୍ପଦିନ ଆଗରୁ ସରଳା ରେଖା—"ରମାକାନ୍ତ ଆଉ କିଛି କହି ପାରିଲେ ନାହିଁ । ମୁଣ୍ଡ ତଳକୁ ପୋତି ମୂକପରି ବସି ରହିଲେ । କବାଟ ଆରପାଖରୁ କରୁଣ ସ୍ୱରରେ ପ୍ରଶ୍ନ ହେଲା "ତା'ପରେ କଅଣ ହେଲା ? । କହିଯାଆନ୍ତୁ । ମୁଁ ସବୁ ଶୁଣୁଛି ଓ ଶେଷ ପର୍ଯ୍ୟନ୍ତ ସମସ୍ତ ବିଷୟ ଶୁଣିବି । କହନ୍ତୁ ।"

ରମାକାନ୍ତ ବରହମପୁର ଯିବାର ଅଳ୍ପ ଦିନ ଆଗରୁ ସରଳା ରେଖା ମୋର ଅତିଶୟ ଅନୁରୋଧରେ, ମୋର ମିଠା ବାକ୍ୟରେ ଭୁଲି ଓ ମୋ ଉପରେ ପୂର୍ଣ୍ଣ ବିଶ୍ୱାସ କରି ନାରୀର

ଯଥାସର୍ବସ୍ୱ ମତେ ଦାନ କଲେ । ମୁଁ କାର୍ଯ୍ୟରେ ଯୋଗ ଦେଇ ତିନିଚାରି ମାସ ପରେ ଛୁଟି ନେଇ କଟକ ଆସି ରେଖାଙ୍କୁ ବିବାହ କରିବି ବୋଲି ବିପିନ ବାବୁଙ୍କୁ କଥା ଦେଇ ବରହମପୁର ଗଲି । ସେଠାରେ ରହିବାର ପ୍ରାୟ ଦୁଇମାସ ପରେ ଅକସ୍ମାତ୍ ଜଣେ ଅତ୍ୟନ୍ତ ସୁନ୍ଦରୀ ଯୁବତୀଙ୍କୁ ଦେଖି ଭ୍ରମବଶତଃ ସେ ସେଠାର ପ୍ରସିଦ୍ଧ ଓକିଲ ସତ୍ୟନାରାୟଣ ବାବୁଙ୍କର କନ୍ୟା ବୋଲି ଜାଣିଲି । ପ୍ରକୃତରେ ତାଙ୍କର ରତ୍ନମାଳା ବୋଲି ଗୋଟାଏ ଅତିକୁତ୍ସିତା, ମୂର୍ଖରୀ ଅଲକ୍ଷଣୀ କନ୍ୟା ଥିଲା । ସତ୍ୟନାରାୟଣ ବାବୁଙ୍କର ରତ୍ନମାଳା ବ୍ୟତୀତ ଅନ୍ୟ କୌଣସି ସନ୍ତାନସନ୍ତତି ନଥିଲେ । ସୁତରାଂ ରତ୍ନମାଳା ଧର୍ମ ପିତାଙ୍କର ସମସ୍ତ ସମ୍ପତ୍ତିର ଉତ୍ତରାଧିକାରିଣୀ ଥିଲେ । ତା'ର ବିବାହ ଅନ୍ୟ ସ୍ଥାନରେ ସ୍ଥିର ହୋଇଥିଲା । ସତ୍ୟବାବୁ ଏକମାତ୍ର କନ୍ୟାର ବିବାହ ବଡ଼ ଆଡ଼ମ୍ବର ସହକାରେ ଆୟୋଜନ କରିଥିଲେ, ମାତ୍ର ବିବାହଦିନ ସନ୍ଧ୍ୟାକୁ ଟେଲିଗ୍ରାମ ଆସିଲା ଯେ ବର ବିବାହ କରିବାକୁ ଅନିଚ୍ଛୁକ; ଅନ୍ୟ ବିବାହ କରି । ବୋଧହୁଏ କନ୍ୟାର ଗୁଣ ଗ୍ରାମ ସମ୍ବନ୍ଧରେ ବର ସମସ୍ତ କଥା ଜାଣିପାରି ବିବାହ କରିବାକୁ ମନା କରିଦେଲେ । ସେଦିନ ସନ୍ଧ୍ୟା- ବେଳେ ମୁଁ ମୋ ଦାଣ୍ଡଘରେ ବସିଥିଲି । ସତ୍ୟନାରାୟଣ ବାବୁ ନିଜେ, ଆମର ଦାରୋଗା ଅପାରାଓ, ଓ ଆଉ ଜଣେ ଭଦ୍ରଲୋକ ମୋ ଘରେ ଆସି ପହଞ୍ଚିଲେ । ମତେ ଭଲାଭଲି କରି ଏକ ପ୍ରକାର ଟେକି ନେଇ ମଟରରେ ବସାଇ ନେଇଗଲେ । ମୁଁ ବିପିନ ବାବୁଙ୍କର ସମସ୍ତ ଦୟା ଦାକ୍ଷିଣ୍ୟ ଭୁଲି, ସରଳା ରେଖାଙ୍କର ଆତ୍ମ ସମର୍ପଣ ଓ ବିଶ୍ୱାସକୁ ଭୁଲି, ସମ୍ପତ୍ତି ଓ ରୂପର ମୋହରେ ଜ୍ଞାନ ହରାଇ ରତ୍ନମାଳାଙ୍କୁ ବିବାହ କଲି । ତା ପରଦିନ ସନ୍ଧ୍ୟାକୁ

ମୁଁ ମଧୁଶଯ୍ୟା ଗୃହରେ ଆନନ୍ଦ ଉତ୍କଣ୍ଠାରେ ଆତ୍ମହରା ହୋଇ ସେ ପୂର୍ବଦୃଷ୍ଟା ସର୍ବାଙ୍ଗ ସୁନ୍ଦରୀଙ୍କୁ ଭେଟିବ ବୋଲି ଅପେକ୍ଷା କରି ବସି ରହିଲି । ସେ ତ୍ରିପୁରମୋହିନୀଙ୍କ ପରିବର୍ତ୍ତରେ କେଳି ଗୃହରେ ଏକ ଭୈରବୀ ଚାମୁଣ୍ଡା ମୂର୍ତ୍ତିରେ ଆବିର୍ଭାବ ହେଲା । ମୁଁ ମୋ ଭ୍ରମ ବୁଝିପାରିଲି । ଲେଉଡ଼ଗୁଡ଼ କହୁଣୀକୁ ବୋହି ଆସି ଥିଲା, ଆଉ ପଛକୁ ଫେରିବାର ବାଟ ନଥିଲା । ଲଜ୍ଜା, ଘୃଣା ଓ ଅନୁତାପରେ ମୁଁ ତା ମୁହଁକୁ ଅନାଇ ପାରିଲିନାହିଁ, କଥାବାର୍ତ୍ତା ତ ଦୂରର କଥା । ଘୋର କ୍ଷୋଭ ଓ ମନସ୍ତାପରେ ଖଟ ଉପରେ ମୁହଁମାଡ଼ି ପଡ଼ିରହିଲି । ସେ ଆସି ମୋ ପାଖରେ ଲାଗିକରି ଶୋଇଲା । ଶବଭୋଜୀ କ୍ଷତଦୁଷ୍ଟା କୁକୁରୀ ପାଖରେ ଶୋଇଲା ପରି ଲାଗିଲା । ମୁଁ ବୁଝି ପାରିଲି ମୋ ଉତ୍କଟ ପାପର ପ୍ରାୟଶ୍ଚିତ୍ତ ଆରମ୍ଭ ହେଲା । ସେତେବେଳେ ଯେ ମୋ ମନର ଅବସ୍ଥା କଅଣ ହୋଇଥିଲା ଓ ହୃଦୟରେ ଯେ କି ଯନ୍ତ୍ରଣା ଅନୁଭବ କରୁଥିଲି, ଯେ ପାପପୁଣ୍ୟର ବିଚାର କରନ୍ତି କେବଳ ସେହି ପରମେଶ୍ୱରହିଁ ଜାଣିଛନ୍ତି ।

"ତହିଁ ଆରଦିନଠାରୁ ରତ୍ନମାଳାଙ୍କର ପ୍ରକୃତ ରୂପ ପ୍ରକାଶ ପାଇଲା । ଘରର ପୂଜାରୀମାନଙ୍କ ଉପରେ ମାଡ଼ଗାଳି ଆରମ୍ଭ ହେଲା । ଥାଳୀ ଗିନା ତାଳି ଆଦି ଫିଙ୍ଗା ଫୋପଡ଼ା ଚାଲିଲା । ପଡ଼ିଶାଘର ସ୍ତ୍ରୀପୁରୁଷମାନଙ୍କ ସଙ୍ଗରେ କଳିତକରାଳ ସୁରୁ ହେଲା । ପରିବା ମାଛ ନେଇ ଆସୁଥିବା ବୁଲାବିକାମାନଙ୍କ ସଙ୍ଗରେ ବଚସା ଚାଲିଲା । ଶେଷରେ ମୋ ଉପରେ ମଧ୍ୟ ଅତି ଅକଥ୍ୟ ଭାଷାରେ ଗାଳି ବୃଷ୍ଟି ହେଲା, କର୍ମକୁ ଆଦରି ସବୁ ସହିଲି ।

ମାସକ ମଧ୍ୟରେ ଦୁଇ ଦୁଇଟା ଗୃକର ପୂଜାରୀ ମୋ ଘରୁ ପଳାଇ ଗଲେ । ଶେଷରେ ମୋ ଘରେ ଗୃକର ପୂଜାରୀ ହୋଇ, ରହିବାକୁ କେହି ମଙ୍ଗିଲେନାହିଁ । ମୋ ସ୍ତ୍ରୀଙ୍କର ଗୁଣଗ୍ରାମ ଗୃହଆଡ଼େ ସ୍ପଷ୍ଟ ହୋଇଗଲା । ଅଧିକାଂଶ ଦିନ ଜଳଖିଆରେ କଟାଇଲି । ମୁଁ ଅଫିସ୍‌କୁ ଯିବାପରେ ମୋ ସ୍ତ୍ରୀ ହୋଟେଲରୁ ଦ୍ରବ୍ୟ ଖାଇବା ଅଣାଇ ଖାଇଲେ । ବାଧ୍ୟ ହୋଇ ଘରର ଯାବତୀୟ କାମ କଲି । କେତେଥର ରୋଷାଇ ମଧ୍ୟ କଲି । ମୋ ରନ୍ଧନ ପ୍ରଣାଳୀର ସମାଲୋଚନା ଅତି କଟୁଭାଷାରେ ମୋ ମୁହଁ ଉପରେ କରାଗଲା । ସ୍ତ୍ରୀଙ୍କର ଅଇଁଠା ଉଠାଇବାଠୁ ପାଲଟା ଲୁଗା ଧୋଇବା ପର୍ଯ୍ୟନ୍ତ ଯାହାସବୁ କରୁଛି ସେ ଗୁଡ଼ାକ ତୁଣ୍ଡରେ ପ୍ରକାଶ କରିବାକୁ ଜଭ ଲେଉଟୁନାହିଁ ।"

ଅତି କଷ୍ଟରେ ଗୋଟିଏ ପୂଜାରୀ ଟୋକା ପାଇଲି । ତା'ର ଦରମା ମାସକୁ ପାଞ୍ଚ ଟଙ୍କା ଛିଣ୍ଡିଲା; ମାତ୍ର ମୋ ସ୍ତ୍ରୀର ଗୁଣ ତାକୁ କହି, ଲୁଚାଇ କରି ଆଉ ପାଞ୍ଚଟଙ୍କା ମାସିକ ଦେବି ବୋଲି ଜବାବ କଲି । ମାଡ଼ଗାଳି ସହି ଟଙ୍କା ଲୋଭରେ ବହୁକଷ୍ଟରେ ସେ ପନ୍ଦର ଦିନ କଟାଇଲା । ଦିନେ ଏଗାରଟା ବେଳେ ମୁଁ ଗାଧୁଆ ପାଧୁଆ କରି ଅଫିସକୁ ଯିବାପାଇଁ ଖାଇବାକୁ ବାଢ଼ିବାକୁ ପୂଜାରୀକୁ ଡାକିବାରୁ ସେ ଆସି ବଡ଼ଦୁଃଖରେ ଜଣାଇଲା ଯେ ରୋଷାଇବାସ ହୋଇନାହିଁ, ସାଆନ୍ତାଣୀ ଶୋଇଛନ୍ତି । ଉଠାଇଲାରୁ କହିଲେ "ଏତେ ତରତର କଆଁ । ହବତ ।" ଏକଥା ଶୁଣି ମନରେ ବଡ଼ ରାଗ ହେଲା । ଅଖିଆ ଅପିଆ ଅଫିସ୍‌କୁ ଚାଲିଗଲି । କାମରେ ମନ ଲାଗିଲାନାହିଁ । ମନେ ମନେ ଭାବିଲି

କଲ ଆଉ ଏସବୁ କଥା ମାରବରେ ସହ୍ୟ କରିହେବନାହିଁ, ନିଶ୍ଚୟ ଗୋଟାଏ କିଛି ପ୍ରତିକାର କରିବାକୁ ହେବ ।

" ଠିକ୍ ସେତିକି ସମୟରେ ସେ ପୂଜାରି ଟୋକା କାନ୍ଦି କାନ୍ଦି ମୋପାଖରେ ପହଞ୍ଚିଲା । ତା ପିଶୁରେ ଓ ପିଠିରେ ତାତିଲା ଲୁହାଖଣ୍ଡକାଦ୍ୱାରା ଫୋଟକାର ଚିହ୍ନ ଦେଖାଇ ବିଦାୟ ଘେନି ଚାଲିଗଲା । ଭୋକରେ ପେଟ ଜଳୁଥାଏ । ଏସବୁକଥା ବଡ଼ ଅସହ୍ୟ ହେଲା । ରାଗରେ ତମ ତମ ହୋଇ ବସାକୁ ଆସିଲି । ବସାରେ ପହଞ୍ଚିବା ମାତ୍ରେ ରତ୍ନମାଳା ଲଙ୍ଗଳା ମୁକୁଳା ହୋଇ ନାଟୁଆ ପିଲା ପାରିଜା କଲପରି ମୋ ଆଗରେ ହାତ ହଲାଇ ଅବଲୟ କରି କହିଲା " ସେ ପୂଜାରି ଟୋକା ମୋର ପଟେ ସୁନା ଅନନ୍ତ ଚୋରିକରି ପଳାଇଛି । ତାକୁ ତଞ୍ଚିକ ଧରାଇ ଆଣ, ମୁଁ ତା'ର ରକ୍ତ ଚଟା ଘେନିଲେ ଯାଇ ମୋ ମନ ଶାନ୍ତ ହେବ । ଠିଆ ହୋଇ ଭୁତଟା ପରି ଅନାଉଛ କଅଣ ଶୀଘ୍ର ଯାଇ ତାକୁ ଧର ।" ଏକଥା ଶୁଣି ମୋର କ୍ରୋଧ ଆହୁରି ବଢ଼ିଗଲା । ମୁଁ ତାକୁ ବଡ଼ ପାଟିରେ କହିଲି, " ହଁ ହଁ ମୁଁ ତା ପିଶୁ ଓ ପିଠିରେ ଫୋଟକା ଦେଖି ସବୁ ବୁଝିପାରିଛି । ମୁହଁ ହାତ ହଲାଇ ଆଉ ଗୁଡ଼ାଏ କହିବାକୁ ହେବ ନାହିଁ । ଏତକ କହି ମୁଁ ଆଉ ଯାଏ କୁଆଡ଼େ ? । ବାଘୁଣୀ ଶିକାର ଉପରକୁ ଲମ୍ଫ ଦେଲାପରି ସେ ମୋଉପରକୁ ମିଶି ଆସିଲା । ମୁଁ ରାଗରେ ତାକୁ ଲେଉଡ଼ାଏ ମାରିଦେଲି । ସେ ଖଣ୍ଡେ ଦୂରରେ ପିଚ୍ଛମାଡ଼ି ହୋଇ ପଡ଼ିଗଲା । ସାଙ୍ଗେ ସାଙ୍ଗେ ଉଠି ତାହାଳ କୁକୁର ପରି ଝପଟି ଆସି ମୋ ହାତରୁ ପୁଳାଏ କାମୁଡ଼ି ଦେଲା । ଦାନ୍ତ ଗଳିଯାଇ ଧାର ଧାର ହୋଇ ରକ୍ତ ବୋହି

ପଡ଼ିଲା । ମୁଁ କ୍ରୋଧ ଓ ବେଦନାରେ ହତଜ୍ଞାନ ହୋଇ ତାଙ୍କୁ ବଧାଗ୍ନପୁଡ଼ା କସି ଦେଇଗଲି । ସେ ଅତି ବିକୃତ ସ୍ୱରରେ ଭୈରବ ରଡ଼ି ଛାଡ଼ି ଦାଣ୍ଡ କବାଟ ଫିଟାଇ ଲଙ୍ଗଳା ମୁକୁଳା ହୋଇ ରାସ୍ତାଏ ରାସ୍ତାଏ ଦଉଡ଼ି ଚାଲାଇଲା । ଆପଣ ବୋଧହୁଏ ଏ ନଲଠା ଜୀବନର ବିଭତ୍ସ କାହାଣୀ ଶୁଣି ବିରକ୍ତ ହେବେଣି । ଆଉ ସେ ଗୁଡ଼ାକ ବର୍ଣ୍ଣନା କରି କି ଲାଭ ।"

କବାଟ ସେ ପାଖରୁ ବଡ଼ ବିଷାଦପୂର୍ଣ୍ଣ କ୍ଷୀଣସ୍ୱର ଭାସି ଆସିଲା । "ନା ନା ଆପଣ କହିଯାଆନ୍ତୁ । ମୁଁ ସବୁ ଶୁଣୁଛି ଓ ଶେଷ ପର୍ଯ୍ୟନ୍ତ ଶୁଣିବ ।"

ରମାକାନ୍ତ, ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ ଆରମ୍ଭ କଲେ, "ଲଜ୍ଜା, ଅପମାନ ଓ ମନସ୍ତାପରେ ବସାଟିରେ ଏକାକୀ ପଡ଼ି ରହିଲି । ପଦାକୁ ବାହାରିବାକୁ ଲଜ୍ଜା ବୋଧ ହେଲା । ଆଶ୍ଚର୍ଯ୍ୟର କଥା ଯେ, ସାହି ଲୋକଙ୍କ କଥା ଛାଡ଼ ମୋ ବସାକୁ ବିରାଡ଼ି ପିଲା-ଟିଏ ସୁଦ୍ଧା ଆସିଲାନାହିଁ । ଦାଣ୍ଡ କବାଟଟି ଦେଇ ଖଣ୍ଡିଏ ଚୌକିରେ ବସି ରହିଲି । ମୋର ମୃତ ପିତାମାତାଙ୍କ କଥା, ବିପିନ ଭାଇଙ୍କର ସ୍ନେହ ଓ ଦୟାର କଥା ବିଶେଷତଃ ସରଳା ରେଖାଙ୍କ କଥା ସବୁ ଠିକକ ଠାରୁ ମନେ ପଡ଼ିଲା । କାନ୍ଦିବାକୁ ବହୁତ ଚେଷ୍ଟା କଲି, ମାତ୍ର କାନ୍ଦି ପାରିଲିନାହିଁ । ଖାଲି ଅଣନିଶ୍ୱାସୀ ହୋଇ ଏଠାରୁ ସେଠାରେ ବସିଲି । ସନ୍ଧ୍ୟା ହେଲା, କୌଣସି ପ୍ରକାରେ ଆଲୁଅଟି ଲଗାଇଲି । ସତ୍ୟନାରାୟଣ ବାବୁ ତାଙ୍କ କନ୍ୟାଙ୍କ ଠାରୁ ମୋ ନାଁରେ ନାନା କଥା ଶୁଣି ନିଶ୍ଚୟ ଆସି ପହଞ୍ଚିବେ ବୋଲି ମନରେ ଭୟ ଜାତ ହେଉଥାଏ । ସଂସାରରେ ମୋର ଆଉ କିଏ

ଅଛି । ଆଉ ଜୀବନ ପ୍ରତି ମମତା ରହିଲନାହିଁ । ଶେଷରେ ସ୍ଥିର କଲି ଆତ୍ମହତ୍ୟା କରିବି । କୂଅ ମୂଳରୁ ପାଣି କଢ଼ା ଦଉଡ଼ିଟା ଆଣି ଗଳାରେ ଫାଶି ଦେଇ ଲଟକି ପଡ଼ିବି ବୋଲି ବାହାରିଲି । ମାତ୍ର ହାତ ଚଳିଲା ନାହିଁ, ଖାଲି ଡର ମାଡ଼ିଲା । ମୋ ଉତ୍କଟ ପାପର ଉପଯୁକ୍ତ ଦଣ୍ଡ ନ ପାଇବା ପର୍ଯ୍ୟନ୍ତ ମୁଁ ମରୁଛି କେମିତିକେ ? ଅଖିଆ ଅପିଆ ଗାଲରେ ହାତ ଦେଇ ସେହି ଚୌକିଟି ଉପରେ ବସି ରହିଲି । ସେ କାଳରାତ୍ରିର ଦୁଃଖ ଯନ୍ତ୍ରଣାର କଥା, କଥାରେ କହି ହେବାର ନୁହେଁ । ଶୋଇବାକୁ ବିଶେଷ ଚେଷ୍ଟା କଲି, ମାତ୍ର ଜମା ନିଦ ହେଲାନାହିଁ । ଏହିପରି ଛଟପଟ ହୋଇ ସେ କାଳ-ରାତ୍ରିର ଅବସାନ ହେଲା । ଗଲା ଦିନଟା ଯାକ ଜଳସୁଦ୍ଧା ସ୍ପର୍ଶ କରି ନ ଥିଲି । ଦେହଟା ବଡ଼ ଅବଶ ଲାଗିଲା । ବଡ଼ କଷ୍ଟରେ ଉଠି ମୁହଁ ହାତ ଧୋଇଲି । ନିର୍ଲଜ ଜୀବନଟା ତ ଯାଉନାହିଁ, କଅଣ ଗଣ୍ଡାଏ ଖାଇବାକୁ ହେବ । କୌଣସି ଦୋକାନରୁ ଜଳଖିଆ କିଣି ଆଣିବାକୁ ପଦାକୁ ବାହାରିବାକୁ ଲଜ୍ଜା ବୋଧ ହେଲା । ଘରଯାକ ଦରାଣ୍ଡିଲି । କିଛି ଖାଇବା ଜିନିଷ ପାଇଲିନାହିଁ । ଗୋଟାଏ ପ୍ଲେଟ ପାତିଆରେ କେଉଁଦିନର ଫିମ୍ପି ମରା ମୁଗଜାଇ ଗଣ୍ଡାଏ ପଡ଼ିଥିଲା । ପେଟବିକଳରେ ସେଥିରୁ ମୁଠାଏ ଖଣ୍ଡେ ଚୋବାଇ ଢୋକେ ପାଣି ପିଇଲି । ସାତଦିନ ଛୁଟି ପାଇଁ ଖଣ୍ଡିଏ ଦରଖାସ୍ତ ଲେଖୁଛି, ଏହି ସମୟରେ ଦାଣ୍ଡ ଦ୍ୱାରରେ କରାଘାତ ହେଲା । ବୁଝିଲି ମୋର ଶ୍ୱଶୁର ସତ୍ୟବାବୁ ଡାକୁଛନ୍ତି । ଛାତିଟା ଥରି ଉଠିଲା । କଷ୍ଟେ ମଷ୍ଟେ ଉଠି କମ୍ପିତ ପଦରେ ଯାଇଁ ଦ୍ୱାର ଫିଟାଇଲି । ଶ୍ୱଶୁରଙ୍କ ପରବର୍ତ୍ତିରେ ଆମ ଦାରୋଗା ମି: ଅପା ରାଓ ଓ ଆଉ ଦୁଇଜଣ କନେଷ୍ଟବଲ ଗୃହ ମଧ୍ୟରେ ପ୍ରବେଶ କଲେ । ଏହି ଅପାରାଓ ମୋର ବିବାହର ପ୍ରଧାନ

ଉଦ୍‌ଯୋକ୍ତା ହୋଇଥିଲେ । ସେ ବଡ଼ କର୍କଶ ସ୍ୱରରେ କହିଲେ "ଆପଣଙ୍କ ପ୍ରହାରରେ ଆପଣଙ୍କ ସ୍ତ୍ରୀଙ୍କର ଏହିପରି ପାହାନ୍ତିଆରେ ଡାକ୍ତର ଖାନାରେ ମୃତ୍ୟୁ ଘଟିଛି । ମୁଁ ଆପଣଙ୍କୁ ନରହତ୍ୟା ଅପରାଧରେ ଆରେଷ୍ଟ କଲି ।" କନେଷ୍ଟବଲମାନଙ୍କୁ ମୋ ହାତରେ ହାତକଡ଼ା ଦେଇ ଥାନାକୁ ନେବାକୁ ହୁକୁମ ଦେଲେ । ତାଙ୍କ ଆଦେଶ ଶୁଣି ମତେ ଚାରିଆଡ଼ ଅନ୍ଧାର ଦିଶିଲା, ମୁ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲି । ମୋର ମୂର୍ଚ୍ଛା ଭଙ୍ଗପରେ ଦେଖିଲି ମୁଁ ଥାନା ହାଜତରେ ବନ୍ଦୀ । ଦୁଇଦିନ ତଳେ ମୁଁ ଯୋଉ ହାଜତରେ କେତେ କେତେ ଅପରାଧୀଙ୍କୁ ବନ୍ଦୀ କରୁଥିଲି ଭାଗ୍ୟ ବିପର୍ଯ୍ୟୟରେ ମୁଁ ଆଜି ନିଜେ ତହିଁରେ ବନ୍ଦୀ । ମାଜିଷ୍ଟ୍ରେଟଙ୍କ କୋର୍ଟରେ ମକଦ୍ଦମା ବିଚାର ହୋଇ ଦାଉରା ସୁପର୍ଦ୍ଦ କରାଗଲା । ମୁଁ ପ୍ରକୃତ ଘଟଣା କିଛି ନ ଲୁଚାଇ ସମସ୍ତ ଜଜ୍ ସାହେବଙ୍କ ଆଗରେ କହିଗଲି । ମୋର ପୂର୍ଣ୍ଣ ଇଚ୍ଛା ଥିଲି ମୁଁ ଫାଶୀ ପାଇଲେ ଏ ଦୁଃଖ ଯନ୍ତ୍ରଣାରୁ ଚିରକାଳପାଇଁ ମୁକ୍ତି ପାଇଯାଆନ୍ତି ।"

ରମାକାନ୍ତ ଟିକଏ ଉପରକୁ ଅନାଇଁ କପାଳର ଘର୍ମ ବିନ୍ଦୁମାନ ହାତ ପାପୁଲିରେ ପୋଛିଦେଇ, ଗୋଟିଏ ଦୀର୍ଘ ନିଃଶ୍ୱାସ ଛାଡ଼ି ପୁଣି ଆରମ୍ଭ କଲେ, ମୋପକ୍ଷ ସମର୍ଥନ ପାଇଁ କୌଣସି ଓକିଲ ନିଯୁକ୍ତ ମୁଁ କରି ନଥିଲି, ତେଣୁ ସରକାର ମୋ ପକ୍ଷ ସମର୍ଥନ ପାଇଁ ଜଣେ ଓକିଲ ନିଯୁକ୍ତ କରିଥିଲେ । ସେ ପ୍ରକୃତ ଘଟଣା, ଯାହାକି ମୁଁ ଜାଣି ନଥିଲି ତାହାସବୁ ପ୍ରମାଣ କରାଇଲେ । ଅର୍ଥାତ୍ ରତ୍ନମାଳା ମୋଠାରୁ ପ୍ରହାର ଖାଇ ନଙ୍ଗଳା ମୁକୁଳା ହୋଇ ରାସ୍ତାଏ ରାସ୍ତାଏ ଦଉଡ଼ି ବାପଘରେ ପହଞ୍ଚି ତାଙ୍କ ମା'ଙ୍କ ଆଗରେ ସବୁକଥା କାନ୍ଦ

କାନ୍ଦି କହିଲେ । ସମସ୍ତ କଥା ଶୁଣି ତାଙ୍କ ମା ତାଙ୍କୁ ଅତ୍ୟନ୍ତ ଭର୍ତ୍ସନା କରି କହିବାରୁ ସେ କୋଠା ଉପରୁ ଡେଇଁପଡ଼ି ଆତ୍ମହତ୍ୟା କଲେ । ବିଚାର ପରେ ମତେ ଦେଢ଼ବର୍ଷ ସଶ୍ରମ କାରାବାସ ହୁକୁମ ହେଲା । କାରାଗୃହର ନିର୍ଜନ କକ୍ଷରେ ବସି କେତେ କାନ୍ଦିଲି; ସେ କଥାଗୁଡ଼ାକ କଅଣ ବା କହିବି ? ମୁଁ ବିଶ୍ୱାସଘାତକ, ମୁଁ କୃତଘ୍ନ, ମୁଁ ପ୍ରତ୍ୟକ୍ଷରେ ନ ହେଉ ପଛକେ ପରୋକ୍ଷରେ ଜଣେ ନାରୀହନ୍ତା ! । ମର୍ମମନ୍ଥନକାରୀ ବେଦନାରେ ଛଟପଟ ହୋଇ ରାତିରାତି ଅନିଦ୍ରାରେ ପଡ଼ିରହି, ଅନୁତାପ ଓ ଦୁଃଖରେ ଭଗବାନଙ୍କ ପାଦପଦ୍ମରେ କେତେ କ୍ଷମାଭିକ୍ଷା କରିଛି, ତାହା ସେହି ଭଗବାନ୍ହିଁ ଜାଣନ୍ତି । ଦେଢ଼ବର୍ଷପରେ କାରାମୁକ୍ତ ହୋଇ ନିଜର ପରିଚିତ ବ୍ୟକ୍ତିମାନଙ୍କ ଆଗରେ ଏ ନିଲଠା ମୁହଁ ଦେଖାଇବାକୁ ଲଜମାଡ଼ିଲା । ନାମ ବଦଳାଇ କୌଣସି ଗଡ଼ଜାତରେ ଚାକିରି କରିବି ବୋଲି ମୟୂରଭଞ୍ଜ ଯାଉଥିଲି, ଏହିସମୟରେ ଆପଣଙ୍କ ସ୍ୱାମୀଙ୍କ ସଙ୍ଗରେ ସାକ୍ଷାତ ହେଲା । ସେ ମତେ ଆଣି ମିଲ୍‌ରେ ଚାକିରି ଖଣ୍ଡିଏ ଦେଲେ । ତା ପର ସମସ୍ତ ଘଟଣା ଆପଣ ଜାଣନ୍ତି ।"

ରମାକାନ୍ତ ଅଳ୍ପସମୟ ମୌନାବଲମ୍ବନ କରି ବଡ଼ ଧୀର ଭାବରେ କହିଲେ, "ମୁଁ ମୋ ପୂର୍ବ ପାପର ଉପଯୁକ୍ତ ଦଣ୍ଡ ପାଇବାକୁ ଯାଉଥିଲି ଆପଣ ଏ ନରକର କୀଟଟା ପାଇଁ ଦୁଇ ହଜାର ଟଙ୍କା ପାଣିକି ଫୋପାଡ଼ି ଦେଲେ କାହିଁକି ?"

ପ୍ରଶ୍ନ, ଆଚ୍ଛା ରେଖାର ଅବସ୍ଥା କଅଣ ହେଲା ?

ରମାକାନ୍ତ ହଠାତ୍ ଚମକିପଡ଼ି ଭେ ଭେ ହୋଇ କାନ୍ଦି ଉଠିଲେ, କିଛିକ୍ଷଣ ପରେ ବେଦନାବିକୃତ କଣ୍ଠରେ କହିଲେ,

"ଓହୋ ! ଆପଣ ମତେ ତାଙ୍କ ବିଷୟରେ କିଛି ପଚାରନ୍ତୁନାହିଁ, ମୁଁ ତାଙ୍କ ବିଷୟ କିଛି କହିପାରିବିନାହିଁ । ମୁଁ ବରହମପୁରରେ ଥିବା ସମୟରେ ସେ ତାଙ୍କର ଗର୍ଭୋଦୟ କଥା ଯେଉଁ ଚିଠି ଖଣ୍ଡିକରେ ବିକଳ ହୋଇ ଲେଖିଥିଲେ, ସେକଥା ମନେ ପଡ଼ିଲା ବେଳକୁ ମୋ କଲିଜାଟାକୁ କିଏ ଭିଡ଼ି ଓଟାରି ଛିଣ୍ଡାଇ ପକାଇଲା ପରି ଲାଗୁଛି, କ୍ଷମା କରନ୍ତୁ ।' ପୁଣି ବାଳକ ପରି ରଡ଼ି ଛାଡ଼ିଲେ ।

୧୨

ଠିକ୍ ସେହି ସମୟରେ ନନ୍ଦବାବୁ ଆସି ପହଞ୍ଚିଲେ । ସେ ଏ ଗ୍ରେଷ କଥା ବା'ଠରୁ ଶୁଣିଥିଲେ । ଉମାକାନ୍ତଙ୍କୁ ସେଘରେ ଏକାକୀ ବସି ଥିବାର ଦେଖି ସେ ସନ୍ଦେହ କଲେ ଯେ ବ୍ରଜବାବୁ ରେଖାଙ୍କର ସରଳ ପ୍ରକୃତିର ସୁଯୋଗ ନେଇ ସେ ବିପଦରୁ ଉଦ୍ଧାର ପାଇବାକୁ ସେଠାରେ ଆସି ପହଞ୍ଚିଛନ୍ତି । ରେଖା ତାଙ୍କପାଇଁ ଦୁଇ ହଜାର ଟଙ୍କା ଦେଇଥିବା କଥା ସେ ଶୁଣି ନଥିଲେ । ଲୋକଟାର ତ କମ୍ ସାହସ ନୁହେଁ, ଏକବାରେ ଘର ଭିତରକୁ ଆସି ଚୌକିରେ ବସିଛି । ବଡ଼ ଗମ୍ଭୀର ଭାବରେ ତାଙ୍କ ମୁହଁକୁ ଅନାଇ ଭିତରକୁ ପ୍ରବେଶ କଲେ । ଉମାକାନ୍ତଙ୍କ ମନରେ ଭୟର ସଞ୍ଚାର ହେଲା । ନନ୍ଦବାବୁନଥିବାଅବସ୍ଥାରେ ସେ ତାଙ୍କସ୍ତ୍ରୀଙ୍କସାଙ୍ଗରେ ନିକାଞ୍ଚନରେ କଥାବାର୍ତ୍ତା କରି ବଡ଼ ଅନ୍ୟାୟ କରିଛନ୍ତି । ଯେ କୌଣସି ସ୍ୱାମୀ ଏହା ଦେଖିଲେ ନିଶ୍ଚୟ କ୍ରୋଧାନ୍ୱିତ ହେବ । ଆଜି ସେ ଜୀବନରେ ପ୍ରଥମ ହୋଇ ଜଣେ ଦୟାବତୀ ଉଦାରହୃଦୟା ନାରୀଙ୍କ ନିକଟରେ ନିଜର ଦୁଃଖ ଦୁର୍ଦ୍ଦଶା କାହାଣୀ ବର୍ଣ୍ଣନା କରି ହୃଦୟରେ ଯେ ଶାନ୍ତି ଟିକିଏ ଅନୁଭବ କରୁଥିଲେ ତାହା ନନ୍ଦବାବୁଙ୍କର ହଠାତ୍

ପ୍ରବେଶ ଓ ଗମ୍ଭୀର ମୁଖରେ ଗୃହାଭ୍ୟନ୍ତର ଗମନଦ୍ୱାରା ଭୟ ଓ ପାଣ୍ଡୁରିମାରେ ପରିଣତ ହେଲା । ସେ କମ୍ପିତ ହୃଦୟରେ ବାଣ୍ଡ ପିଣ୍ଡାକୁ ଚାଲିଆସିଲେ ।

ନନ୍ଦବାବୁ ଘର ମଧ୍ୟରେ ଯେତିକି ଯେତିକି ବିଳମ୍ବ କଲେ, ତାଙ୍କ ମନରେ ସେତିକି ସେତିକି ଭୟ ଓ ସନ୍ଦେହ ବୃଦ୍ଧିପାଇଲା । ଗୋଟାଏ ଅଜ୍ଞାତକୁଳଶୀଳ ଯୁବକ ପାଇଁ ଦୁଇହଜାର ଟଙ୍କା ଦେବା ଓ ତା ସାଙ୍ଗରେ ଏକାନ୍ତରେ କଥାବାର୍ତ୍ତା ହେବାଯୋଗୁ ନନ୍ଦବାବୁ ନିଶ୍ଚୟ ତାଙ୍କ ସ୍ତ୍ରୀଙ୍କୁ ତିରସ୍କାର କରୁଛନ୍ତି ବୋଲି ସେ ଭାବନା-କଲେ । ସେ କରୁଣାମୟୀଙ୍କର ଗୋଟିଏ କଳ୍ପିତ ଲୋତକପୂର୍ଣ୍ଣ ମୁଖ ହୃଦୟ ମଧ୍ୟରେ ଦେଖି ରମାକାନ୍ତ ବଡ଼ ବିବ୍ରତ ଓ ବ୍ୟଥିତ ହେଲେ । ସେ ସେଠାରୁ ପଳାଇଯିବାକୁ ବସିଥିଲେ । ମାତ୍ର ପରେ ଭାବିଲେ ସେ ପଳାଇଗଲେ ନନ୍ଦବାବୁଙ୍କର ସନ୍ଦେହ ବୃଦ୍ଧିପାଇବ । ଆଚ୍ଛା, ସେ ତାଙ୍କର ପୂର୍ବବୃତ୍ତାନ୍ତମାନ କହିଛନ୍ତି, ନନ୍ଦବାବୁଙ୍କ ସ୍ତ୍ରୀ ନେପଥ୍ୟରେ ରହି ଶୁଣିଛନ୍ତି । ଏଥିମଧ୍ୟରେ ତ କୌଣସି ଅସତ୍ କଥାବାର୍ତ୍ତା ହୋଇନାହିଁ, ତେବେ ତାଙ୍କର ଏପରି ବିଚଳିତ ହେବାର କୌଣସି କାରଣ ନାହିଁ । ନନ୍ଦବାବୁ ନିଶ୍ଚୟ ତାଙ୍କୁ ପଚାରିବେ, ସେ ପ୍ରକୃତ ଘଟଣା କହିଯିବେ । ଯାହା ତାଙ୍କ ଭାଗ୍ୟରେ ଥିବ ଘଟିବ । ବଡ଼ ଶଙ୍କିତଭାବରେ ଠିଆହୋଇ ରହିଲେ ।

କିଛି ସମୟ ପରେ ନନ୍ଦବାବୁ ବଡ଼ ହସ ହସ ମୁହଁରେ ଆସି ବାଣ୍ଡ ପିଣ୍ଡାରେ ପହଞ୍ଚିଲେ । ତାଙ୍କର ପ୍ରଫୁଲ୍ଲ ବଦନ ଦେଖି ରମା-କାନ୍ତଙ୍କର ପିଣ୍ଡରେ ପ୍ରାଣ ପଶିଲା । ସେ ଭାବିଲେ ନନ୍ଦବାବୁ ତାଙ୍କ ସ୍ତ୍ରୀଙ୍କୁ ଅତିଶୟ ସ୍ନେହ ଓ ବିଶ୍ୱାସ କରନ୍ତି । ଯେପରି ପର-ଦୁଃଖ-

କାତରା ଦୟାବତୀ ରମଣୀଙ୍କୁ କିଏବା ସ୍ନେହ ଓ ବିଶ୍ୱାସ ନ କରିବ ? ତାଙ୍କୁ ଶଙ୍କିତଭାବରେ ଠିଆ ହୋଇଥିବାର ଦେଖି ନନ୍ଦ ବାବୁ କହିଲେ "ଆସନ୍ତୁ ଏ ବେଞ୍ଚ ଉପରେ ବସନ୍ତୁ ।" ରମାକାନ୍ତ ମିଲ୍‌ର ବଡ଼ ଅଂଶୀଦାରଙ୍କ ନିକଟରେ ସମ ଆସନରେ ବସି-ବାକୁ କୁଣ୍ଠା ବୋଧ କରି କହିଲେ "ଆଜ୍ଞା ମୁଁ ଏହିଠାରେ ଠିଆହୋଇଛି ।" ନନ୍ଦବାବୁ ବେଞ୍ଚଉପରୁ ଉଠିଯାଇ ତାଙ୍କ ହାତ ଧରି ଆଣି ନିଜ ପାଖରେ ବସାଇ ଈଷଦ୍ଧାସସହକାରେ କହିଲେ "ମୁଁ ସବୁ କଥା ଶୁଣିଲିଣି । ଯାହା ହେବାର ହୋଇ-ଗଲା । ସେଥିପାଇଁ ଭାବନା ନ କରି ଭଗବାନଙ୍କ ଉପରେ ନିର୍ଭର କରି ରହିବାକୁ ହେବ । ସବୁ ଦୈବାଧୀନ ବୋଲି ଆମ୍ଭମାନଙ୍କୁ ସବୁବେଳେ ମନେରଖିବାକୁ ହେବ ।" ରମାକାନ୍ତଙ୍କ ଆଗରେ ରେଖାଙ୍କ ବିଷୟ ଏତେ ଶୀଘ୍ର ପ୍ରକାଶ କରିବାକୁ ନନ୍ଦବାବୁ ସମୀ-ଚୀନ ବୋଧ କଲେନାହିଁ । ସମୟ ଓ ସୁବିଧା ଦେଖି କଥାଟା ପ୍ରକାଶ କରିବେ ବୋଲି ମନେ କଲେ । ରମାକାନ୍ତ ନନ୍ଦବାବୁଙ୍କ ବ୍ୟବହାରରେ ଅତ୍ୟନ୍ତ ପ୍ରୀତ ହୋଇ ହୃଦୟର କୃତଜ୍ଞତାକୁ ପ୍ରକାଶ କରିବାକୁ ଭାଷା ନ ପାଇ, ଅଶ୍ରୁପୂର୍ଣ୍ଣ ନୟନର ଦୃଷ୍ଟିବାଣୀରେ ତାହା ବ୍ୟକ୍ତ କଲେ ।

ଏହିସମୟରେ ମିଲ୍‌ର ମେନେଜର ବାବୁ ସେଠାରେ ପହଞ୍ଚି ନନ୍ଦବାବୁଙ୍କୁ ଅଭିବାଦନ କଲେ । ବଡ଼ାଏ ନୋଟ ନନ୍ଦବାବୁଙ୍କ ଆଡ଼କୁ ବଢ଼ାଇ ଦେଇ କହିଲେ "ଏ ଦୁଇହଜାର ଟଙ୍କା ଆପଣଙ୍କ ସ୍ତ୍ରୀ ବ୍ରଜବାବୁଙ୍କପାଇଁ ଦେଇଥିଲେ, ନିଅନ୍ତୁ ।" ନନ୍ଦବାବୁ "ସେ ତ ଏ ଟଙ୍କା ଦାନ କରିଥିଲେ, ଆପଣ ଫେରାଇଦେଉଛନ୍ତି କାହିଁକି ? ।" ମେନେଜର, "ଶ୍ରମିକମାନେ ଧରାପଡ଼ିଲେଣି । ଗ୍ରାମ-

ପିଅନ ଖାଇ ତା ଗାଁକୁ ପଳାଉଥିଲା । ପୁଲସ୍ ସନ୍ଦେହରେ ତାକୁ ଧରି ଖାନ୍‌ତଲାସ କରିବାରୁ ତା'ଠାରୁ ଶହେଟଙ୍କିଆ ନୋଟ ପାଞ୍ଚ ଖଣ୍ଡ ବାହାରିଲା । ପୁଲସ୍ ତାକୁ ଧମକାଇବାରୁ ସେ ସବୁକଥା ମାନିଗଲା । ଗୁମାପିଅନ, ମିଲ୍‌ର ଦୁଇଜଣ ଚୌକିଦାର ଓ କିରାନି ନଗୁବାବୁ ସମସ୍ତେ ମିଶି ଏ ଚୋରୀ କରିଛନ୍ତି । ଦେଢ଼-ହଜାର ଟଙ୍କା ମିଳିଲାଣି । ସେସମସ୍ତଙ୍କୁ ପୁଲସ ଆରେଷ୍ଟ କଲାଣି । ମୁଁ ଯାଉଛି । ପୁଲସ୍ ମୋ ଅପେକ୍ଷାରେ ଥିବେ ।"

ମେନେଜର ବାବୁ ଟଙ୍କାତକ ଦେଇ ଚାଲିଯାଉଥିଲେ ମାତ୍ର ନନ୍ଦବାବୁ ପଛରୁ ଡାକି ତାଙ୍କୁ କହିଲେ, "ରମାବାବୁ, ନା ନା ବ୍ରଜବାବୁ, ନିର୍ଦ୍ଦୋଷ ବୋଲି ଜଣାପଡ଼ିଲେ, ତେବେ ତାଙ୍କୁ ତାଙ୍କ ପୂର୍ବକାର୍ଯ୍ୟରେ ରଖନ୍ତୁ ।"

ମେନେଜର, "ଆଜ୍ଞା ! ଦେଖନ୍ତୁ; ବ୍ରଜବାବୁଙ୍କର ଅସାବଧାନତା ଯୋଗୁଁ ଏ ସବୁ କାଣ୍ଡ ଘଟିଲା । ଏଥର ସିନା ଦୁଇହଜାର ଟଙ୍କା ଫେରିଗଲା; ଆପଣଙ୍କ ସ୍ତ୍ରୀ ଦେଇଦେଲେ । ନାହିଁ ନାହିଁ ଦଶ ପନ୍ଦର ହଜାର ଟଙ୍କା ହୋଇଥାଆନ୍ତା ? ଆପଣ ତାଙ୍କୁ ରଖିବାପାଇଁ ମତେ ଆଉ ଅନୁରୋଧ କରିବେନାହିଁ । କ୍ଷମା କରିବେ । ମୁଁ ଯାଉଛି ।" ଚାଲିଗଲେ ।

ଚାକିରିଖଣ୍ଡିକ ଗଲା ବୋଲି ରମାକାନ୍ତ ବିଶେଷ ଦୁଃଖିତ ହେଲେ ନାହିଁ । ସେ ଯେ ନିର୍ଦ୍ଦୋଷ ବୋଲି ଜଣାପଡ଼ିଲେ ଓ ଦୟାବନ୍ତୀ ନନ୍ଦବାବୁଙ୍କ ସ୍ତ୍ରୀ ଯେ ତାଙ୍କ ଟଙ୍କା ଫେରି ପାଇଲେ, ଏଥିପାଇଁ ସେ ବିଶେଷ ଆନନ୍ଦିତ ହେଲେ ଓ ଭଗବାନଙ୍କୁ ଶତ ଶତ ଧନ୍ୟବାଦ ଦେଲେ ।

ଶହେ କୋଡ଼ିଏ

ନନ୍ଦବାବୁ ଟଙ୍କାତକ ନେଇ ଘରଭିତରକୁ ଗଲେ । ଅଳ୍ପ ସମୟ ପରେ ରମାକାନ୍ତଙ୍କୁ ଖାଇବାକୁ ଡାକରା ହେଲା । ସେ ଦୋଳା ଗୃକର ସାଙ୍ଗରେ ଘର ଭିତରକୁ ଗଲେ । ନନ୍ଦବାବୁ ପୂର୍ବରୁ ଗୋଟିଏ ଆସନରେ ବସିଥିଲେ । ତାଙ୍କର ଖୁବ୍ ନିକଟରେ ଆଉ ଖଣ୍ଡିଏ ଆସନରେ ରମାକାନ୍ତଙ୍କୁ ବସିବାକୁ କହିଲେ । ମିଲ୍‌ର ବଡ଼ ଅଂଶୀଦାରଙ୍କ ନିକଟରେ ସେହି ମିଲ୍‌ର ଜଣେ କର୍ମଚାରି ଯେକ ନିକଟରେ ଚୋରି ଅପରାଧରେ ଗିରଫ ହୋଇଥିଲା ସମ ଆସନରେ ବସି ଭୋଜନ କରିବାଟା ରମାକାନ୍ତ ପସନ୍ଦ କଲେ ନାହିଁ । ଶେଷରେ ନନ୍ଦବାବୁଙ୍କର ବିଶେଷ ଅନୁରୋଧରେ ବାଧ୍ୟ ହୋଇ ଖାଇବସିଲେ ।

ରମାକାନ୍ତଙ୍କର ରହିବାପାଇଁ ଦାଣ୍ଡଘର ପାଖବଖରାଟି ବନ୍ଦୋବସ୍ତ କରାଯାଇଥିଲା । ଦୋଳା ପୂର୍ବରୁ ଯାଇ ମିଲ୍‌କ୍ୱାଟରରୁ ରମାକାନ୍ତଙ୍କର ଜିନିଷ ପତ୍ର ଆଣି ସେ ଘରେ ରଖିଥିଲା । ରମାକାନ୍ତ ଭୋଜନ ଶେଷ କରି ସେହିଘରେ ଯାଇ ବିଶ୍ରାମ କଲେ ।

ବହୁଦିନପରେ ଆଜି ନନ୍ଦବାବୁ ରେଖାଙ୍କର ପ୍ରସନ୍ନଭାବ ଦେଖି ମନରେ ବଡ଼ ଶାନ୍ତି ଓ ଆନନ୍ଦ ଅନୁଭବ କଲେ ।

କିଛିକ୍ଷଣ ପରେ ଦୋଳା ଗୃକର ରେଖାଙ୍କର କୁନିଝିଅଟିକୁ ଘେନି ରମାକାନ୍ତଙ୍କର ବିଶ୍ରାମ ଘରେ ଯାଇ ପହଞ୍ଚିଲା । ରମାକାନ୍ତ ଯେ ଭାଗ୍ୟଚକ୍ରର ଆବର୍ତ୍ତନରେ ବୁଲି ବୁଲି ବହୁ ଦୁଃଖ କଷ୍ଟ ଭୋଗ କରି ତାଙ୍କର ବାଗ୍‌ଦତ୍ତା ପରିତ୍ୟକ୍ତା ସ୍ତ୍ରୀଙ୍କ ପାଖରେ ଆସି ପହଞ୍ଚି ଗଲେଣି, ଓ ଏ କୁନି ଝିଅଟି ଯେ ତାଙ୍କର ଔରସ ଜାତ କନ୍ୟା ଏହା ସେ କାହୁଁ ଜାଣିବେ ? । ମାତ୍ର ସେ କୁନିଝିଅଟିଠାରେ

ତାଙ୍କର ପରିତ୍ୟକ୍ତା ରେଖାଙ୍କର ଆକୃତିର ଅତ୍ୟନ୍ତ ସାଦୃଶ୍ୟ ଦେଖି ଓ ଯେଉଁ ଦସ୍ୟୁବୃନ୍ଦ ତାଙ୍କପାଇଁ ଅକାତରରେ ଓ ଅଯାଚିତ ଭାବରେ ଦୁଇ ହଜାର ଟଙ୍କା ଦେଇଥିଲେ ଓ ଯେଉଁ ନନ୍ଦବାବୁ ତାଙ୍କୁ ଏତେ ବଡ଼ ବିପତ୍ତି ପରେ ଅତି ଆଦର ଓ ଯତ୍ନ କରୁଛନ୍ତି ଏ ଯେ ସେମାନଙ୍କର କନ୍ୟା ବୋଲି ଭାବି, ସେ କୁନି ଉପରେ ତାଙ୍କର ସ୍ୱାଭାବିକ ମମତା ଜନ୍ମିଲା । ଖଟ ଉପରୁ ଉଠି ଅତି ଆଦରରେ କନ୍ୟାଟିକୁ ଦୋଳା କୋଳରୁ ନେଇ କାଖେଇ ପକାଇଲେ । ସେ କୁନିଟି ମଧ୍ୟ ତାଙ୍କୁ ଅଚିହ୍ନା ନ ଭାବି ହସି ହସି ତାଙ୍କ କୋଳକୁ ଡେଇଁ ପଡ଼ିଲା । ଦୋଳା ତାଙ୍କୁ ରମାକାନ୍ତଙ୍କ ପାଖରେ ଛାଡ଼ି ଦେଇ କାର୍ଯ୍ୟାନ୍ତରରେ ଚାଲିଗଲା । ରମାକାନ୍ତ ତାକୁ ଗୁଗୁପାଞ୍ଚ କରି ଓ ବଢ଼ ଦେଉଳ କରି, ଚୈଁଉକୁ ମୂଷୀ ଆଦି ଶିଶୁରଞ୍ଜନ ଗୀତ ବୋଲି ତାକୁ କେତେ ଗେଲ କଲେ, କେତେ ଖେଳେଇଲେ । ତାଙ୍କର ତୃଷିତ ହୃଦୟ ଭୂତଭବିଷ୍ୟତ୍ ଭୁଲି ସେହି ଶିଶୁଟିର କ୍ରୀଡ଼ା କୌତୁକରେ ତନ୍ମୟ ହେଲା ।

ତେଣେ ନନ୍ଦବାବୁ ଲୁଚିକରି ଦେଖିଲେ ଯେ ରେଖା ଝରକାର ଫାଙ୍କବାଟେ ଏକ ଧ୍ୟାନରେ ବାପଝିଅଙ୍କର କ୍ରୀଡ଼ା କୌତୁକ ଦେଖୁଛନ୍ତି ଓ ତାଙ୍କ ଆଖିରୁ ଆନନ୍ଦାଶ୍ରୁ ଧାର ଧାର ହୋଇ ଗଡ଼ି ପଡ଼ୁଛି । ନନ୍ଦବାବୁଙ୍କର ଉଭୟଚକ୍ଷୁ ମଧ୍ୟ ଆର୍ଦ୍ର ହୋଇଗଲା ।

୧୩

ଚୈତ୍ରର ମନୋଜ୍ଞ ଗୋଧୂଳି ସମୟ । ରମାକାନ୍ତ ଦାଣ୍ଡପିଣ୍ଡା ବେଞ୍ଚ ଉପରେ ବସି ସେଦିନର ଘଟଣାବଳୀକୁ ମନେ ମନେ ଚିନ୍ତା

କରୁଛନ୍ତି ଏହି ସମୟରେ ନନ୍ଦବାବୁ ଆସି ସେଠାରେ ପହଞ୍ଚିଲେ । ସେ ଆସନ ତ୍ୟାଗ କରି ବଡ଼ ସମ୍ଭ୍ରମରେ ଠିଆ ହୋଇଗଲେ । ନନ୍ଦବାବୁ ତାଙ୍କ ହାତ ଧରି ନିଜ ପାଖରେ ବସାଇ କହିଲେ, "ଚାକିରି ଖଣ୍ଡିକ ତ ଗଲା, ଏବେ କି ବିଚାର ?"

ରମାକାନ୍ତ, "ଆଉ ବିଚାର କରିବି କଅଣ ? ଯେଉଁ ଦେବୀ ଏ ମହାପାତକୀ ପାଇଁ ଅକୁଣ୍ଠିତ ଚିତ୍ତରେ ଦୁଇହଜାର ଟଙ୍କା ଦାନ କରିଥିଲେ ତାଙ୍କର ଯଦି କୌଣସି କାର୍ଯ୍ୟରେ ଆସିପାରେ ତେବେ ନିଜକୁ ପରମ ସୌଭାଗ୍ୟବାନ୍ ମନେ କରିବି ! କିନ୍ତୁ ନ ହେଲେ ଆପଣଙ୍କ ପରି ମହାପୁରୁଷଙ୍କର ଖଟଣୀ ଚାକର ହୋଇ ରହିଲେ ନିଜକୁ ଗୌରବାନ୍ୱିତ ଜ୍ଞାନ କରିବି" । ନନ୍ଦବାବୁ କିଛି ସମୟ ଚିନ୍ତା କରି କହିଲେ, "ମୁଁ ଗୋଟିଏ ପ୍ରସ୍ତାବ କରୁଛି । ଆପଣଙ୍କ ମନକୁ ପାଇବ କି ନାହିଁ ? ଗଉଡ଼ଗାଁ ଏଠାରୁ ଦଶମାଇଲ ବାଟ ହେବ । ମୟୂରଭଞ୍ଜ ରେଲ୍‌ଲାଇନ୍ କଡ଼କୁ ଲାଗିଛି । ସେଠାରେ ମୋ ମାମୁ ତିନିଶହ ଏକର ଅନାବାଦୀ ଜମି ପଟା ନେଇ ଆବାଦ କରାଇଥିଲେ । ଶେଷ ଜୀବନ ସେଠାରେ କଟାଇବେ ବୋଲି ଖଣ୍ଡିଏ ଭଲ ପକାଘର ମଧ୍ୟ ତୋଳାଇଥିଲେ । ସ୍ଥାନଟି ଅତି ମନୋରମ । ପାଖରେ ପ୍ରାୟ ଦୁଇଶହ ଘର ସାନ୍ତାଳ ଅଛନ୍ତି । ଯତ୍ନ ଅଭାବରୁ ସ୍ଥାନଟି ବଡ଼ ନାରଖାର ହୋଇ ପଡ଼ିଛି । ଆପଣ ସେଠାକୁ ଯାଇ ଗୃହବାସ ଆରମ୍ଭ କରନ୍ତୁ । ଯାହା ଟଙ୍କା ପଇସା ଦରକାର ମୁଁ ସମସ୍ତ ଦେବି, ମୁଁ ମଧ୍ୟ ଆପଣଙ୍କ ସାଙ୍ଗରେ ଯାଇ ସବୁ ବନ୍ଦୋବସ୍ତ କରିଦେଇ ଆସିବି । ଆଉ ସମୟ ନାହିଁ । ଚଇତ ମାସ ଆସି ଅଧାଅଧି ହେଲାଣି । ଏଥିମଧ୍ୟରେ ଭଲ ଅସରାଏ ବର୍ଷା ହୋଇ ଯାଇଛି । ଏ ବିଷୟରେ ଆପଣଙ୍କର କଅଣ ମତ ? ।"

ଶହେ ତେଇଶି

ରମାକାନ୍ତ ଅତ୍ୟନ୍ତ ଆନନ୍ଦିତ ହୋଇ କହିଲେ, "ଏହା ଏକ ଅତି ଉତ୍ତମ ପ୍ରସ୍ତାବ । ଏଥିରେ ମୁଁ ଆଉ କହିବି କଅଣ ? ତେବେ ମୋର ଅନୁରୋଧ କାଲି ଭୋର ଗାଡ଼ିରେ ମୁଁ ସେଠାକୁ ଯିବି । ଆପଣଙ୍କ ସ୍ତ୍ରୀ ମୋ ବିଷୟରେ ସବୁକଥା ଆପଣଙ୍କୁ କହିଥିବେ । ମୁଁ ଅକର୍ମା ହୋଇ ଏକଦଣ୍ଡ ରହି ପାରିବିନାହିଁ । ଆପଣ ପଛ ହୋଇ ଯିବେ । ମୁଁ କାଲି ଭୋରରୁ ନିଶ୍ଚୟ ଯିବି ।"

ନନ୍ଦବାବୁ, ଭଲକଥା । ମୁଁ ମଧ୍ୟ ଆପଣଙ୍କ ସାଙ୍ଗରେ କାଲି ବଡ଼ ଭୋର ଗାଡ଼ିରେ ଯିବି । ଆପଣଙ୍କୁ ସବୁ ବୁଝାମଣା କରାଇ ଟଙ୍କା ପଇସା ଦେଇ ଆସିବି । ତେବେ ଆପଣ କେତେ ଦରମା ନେବେ ? ।

ରମାକାନ୍ତ, ମୋର ଦରମା କଅଣ ହେବ । ମୁଠାଏ ଖାଇବି, ଖଣ୍ଡେ ପିନ୍ଧିବି । ମୋର ଏବେ କୋଉ ଟୁଆ ପିଲାଗୁଡ଼ାକ ଗଡ଼ି ମରି ଯାଉଛନ୍ତି ଯେ ଦରମା ନେବି । ଏହିପରି ଲକ୍ଷେ ବର୍ଷ କଲେ ବି ଆପଣଙ୍କର ଓ ଆପଣଙ୍କ ସ୍ତ୍ରୀଙ୍କର ଋଣ ମୁଁ ଶୁଝିପାରିବି ନାହିଁ ।

କଥାଟା ଠିକ୍ ହୋଇଗଲା । ରମାକାନ୍ତଙ୍କ ସଙ୍ଗରେ ରାତ୍ରି ଭୋଜନ ଶେଷ କରି ନନ୍ଦବାବୁ ବିଛଣାରେ ପଡ଼ି ଚିନ୍ତା କଲେ— "ଆଗୁ ରମାକାନ୍ତଙ୍କୁ ରେଖାଙ୍କ ସଙ୍ଗରେ ମିଳନ ନ କରାଇ ଗଜଉଡ଼ଗାଁ ପଠାଇଦେବାଟା ଭଲ ହେବ କି ? ନା ନା ଏଠାରେ ମିଳନଟା ଦାଣ୍ଡକୁ ସୁନ୍ଦର ଦିଶିବ ନାହିଁ । ଲୋକମାନେ ଏହି ଭିତର ରହସ୍ୟ ବୁଝିବେ ନାହିଁ, କଥାଟାକୁ ଅର୍ଥ ଓ ଅର୍ଥାନ୍ତର କରି ଗୋଟାଏ

ଅବାଞ୍ଛିତ ସମାଲୋଚନା କରିବେ । ତା ଉପରେ ରେଖା ଗୋଟିଏ ବ୍ରତ ଧାରଣ କରିଛନ୍ତି । ଏ ବିଚ୍ଛେଦ ତାଙ୍କର ମନୋବୃତ୍ତି ଉପରେ କି ପ୍ରଭାବ ପକାଇବ, ତାହା ମଧ୍ୟ ଲକ୍ଷ୍ୟ କରିବାର କଥା । ଯାହା ହେଉ ସେଦିନ ଗଉଡ଼ଗାଁ ଠାରେ ସୁବିଧା [illegible] ନାନା ଦୃଷ୍ଟି ଭଙ୍ଗିରୁ କଥାଟାକୁ ପର୍ଯ୍ୟାଲୋଚନା କରି ନନ୍ଦବାବୁ ଶୋଇ ପଡ଼ିଲେ ।

ରେଖାକୁ ଭଲ ନିଦ ହେଲାନାହିଁ । ପୁଣି ଏକ ସ୍ୱପ୍ନପୁରୀରେ ବିଚରଣ କଲାପରି ତାଙ୍କୁ ଲାଗିଲା । କଟକ ବସାଠାରେ ଆଦ୍ୟ ପ୍ରଣୟର ମଧୁମୟ ଦିନଗୁଡ଼ିକର ସ୍ୱଚ୍ଛନ୍ଦ ସ୍ମୃତି ତାଙ୍କର ହୃଦୟକୁ ଆଲୋଡ଼ିତ କରି ପକାଇଲା ଓ ରମାକାନ୍ତଙ୍କର ଦୁଃଖ ଦୁର୍ଦ୍ଦଶାର କାହାଣୀ କଥା ଚିନ୍ତା କରି ତାଙ୍କର ସହଜ ଦୟାର୍ଦ୍ର ହୃଦୟରେ ସମବେଦନାର ପ୍ରବାହ ବହିଗଲା ।

ସେଦିନର ଘଟଣାବଳୀର ଘାତ ପ୍ରତିଘାତରେ ରମାକାନ୍ତ ଅତିଶୟ କ୍ଳାନ୍ତ ହୋଇ ପଡ଼ିଥିଲେ । ଗଉଡ଼ଗାଁ ଯାଇ ସେଠାରେ ନିଜର କୃତିତ୍ୱ ଦେଖାଇବାର ଉତ୍ତେଜନାରେ ତାଙ୍କୁ ମଧ୍ୟ ଭଲ ନିଦ ହେଲାନାହିଁ । ତହିଁଆରଦିନ ପ୍ରତ୍ୟୁଷରୁ ନନ୍ଦବାବୁ ଓ ରମାକାନ୍ତ ଗଉଡ଼ଗାଁ ଯିବାପାଇଁ ସଜ ହେଲେ । ରେଖା ସବୁଦିନ ପରି ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ ପୂଜା ସମାପନ କରି ରାମକୃଷ୍ଣ ଦେବଙ୍କର ପ୍ରତିକୃତି ନିକଟରେ ମୁଣ୍ଡିଆ ମାରିଲେ । ଆଜି ଯେ ପ୍ରଭୁ ତାଙ୍କର ପଥହରା-ଅନୁତାପଦଗ୍ଧ ପତିଙ୍କୁ ତାଙ୍କ ନିକଟରେ ଆଣି ଅଯାଚିତ [illegible] ପହଞ୍ଚାଇ ଦେଇ ଅଛନ୍ତି, ଏଥିପାଇଁ ପ୍ରଭୁଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ଆଖିରୁ ଆନନ୍ଦାଶ୍ରୁ ଧାର ଧାର ହୋଇ ଗଡ଼ି-

ପଡ଼ିଲା । ସେ ଭାବିଥିଲେ ବିପଥଗାମୀ ସ୍ୱାମୀଙ୍କ ସଙ୍ଗରେ ତାଙ୍କର ଇହ ଜନ୍ମରେ ଆଉ ଦେଖା ହେବନାହିଁ ।

ନନ୍ଦବାବୁ ରମାକାନ୍ତଙ୍କୁ ସଙ୍ଗରେ ଧରି ଗଉଡ଼ଗାଁ ଖମାରରେ ପହଞ୍ଚିଲେ । ରେଖାଙ୍କ ବିଷୟରେ ସମସ୍ତ ବିଷୟ ରମାକାନ୍ତଙ୍କୁ ଖୋଲିକରି କହିଦେବେ ବୋଲି ତାଙ୍କ ମନ ଖାଲି ଛାଉ ଛାଉ ହେଉଥାଏ, ତଥାପି ସେ ଅଗ୍ର ପଶ୍ଚାତ୍ ବିବେଚନା କରି ଅନୁକୂଳ ସମୟର ଅପେକ୍ଷା କଲେ । ସେଠାରେ ତିନଦିନ ରହି ସମସ୍ତ ବିଷୟ ତାଙ୍କୁ ବୁଝାମଣା କରିଦେଇ ତାଙ୍କ ହାତରେ ଟଙ୍କା ପଇସା ଦେଇ ରୂପ୍‌ସା ଫେରି ଆସିଲେ । ରୂପ୍‌ସା ବଙ୍ଗଳାରେ ପହଞ୍ଚି ନନ୍ଦବାବୁ ପ୍ରଥମରେ ରେଖାଙ୍କ ମୁହଁରେ ବିଷାଦର ଛାୟା ଲକ୍ଷ୍ୟ କଲେ । ରମାକାନ୍ତଙ୍କର ବିଚ୍ଛେଦ ଯେ ଏହାର କାରଣ ଏହା ଅନୁମାନ କରିବାରେ ତାଙ୍କର ବିଳମ୍ବ ହେଲନାହିଁ ।

ନନ୍ଦବାବୁ ଲୁଗାପଟା ବଦଳି, ମୁହଁହାତ ଧୋଇ ଭୋଜନରେ ବସିଲେ, ରେଖା ସବୁଦିନ ପରି ଆସି ତାଙ୍କ ପାଖରେ ଠିଆ ହୋଇ ରହିଲେ । ନନ୍ଦବାବୁ ଗୁଣ୍ଡାଏ ଖଣ୍ଡେ ଖାଇ ହସ ହସ ମୁହଁରେ ରେଖାଙ୍କୁ ହଠାତ୍ ପଚାରିଲେ, "ସନ୍ନ୍ୟାସୀ ତ ବନବାସୀ ହେଲେ, ସନ୍ନ୍ୟାସିନୀଙ୍କର ବିଚାର କଅଣ ? ।"

ରେଖା ଜୀବନରେ ପ୍ରଥମଥର ପାଇଁ ନନ୍ଦବାବୁଙ୍କ ତୁଣ୍ଡରୁ ଏପରି ରହସ୍ୟଗର୍ଭକ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଲଜରେ ତାଙ୍କର ମୁହଁଟି ପାଟଳବର୍ଣ୍ଣ ହୋଇଗଲା । ସେ ନନ୍ଦବାବୁଙ୍କର ମୁହଁକୁ ଅନାଇ ପାରିଲେନାହିଁ । କିଛି ନ କହି ମୁଣ୍ଡ

ପୋଡ଼ି ସେ ସେସ୍ଥାନରୁ ଚାଲି ଯାଉଥିଲେ, ମାତ୍ର ନନ୍ଦବାବୁ ତାଙ୍କୁ ପଛରୁ ଡାକବାରୁ ସେ ଧୀର ପଦକ୍ଷେପରେ ତାଙ୍କ ନିକଟକୁ ଫେରିଆସି ମୁଣ୍ଡ ତଳକୁ ପୋଡ଼ି ଠିଆ ହେଲେ ।

ନନ୍ଦବାବୁ ଟିକିଏ କଅଣ ଚିନ୍ତା କରି ପ୍ରସନ୍ନ ବଦନରେ ପୁଣି କହିଲେ, "ରୁନୁ ! ମୁଁ ସମସ୍ତ କଥା ରମାକାନ୍ତଙ୍କ ଆଗରେ ପ୍ରକାଶ କରି ଦେଇଛି ।"

ରେଖା ହଠାତ୍ ଚମକି ପଡ଼ି କହିଲେ "କଥାଟା ପ୍ରକାଶ କରି ଆପଣ ଭଲ କରିନାହାନ୍ତି ।"

ନନ୍ଦବାବୁ, ନାହିଁ, ଏ ବିଷୟ କିଛି ରମାକାନ୍ତଙ୍କୁ କହିନାହିଁ; କହିଲେ କ୍ଷତି କଅଣ ? ତେବେ ତୁମେ ବର୍ତ୍ତମାନ କଅଣ ଇଚ୍ଛା କରୁଛ ? ।

ରେଖା, ମୁଁ ଜୀବନର ଅବଶିଷ୍ଟ ଦିନଗୁଡ଼ିକ ଏହିପରି ବ୍ରତଚାରିଣୀ ହୋଇ କଟାଇବି ।

ନନ୍ଦ, ରୁନୁ ! ତୁମକୁ ପୁଣି ସଂସାର କରିବାକୁ ହେବ ।

ରେଖା, ମୁଁ ଆଉ ସଂସାର କରିବିନାହିଁ । ମୁଁ ବର୍ତ୍ତମାନ ବଡ଼ ଶାନ୍ତିରେ ଦିନ କଟାଉଛି । ପୁଣି ମାୟାଜଞ୍ଜାଳରେ ପଡ଼ି ଜଳବଳ ହେବା ମୋର ଜମା ଇଚ୍ଛା ନୁହେଁ । ଆପଣ ସେ ବିଷୟରେ ମତେ ଆଉ ବାଧ୍ୟ କରନ୍ତୁନାହିଁ ।

ନନ୍ଦ—ରୁନୁ ! ତୁମେ ଭଲକରି ଜାଣ ଯେ ମୁଁ ଚିର ବ୍ରହ୍ମଚାରୀ, ସୁତରାଂ ଗୃହ ସଂସାର କରିବାକୁ ମୁଁ କାହାକୁ କେବେ ପ୍ରବର୍ତ୍ତାଇବା ମୋନୀତିବିରୁଦ୍ଧ । ତୁମକୁ ସଂସାର କରିବାକୁ ମୁଁ

କାହିଁକି ଅନୁରୋଧ କରୁଛ ? ମୁଁ ଭଲକରି ବୁଝି ପାରୁଛି ଯେ ତୁମେ ନିଜକୁ ଯେତେ ସଂଯତ କଲେ ମଧ୍ୟ ତୁମର ବାସନାଗ୍ନି ହୃଦୟରୁ ଲିଭିପାରୁନାହିଁ । ସେ ଦିନ ତୁମେ ଲୁଚିକରି ବାପଝିଅଙ୍କର ଲୀଳା କୌତୁକ ଦେଖୁଥିବା ସମୟରେ ତୁମ ଆଖିରୁ ଆନନ୍ଦାଶ୍ରୁ ଗଡ଼ିପଡୁଥିଲା, ମୁଁ ଗୁପ୍ତରେ ସେ କଥା ଦେଖିଛି । ରମାକାନ୍ତଙ୍କ ଗଉଡ଼ଗାଁରେ ଗୁଡ଼ି ମୁଁ ଏଠାରେ ପହଞ୍ଚିବା ମାତ୍ରେ ତୁମର ବିଷଣ୍ଣ ମୁଖ ଦେଖି ତୁମ ମନୋଗତ ଭାବ ବୁଝିପାରିଛି । ଯେଉଁ ଦେବତାଙ୍କର ସ୍ୱପ୍ନାଦେଶରେ ମୁଁ ତୁମକୁ ନାମମାତ୍ର ବିବାହ କରିଥିଲି, ସେହି ଦେବତାଙ୍କର ସ୍ୱପ୍ନାଦେଶରେ ମୁଁ ତୁମକୁ ଗୃହ ସଂସାର କରିବାକୁ ଅନୁରୋଧ କରୁଛି । ରମାକାନ୍ତ ସୌନ୍ଦର୍ଯ୍ୟ ଓ ଧନ ଲୋଭରେ ଯେଉଁ ବିଶ୍ୱାସଘାତକତା କରିଥିଲେ ସେ ତା'ର ଉପଯୁକ୍ତ ଦଣ୍ଡ ପାଇ ବର୍ତ୍ତମାନ ଅନୁତାପରେ ସେ ବଡ଼ ଯାତନା ଭୋଗ କରୁଛନ୍ତି । ସଂସାରରେ ତୁମେହିଁ ତାଙ୍କ ହୃଦୟରେ ଶାନ୍ତି-ସୁଧା ବର୍ଷଣ କରିବାକୁ ସକ୍ଷମ ହେବ । ଆଉରି ଦେଖ ଏଥିରେ ନିଶ୍ଚୟ ଭଗବାନଙ୍କର ହାତ ଅଛି; ନୋହିଲେ ସଂସାରରେ ଏତେ ସ୍ଥାନ ଥାଉ ଥାଉ ସେ ରୂପସା ଷ୍ଟେସନରେ ଆସି ପହଞ୍ଚନ୍ତେ କାହିଁକି ? ମୁଁ ବା ସେହି ସମୟରେ ସେଠାରେ ଉପସ୍ଥିତ ହୁଅନ୍ତି କାହିଁକି ? ଏତେ ଲୋକ ସେଠାରେ ଥାଉ ଥାଉ ମୁଁ ରମାକାନ୍ତଙ୍କୁ ଉପରେ ପଡ଼ି କଥା କହନ୍ତି କାହିଁକି ? ତା'ଉପରେ ତାଙ୍କୁ ଆଣି ମିଲ୍‌ରେ ରଖାଇ ଦିଅନ୍ତି କାହିଁକି ? ସର୍ବଶେଷରେ ଏପରି ଅପ୍ରତ୍ୟାଶିତ ଘଟଣା ସବୁ ଘଟି ସେ ତୁମ ପାଖରେ ପହଞ୍ଚନ୍ତେ କାହିଁକି ? ଏସବୁ ଘଟଣାବଳୀରୁ ତୁମେ କଅଣ ବୁଝିପାରୁ-

ନାହିଁ ଯେ ପ୍ରଭୁ ତୁମକୁ ଗୃହିଣୀ ଜୀବନଯାପନ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି ।"

ରେଖା ଅନ୍ୟକୌଣସି କଥା ନ କହି ମୁଣ୍ଡ ତଳକୁ ପୋତି ଠିଆ ହେଲେ । "ମୌନଂ ସମ୍ମତି ଲକ୍ଷଣଂ" ବିନିଦବାବୁ ବୁଝିପାରି କହିଲେ "ରୁନୁ ! ତୁମେ ଜାଣ ବିନା ପରିଶ୍ରମରେ ମୁଁ ବର୍ତ୍ତମାନ ବିପୁଳ ସମ୍ପତ୍ତିର ଅଧିକାରୀ । ତୁମକୁ ମୁଁ ସହୋଦର ଭଉଣୀ ପରି ଜ୍ଞାନ କରେ । ଗଉଡ଼ଗାଁର ସମସ୍ତ ଜମିବାଡ଼ି ତୁମ ନାଁରେ ଦଲିଲ ସମ୍ପାଦନ କରିଦେବି । ତୁମେ ଯାଇ ତୁମ ସ୍ୱାମୀଙ୍କ ପାଖରେ ସେହିଠାରେ ରହିବ । ମୁଁ ମଧ୍ୟ ସେହିଠାରେ ରାମକୃଷ୍ଣ ମିଶନର ସେବାଶ୍ରମ ଖୋଲିବି । ପ୍ରଥମରେ ଏହି କେତେଦିନ ହେଲା ମୁଁ ତୁମମାନଙ୍କ ପାଖରେ ରହିବାରୁ ତୁମ ଉପରେ ବିଶେଷତଃ ଲୁନଟି ଉପରେ ମୋର ଭାରି ମାୟାମମତା ଜନ୍ମି ଯାଇଛି । ମୋର ସଂସାରରେ ସେପରି କେହି ଆତ୍ମୀୟ ସ୍ୱଜନ ନାହାନ୍ତି । ତେଣୁ ତୁମମାନଙ୍କଠାରୁ ଦୂରରେ ମୁଁ କୌଣସିମତେ ରହି ପାରିବିନାହିଁ । ବିଶେଷରେ ଚିର ଉପେକ୍ଷିତ ସାନ୍ତାଳମାନେ ବଣଜଙ୍ଗଲରେ ରହି ପଶୁମାନଙ୍କ ଠାରୁ ହୀନ ଭାବରେ ଜୀବନ ଯାପନ କରୁଛନ୍ତି, ଅର୍ଦ୍ଧଉଲଗ୍ନ ହୋଇ ଫଳ ମୂଳ ଖାଇ କେବଳ ମାତ୍ର ବଞ୍ଚିରହିଛନ୍ତି, ସେମାନଙ୍କ ସେବାର ସୁଯୋଗ ମିଳିବ । ଯଦି ମୁଁ ସେହି ନିରାଶ୍ରୟ ଆଦିବାସୀମାନଙ୍କର ଆତ୍ମ-ବିକାଶରେ କିଞ୍ଚିତ୍ ସମର୍ଥ ହେବି ତାହାହେଲେ ମୁଁ ନିଜକୁ ବଡ଼ ସୌଭାଗ୍ୟବାନ୍ ବୋଲି ମନେ କରିବି ।"

ଶହେ ଅଣତିରିଶି

ରେଖା ଏ ଦେବୋପମ ପୁରୁଷଙ୍କର ପର ସେବା ପାଇଁ ଅଦମ୍ୟ ଆକାଙ୍କ୍ଷା ଦେଖି କୃତଜ୍ଞତାର ଅଭିବ୍ୟକ୍ତିସ୍ୱରୂପ ଗଭୀର ଶ୍ରଦ୍ଧା ଓ ମମତାରେ କାନ୍ଧ ପକାଇ କହିଲେ "ମୁଁ ଆପଣଙ୍କର ଅକୃତ୍ରିମ ଦୟାର କୌଣସି ପ୍ରତିଦାନ ଦେଇ ପାରିବିନାହିଁ। ଆପଣ ମୋ ପାଇଁ ଯାହା କରିଛନ୍ତି ଓ କରୁଛନ୍ତି, ବୋଧହୁଏ ଏ ସଂସାରରେ ଜଣେ ସମ୍ପର୍କଶୂନ୍ୟା ହତଭାଗୀ ନାରୀ ପାଇଁ କୌଣସି ପୁରୁଷ ତା କରିନଥିବ। ମୁଁ ଅକାଳରେ ପଡ଼ି ଆପଣଙ୍କୁ ବିବାହ କଲି, ମାତ୍ର ଦିନକ ପାଇଁ ଏପରିକି ଏକ ମୁହୂର୍ତ୍ତକ ପାଇଁ ଆପଣଙ୍କ ବ୍ୟବହାରରେ କୌଣସି ବ୍ୟତିକ୍ରମ ଦେଖିନାହିଁ। ଆପଣଙ୍କ ସେବାରେ ଓ ମୋର ଚିର ଉପେକ୍ଷିତ ଭାଇଭଉଣୀମାନଙ୍କ ସେବାରେ ଜୀବନ କଟାଇବି ବୋଲି ପୂର୍ବରୁ ମନସ୍ଥ କରିଥିଲି, ମାତ୍ର ବିଧାତାର ଇଚ୍ଛା ଅନ୍ୟ ପ୍ରକାର। ମତେ ପୁଣି ସଂସାର କରିବାକୁ ହେବ। ଆପଣଙ୍କର ଯୁକ୍ତିଗୁଡ଼ିକ ମୁଁ ସ୍ଥିର ଭାବରେ ବିଚାର କରି ଶେଷରେ ଏହାହିଁ ସ୍ଥିର କରିଛି। ପ୍ରକୃତରେ ତାଙ୍କର ଦୁଃଖ ଦୁର୍ଦ୍ଦଶାର ଇତିବୃତ୍ତ ଶୁଣି ମୁଁ ତାଙ୍କର ସମସ୍ତ ଅପରାଧ କ୍ଷମା କରିଛି। ଏକଥା ଶୁଣି ନନ୍ଦବାବୁ ତୁଣ୍ଡରେ କିଛି ନ କହି ମନେ ମନେ କହିଲେ "ଧନ୍ୟରେ ନାରୀ ହୃଦୟ! ନୋହିଲେ କି ତୁମ୍ଭେମାନେ ଜଗତର ଜନନୀ ହୋଇଆଆନ୍ତ।"

୧୪

ତେଣେ ଗଜଡ଼ଗାଁ ଖମାରରେ ରମାକାନ୍ତ ସାଙ୍ଗେ ସାଙ୍ଗେ କାମରେ ଲାଗିଗଲେ। ସେ ନନ୍ଦବାବୁଙ୍କର ପାଦ ଛୁଇଁ ପ୍ରତିଜ୍ଞା କରି ଥିଲେ ଯେ ସେ ଆଉ ମଦ ଛୁଇଁବେ ନାହିଁ ସୁତରାଂ ସେ ସମସ୍ତ ଦିନଟି

ଅକ୍ଳାନ୍ତ ପରିଶ୍ରମ କରି ସନ୍ଧ୍ୟାକୁ ଗଣ୍ଡିଏ ଖାଇ ହାଲିଆ ହୋଇ ଶୋଇ ପଡ଼ନ୍ତି । ଆଜି ରେଖାଙ୍କର ଭାବନା ଭାବିବାକୁ ତାଙ୍କୁ ସମୟ ମିଳେନାହିଁ ।

ପୋଡ଼ୁଅ କୋଡ଼ିଏ ହଳ କିଣା ହେଲା । କଣ୍ଟାବୁଦା ଓ ସୁରୁଣା ଗଛ ମୂଳଗୁଡ଼ିକ ତଡ଼ାତଡ଼ି ହେଲା । ବନ୍ଧବାଡ଼ି ନୂଆ ହୋଇ ଦିଆଗଲା । ଝରଣା ବନ୍ଧା ଗଲା ଓ ପାଣି ନାଳଗୁଡ଼ିକ ଉନ୍ମୁଳା ହେଲା । କୃଷିକାମ ଜୋରସୋରରେ ଚାଲିଲା । ଖରା ନାହିଁ, ବର୍ଷା ନାହିଁ ରମାକାନ୍ତ ଅଣ୍ଟା ଭିଡ଼ି ଅକ୍ଳାନ୍ତ ପରିଶ୍ରମ କଲେ । ତାଙ୍କର ଅଦମ୍ୟ ପରିଶ୍ରମସ୍ପୃହା ଦେଖି ଆଜନ୍ମ ଶାରୀରିକ ପରିଶ୍ରମରେ ଅଭ୍ୟସ୍ତ ସାନ୍ତାଳମାନେ ବି ହାର୍ ମାନିଲେ ।

ସବୁ ଜମି ତକ ହଳହାଳ ହୋଇ ଧାନ ବୁଣାବୁଣି ଶେଷ ହେଲା । କୋଠା ଘରଟି ସଫେଇ ଓ ମରାମତି ହେଲା । ତା ଚାରି ପାଖରେ ବାଡ଼ି ବୁଜା ଗଲା । ତା ଚାରି ପାଖରେ ନାନା ଫଳଫୁଲର ବୃକ୍ଷ ଲତା ରୋପଣ କରାଗଲା । ରମାକାନ୍ତ ତ ଅକର୍ମା ହୋଇ ବସି ରହିବାର ପାତ୍ର ନୁହନ୍ତି, ହଳ କାମ ତ ଶେଷ ହୋଇଗଲା, ତେଣୁ ରମାକାନ୍ତ ବାଡ଼ି ବଗିଚା କାମରେ ମନଧ୍ୟାନ ଦେଇ ଲାଗିଗଲେ । ଅଳ୍ପଦିନ ପରେ ପହିଲି ଆଷାଢ଼ର ମେଘମାଳା-ସମାକୀର୍ଣ୍ଣ ଆକାଶ ତଳେ, ନବ ବର୍ଷା-ପୁଷ୍ଟ ଶ୍ୟାମଳ ପର୍ବତର ପାଦ ଦେଶରେ ସ୍ଥାନଟି କୌଣସି ଦକ୍ଷ ଚିତ୍ରକରଦ୍ୱାରା ଅଙ୍କିତ ଖଣ୍ଡିଏ ନିଖୁଣ ଚିତ୍ରପଟ ପରି ଦେଖାଗଲା । ଗୋଟିଏ ଗିରି-ନିର୍ଝରଣୀରେ କୁଳୁକୁଳୁ ତାନରେ ଓ ବନ୍ୟ ବିହଙ୍ଗମାନଙ୍କର କଳକୂଜନରେ ସ୍ଥାନଟି ମୁଖରିତ ହୋଇ

କାନନଲକ୍ଷ୍ମୀଙ୍କର ସଙ୍ଗୀତ ଶାଳାପରି ପ୍ରତିଭାତ ହେଲା । ସେପରି ଚିତ୍ତାକର୍ଷକ ସ୍ଥାନର ମାଧୁର୍ଯ୍ୟରେ ମୁଗ୍‌ଧ ହୋଇ ରମାକାନ୍ତଙ୍କର କ୍ଷତ ବିକ୍ଷତ ହୃଦୟରେ କିଏ ଶୀତଳ ପ୍ରଲେପ ବୋଳି ଦେଲାପରି ତାଙ୍କୁ ଲାଗିଲା ।

କ୍ରମେ କ୍ରମେ ବେଳ ଉଷଣ, ଓ ବହୁ ଖେଳୁଆ ଶେଷ ହେଲା । ଧାନଗଛଗୁଡ଼ିକ ଦୂନେଇ ପବନରେ ଲହଡ଼ି ଭାଙ୍ଗିଲେ । କୁଆଁର ପୂନଅଁ ସଞ୍ଜବେଳ । ରଶିଫୁଲ ପରି ଜହ୍ନ ପଡ଼ୁଛି । ଅରଣ୍ୟ ଯୂଥି-କାର ଆମୋଦରେ ଚତୁର୍ଦ୍ଦିଗ ଫାଟି ପଡ଼ୁଛି । ଅତ୍ୟଧିକ ପରିଶ୍ରମ ପରେ ରମାକାନ୍ତ ସାମାନ୍ୟ ଚିତ୍ତ-ବିନୋଦନ ପାଇଁ ବଗିଚାର ଗୋଟିଏ କଣରେ ପଡ଼ିଥିବା ଖଣ୍ଡିଏ ମୁଗୁନି ପଥର ଉପରେ ବସି ପଡ଼ିଲେ । ରେଖାଙ୍କ ସଙ୍ଗରେ କଟକ ଠାରେ ହସଖେଳର ମଧୁର ସ୍ମୃତିଗୁଡ଼ିକ ହଠାତ୍ ତାଙ୍କ ମନରେ ଜାଗରିତ ହୋଇ ଉଠିଲା ।

ରମାକାନ୍ତ ବରହମପୁରରେ ରହିବାର ପ୍ରାୟ ଦୁଇ ତିନି-ମାସ ପରେ ରେଖା ବ୍ୟାକୁଳ ହୋଇ ତାଙ୍କ ନିକଟକୁ ଯେଉଁ ଶେଷ ପତ୍ର ଖଣ୍ଡିକ ଲେଖିଥିଲେ ତହିଁରେ ସେ ତାଙ୍କର ଗର୍ଭୋଦୟ କଥା ଲେଖିଥିଲେ । ସତ୍ୟନାରାୟଣ ବାବୁଙ୍କର କନ୍ୟାଙ୍କୁ ବିବାହ କରିବା ସମ୍ବାଦ ବିପିନବାବୁ ଓ ରେଖା ଅଳ୍ପଦିନ ପରେ ଜାଣିଥିବେ । ତା-ପରେ ରେଖାଙ୍କର ଦଶା କଅଣ ହୋଇଥିବ ? ସେ ଦୁଃଖ ଓ ଲଜ୍ଜାରେ ଆତ୍ମହତ୍ୟା କରିଥିବେ । ଅବା ଗୁପ୍ତରେ ଗର୍ଭ ନଷ୍ଟ କରି ଅନ୍ୟ ସ୍ଥାନରେ ବିବାହ କରିଥିବେ । କିମ୍ବା ଗର୍ଭ ଗୋପନ କରି କୌଣସି ଠାରେ ବିବାହ କରି, ପରେ ଧରାପଡ଼ି, ସମାଜ ଓ ସ୍ୱାମୀ-ପରିତ୍ୟକ୍ତା ପତିତାରୂପେ ସ୍ୱୈରିଣୀ ବାରାଙ୍ଗନାର ଜୀବନ ବରଣ କରି; ହସ ହସ

ବଦନରେ କାମୋନ୍ମତ୍ତ ବିଳାସୀ ଯୁବକମାନଙ୍କର କ୍ଷଣିକ ପ୍ରେମାତ୍ମକ ଅଭିନନ୍ଦନ ଗ୍ରହଣ କରୁଥିବେ ! । ତେଣିକି ସେ ଆଉ ଚିନ୍ତା କରି ପାରିଲେ ନାହିଁ । ଅସହ୍ୟ ଯନ୍ତ୍ରଣାରେ ତାଙ୍କର ସର୍ବ ଶରୀର ସ୍ତବ୍ଧ ହୋଇ ଉଠିଲା । ମସ୍ତକର ସ୍ନାୟୁଗୁଡ଼ିକ ପ୍ରବଳ ବେଗରେ ସ୍ଫୀତ ହେଲା, ଓ ତାଙ୍କୁ ପ୍ରବଳ ଜ୍ୱର ଆକ୍ରମଣ କଲା ପରି ଲାଗିଲା । ସେ କର୍ମି କର୍ମି ଗୃହ ମଧ୍ୟକୁ ଯାଇ ଶଯ୍ୟା ଗ୍ରହଣ କରି ସଂଜ୍ଞାଶୂନ୍ୟ ଅବସ୍ଥାରେ ପଡ଼ି ରହିଲେ ।

ରମାକାନ୍ତଙ୍କୁ ପ୍ରବଳ ଜ୍ୱର ହେବାର ସମ୍ବାଦ ପାଇ ରେଖା ନନ୍ଦବାବୁଙ୍କ ସାଙ୍ଗରେ ଗଉଡ଼ଗାଁ ଯିବାକୁ ବାହାରିଥିଲେ । ମାତ୍ର ନନ୍ଦବାବୁ ମନରେ କଅଣ ଚିନ୍ତା କରି ତାଙ୍କୁ ଯିବାକୁ ବାରଣ କରି ବୋଲା ଚାକରକୁ ସଙ୍ଗରେ ଧରି ଗଉଡ଼ଗାଁରେ ପହଞ୍ଚିଲେ । ସେଠାରେ ପହଞ୍ଚି ନନ୍ଦବାବୁ ଦେଖିଲେ ଯେ ରମାକାନ୍ତ ମଣିଷ ଚିହ୍ନି ପାରୁନାହାନ୍ତି, କେବଳ ସାନ୍ନିପାତିକ ପ୍ରଳାପ କରୁଛନ୍ତି । ରେଖା ! ମତେ ରକ୍ଷାକର, ଏ ଡାହାଣୀଟା ମୋ ରକ୍ତ ଶୋଷି ଖାଇ ଯାଉଛି । ହେଇ "ଅଇଲା ଅଇଲା" ଚିତ୍କାର କରି ଉଠିବାକୁ ଚେଷ୍ଟା କରୁଛନ୍ତି । ସାଙ୍ଗେ ସାଙ୍ଗେ ବାରିପଦାରୁ ବଡ଼ ଡାକ୍ତରଙ୍କୁ ଡକାଗଲା । ଚିକିତ୍ସା ଚାଲିଲା । ଚତୁର୍ଥ ଦିନ ସନ୍ଧ୍ୟାକୁ ରମାକାନ୍ତଙ୍କର ଅବସ୍ଥା ଅତିଶୟ ସଙ୍କଟାପନ୍ନ ହୋଇପଡ଼ିଲା । ରାତି ବାରଟା ବେଳକୁ ନାଡ଼ି ଓ ହୃଦୟର ସ୍ପନ୍ଦନ କମି ଆସିଲା । ରୋଗୀ ବଞ୍ଚିବାର ଆଶା ଖୁବ୍ କମ୍ ବୋଲି ଡାକ୍ତର ନନ୍ଦବାବୁଙ୍କୁ ଜଣାଇଦେଲେ । ନନ୍ଦବାବୁଙ୍କ ମନରେ ଯୁଗପତ୍ ଶଙ୍କା ଓ ଦୁଃଖ ଜାତ ହେଲା । ସେ ରେଖାଙ୍କୁ ସାଙ୍ଗରେ ଆଣି ନଥିବାରୁ ବଡ଼ ଅନୁତାପ କଲେ । କେବଳ

ଆଶାରେ ବୁକୁ ବାନ୍ଧ ଦୁଃଖିନୀ ସ୍ୱାମୀଙ୍କ ସଙ୍ଗରେ ମିଳନ ପାଇଁ ଉଦ୍‌ଗ୍ରୀବ ହୋଇ ରହିଥିଲା । ହତଭାଗୀ, ଶେଷ ସମୟରେ ଟିକଏ ସ୍ୱାମୀଙ୍କ ମୁହଁ ଦେଖିପାରିଲାନାହିଁ । ନନ୍ଦବାବୁଙ୍କ ଆଖିରୁ ଅଶ୍ରୁଧାରା ଗଡ଼ିପଡ଼ିଲା । ସେ ସେହିଠାରେ ପରମହଂସଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଅତି ବ୍ୟାକୁଳ ହୋଇ କହିଲେ "ପ୍ରଭୁ ! ପାହିଲା ରାତିରେ ବାଘ ନେଉଛି । ଯଦି ଆପଣଙ୍କର ଏପରି ଉଦ୍ଦେଶ୍ୟ ଥିଲା ତେବେ ଏ ନିର୍ବାଣୋନ୍ମୁଖ ନାଟକର ପୁନରଭିନୟ ଦେଖାଇଲେ କାହିଁକି ? ।" ପ୍ରଭୁଙ୍କର ପାଦପଦ୍ମରେ ଭକ୍ତର ଆକୁଳ ପ୍ରାର୍ଥନା ଆଘାତ କଲା । ଲଗେ ଲଗେ ଗୁଡ଼ିଏ ଇନ୍‌ଜେକ୍‌ସନ ଦିଆଯିବା ପରେ ନାଡ଼ି ଓ ହୃଦୟର ଗତି ବଦଳି ଗଲା । ରାତି ଦୁଇଟା ବେଳେ ଡାକ୍ତର ବାବୁ ଅବସ୍ଥା ଆଶାଜନକ ବୋଲି ନନ୍ଦବାବୁଙ୍କୁ ଜଣାଇଲେ । ନନ୍ଦବାବୁ ପ୍ରଭୁଙ୍କୁ ଶତସହସ୍ର ଧନ୍ୟବାଦ ଦେଇ ରମାକାନ୍ତଙ୍କର ସେବାରେ ଲାଗିଲେ । ପ୍ରତିଦିନ ସେ ରମାକାନ୍ତଙ୍କର ଅବସ୍ଥା ବିଷୟରେ ରେଖାଙ୍କ ନିକଟକୁ ପତ୍ର ଦେଉଥିଲେ ।

ଉପଯୁକ୍ତ ଚିକିତ୍ସା, ପଥ୍ୟାପଥ୍ୟର ନିୟନ୍ତ୍ରଣ ଓ ନନ୍ଦବାବୁଙ୍କର ଅକ୍ଳାନ୍ତ ସେବା ଶୁଶ୍ରୂଷା ଫଳରେ ରମାକାନ୍ତ ପନ୍ଦର ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ । ନନ୍ଦବାବୁ ଦୋଳା ଚାକରକୁ ତାଙ୍କ ପାଖରେ ରଖି ରୁପସା ବାହୁଡ଼ିଲେ ।

ଆରୋଗ୍ୟ ଲାଭମାତ୍ରେ ଦୁର୍ବଳତାକୁ ଖାତିର ନକରି ଦୋଳା କଥା ନମାନି ରମାକାନ୍ତ କାମରେ ଲାଗିଗଲେ । ଧାନଗଛ ସବୁ

ଥୋଡ଼ ହୋଇ ଫୁଲ ଉଡ଼ାଇଲେ । ରମାକାନ୍ତ ଟିକଏ ନିଃଶ୍ୱାସ ମାଇଲେ ।

ଦିନେ ଦୋଳା ସାଙ୍ଗରେ କଥାବାର୍ତ୍ତା ହେଉ ହେଉ ରମାକାନ୍ତଙ୍କର ସେ କୁନିଟିଅଟି କଥା ମନେ ପଡ଼ିବାରୁ ସେ ଦୋଳାକୁ ପଚାରିଲେ, " ବାବୁଙ୍କର ସେ କୁନିଟିଅଟିର ନା କଅଣ ? ତାକୁ କେତେବର୍ଷ ହେଲାଣି ? ।" ଦୋଳା କହିଲା, "ତା ନା ଦିଆ ହୋଇନାହିଁ, ସମସ୍ତେ ତାକୁ କୁନ କୁନ ବୋଲି ଡାକନ୍ତି, ତାକୁ ଏହି କାର୍ତ୍ତିକ ପୂର୍ଣ୍ଣିମାକୁ ତିନ ପୂରି ଚାରିବର୍ଷ ଚାଲିବ ।" ରମାକାନ୍ତ କିଛି ସମୟ ଚିନ୍ତା କରି ପଚାରିଲେ, "ତୁମେ ପରା ସେଦିନ କହୁଥିଲ ବାବୁଙ୍କ ବାହାଘର ଯିବାର ଅଢ଼େଇ ବର୍ଷ ଆସି ହେଲାଣି, ତେବେ ଝିଅକୁ ତିନବର୍ଷ ହେଲା କୁଆଡ଼ୁ ? ।" ଦୋଳା କହିଲା, "ବାହାଘର ଯିବାର ପାଞ୍ଚମାସ ପରେ ସେ ପରା ଜନ୍ମ ହୋଇଛି ।" ରମାକାନ୍ତ—"ମା'ଙ୍କ ସାଙ୍ଗରେ ବାବୁଙ୍କର ତେବେ ଆଗରୁ ଚିହ୍ନା ପରିଚୟଥିଲା ।" ଦୋଳା, "ମୁଁ ତ ପିଲାଦିନୁ ତାଙ୍କ ମାମୁଁଙ୍କ ପାଖରେ କଲିକତାରେ ରହୁଥିଲି, ସେହିଘରେ ଆସି ବୁଢ଼ା ହେଲି, ଆଗକଥା କହିବି କିପରି ?" । ବାହାବାସି ଦିନ ବାବୁ ମା'ଙ୍କୁ ଘେନି କଲିକତା ଆସିଲେ । ସେହିଦିନ ଠାରୁ ଦେଖୁଛି ଦୁହିଁଙ୍କ ବିଛଣା ଅଲଗା ଅଲଗାଘରେ ପଡ଼େ । ସ୍ୱାମୀ ସ୍ତ୍ରୀପରି ହସଖୁସିରେ କଥାବାର୍ତ୍ତା ହେବାର ଦଣ୍ଡିକ ପାଇଁ ସୁଦ୍ଧା ଦେଖିଲିନାହିଁ ।" ରମାକାନ୍ତ, "ତେବେ ବାବୁ ମା'ଙ୍କୁ ଭଲ ପାଆନ୍ତି ନାହିଁ ।" ଦୋଳା—"ଆ, ବାବୁ ମାଙ୍କୁ ଭଲପାଆନ୍ତି ନାହିଁ ଆଉ କିଏ ଭଲ ପାଏମ? ଟଙ୍କା ପଇସା ସବୁ ମା'ଙ୍କ ହାତରେ ।

ଯୋଡ଼ ମନ୍ଦର

ଘରର ହାନିଲାଭ ମା ସବୁ ବୁଝନ୍ତି । ବାବୁ କିଛି ବୁଝନ୍ତିନାହିଁ, ସବୁବେଳେ ସେ ଅଲକ୍ଷଣା ପାଣି କଣ୍ଟ୍ରାକ୍ଟରଙ୍କର ଖବର ଅନ୍ତର ବୁଝନ୍ତି । ମା'ଙ୍କୁ ବାବୁ କେବେ ପଦେ ଟାଣକରି କହିବାର ମୁଁ ଶୁଣିନାହିଁ । ମା'ଙ୍କ ଦେହ ଟିକିଏ କିଛି ବ୍ୟସ୍ତ ହେଲେ, ବାବୁ ଅଖିଆ ଅପିଆ ମା'ଙ୍କର ସେବାରେ ଲାଗନ୍ତି । ବାବୁ ମା'ଙ୍କ କଥା ଟାଳେ ପକାନ୍ତି ନାହିଁ । ସେଦିନ ମା ଆପଣଙ୍କ ପାଇଁ ଦୁଇହଜାର ଟଙ୍କା ହାତକୁ ହାତ ଦେଇଦେଲେ, ପଛରେ ବାବୁ ସେ କଥା ଶୁଣି ମା'ଙ୍କୁ ଗାଳି ଦେବେ କଅଣ ଓଲଟି ଖୁସି ହୋଇ ମା'ଙ୍କୁ କେତେ ପରଶଂସା କଲେ । କଲିକତାରେ ଥିଲାବେଳେ ବାବୁ ମା'ଙ୍କ ପାଇଁ ନକୁଛରେ ପାଞ୍ଚ ହଜାର ଟଙ୍କାର ସୁନା ଗହଣା ଓ ଭଲ ଭଲ ଦାମିକା ଶାଢ଼ୀ ଆଣି ଦେଇଥିଲେ । ମା ସିନା ଏବକୁ ସେ ସବୁ କିଛି ପିନ୍ଧୁନାହାନ୍ତି, ମାତାଜୀଙ୍କପରି ସେ ଅପରିଛନିଆ ଗେରୁଆ ଥାନଫଡ଼ାଗୁଡ଼ାକ ପିନ୍ଧୁଛନ୍ତି, ନାକରେ ନିମକାଠି ନାହିଁ । ଏଗୁଡ଼ାକ ଦେଖି ମୋ ବରମ ଚଡ଼େ । କାଲି ସକାଳର ପିଲାଟାଏ, ମନାମୋର ଏଗୁଡ଼ାକ କି ଗ୍ରେପରା କଥାମ ? କହିଲେତ ଟିକିଏ ହସିଦେଇ ଚାଲିଯିବେ । ରାମ୍ କି କୃଷ୍ଣ କିଛି କହିବେ ନାହିଁ । ଏକଥାକୁ ଏବେ ବଳ କଅଣ ? ଆପଣ ଏଠାକୁ ଆସିଲା-ଦିନୁ ବାବୁ ମା'ଙ୍କୁ ବାଧ କରିବାରୁ ଏବକୁ ସେ ଗେରୁଆ ଲୁଗାଗୁଡ଼ାକ ଛାଡ଼ି ଖଣ୍ଡେ ଖଣ୍ଡେ ଶାଢ଼ୀ ପିନ୍ଧିଲେଣି ଆଉ ଥାନେ ଦୁଇଥାନ ଅଳଙ୍କାର ପିନ୍ଧିଲେଣି । ଆଜି ଗୋଟାଏ କଥା ଶୁଣିଛ ? । ମା ସବୁବେଳେ ନନ୍ଦଭାଇ, ନନ୍ଦଭାଇ ବୋଲି ଡାକନ୍ତି । ଆଚ୍ଛା ଆପଣ କଥାଟାକୁ ଅଟକଳ କଲେ ? ସଂସାର ତ ନକଲ ନାହିଁ,

ଏହା ବୋଲି ଆପଣ ବାହାହେଲ ଗେରସ୍ତର ନା ଧରି ଭାଇ ଭାଇ ବୋଲି ଡାକିବ ? ଛି ଛି ! ଏଗୁଡ଼ାକ କ ଗେଲବସର କଥାମ ? ।”

ରମାକାନ୍ତ, ଏକଥାରୁ ତ କିଛି ବୁଝିପାରୁନାହାଁ ।

ଦୋଳା, “ଏକଥାର ମୁଣ୍ଡ ଗଣ୍ଡି ମୁଁ କିଛି ବୁଝିପାରେ ନାହିଁ । ନିଶ୍ଚୟ ଏହା ଭିତରେ ଗୋଟାଏ କଅଣ କେଁ ଅଛି । ଆଚ୍ଛା ଆପଣ ବାବୁଙ୍କ ସାଙ୍ଗରେ ଦୁଃଖ ସୁଖ ହେଲାବେଳେ କଥାଟାକୁ ସୂହେ ସୂହେ ଉଙ୍କାରିବେଟି ।” ରମାକାନ୍ତ, “ଛାଡ଼ ସେକଥା । ସେ ମୋର ଅନ୍ନଦାତା ଓ ରକ୍ଷାକର୍ତ୍ତା, ତାଙ୍କର ଗୃହସଂସାର ସମ୍ବନ୍ଧରେ ପ୍ରଶ୍ନ କରିବା ଅନୁଚିତ ।” ଏକଥା ସେ ସିନା ଦୋଳାକୁ କହିଦେଲେ, ମାତ୍ର ତାଙ୍କ ମନରେ ଏହି ବିଷୟଗୁଡ଼ିକ ସବୁବେଳେ ଗୁଡ଼େଇ ଭୁଡ଼େଇ ହେଲା । ଏହାର କିଛିଦିନ ପରେ ଦୋଳା ରୂପସା ଚାଲିଆସିଲା ।

୧୫

ପୁଷ ମାସରେ ଧାନ କଟା ଓ ବେଙ୍ଗେଲା ଶେଷ ହେଲା । ସେ ବର୍ଷ ଧାନ ଫସଲ ଭଲ ହୋଇଥିଲା । ଦୁଇଟା ପାଞ୍ଚବଖୁରିଆ କୋଠି ପୂର୍ଣ୍ଣ ହୋଇ ଆଉ କିଛି ଧାନ ମରେଇ କରି ରଖାଗଲା । ଗାଲଗଦାଗୁଡ଼ିକ ଠା ଠା ହୋଇ ମରାହେବାରୁ ଖଣ୍ଡ ଖଣ୍ଡ ପାହାଡ଼ ପରି ଦିଶିଲା । ରମାକାନ୍ତଙ୍କର କଠୋର ପରିଶ୍ରମ ଭଗବାନ୍ ସାର୍ଥକ କରିବାରୁ ସେ ଭଗବାନ୍‌ଙ୍କୁ ଶତ ଶତ ଧନ୍ୟବାଦ ଦେଲେ । ଯୋଗକୁ ଅସରାଏ ଭଲ ବର୍ଷା ହେଲା । ସବୁବିଲତକ ଚଷ ହୋଇ ମୁଗ ବୁଣା ହୋଇଗଲା । ମୁଗ ଗଛଗୁଡ଼ିକ

ଯୋଡ଼ ମନ୍ଦିର

ସ୍ଥିର ସ୍ଥିର ସବୁ ହୋଇଗଲା । କିଆରିମାନଙ୍କୁ ଚାହିଁ ଦେଲେ ପୁତ୍ରଶୋକ ପାସୋର ହୋଇଯିବ । ବିଲବାଡ଼ିରେ ଆଉ କିଛି କାମ ନଥିବାରୁ ରମାକାନ୍ତ ବାବୁ ବଗିଚା କାମରେ ମନୋନିବେଶ କଲେ । ଅଳ୍ପ ଦିନ ପରେ ବଗିଚାଟି ହସି ଉଠିଲା । ରମାକାନ୍ତ ନିଜର ଶ୍ରମ ସାର୍ଥକ ହେବାର ଦେଖି ବଡ଼ ଆତ୍ମ ତୃପ୍ତି ଅନୁଭବ କଲେ ।

ତେଣେ ନନ୍ଦବାବୁ ବୁଝିପାରିଲେ ଏ ପ୍ରତୀକ୍ଷମାଣା ଯୁବତୀଟି ସ୍ୱାମୀଙ୍କ ସଙ୍ଗରେ ମିଳନପାଇଁ ଉତ୍ତଳବିକଳ ହେଲାଣି । ଆଉ କାଳ ବିଳମ୍ବ କରିବା ଉଚିତ ନୁହେଁ ।

ଏହାର ଚାରି ପାଞ୍ଚଦିନ ପରେ ରମାକାନ୍ତ ନନ୍ଦବାବୁଙ୍କଠାରୁ ଚିଠି ପାଇଲେ ଯେ ଆସନ୍ତା ମାଘସପ୍ତମୀକୁ ଗଜଡ଼ଗାଁ ଖମାର ଗୃହ ପ୍ରତିଷ୍ଠା ହେବ । ସ୍ଥାନୀୟ ଦରିଦ୍ର ନାରାୟଣଙ୍କର ଭୋଜନ ପାଇଁ ଭଲ ଖାଦ୍ୟ ପ୍ରସ୍ତୁତ ହେବାର ସମସ୍ତ ଯୋଗାଡ଼ ସେ କରିବେ । ଘରଟିକୁ ଚୂନ ସଫେଇ କରିବେ । ନନ୍ଦବାବୁ ତାଙ୍କ ସ୍ତ୍ରୀଙ୍କୁ ଘେନି ଶ୍ରୀପଞ୍ଚମୀ ବାସି ବୁଧବାର ପହଞ୍ଚିବେ । ସେମାନେ ସେଠାରେ ଦୁଇ ତିନି ମାସ ରହିବେ । ସୁତରାଂ ଖଟ, ଚଉକି, ଆଲମାରି, ଶେଯ ଓ ତକିଆ, ବାସନ କୁସନ ଆଦି ଯାବତୀୟ ଆସବାବ ସବୁ ସେ ଆଗରୁ ପଠାଇଦେବେ ।

ପତ୍ର ଖଣ୍ଡିକ ପାଇ ରମାକାନ୍ତବାବୁ ଅତିଶୟ ଆନନ୍ଦିତ ହେଲେ । ନନ୍ଦବାବୁଙ୍କ ସ୍ତ୍ରୀ ଆସି ନିଜ ଆଖିରେ ଦେଖିବେ ଯେ ସେ ନିତାନ୍ତ ଗୋଟାଏ ଅପଦାର୍ଥ ପାଇଁ ଦୁଇ ହଜାର ଟଙ୍କା ଦାନ କରି

ନ ଥିଲେ । ବିଶେଷତଃ ଯେଉଁ କୁନ୍ଦିଅଛିର ରୂପ ଓ ବିଷ୍ଟେଛି କଥାଗୁଡ଼ିକ ସବୁବେଳେ ତାଙ୍କ ମନରେ ପଡ଼ୁ ସେ ମଧ୍ୟ ଆସିବ ।

ରମାକାନ୍ତ ସାଙ୍ଗେ ସାଙ୍ଗେ କାମରେ ଲଗିଗଲେ । ପ୍ରଥମରେ ଘରଟି ଚୂନ ସଫେଇ କରିଦେଲେ, ତା ପରେ ଘରିଆଡ଼ ପରିଷ୍କାର ପରିଚ୍ଛନ୍ନ କରାଇଲେ । ଫୁଲଗଛଗୁଡ଼ିକରେ ସମୟ ଅନୁସାରେ ପାଣି ଦେଇ, କାଟଛାଣ୍ଟ କରି ନିର୍ମଳ କରି ରଖିଲେ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକ ସୁରୁରୁ-ରୂପେ ସମ୍ପନ୍ନ କଲେ ।

ଏହାର ଆଠଦିନ ପରେ ଭୋଲା ଦଶଖଣ୍ଡି ଶଗଡ଼ଗାଡ଼ିରେ ଖଟ ଚୌକି ଆଦି ନେଇ ପହଞ୍ଚିଲା । ଯଥା ସ୍ଥାନରେ ସେଗୁଡ଼ିକ ରଖାଗଲା । ମାତ୍ର ଗୋଟିଏ ଘରେ ନନ୍ଦବାବୁ ଓ ତାଙ୍କ ସ୍ତ୍ରୀଙ୍କ ପାଇଁ ଦୁଇଖଣ୍ଡ ଖଟ ପଡ଼ିବାର ଦେଖି ଭୋଲା କହିଲା "ମୁଁ ପରା ଆପଣଙ୍କୁ ଆଗରୁ କହିଛି ଯେ ବାବୁ ମା ଏକାଘରେ ଶୁଅନ୍ତିନାହିଁ ।"

ରମାକାନ୍ତ, "ହଁ ଠିକ୍‌କଥା । ମୋର ମନେ ନ ଥିଲା ମୁଁ ତା'ର ସୁବନ୍ଦୋବସ୍ତ କରିଦେଉଛି ।"

କୁଞ୍ଜ ଖେଳିବ ବୋଲି ଗୋଟିଏ ହରିଣଛୁଆ ଅଣାଗଲା ଓ ବାରିପଦାରୁ ଦୁଇଟି ଦୁହାଁଳିଆ ଗାଈ କଣା ହୋଇ ଆସିଲେ । ଏହିପରି ସମସ୍ତ ଯୋଗାଡ଼ ଠିକ୍ କରି ରମାକାନ୍ତ ବଡ଼ ପ୍ରଫୁଲ୍ଲ ମନରେ ସେମାନଙ୍କର ଆଗମନକୁ ଅପେକ୍ଷା କରି ରହିଲେ ।

ବୁଧବାର ଦିନ ଦଶଟା ବେଳକୁ ରମାକାନ୍ତ ନନ୍ଦବାବୁଙ୍କର ନିର୍ଦ୍ଦେଶ ମତେ ଖଣ୍ଡିଏ ଶିବିକା ନେଇ ଷ୍ଟେସନରେ ପହଞ୍ଚିଲେ, ଠିକ୍ ସମୟରେ ଗାଡ଼ି ଆସି ପହଞ୍ଚିଲା । ନନ୍ଦବାବୁ ହଠାତ୍ ଗାଡ଼ିରୁ

ହେଲାଇ ପଣ୍ଡ ରମାକାନ୍ତଙ୍କୁ ସଙ୍ଗରେ ଘେନି ପଦବ୍ରଜରେ ଆଗଉସା ଖମାରକୁ ଚାଲିଗଲେ । ପିଲଙ୍କୁ ଆଣିବାର ଭାର ଦୋଳା ଉପରେ ରହିଲା ।

ନନ୍ଦବାବୁ ରମାକାନ୍ତଙ୍କ ସଙ୍ଗରେ ଖମାରରେ ପହଞ୍ଚି ଚାରି-ଆଡ଼େ ଥରେ ଆଖି ବୁଲାଇ ନେଇ ରମାକାନ୍ତଙ୍କର କାର୍ଯ୍ୟ-ଦକ୍ଷତାର ପ୍ରଶଂସା କରି ତାଙ୍କୁ ସାଙ୍ଗରେ ଘେନି ଖମାର ପଛପଟକୁ ଚାଲିଗଲେ ।

କିଛି ସମୟ ପରେ ରେଖା କୁନିକୁ ଘେନି ସେଠାରେ ଆସି ପହଞ୍ଚିଲେ । ଶିବିକାରୁ ଅବତରଣ କରି ଚାରିଆଡ଼େ ଥରେ ଆଖି ବୁଲାଇ ନେଇ ଘରଭିତରକୁ ଗଲେ । ସ୍ଥାନଟିର ରମଣୀୟତା ଦେଖି ମୁଗ୍‌ଧ ହୋଇଗଲେ । ତାଙ୍କୁ ଜଣାଗଲା ଯେପରି କି ସେ ଏକମାୟାପୁରୀର ଅତିଥି ହୋଇଛନ୍ତି ।

ସବାରି ଡାକରୁ ନନ୍ଦବାବୁ ଅନୁମାନ କଲେ ଯେ ରେଖା ଆସି ପହଞ୍ଚି ଗଲେଣି, ତେଣୁ ରମାକାନ୍ତଙ୍କ ସଙ୍ଗରେ ଖମାର ଘର ବାଣ୍ଡି ବଗିଚାକୁ ଫେରି ଆସିଲେ । ଏହି ସମୟରେ ଦୋଳା କୁନିଟିକୁ କାଖ କରି ସେମାନଙ୍କ ପାଖରେ ପହଞ୍ଚିଲେ, ମାତାଙ୍କର ନିର୍ଦ୍ଦେଶ ମତେ କୁନିଟି ରମାକାନ୍ତଙ୍କୁ ନମସ୍କାର କରି ଦରେଇଁ କଥାରେ ପଚାରିଲା "ଭଲ ଅଛନ୍ତି ।" ରମାକାନ୍ତ କୁନିଟିକୁ କୋଳକୁ ଟାଣି ଆଣିବେ ବୋଲି ଠାଉ ଠାଉ ହେଉଥାଆନ୍ତି, ଏହି ସମୟରେ ଦୋଳା କହିଲା "ମା ଆପଣଙ୍କ ଗୋଡ଼ତଳେ ପଡ଼ୁଛନ୍ତି ।" ଏତିକି ଶୁଣି ରମାକାନ୍ତ ହଠାତ୍ ଜିଭ କାମୁଡ଼ି ପକାଇ ଦୁଇକାନରେ ହାତ ଦେଇ କହିଲେ "ରାମ୍, ରାମ୍, ଏ ଗୁଡ଼ାକ କି ଅନ୍ୟାୟ କଥା, ସେ

ଶବ୍ଦ ଗୁଳଣ

ମୋ ପ୍ରଭୁ ପତ୍ନୀ, ମୁଁ ତାଙ୍କୁ ନମସ୍କାର କରିବାର କଥା, ସେ ଓଲଟି ମୋ ଗୋଡ଼ତଳେ ପଡ଼ୁଛନ୍ତି ।" ତା ପରେ ନନ୍ଦବାବୁଙ୍କୁ କହିଲେ "ଆପଣ ତାଙ୍କୁ ବାରଣ କରିଦେବେ, ସେ ଯେପରି କେବେ ଆଉ ଏ କଥା ନ କରନ୍ତୁ ।" ନନ୍ଦବାବୁ ହସି ହସି କହିଲେ "ଆପଣ ଏପରି ବିବ୍ରତ ହେଉଛନ୍ତି କାହିଁକି । କାଲି ଘର ପ୍ରତିଷ୍ଠା ପରେ ଆପଣଙ୍କର ଏ କଥାଟାକୁ ବୁଝିଦେବା ।"

ଗୁରୁବାର ସକାଳୁ ଗୋଷାଇବାସର ଆୟୋଜନ ହେଲା । ରେଖା ସମସ୍ତଙ୍କର ତତ୍ତ୍ୱ ନେଉଥାଆନ୍ତି ମାତ୍ର କାଳେ ରମାକାନ୍ତଙ୍କର ନଜରରେ ପଡ଼ିଯିବେ ବୋଲି ବଡ଼ ସାବଧାନ ହୋଇ ଚଳ ପ୍ରଚଳ ହେଉଥାଆନ୍ତି ।

ଅମୃତ ବେଳାରେ ପ୍ରତିଷ୍ଠା କର୍ମାରମ୍ଭ ହେଲା । ନନ୍ଦବାବୁଙ୍କର ବିଶେଷ ଅନୁରୋଧରେ ରମାକାନ୍ତ କର୍ତ୍ତା ହୋଇ ହୋମ ଆଦି ସମସ୍ତ ମାଙ୍ଗଳିକ କର୍ମ ସମାଧା କଲେ । ଦିନ ବାରଟା ବେଳକୁ ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ ହେଲା ଓ ସାଙ୍ଗେ ସାଙ୍ଗେ ଦରିଦ୍ର ଭୋଜନ ଆରମ୍ଭ ହେଲା । ସେମାନେ ଭୂରି ଭୋଜନ କରି ଖଣ୍ଡିଏ ଖଣ୍ଡିଏ ନୂଆ ଲୁଗା ନେଇ ଗୃହସ୍ୱାମୀଙ୍କୁ ଅଶେଷ ଆଶୀର୍ବାଦ କରି ଚାଲି ଗଲେ । ଚାରିଆଡ଼ ସଫାସୁତୁରା ହେଲା ।

ଅପରାହ୍ନ ସମୟ । ବସନ୍ତର ନବୀନାବସ୍ଥା । ଚାରିଆଡ଼େ ସୌନ୍ଦର୍ଯ୍ୟର ହାଟ ବସି ଯାଇଛି । ବୃକ୍ଷଲତାମାନଙ୍କର ନୂତନ ବେଶଭୂଷାର ଉନ୍ମାଦ । ଫୁଲ ଓ କଞ୍ଚିଳମାନଙ୍କରେ କୁହୁକର ସମାବେଶ । ତରୁଲତା କୁଞ୍ଜମାନଙ୍କରେ କୋକିଲା ଓ ବନ୍ୟ ବିହଙ୍ଗ-ମାନଙ୍କର କଳତାନର ଝରଣା ଫିଟି ଯାଇଛି । କୃଷ୍ଣଚୂଡ଼ା ଓ ପଳାଶ

ବୃକ୍ଷମାନଙ୍କରେ ପୁଷ୍ପସମ୍ଭାରର ପରିପୂର୍ଣ୍ଣ ସମାବେଶ । ପୁଷ୍ପିତ ନାଗେଶ୍ୱର । ସପ୍ତପର୍ଣ୍ଣୀ ଓ ସହକାର ବୃକ୍ଷମାନଙ୍କରେ ଭ୍ରମର ଓ ମଧୁମାଚ୍ଛିମାନଙ୍କର କ୍ରୀଡ଼ାରେ ଯେପରି ଚଞ୍ଚଳତା ସେହିପରି ମାଦକତାର ଆବେଶ । ସାୟାହ୍ନରେ ବସନ୍ତ ପବନର ଉନ୍ମତ୍ତ କୌତୁକ ଓ ଚତୁର୍ଦ୍ଦିଗରେ ପ୍ରକୃତିର ପ୍ରାଣ ଉଚ୍ଛୁଳା ସୁଷମାର ଅନାବୃତ ପସରା ମର୍ତ୍ତ୍ୟ ଲୋକକୁ ମାୟାପୁରୀର ଗନ୍ଧର୍ବରେ ପରିଣତ କରିଦେଇଛି ।

ଏହି ସମୟରେ ନନ୍ଦବାବୁ ରମାକାନ୍ତଙ୍କୁ ଡାକି ମଝିଘରକୁ ଗଲେ । ବୋଧହୁଏ ଏକାସଙ୍ଗରେ ଖାଇବାକୁ ନନ୍ଦବାବୁ ଡାକୁଛନ୍ତି ବୋଲି ସେ ଅନୁମାନ କଲେ ମାତ୍ର ସେ ଘରେ ପହଞ୍ଚି ଦେଖିଲେ ଖାଇବାପାଇଁ କୌଣସି ଆସନ ପଡ଼ିନାହିଁ । ସେ ଘରଟି ଭଲ ଭାବରେ ସଜା ହୋଇଛି ଓ ଖଣ୍ଡିଏ ବଡ଼ ପଲଙ୍କ ପଡ଼ିଛି । ନନ୍ଦବାବୁ କାନ୍ଥରେ ଟଙ୍ଗା ହୋଇଥିବା ଖଣ୍ଡିଏ ବସ୍ତ୍ରାବୃତ ଛବିକୁ ଦେଖାଇ ରମାକାନ୍ତଙ୍କୁ କହିଲେ "ଆପଣ ଏ ପ୍ରତିକୃତିଟି ଉନ୍ମୋଚନ କରିବେ ।"

ରମାକାନ୍ତ, ଆଜ୍ଞା ! ଏଖଣ୍ଡିକ କାହାର ପ୍ରତିକୃତି ।

ନନ୍ଦବାବୁ ହସି ହସି କହିଲେ "ଉନ୍ମୋଚନ ପରେ ବଳେ ଦେଖିବେ ।" ରମାକାନ୍ତ ତାହା ନନ୍ଦବାବୁଙ୍କର ମାମୁଁଙ୍କର ପ୍ରତିକୃତି ବୋଲି ଭାବିଲେ ଆଉ କୌଣସି କଥା ପଚାରିଲେ ନାହିଁ । ରମାକାନ୍ତ ଲକ୍ଷ୍ୟ କଲେ, ସେ ପଲଙ୍କର ପାଦଦେଶରେ ଖଣ୍ଡିଏ ପରଦା ଟଙ୍ଗା ହୋଇଛି ଓ ତା ଭିତରେ କିଏ ଜଣେ ଠିଆ ହୋଇଛନ୍ତି । ସେ ଯେ

ନନ୍ଦବାବୁଙ୍କ ସ୍ତ୍ରୀ,ପ୍ରତିକୃତି ଉନ୍ମୋଚନ ଦେଖିବେ ବୋଲି ପରଦାର ଅନ୍ତରାଳରେ ଠିଆ ହୋଇଛନ୍ତି, ଏଥିରେ ରମାକାନ୍ତଙ୍କର କୌଣସି ସନ୍ଦେହ ନଥିଲା । ଏହିସମୟରେ ନନ୍ଦବାବୁ ପାଖରେ ଥିବା ଖଣ୍ଡିଏ ଟେବୁଲ ଉପରୁ ଗୋଟିଏ ଫୁଲମାଳ ଆଣି ରମାକାନ୍ତଙ୍କୁ କହିଲେ "ଆପଣ ଏ ଫଟୋଟିରୁ ଘୋଡ଼ଣୀଟି କାଢ଼ି ଦେଇ ତହିଁରେ ଏ ଫୁଲ ମାଳଟି ପିନ୍ଧାଇଦିଅନ୍ତୁ ।" ରମାକାନ୍ତ ଫଟୋଟିର ଆବରଣ ମୁକ୍ତ କରି ଦେବାମାତ୍ରେ ଚମକି ପଡ଼ି ସେ ଫଟୋଟିକୁ ନିର୍ନିମେଷ ନୟନରେ ଅନାଇ ରହିଲେ । ଏ ଯେ ରେଖାଙ୍କର ପ୍ରତିକୃତି । ତାଙ୍କ ହାତ ଆଉ ଚଳିଲାନାହିଁ । ସେ ସ୍ଥିର ଭାବରେ ଠିଆ ହୋଇ ରହିଲେ । ନନ୍ଦବାବୁ ଟିକିଏ ଗମ୍ଭୀର ହୋଇ କହିଲେ "ଠିଆ ହୋଇ ରହିଲେ ଯେ, ଗୋଧୂଳି ଲଗ୍ନ ଗଡ଼ି ଯାଉଛି, ଶୀଘ୍ର ଏ ଫୁଲମାଳଟି ଫଟୋଟିରେ ପିନ୍ଧାଇ ଦିଅନ୍ତୁ ।" ରମାକାନ୍ତ ଏ'କଥାର କୌଣସି ଅର୍ଥ ବୁଝି ପାରିଲେନାହିଁ । ଯନ୍ତ୍ରଚାଳିତ ପରି କମ୍ପିତ ହସ୍ତରେ ରେଖାଙ୍କର ପ୍ରତିକୃତିରେ ମାଳଟି ଦେଇ ତାହାକୁ କାବା ହୋଇ ଅନାଇ ରହିଲେ । ନନ୍ଦବାବୁ ତାଙ୍କ ହାତ ଧରି ସେ ପରଦା ପାଖକୁ ତାଙ୍କୁ ଉଡ଼ି ନେଇ କହିଲେ, "ଫଟୋଟି ଦେଖି ଆପଣ ବୋଧହୁଏ ଠଉରାଇ ପାରୁନାହାନ୍ତି । ଅସଲ ଲୋକକୁ ଦେଖିଲେ ନିଶ୍ଚୟ ଚିହ୍ନିପାରିବେ ।" ଏହା କହି ପରଦାଟି କାଢ଼ି ଦେଇ ପଛକୁ ହଟି ଆସିଲେ । ରମାକାନ୍ତ ଲଜ୍ଜାବନତବଦନା ରେଖାଙ୍କୁ ଦେଖି ହଠାତ୍ "ରେଖା" ବୋଲି କହିଦେଇ, ନନ୍ଦବାବୁ ଅଛନ୍ତି ବୋଲି ପଛକୁ ଅନାଇଲେ । ଦେଖିଲେ ନନ୍ଦବାବୁ ନାହାନ୍ତି, ଘରର କବାଟ ନିବୁଜ ଭାବରେ ଦିଆ ହୋଇଛି ।

ଶତେ ଡେପ୍ଯାଲଣି

ଯୋଡ଼ି ମହୁରି

ଏହି ସମୟରେ ବାହାରେ ଶଙ୍ଖ ଓ ଯୋଡ଼ି ମହୁରି ବାଜି ଉଠିଲା ।

ଓଁ

ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !

17 JUL 1969

ମୁଦ୍ରାକର—ଶ୍ରୀ ଚନ୍ଦ୍ରମଣି ମିଶ୍ର, ନବଜୀବନ ପ୍ରେସ, କଟକ—୨